ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ଏପ୍ରିଲ ୨୦/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 20/2025 | Page 14 | ₹ 7.00 | SAMBALPUR
୫୧ଶ ଭାଗ ୧୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 145 | ମୂଲ୍ୟ ₹୭/-

# ଓଡ଼ିଶାର ଓମ୍ ପ୍ରକାଶଙ୍କୁ ୧୦୦ ପର୍ସେଣ୍ଟାଇଲ୍

**ଜେଇଇ ମେନ୍ ରେଜଲ୍ଟ**

**ନୂଆଦିଲ୍ଲୀ,୧୯।୪**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଶନିବାର ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଜେଇଇ(ମେନ୍) ଫଳାଫଳ ଘୋଷଣା କରିଛି। ୨୪ ପରୀକ୍ଷାର୍ଥୀ ୧୦୦ ପର୍ସେଣ୍ଟାଇଲ୍ ହାସଲ କରିଥିବାବେଳେ ରାଜସ୍ଥାନରୁ ସର୍ବାଧିକ ୭ ଜଣ ଟପ୍ପର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଆ ବିଦ୍ୟାର୍ଥୀ ଓମ୍ ପ୍ରକାଶ ବେହେରା ଅଛନ୍ତି। ଶିକ୍ଷାନଗରୀ ରୂପେ ପରିଚିତ କୋଟାର ଏକ କୋଚିଂ ସେଣ୍ଟରରେ ପଢ଼ି ସେ ଜେଇଇ(ମେନ୍) ପାଇଁ ପ୍ରସ୍ତୁତ ହେଉଥିଲେ। ଏଥିପାଇଁ ସେ ମୋବାଇଲ ଓ ସୋସିଆଲ ମିଡିଆରୁ ଦୂରେଇ ରହୁଥିଲେ। ତେବେ ଓମ୍ ପ୍ରକାଶ ଏହି ସଫଳତାର ଶ୍ରେୟ ତାଙ୍କ ମା'ଙ୍କୁ ଦେଇଛନ୍ତି। ମା' ସ୍ମିତାରାଣୀ ବେହେରା ଜଣେ ଅଧ୍ୟାପିକା ଏବଂ ବାପା କମଳାକାନ୍ତ ବେହେରା ଜଣେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀ। କୋଟାରେ ପ୍ରସ୍ତୁତି ଚଳାଇଥିବାବେଳେ ସେଥିରେ ମା' ପୂର୍ଣ୍ଣ ସହଯୋଗ କରିଥିବା ଓମ୍ ପ୍ରକାଶ କହିଛନ୍ତି। ପିଲାମାନେ ପରୀକ୍ଷା ପୂର୍ବରୁ ଆଦୌ ଚିନ୍ତିତ ନ ହୋଇ ଯେଉଁ ବିଷୟରେ ଦୁର୍ବଳ ଥିବେ ତା' ଉପରେ ଅଧିକ ପରିଶ୍ରମ କଲେ ସଫଳତା ମିଳିବ ବୋଲି ଓମ୍ ପ୍ରକାଶ ପରାମର୍ଶ ଦେଇଛନ୍ତି।



ଓମ୍ ପ୍ରକାଶ ବେହେରା




# ହିନ୍ଦୀ ପୂରାଇ ଦେବୁନି: ଠାକ୍‌ରେ ଭ୍ରାତା ଏକାଠି

**ମହାରାଷ୍ଟ୍ର ସରକାର ହିନ୍ଦୀକୁ 'ତୃତୀୟ ଭାଷା' ରୂପେ ସ୍କୁଲ ପାଠ୍ୟକ୍ରମରେ ବାଧ୍ୟତାମୂଳକ କରିଛନ୍ତି**

**ମହାରାଷ୍ଟ୍ରର ଭାଜପା-ଶିବସେନା ମହାୟୁତି ସରକାର କେନ୍ଦ୍ରର ଜାତୀୟ ଶିକ୍ଷାନୀତି (ଏନ୍‌ଇପି-୨୦୨୦) ଅଧୀନ ୩ ଭାଷା ସୂତ୍ରକୁ ଅନୁସରଣ କରି ରାଜ୍ୟର ପ୍ରାଥମିକ ସ୍କୁଲଗୁଡ଼ିକରେ ହିନ୍ଦୀକୁ ତୃତୀୟ ଭାଷାର ମାନ୍ୟତା ଦେଇଛନ୍ତି। ପୂର୍ବରୁ ବିଦ୍ୟାଳୟ ପାଠ୍ୟକ୍ରମରେ ମରାଠୀ ଓ ଇଂଲିଶ୍ ପ୍ରଚଳିତ ଥିବାବେଳେ ରାଜ୍ୟ ସରକାର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ହିନ୍ଦୀ ଶିକ୍ଷାଦାନକୁ ବାଧ୍ୟତାମୂଳକ କରିଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧୀ ଦଳଗୁଡ଼ିକ 'ମରାଠୀ ଅସ୍ମିତା'ର ପରିପନ୍ଥୀ ଦର୍ଶାଇ ତୀବ୍ର ବିରୋଧ କରିଛନ୍ତି। କଂଗ୍ରେସ ଏବଂ ଶରତ ପାୱାରଙ୍କ ଏନ୍‌ସିପି-ଏସ୍‌ପି ମହାରାଷ୍ଟ୍ର ଉପରେ ହିନ୍ଦୀ ଭାଷା ଲଦାଯିବାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି। ଏହି ପ୍ରସଙ୍ଗ ମହାରାଷ୍ଟ୍ର ରାଜନୀତିର ମୋଡ଼ ବଦଳାଇବାକୁ ଯାଉଛି। ମରାଠୀ ଓ ହିନ୍ଦୁ ଭୋଟକୁ ଆଧାରକରି ରାଜ୍ୟରେ ଶକ୍ତିଶାଳୀ ଥିବା ଶିବସେନା(ୟୁବିଟି)ର ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ତାଙ୍କ କାକାପୁଅ ଭାଇ ତଥା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ୍ ଠାକ୍‌ରେ ଏକାଠି ହୋଇପାରନ୍ତି ବୋଲି ଉଭୟେ ସଙ୍କେତ ଦେଇଛନ୍ତି। ରାଜ୍ କହିଛନ୍ତି, ଆମ ଭିତରେ ଥିବା ମତପାର୍ଥକ୍ୟ ବଡ଼ ନୁହେଁ, ମହାରାଷ୍ଟ୍ରର ଆତ୍ମସମ୍ମାନ ରକ୍ଷା ହେଉଛି ସର୍ବୋଚ୍ଚ ପ୍ରାଥମିକତା। ରାଜ୍‌ଙ୍କ ଏହି ମନ୍ତବ୍ୟ ପରେ ତାଙ୍କ ସହ ଥିବା ସମସ୍ତ ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇ ଦେଇଥିବା ଉଦ୍ଧବ କହିଛନ୍ତି। ଗତ କିଛିବର୍ଷର ରାଜ୍ୟ ରାଜନୀତିରେ ଠାକ୍‌ରେ ଭ୍ରାତାଙ୍କ ସ୍ଥିତି ସେମାନଙ୍କୁ ଏବେ ଏକାଠି ହେବାକୁ ଦିଗ ଦେଖାଉଛି। ହିନ୍ଦୀକୁ ବିରୋଧର ମାଧ୍ୟମ କରି ସେମାନେ ଶାସକ ମହାୟୁତିକୁ ଶକ୍ତ ଜବାବ ଦେଇପାରନ୍ତି ବୋଲି ବିଶ୍ଳେଷକମାନେ ମତ ଦେଉଛନ୍ତି।**


ଉଦ୍ଧବ ଠାକ୍‌ରେ


ରାଜ୍ ଠାକ୍‌ରେ

**ମୁମ୍ବାଇ,୧୯।୪**

ମହାରାଷ୍ଟ୍ର ରାଜନୈତିକ ଦୃଶ୍ୟପଟରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ହେବାକୁ ଯାଉଛି। ଶିବସେନା (ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ତାଙ୍କଠାରୁ ଦୂରେଇ ଯାଇଥିବା ଭାଇ ତଥା ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜ୍ ଠାକ୍‌ରେଙ୍କ ସହ ହାତ ମିଳାଇବାକୁ ଶନିବାର ଆଗ୍ରହ ପ୍ରକାଶ କରିଛନ୍ତି। ହିନ୍ଦୀକୁ ବିରୋଧ ପ୍ରସଙ୍ଗ ୨ ଭାଇଙ୍କୁ ପରସ୍ପରର ନିକଟତର କରାଇଛି। ଚଳିତବର୍ଷ ଶେଷଭାଗରେ ବୃହନ୍ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ନିର୍ବାଚନ ପାଇଁ ମହାରାଷ୍ଟ୍ର ପ୍ରସ୍ତୁତି ଚଳାଇଥିବାବେଳେ ଶିବସେନା (ୟୁବିଟି) ଏବଂ ଏମ୍‌ଏନ୍‌ଏସ୍ ମଧ୍ୟରେ ରାଜନୈତିକ ମେଣ୍ଟ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ମହାରାଷ୍ଟ୍ରରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ହିନ୍ଦୀକୁ ବାଧ୍ୟତାମୂଳକ ତୃତୀୟ ଭାଷା କରାଇବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାବେଳେ ଏହାକୁ ରାଜ୍ ଠାକ୍‌ରେ ଦୃଢ଼ ବିରୋଧ କରିଥିଲେ। ରାଜ୍ୟରେ ହିନ୍ଦୀକୁ ବାଧ୍ୟତାମୂଳକ ହେବାକୁ ଦିଆଯିବ ନାହିଁ ବୋଲି ଶନିବାର ଉଦ୍ଧବ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଶିବସେନା (ୟୁବିଟି)ର ଶ୍ରମିକ ସଙ୍ଗଠନ ଭାରତୀୟ କାମଗାର ସେନାକୁ ଉଦ୍‌ବୋଧନ ଦେଇ ଉଦ୍ଧବ କହିଛନ୍ତି, ହିନ୍ଦୀ ଭାଷା ପ୍ରତି ତାଙ୍କ ଦଳର ଘୃଣା ନାହିଁ। ତେବେ ଏହାକୁ କ'ଣ ପାଇଁ ଲଦିଦିଆଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଛୋଟମୋଟ ବିବାଦକୁ ପଛରେ ପକାଇବାକୁ ସେ ପ୍ରସ୍ତୁତ ଅଛନ୍ତି। ମହାରାଷ୍ଟ୍ରର ସ୍ୱାର୍ଥ ପାଇଁ ସମସ୍ତ ମରାଠୀ ଜନସାଧାରଣ ଏକାଠି ହେବାକୁ ସେ ନିବେଦନ କରିଛନ୍ତି। ଶିଳ୍ପସଂସ୍ଥାଗୁଡ଼ିକ ଗୁଜରାଟ ଚାଲିଯାଉଥିବା ନେଇ ଆମେ ପାର୍ଲାମେଣ୍ଟରେ ଉଠାଇଥିଲୁ। ସେତେବେଳେ ଯଦି ଆମେ ଏକାଠି ହୋଇଥାନ୍ତୁ, ତେବେ ସରକାର ଗଢ଼ିପାରିଥାନ୍ତୁ, ଯାହା ମହାରାଷ୍ଟ୍ର ପାଇଁ କାମ କରିଥାନ୍ତା। ଯିଏ ମହାରାଷ୍ଟ୍ର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରିବ, ଆମେ ତାଙ୍କୁ ଘରକୁ ଡାକିବା ନାହିଁ କି ତାଙ୍କ ସହ ବସିବା ନାହିଁ ବୋଲି ଉଦ୍ଧବ କହିଛନ୍ତି।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ମହାବିକାଶ ଅଘାଡ଼ି(ଏମ୍‌ଭିଏ) ପରାଜିତ ହେବା ପରେ ବିରୋଧୀ ମେଣ୍ଟରେ ଆଭ୍ୟନ୍ତରୀଣ ସଙ୍କଟ ଦେଖାଦେଇଥିବାବେଳେ ଉଦ୍ଧବଙ୍କ ଏଭଳି ମନ୍ତବ୍ୟରୁ ରାଜଙ୍କ ସହ ଏକାଠି କାମ କରିବା ଦ୍ୱାରା ମରାଠୀଙ୍କ ସ୍ୱାର୍ଥର ସୁରକ୍ଷା ହୋଇପାରିବ ବୋଲି ସେ ଅନୁଭବ କରିଥିବା ପ୍ରତିଫଳିତ ହୋଇଛି। ବିଶେଷ କରି ରାଜ୍ୟର ଭାଷାଗତ ଏବଂ ସାଂସ୍କୃତିକ ପରିଚୟର ସୁରକ୍ଷାକୁ ନେଇ ବିତର୍କ ଚାଲିଥିବାବେଳେ ଉଦ୍ଧବଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ।

ଉଦ୍ଧବଙ୍କ ସହ ବିବାଦକୁ ନେଇ ରାଜ୍ ଶିବସେନାଠାରୁ ଦୂରେଇ ଯାଇ ୨୦୦୬ରେ ଏମ୍‌ଏନ୍‌ଏସ୍ ଗଢ଼ିଥିଲେ। ଚଳଚ୍ଚିତ୍ର ନିର୍ମାତା ମହେଶ ମଞ୍ଜରେକରଙ୍କ ସହ ପଡ୍‌କାଷ୍ଟରେ ଆଲୋଚନା ବେଳେ ରାଜ୍ କହିଛନ୍ତି, ଉଦ୍ଧବଙ୍କ ସହ ତାଙ୍କ ବିବାଦ ଛୋଟ ଘଟଣା, କିନ୍ତୁ ମହାରାଷ୍ଟ୍ର ସବୁକିଛିଠାରୁ ବହୁତ ବଡ଼। ଉକ୍ତ ମତଭେଦ ମହାରାଷ୍ଟ୍ର ଏବଂ ମରାଠୀଙ୍କ ପାଇଁ ମୂଲ୍ୟ ଦେବାକୁ ପଡ଼ିଛି। ଏକାଠି ହେବା କଷ୍ଟକର ନୁହେଁ, ଏହା ଇଚ୍ଛାର କଥା। ଆମେ ଏକ ବୃହତ୍ତର ଛବି ଦେଖିବା ଆବଶ୍ୟକ। ମହାରାଷ୍ଟ୍ରର ସମ୍ମାନ ପାଇଁ ସେ ନିଜ ଅହଂଭାବକୁ ପ୍ରତିବନ୍ଧକ ହେବାକୁ ଦେବେନାହିଁ।

# ୨୧ କି.ମି. ଦୌଡ଼ିଲେ ୨୧ ରୋବୋ

**ବେଜିଂରେ ରୋବୋ ମାରାଥନ୍**




**ବେଜିଂ, ୧୯।୪ (ପି.ଟି.)**

ରୋବୋଟିକ୍ସ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା) କ୍ଷେତ୍ରରେ ଅନ୍ୟ ଦେଶଗୁଡ଼ିକଠାରୁ ବହୁ ଆଗରେ ଥିବା ନେଇ ଚାଇନା ପୁଣିଥରେ ପ୍ରମାଣିତ କରିଛି। ଶନିବାର ବେଜିଂରେ ବିଶ୍ୱର ପ୍ରଥମ ରୋବୋ ହାଫ୍ ମାରାଥନ୍‌ର ଆୟୋଜନ କରାଯାଇଛି। ବେଜିଂସ୍ଥିତ ଅର୍ଥନୈତିକ ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ଆୟୋଜିତ ଏହି ନିଆରା ମାରାଥନ୍ ଦୌଡ଼ରେ ୨୧ଟି ହ୍ୟୁମାନଏଡ୍ ରୋବୋ ମଣିଷଙ୍କ ସହ ୨୧ କି.ମି. ପର୍ଯ୍ୟନ୍ତ ଦୌଡ଼ିଥିଲେ। ଏହି ମାରାଥନ୍‌ରେ ଦୌଡ଼ିବା ପାଇଁ ମଣିଷ ଓ ରୋବୋଙ୍କ ପାଇଁ ଭିନ୍ନ ଭିନ୍ନ ଟ୍ରାକ୍ ହୋଇଥିଲା। ବିଭିନ୍ନ ଆକୃତି ଏବଂ ଆକାରର ରୋବୋ ଦୌଡୁଥିବାବେଳେ ସେମାନଙ୍କୁ ଦେଖିବା ପାଇଁ ଟ୍ରାକ୍‌ର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଜନସମାଗମ ଘଟିଥିଲା। ଏହି ପ୍ରତିଯୋଗିତାରେ ଚାଇନାର ବିଭିନ୍ନ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ ଏବଂ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକର ୨୦ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଦୌଡ଼ିବା ସମୟରେ ଏହି ରୋବୋଗୁଡ଼ିକୁ ସେମାନଙ୍କ ଇଞ୍ଜିନିୟର ଦୂରରୁ ଅପରେଟ କରୁଥିଲେ।

ଏହି ମାରାଥନ୍ ରେସ୍‌କୁ ବେଜିଂ ଇନୋଭେଶନ୍ ସେଣ୍ଟର ଅଫ୍ ହ୍ୟୁମାନ ରୋବୋଟିକ୍ସ ଦ୍ୱାରା ପ୍ରସ୍ତୁତ ଟିଆନଗଙ୍ଗ ଅଲଟ୍ରା ନାମକ ରୋବୋ ୨ ଘଣ୍ଟା ୪୦ ମିନିଟରେ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ।





# ୨୪ରେ ନୂଆ ଆବେଦନକାରୀଙ୍କୁ ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର, ୧୯।୪ (ସୁନିତ୍ ମିଶ୍ର)**

ସୁଭଦ୍ରା ଯୋଜନାରେ ଯେଉଁମାନେ ନୂଆ ଆବେଦନକାରୀ ଅଛନ୍ତି, ସେମାନଙ୍କୁ ଆସନ୍ତା ୨୪ରେ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ସୂଚନା ଦେଇଛନ୍ତି। ରାଜ୍ୟରେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ହେବାକୁ ଯାଉଛି। ପୂର୍ବରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମାର୍ଚ୍ଚ ୫ ଅବସରରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିଲା। ହେଲେ ନିକଟରେ ରାଜ୍ୟ ସରକାର ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରିବାକୁ ଯାଉଛନ୍ତି। ଏହିଦିନ ପୁରୀଠାରେ ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ରାଜ୍ୟର ପ୍ରାୟ ୧ ଲକ୍ଷ ୭୦ ହଜାର ମହିଳା ଏକାଥରେ ୨ଟି କିସ୍ତି ଟଙ୍କା ଏହିଦିନ ପାଇବେ। ଯେଉଁମାନେ ନୂଆ ଆବେଦନ କରିଛନ୍ତି, ସେମାନଙ୍କୁ ଏହି ଟଙ୍କା ଦିଆଯିବ। ପ୍ରଭାତୀ ଆହୁରି କହିଛନ୍ତି, ସୁଭଦ୍ରାକୁ ସହଜ କରିବା ପାଇଁ ସର୍ଭେ କରାଯିବ। ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ୩ୟ କିସ୍ତି ଦିଆଯିବ। ତୃତୀୟ କିସ୍ତି ପରେ ଯେଉଁମାନଙ୍କ ବୟସ ୨୧ ବର୍ଷ ହୋଇଯାଇଥିବ ସେମାନଙ୍କ ପାଇଁ ପୁଣି ସୁଭଦ୍ରା ପୋର୍ଟାଲ ଓପନ୍ କରାଯିବ।



## ସଂକ୍ଷେପରେ

### ଆଫଗାନିସ୍ତାନରେ ଭୂକମ୍ପ
### ଦିଲ୍ଲୀ, ଜମ୍ମୁ-କଶ୍ମୀରରେ ଝଟକା

ନୂଆଦିଲ୍ଲୀ,୧୯।୪

ଆଫଗାନିସ୍ତାନରେ ଶନିବାର ଅପରାହ୍ନ ୧୨ଟା ୧୭ ମିନିଟ୍ ସମୟରେ ୫.୮ ତୀବ୍ରତାର ଭୂକମ୍ପ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ଏହାର ପ୍ରଭାବରେ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ, ଜମ୍ମୁ-କଶ୍ମୀର ସମେତ ଉତ୍ତରଭାରତର ଅଧିକାଂଶ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ୩୬.୧୦ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୭୧.୨୦ ଡିଗ୍ରୀ ପୂର୍ବ ଦ୍ରାଘିମା ମଧ୍ୟରେ ଏବଂ ୧୩୦ କିଲୋମିଟର ଗଭୀରରେ ବୋଲି ଜଣାପଡ଼ିଛି। ପାକିସ୍ତାନରେ ପୂର୍ବାହ୍ନ ୧୧ଟା ୪୭ରେ ସଂଘଟିତ ଅନ୍ୟ ଏକ ଭୂକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନ-ତାଜିକିସ୍ତାନ ସୀମାନ୍ତ ଅଞ୍ଚଳର ୯୪ କିଲୋମିଟର ଗଭୀରରେ ବୋଲି ନ୍ୟାଶନାଲ ସିସ୍ମିକ୍ ମନିଟରିଂ ସେଣ୍ଟର ପକ୍ଷରୁ କୁହାଯାଇଛି। ପାକିସ୍ତାନର ଇସ୍‌ଲାମାବାଦ, ଲାହୋର, ପେଶାୱର, ରାୱଲପିଣ୍ଡି ଏବଂ ଖାଇବର ପଖ୍‌ତୁନ୍‌ଖ୍ୱାର ବିଭିନ୍ନ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଛି।

### ଡ୍ରଗ୍ସ ମାମଲାରେ ମାଲୟାଲମ ଅଭିନେତା ଗିରଫ



ଶାଇନ୍ ଟମ୍ ଚାକୋ

କୋଚି, ୧୯।୪

ଏକ ଡ୍ରଗ୍ସ କାରବାର ମାମଲାରେ ମାଲୟାଲମ ଅଭିନେତା ଶାଇନ୍ ଟମ୍ ଚାକୋଙ୍କୁ ଶନିବାର ଗିରଫ କରାଯାଇଛି। କିଛିଦିନ ତଳେ କୋଚିର ଏକ ହୋଟେଲରେ ଚଢ଼ାଉ ବେଳେ ସେ ଖସି ପଳାଇଥିଲେ। ଶନିବାର ଚାକୋଙ୍କୁ ୪ ଘଣ୍ଟା ଜେରା ପରେ ପୋଲିସ ଗିରଫ କରିଥିଲା। ତାଙ୍କ ବିରୋଧରେ ବେଆଇନ ନିଶା କାରବାର ଆଇନର ଧାରା ୨୭ ଏବଂ ୨୯ ଅନୁଯାୟୀ, ମାମଲା ରୁଜୁ କରାଯାଇଛି। ଶୁକ୍ରବାର ଚାକୋଙ୍କୁ ପୋଲିସ ସମନ କରିଥିଲା। ତେବେ ଗିରଫ ହେବାର କିଛି ଘଣ୍ଟା ପରେ ଶନିବାର ରାତିରେ ତାଙ୍କୁ ଜାମିନ ମିଳିଛି।

# ହିନ୍ଦୁ ନେତାଙ୍କୁ ହତ୍ୟାରୁ ବଢ଼ୁଛି ଅଶାନ୍ତି




ସଂଖ୍ୟାଲଘୁଙ୍କ ସୁରକ୍ଷା ଦାବିରେ ବାଂଲାଦେଶରେ ବିକ୍ଷୋଭ କରାଯାଉଛି।

ନୂଆଦିଲ୍ଲୀ,୧୯।୪

### ବାଂଲାଦେଶକୁ ନିନ୍ଦାକଲା ଭାରତ

ବାଂଲାଦେଶର ପ୍ରମୁଖ ହିନ୍ଦୁ ନେତା ଭବେଶ ଚନ୍ଦ୍ର ରୟଙ୍କୁ ହତ୍ୟା ଘଟଣାରେ ଭାରତ ଶନିବାର ମହମ୍ମଦ ୟୁନୁସ୍ ସରକାରଙ୍କୁ ନିନ୍ଦା କରିଛି। ଅନ୍ତରୀଣ ସରକାରଙ୍କ ଶାସନରେ ପଡ଼ୋଶୀ ଦେଶର ସଂଖ୍ୟାଲଘୁଙ୍କ ପ୍ରତି ବ୍ୟବସ୍ଥିତ ଉତ୍ପୀଡ଼ନ ଢାଞ୍ଚାର ଏକା ଏକ ଅଂଶବିଶେଷ ବୋଲି ନୂଆଦିଲ୍ଲୀ କହିଛି। ହିନ୍ଦୁ ନେତା ୫୮ ବର୍ଷୀୟ ଭବେଶଙ୍କୁ ଦିନାଜପୁରସ୍ଥିତ ତାଙ୍କ ଘରୁ ଅପହରଣ କରିନିଆଯାଇ ପିଟି ହତ୍ୟା କରାଯାଇଥିଲା। ତାଙ୍କ ମୃତଦେହ ଗୁରୁବାର ରାତିରେ ମିଳିଥିଲା। ଭବେଶ ବାଂଲାଦେଶ ପୂଜା ଉଦ୍‌ଯାପନ ପରିଷଦର ଉପସଭାପତି ଏବଂ ହିନ୍ଦୁ ସମ୍ପ୍ରଦାୟର ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ। ଭବେଶଙ୍କୁ ଅପହରଣ ଏବଂ ଜଘନ୍ୟ ହତ୍ୟା ସଂଖ୍ୟାଲଘୁ ହିନ୍ଦୁଙ୍କ ପ୍ରତି ବ୍ୟବସ୍ଥିତ ଉତ୍ପୀଡ଼ନ ଓ ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ୍ସରେ ଏକ ବିବୃତିରେ କହିଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ପ୍ରତି ବାଂଲାଦେଶ ଅନ୍ତରୀଣ ସରକାରଙ୍କ ଦାୟିତ୍ୱ ସମ୍ପର୍କରେ ଭାରତ ସ୍ମରଣ କରାଇଦେଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

ଗତବର୍ଷ ଅଗଷ୍ଟରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ହିଂସ୍ର ରୂପ ନେବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ନିଜ ପଦବୀରୁ ଇସ୍ତଫା ଦେଇ ଭାରତ ପଳାଇଆସିଥିଲେ। ମହମ୍ମଦ ୟୁନୁସ୍‌ଙ୍କୁ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା କରାଯାଇଥିଲା। ଏହା ପରେ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ବୃଦ୍ଧି ପାଇବା ସହ ହିନ୍ଦୁମାନେ ବାରମ୍ବାର ଆକ୍ରମଣ ଏବଂ ନିର୍ଯାତନାର ଶିକାର ହୋଇଆସୁଛନ୍ତି। ଗତବର୍ଷ ଢାକା ବିମାନବନ୍ଦରରୁ ହିନ୍ଦୁ ସନ୍ଥ ଚିନ୍ମୟ କ୍ରିଷ୍ଣ ଦାସଙ୍କୁ ଗିରଫ କରାଯିବା ପରେ ଭାରତ ବାଂଲାଦେଶକୁ ସଂଖ୍ୟାଲଘୁଙ୍କ ଅଧିକାରର ସୁରକ୍ଷା କର୍ତ୍ତବ୍ୟ ସମ୍ପର୍କରେ ବାରମ୍ବାର ସ୍ମରଣ କରାଇଥିଲା। ସଂଖ୍ୟାଲଘୁଙ୍କ ବିରୋଧରେ ହିଂସାକୁ ଗଣମାଧ୍ୟମର ଅତିଶୟୋକ୍ତି କହି ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ଜୟସ୍ୱାଲ କହିବା ସହ ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ୟୁନୁସ୍ ପ୍ରଶାସନକୁ ନିବେଦନ କରିଥିଲେ।

### ବାଂଲାଦେଶ ପାଇଁ ନୂଆ ଟ୍ରାଭେଲ୍ ଆଡ୍‌ଭାଇଜରି ଜାରି କଲା ଆମେରିକା

ୱାଶିଂଟନ,୧୯।୪

ବାଂଲାଦେଶରେ ନାଗରିକ ଅଶାନ୍ତି, ଅପରାଧ ଏବଂ ଆତଙ୍କବାଦ ଯୋଗୁ ସେହି ଦେଶକୁ ଭ୍ରମଣରେ ଯିବା ବିପଦପୂର୍ଣ୍ଣ ହୋଇଛି। ତେଣୁ ବାଂଲାଦେଶ ଯିବା ନେଇ ଆମେରିକା ପରରାଷ୍ଟ୍ର ବିଭାଗ ଶୁକ୍ରବାର ଏହାର ନାଗରିକଙ୍କ ନିମନ୍ତେ କଠୋର ଟ୍ରାଭେଲ୍ ଆଡ୍‌ଭାଇଜରି ଜାରି କରି ସେମାନଙ୍କୁ ସତର୍କ କରାଇଛି। ବାଂଲାଦେଶ ପାଇଁ 'ଲେବଲ ୩: ରିକନ୍‌ସିଡର ଟ୍ରାଭେଲ୍' ଆଲର୍ଟ ଏବଂ ଚାଟ୍ଟାଗଙ୍ଗ ହିଲ୍ ଟ୍ରାକ୍ ଅଞ୍ଚଳ ପାଇଁ 'ଲେବଲ୪: ଡୋଣ୍ଟ ଟ୍ରାଭେଲ' ୱାର୍ନିଂ ଜାରି ହୋଇଛି। ଚିଟ୍ଟାଗଙ୍ଗ ପାର୍ବତ୍ୟାଞ୍ଚଳରେ ଖଗ୍ରାଚାରୀ, ରଙ୍ଗାମାଟି ଏବଂ ବନ୍ଦରବାନ ଜିଲା ଯାଉଥିବାବେଳେ ଏହାକୁ ବିପଜ୍ଜନକ ଅଞ୍ଚଳ ବିବେଚନା କରାଯାଉଛି। ସେଠାରେ ଧର୍ମୀୟ ସଂଖ୍ୟାଲଘୁମାନଙ୍କୁ ଟାର୍ଗେଟ କରାଯାଉଛି। ବିଚ୍ଛିନ୍ନତାବାଦୀ ସଂଗଠନ ଏବଂ ରାଜନୈତିକ ହିଂସା ମଧ୍ୟ ବାହାର ଦେଶର ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସାମ୍ପ୍ରଦାୟିକ ହିଂସା, ଅପରାଧ, ଆତଙ୍କବାଦ, ଅପହରଣ ଏବଂ ଅନ୍ୟାନ୍ୟ ବିପଦ ରହିଛି ଓ ଅନେକ ସମୟରେ ଆଇଇଡି ବିସ୍ଫୋରଣ ଓ ଗୁଳିକାଣ୍ଡ ଘଟୁଛି। ତେଣୁ ଚିଟ୍ଟାଗଙ୍ଗ ପାର୍ବତ୍ୟାଞ୍ଚଳକୁ ନ ଯିବା ଲାଗି ଆଡ୍‌ଭାଇଜରିରେ ଆମେରିକୀୟମାନଙ୍କୁ ପରାମର୍ଶ ଦିଆଯାଇଛି।

### ଜେଇଇ ମେନ୍: ୨୪ ଟପ୍ପରଙ୍କ ମଧ୍ୟରୁ ରାଜସ୍ଥାନରୁ ସର୍ବାଧିକ ୭

ନୂଆଦିଲ୍ଲୀ,୧୯।୪

ଜେଇଇ ମେନ୍ ପରୀକ୍ଷାରେ ମୋଟ ୨୪ ଜଣ ୧୦୦ ପର୍ସେଣ୍ଟାଇଲ୍ ରଖି ଟପ୍ପର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ରାଜସ୍ଥାନରୁ ସର୍ବାଧିକ ୭, ତେଲଙ୍ଗାନା, ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ରରୁ ୩ ଜଣ ଲେଖାଏ, ଦିଲ୍ଲୀ, ଗୁଜରାଟ ଏବଂ ପଶ୍ଚିମବଙ୍ଗରୁ ୨ ଜଣ ଲେଖାଏ ଏବଂ କର୍ନାଟକ ଓ ଆନ୍ଧ୍ରପ୍ରଦେଶରୁ ଜଣେ ଲେଖାଏ ରହିଛନ୍ତି। ଟପ୍ପରଙ୍କ ମଧ୍ୟରେ ୨ ଛାତ୍ରୀ ଥିବାବେଳେ ୨୧ ଜଣ ସାଧାରଣ ବର୍ଗର ଏବଂ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗରୁ ଜଣେ ଲେଖାଏ ଅଛନ୍ତି। ଚଳିତ ମାସରେ ୫୩୧ଟି ସେଣ୍ଟରରେ ଅନୁଷ୍ଠିତ ଜେଇଇ ଦ୍ୱିତୀୟ ସଂସ୍କରଣ ପରୀକ୍ଷାରେ ୯.୯୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଥମ ସଂସ୍କରଣର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧୦.୬୧ ଲକ୍ଷ ଥିଲା। ଜେଇଇ(ମେନ୍) ପ୍ରଥମ ଓ ଦ୍ୱିତୀୟ ପତ୍ର ଫଳାଫଳ ଆଧାରରେ ଛାତ୍ରୀଛାତ୍ରଙ୍କୁ ଜେଇଇ(ଆଡଭାନ୍ସଡ) ପାଇଁ ଶର୍ଟଲିଷ୍ଟେଡ୍ କରାଯିବ, ଯାହାକି ଦେଶର ୨୩ଟି ଆଇଆଇଟିରେ ନାମଲେଖା ପାଇଁ ୱାନ୍-ଷ୍ଟପ୍ ପରୀକ୍ଷା। ମେନ୍ ପରୀକ୍ଷା ୧୩ଟି ଭାଷା ଓଡ଼ିଆ, ବେଙ୍ଗଲୀ, ଅସମୀୟା, ଇଂଲିଶ, ଗୁଜରାଟୀ, ହିନ୍ଦୀ, କନ୍ନଡ଼, ମାଲାୟାଲମ୍, ମରାଠୀ, ପଞ୍ଜାବୀ, ତାମିଲ, ତେଲୁଗୁ ଏବଂ ଉର୍ଦ୍ଦୁରେ କରାଯାଇଥିଲା। ଭାରତ ବାହାରେ ବିଭିନ୍ନ ଦେଶର ୧୫ଟି କେନ୍ଦ୍ରରେ ମଧ୍ୟ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

## ବିଲ୍ଡିଂ ଭୁଶୁଡ଼ି ୧୧ ମୃତ

ନୂଆଦିଲ୍ଲୀ, ୧୯।୪

ଉତ୍ତର-ପୂର୍ବ ଦିଲ୍ଲୀର ମୁସ୍ତାଫାବାଦସ୍ଥିତ ଶକ୍ତି ବିହାର ଅଞ୍ଚଳରେ ଶନିବାର ଭୋର୍ ୩ଟା ସମୟରେ ଏକ ୪ ମହଲା କୋଠା ଭୁଶୁଡ଼ି ୧୧ ଜଣଙ୍କ ମୃତ୍ୟୁ ଘଟିବା ସହ ୧୧ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ଅନେକେ ଚାପି ହୋଇ ଯାଇଥିଲେ। ତୁରନ୍ତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ରେସ୍କ୍ୟୁ ଅପରେଶନ ଆରମ୍ଭ କରିଥିଲେ। ଶନିବାର ସନ୍ଧ୍ୟା ସୁଦ୍ଧା ୨୨ ଜଣଙ୍କୁ ଉଦ୍ଧାର କରାଯାଇଛି। ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ଅଗ୍ନିଶମ ବାହିନୀ କହିଛି। କେତେଜଣ ଭଗ୍ନାବଶେଷ ତଳେ ଫସିରହିଥିବାରୁ ରେସ୍କ୍ୟୁ ଅପରେଶନ ଜାରି ରହିଛି। ଘଟଣାକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଶୋକ ପ୍ରକଟ କରିଛନ୍ତି। ସେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏକ୍ସ'ରେ ପୋଷ୍ଟ କରିଛନ୍ତି। କୋଠା ମାଲିକାଣୀ ତେହସିନ (୬୦)ଙ୍କ ସମେତ ତାଙ୍କ ପରିବାରର ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ମହିଳା ଓ ୪ ଜଣ ଶିଶୁ ରହିଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



ମୁସ୍ତାଫାବାଦସ୍ଥିତ ଶକ୍ତି ବିହାର ଅଞ୍ଚଳର ୪ ମହଲା ବିଶିଷ୍ଟ ଆବାସିକ କୋଠା ଭୁଶୁଡ଼ି ଯିବା ପରେ ରେସ୍କ୍ୟୁ ଅପରେଶନ ଜାରି ରହିଛି।

### ଘୃଣା ଅପରାଧ ପୀଡ଼ିତଙ୍କୁ ସମାନ କ୍ଷତିପୂରଣ ଆବେଦନର ଶୁଣାଣି ୨୩ରେ

ନୂଆଦିଲ୍ଲୀ,୧୯।୪(ପି.ଟି.)

ଘୃଣା ହିଂସା ଏବଂ ଭିଡ଼ ହିଂସାର ପୀଡ଼ିତମାନଙ୍କୁ ସମାନ କ୍ଷତିପୂରଣ ମଞ୍ଜୁରୀ ଲାଗି ଦାଏର ପିଟିଶନର ଶୁଣାଣି ୨୩ରେ କରିବାକୁ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି। ଇଣ୍ଡିଆନ୍ ମୁସ୍‌ଲିମ୍ ଫର୍ ପ୍ରୋଗ୍ରେସ୍ ଆଣ୍ଡ ରିଫର୍ମ୍ସ (ଆଇଏମ୍‌ପିଏଆର୍) ପକ୍ଷରୁ ଦାଏର ଏହି ପିଟିଶନ ଉପରେ ସର୍ବୋଚ୍ଚ ଅଦାଲତ ୨୦୨୩ ଏପ୍ରିଲରେ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଜବାବ ମାଗିଥିଲେ। ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ୨୩ରେ ସେଗୁଡ଼ିକର ଶୁଣାଣି କରିବେ।

## କାନାଡାରେ ଗୁଳିବାଜି ଭାରତୀୟ ଛାତ୍ରୀ ମୃତ

ଓଟ୍ଟାୱା, ୧୯।୪

କାନାଡାର ଓଣ୍ଟାରିଓ ରାଜ୍ୟ ହାମିଲଟନ ସହରରେ ଗୁଳି ବାଜିବାରୁ ଜଣେ ୨୧ ବର୍ଷୀୟା ଭାରତୀୟ ଛାତ୍ରୀ ହର୍‌ସିମରତ କୌର ରନ୍ଧାୱାଙ୍କର ମୃତ୍ୟୁ ହୋଇଯାଇଛି। ଟୋରଣ୍ଟୋରେ ଥିବା ଭାରତୀୟ କନ୍‌ସୁଲେଟ ଜେନେରାଲ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ହର୍‌ସିମରତ ହାମିଲଟନସ୍ଥିତ ଏକ ବସ୍ ଷ୍ଟପ୍‌ରେ ଅପେକ୍ଷା କରି ରହିଥିବା ବେଳେ ସେଠାରେ ୨ ଗୋଷ୍ଠୀ ପକ୍ଷରୁ ପୃଥକ୍ କାର୍‌ରେ ପରସ୍ପର ସହ ଗୁଳି ବିନିମୟ ହୋଇଥିଲା। ଏହି ସମୟରେ ଏକ ଗୁଳି ଆସି ହର୍‌ସିମରତଙ୍କ ଶରୀରରେ ବାଜିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ଓଣ୍ଟାରିଓସ୍ଥିତ ମୋହକ କଲେଜର ଛାତ୍ରୀ ଥିଲେ। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବାବେଳେ ହର୍‌ସିମରତଙ୍କ ପରିବାରକୁ ସବୁ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି ଟରୋଣ୍ଟୋସ୍ଥିତ ଭାରତୀୟ କନ୍‌ସୁଲେଟ ଜେନେରାଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ହର୍‌ସିମରତ ହେଉଛନ୍ତି ପଞ୍ଜାବର ତାରାତରଣ ଜିଲା ଧୁଣ୍ଡା ଗ୍ରାମର ମୂଳ ନିବାସୀ। ତାଙ୍କ ମୃତଦେହକୁ ଭାରତ ଫେରାଇ ଆଣିବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହର୍‌ସିମରତଙ୍କ ପରିବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।



ହର୍‌ସିମରତ କୌର ରନ୍ଧାୱା

### ଚୋରି ସନ୍ଦେହରେ ୨ ଶ୍ରମିକଙ୍କୁ ବିଦ୍ୟୁତ୍ ଶକ୍


କୋର୍ବା,୧୯।୪

ଛତିଶଗଡ଼ର କୋର୍ବା ଜିଲାରେ ଏକ ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରିର ୨ ଜଣ ଶ୍ରମିକଙ୍କୁ ଚୋରି ସନ୍ଦେହରେ ନିଯୁକ୍ତିଦାତା ଓ ତାଙ୍କ ସହଯୋଗୀ ଅକଥନୀୟ ନିର୍ଯାତନା ଦେଇଛନ୍ତି। ଶ୍ରମିକଙ୍କ ନଖ ତାଡ଼ିନେବା ସହ ସେମାନଙ୍କୁ ବିଦ୍ୟୁତ୍ ଶକ୍ ଦିଆଯାଇଥିବା ପୋଲିସରେ ଅଭିଯୋଗ ହୋଇଛି। ଶ୍ରମିକ ଅଭିଷେକ ଭାମ୍ବି ଏବଂ ବିନୋଦ ଭାମ୍ବିଙ୍କ ଘର ରାଜସ୍ଥାନର ଭିଲୱାରା ଜିଲାରେ। ସେମାନେ ଖପ୍ରଭଟ୍ଟି ଅଞ୍ଚଳରେ ଛୋଟୁ ଗୁର୍ଜାରଙ୍କ ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରିରେ ଠିକା ଶ୍ରମିକ ଭାବେ କାମ କରୁଥିଲେ।

## ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ଇଷ୍ଟର ଅସ୍ତ୍ରବିରତି ଘୋଷଣା କଲେ ପୁଟିନ୍

ମସ୍କୋ,୧୯।୪

ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୧,୧୫୦ ଦିନ ବିତିଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶନିବାର ଇଷ୍ଟର ଅସ୍ତ୍ରବିରତି ଘୋଷଣା କରିଛନ୍ତି। ଅସ୍ତ୍ରବିରତି ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇ ରବିବାର ମଧ୍ୟରାତ୍ର ପର୍ଯ୍ୟନ୍ତ ବଳବତ୍ତର ରହିବ। ରୁଷିଆ ଚିଫ୍ ଅଫ୍ ଷ୍ଟାଫ୍ ଭାଲେରି ଗାରାସିମୋଭ୍‌ଙ୍କ ସହ ଆଲୋଚନା ବେଳେ ପୁଟିନ୍ ଏକ ଟେଲିଭିଜନ ବାର୍ତ୍ତାରେ ଏହା କହିଛନ୍ତି। ଯୁଦ୍ଧର ଅବସାନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ କିଛି ମାସ ହେଲା ଉଦ୍ୟମ କରିଆସୁଛନ୍ତି। ଆଗାମୀ କିଛିଦିନ ଭିତରେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ନେଇ ସ୍ପଷ୍ଟ ସଙ୍କେତ ନ ମିଳିଲେ ଟ୍ରମ୍ପ ପିସ୍ ଡିଲ୍ ମଧ୍ୟସ୍ଥତାରୁ ଓହରିଯିବେ ବୋଲି ଶୁକ୍ରବାର ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଚେତାବନୀ ଦେଇଥିଲେ। ପ୍ୟାରିସ୍‌ରେ ୟୁରୋପୀୟ ଏବଂ ୟୁକ୍ରେନୀୟ ନେତାଙ୍କ ସହ ବୈଠକ ପରେ ରୁବିଓ କହିଥିଲେ, ଯୁଦ୍ଧ ଶେଷ ପାଇଁ ଆମେରିକା ଆଉ ଅନେକ ମାସ ଧରି ଉଦ୍ୟମ ଜାରି ରଖିବ ନାହିଁ। ଜରୁରୀ ଭିତ୍ତିରେ ସବୁକିଛି ନିର୍ଦ୍ଧାରଣ କରିବାକୁ ପଡ଼ିବ। ଏହାର ଦିନକ ପରେ ପୁଟିନ୍ ଇଷ୍ଟର ପର୍ବ ଅବସରରେ ସାମୟିକ ଅସ୍ତ୍ରବିରତି ଘୋଷଣା କରିଛନ୍ତି।



ଭ୍ଲାଡିମିର ପୁଟିନ୍

## ଫୁରସତ୍

## ସବୁଠୁ ବୟସ୍କ ପେଙ୍ଗୁଇନ୍

ଲଣ୍ଡନ

ବେଳେବେଳେ ଅନେକ ପ୍ରାଣୀ ସେମାନଙ୍କର ସାଧାରଣ ଜୀବନକାଳଠାରୁ ଅଧିକ ସମୟ ପର୍ଯ୍ୟନ୍ତ ବଞ୍ଚିରହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାନ୍ତି। ଏହିପରି ଏକ ପ୍ରାଣୀ ନିକଟରେ ଚର୍ଚ୍ଚାରେ ରହିଛି, ଯାହା ନିଜ ପ୍ରଜାତିର ଅନ୍ୟ ପ୍ରାଣୀଙ୍କ ଅପେକ୍ଷା କେବଳ ବର୍ଷେ କିମ୍ବା ୨ ବର୍ଷ ନୁହେଁ ବରଂ ୨ରୁ ୩ଗୁଣା ଅଧିକ ସମୟ ବଞ୍ଚି ରେକର୍ଡ ସୃଷ୍ଟି କରିଛି। ଗତ ୧୬ ତାରିଖରେ ବିଶ୍ୱର ସବୁଠାରୁ ବୟସ୍କ ହମ୍‌ବୋଲ୍ଡଟ ପେଙ୍ଗୁଇନ୍ ସ୍ୱନେବ ନିଜର ୩୭ତମ ଜନ୍ମଦିନ ପାଳନ କରି ରେକର୍ଡ କରିଛି। ଏହି ଅବସରରେ ସ୍ୱନେବ ଥିବା ଇଂଲଣ୍ଡର କର୍ନୱାଲ ଅନ୍ତର୍ଗତ ହାୟଲେସ୍ଥିତ ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନରେ ବରଫ ଏବଂ ମାଛରେ ତିଆରି ଏକ କେକ୍ କରାଯାଇଥିଲା। ସାଧାରଣତଃ ଏକ ହମ୍‌ବୋଲ୍ଡଟ ପ୍ରଜାତିର ପେଙ୍ଗୁଇନ୍‌ଙ୍କ ଆୟୁ ସାଧାରଣତଃ ୧୦ରୁ ୧୫ ବର୍ଷ ହୋଇଥିବା ବେଳେ ସ୍ୱନେବର ବର୍ତ୍ତମାନର ବୟସ ଏହାଠାରୁ ପ୍ରାୟ ୩ ଗୁଣା ଅଧିକ। ୧୯୮୮ ମସିହାରୁ ଏହି ପେଙ୍ଗୁଇନ୍‌ଟି ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନରେ ରହିଆସୁଛି।

ସ୍ୱନେବର ଯତ୍ନ ନେଉଥିବା ପ୍ରାଣୀ ଉଦ୍ୟାନର କର୍ମଚାରୀମାନେ କହିଛନ୍ତି, ସାରା ବିଶ୍ୱରୁ ସଂଗୃହିତ ରେକର୍ଡ ଅନୁଯାୟୀ ସ୍ୱନେବ ହେଉଛି ନିଜ ପ୍ରଜାତିର ସବୁଠାରୁ ବୟସ୍କ ପେଙ୍ଗୁଇନ୍। ତେବେ ବୃଦ୍ଧାବସ୍ଥାରେ ଥିଲେ ମଧ୍ୟ ସ୍ୱନେବ ସଂପୂର୍ଣ୍ଣ ଭାବେ ସୁସ୍ଥ ଥିବା ସହ ଠିକ୍ ଭାବେ ଚାଲି ପାରୁଛି ବୋଲି ସେମାନେ କହିଛନ୍ତି। ସ୍ୱନେବ ହମ୍‌ବୋଲ୍ଡଟ ପ୍ରଜାତିର ସବୁଠାରୁ ବୟସ୍କ ପେଙ୍ଗୁଇନ୍ ହୋଇଥିବା ବେଳେ ଏବେ ମଧ୍ୟ ଏହା ବିଶ୍ୱର ସବୁଠାରୁ ବୟସ୍କ ପେଙ୍ଗୁଇନ୍ ହେବାର ରେକର୍ଡକୁ ହାସଲ କରିପାରିନାହିଁ। ଏହି ଅନନ୍ୟ ରେକର୍ଡ ଦକ୍ଷିଣ ଆଫ୍ରିକାର ଏକ ପେଙ୍ଗୁଇନ୍ ନାମରେ ରହିଛି, ଯାହାର ମୃତ୍ୟୁ ୨୦୨୩ରେ ହୋଇଥିଲା। ସ୍ୱନେବ ୧୯୮୮ରେ ଇଂଲଣ୍ଡର ସରେରେ ଜନ୍ମ ହୋଇଥିଲା। ଏହାପରେ ସ୍ୱନେବକୁ ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନକୁ ସ୍ଥାନାନ୍ତରିତ କରାଯାଇଥିଲା।




ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନରେ ସ୍ୱନେବ ପେଙ୍ଗୁଇନ୍‌ର ଜନ୍ମଦିନ ଉପଲକ୍ଷେ ପ୍ରସ୍ତୁତ କେକ୍।

### ୨୦ ବର୍ଷ ପରେ ଶାହରୁଖ-ଅର୍ଶଦ ଯୋଡ଼ି

ମୁମ୍ବାଇ

ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କର ଆଗାମୀ ଫିଲ୍ମ 'କିଙ୍ଗ୍'ର ଷ୍ଟାର୍‌କାଷ୍ଟରେ ଅଭିନେତା ଅର୍ଶଦ ୱାର୍ସିଙ୍କୁ ସାମିଲ କରାଯାଇଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଏହାସହ ୨୦ ବର୍ଷ ପରେ ଅର୍ଶଦ ଶାହରୁଖଙ୍କ ସହ ସ୍କ୍ରିନ୍ ଶେୟାର କରୁଥିବା ନେଇ ସ୍ପଷ୍ଟ ହୋଇଛି। ପୂର୍ବରୁ ୨୦୦୫ରେ 'କୁଛ ମିଠା ହୋ ଯାଏ' ଫିଲ୍ମରେ ଉଭୟ ଶାହରୁଖ ଓ ଅର୍ଶଦଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଅର୍ଶଦଙ୍କ ଚରିତ୍ର ସମ୍ପର୍କରେ ଜଣାପଡି ନାହିଁ। 'କିଙ୍ଗ୍' ଫିଲ୍ମରେ ଶାହରୁଖଙ୍କ ସମେତ ତାଙ୍କ ଝିଅ ସୁହାନା ଖାନ୍, ଅଭିନେତା ଅଭିଷେକ ବଚ୍ଚନ, ଅଭୟ ବର୍ମା ପ୍ରମୁଖ ନଜରକୁ ଆସିବେ। ସେହିପରି ଫିଲ୍ମରେ ସୁହାନାଙ୍କ ମା' ଏବଂ ଶାହରୁଖଙ୍କ ପୂର୍ବତନ ପ୍ରେମିକା ଭାବେ ଦୀପିକାଙ୍କର କେତେକ ସ୍ପେଶାଲ ଆପିଅରାନ୍ସ ଦୃଶ୍ୟ ରହିବ। ପୂର୍ବରୁ ଆସନ୍ତା ମେ'ରେ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ ବୋଲି ଘୋଷଣା କରାଯାଇଥିଲା। ତେବେ ଫିଲ୍ମର ସ୍କ୍ରିପ୍ଟକୁ ନେଇ ଶାହରୁଖ ସନ୍ତୁଷ୍ଟ ନ ଥିବାରୁ ବର୍ତ୍ତମାନ ଏହାକୁ ଅପଡେଟ କରାଯାଉଛି। ତେଣୁ ଆସନ୍ତା ଜୁଲାଇରୁ 'କିଙ୍ଗ୍' ଫିଲ୍ମର ଶୁଟିଂ ଆରମ୍ଭ ହେବା ସହ ୨୦୨୬ରେ ଏହା ରିଲିଜ୍ ହେବ ।



ଅର୍ଶଦ ୱାର୍ସି

# ଧରିତ୍ରୀ DHARITRI

ଧରିତ୍ରୀ 51 Years




## ରେଳଲାଇନ୍ ନିର୍ମାଣକୁ ବିରୋଧ

# ପୋଲିସ-ଜନତା ଖଣ୍ଡଯୁଦ୍ଧ

- **ଜେସିବି ଧକ୍କା ଦେବାରୁ ଯୁବକଙ୍କ ମୃତ୍ୟୁ**
- **୧୦ରୁ ଊର୍ଦ୍ଧ୍ୱ ପୋଲିସ, ଅଞ୍ଚଳବାସୀ ଆହତ**

ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ଅନ୍ତର୍ଗତ ବନ୍ଧମୁଣ୍ଡା ପଞ୍ଚାୟତର ଡୁମେର୍ତ୍ତା ରେଳଷ୍ଟେଶନରୁ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଯାଏ ହେଉଥିବା ରେଳ ଲାଇନ୍ କାମକୁ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ଶନିବାର ପୂର୍ବାହ୍ନ ୧୧ଟାରେ ଏହି କାମ ଆରମ୍ଭବେଳେ ପୋଲିସ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ଏଥିରେ ବରକାନି ଗ୍ରାମର ଏତୋ ଏକ୍କା(୩୫) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏବଂ ପୋଲିସ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଭର୍ତ୍ତି କରାଯାଇଛି। ଆନ୍ଦୋଳନକାରୀଙ୍କ ସହ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା ପରେ ଉତ୍ତେଜନା ଥମିଛି। କିନ୍ତୁ ଜମିହରାଙ୍କୁ ରୋଜଗାର ଓ କ୍ଷତିପୂରଣ ଦାବିରେ ଆନ୍ଦୋଳନକାରୀମାନେ ମୃତଦେହ ରଖି ଧାରଣା ଦେଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ (ସନ୍ଧ୍ୟା ୭ଟା) ଧାରଣା ଜାରି ରହିଥିଲା। ଅଧିକ ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।



ବରକାନିରେ ଉତ୍ତେଜନା ଯୋଗୁ ପୋଲିସ ଫୋର୍ସ ମୁତୟନ କରାଯାଇଛି।

**ବନ୍ଧମୁଣ୍ଡା/ ରାଉରକେଲା,୧୯।୪ (ସୁବ୍ରତ ଡେ/ ସଙ୍ଗୀତା ଜେନା)**

ଡୁମେର୍ତ୍ତାରୁ ଆର୍‌ଏସ୍‌ପି ପର୍ଯ୍ୟନ୍ତ ପ୍ରାୟ ଅଢ଼େଇ ମାସ ହେଲା ରେଳଲାଇନ୍ ବିଛାକାର୍ଯ୍ୟ ଚାଲିଛି। ଏଥିପାଇଁ ୨୦୦୬ରୁ ଜମି ହରାଇଥିବା ସ୍ଥାନୀୟ ଅଞ୍ଚଳବାସୀ କ୍ଷତିପୂରଣ ଏବଂ ରୋଜଗାର ଦାବିରେ ରେଳଲାଇନ ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଆସୁଥିଲେ। ଶୁକ୍ରବାର ଜିଲା ପ୍ରଶାସନର ଉପସ୍ଥିତିରେ ବରକାନିରେ ଏକ ନୂତନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଖବର ପାଇ ଅଞ୍ଚଳବାସୀ ଘଟଣାସ୍ଥଳକୁ ଯାଇ କାମ ବନ୍ଦ କରାଇଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ପୁନର୍ବାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାରୁ ଅଞ୍ଚଳବାସୀ ସେଠାରେ ପହଞ୍ଚି କାର୍ଯ୍ୟ ବନ୍ଦ ପାଇଁ ଦାବି କରିଥିଲେ। ଏହି ସମୟରେ ପୋଲିସ ଏବଂ ଜନତା ମୁହାଁମୁହିଁ ହୋଇଥିଲା। କିଛି ଲୋକ ଜେସିବି ସମ୍ମୁଖରେ ଶୋଇପଡ଼ିଥିଲେ। ଏହି ସମୟରେ ଜେସିବି ଧକ୍କା ଦେବାରୁ ଏତୋ ଏକ୍କାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ଉପରେ ପଥର ମାଡ଼ କରିଥିଲେ। ସେମାନେ ପୋଲିସ ସହ ଧସ୍ତାଧସ୍ତି ହେବା ସହ ପୋଲିସ ଗାଡ଼ିକୁ ଓଲଟାଇ ଦେଇଥିଲେ। ପଥର ମାଡ଼ରେ ବିଶ୍ରା ସହକାରୀ ତହସିଲଦାର ପୁରୁଷୋତ୍ତମ ନାୟକ, ପୋଲିସ କନ୍‌ଷ୍ଟେବଲ ମନୋରଞ୍ଜନ ଦାସ, ରାଜେଶ ମହାରଣା, ଜେସିବି ଚାଳକ ସାମୁଏଲ ମାସିଙ୍କ ସମେତ ପୋଲିସ କର୍ମୀମାନେ ଆହତ ହୋଇଥିଲେ। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଏସ୍‌ପି ନିତେଶ ୱାଧୱାନୀ, ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ଏବଂ ପାନପୋଷ ଉପଜିଲାପାଳ ବିଜୟ ନାୟକ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। କିନ୍ତୁ ଜେସିବି ଧକ୍କାରେ ଯୁବକଙ୍କ ମୃତ୍ୟୁ ଖବର ପ୍ରଚାରିତ ପରେ ଅଧିକ ସଂଖ୍ୟାରେ ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସହ ଧାରଣା ଦେଇଛନ୍ତି। ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିବା ଯାଏ ମୃତଦେହ ଉଠିବ ନାହିଁ ବୋଲି ସେମାନେ ଅଡ଼ି ବସିଛନ୍ତି। ଅନ୍ୟପକ୍ଷରେ ଘଟଣାର ପ୍ରତିବାଦରେ ଅଞ୍ଚଳବାସୀ ରବିବାର ୧୨ ଘଣ୍ଟିଆ ବନ୍ଧମୁଣ୍ଡା ବନ୍ଦ ଡାକରା ଦେଇଛନ୍ତି।


**ଆଜିର ସମ୍ପାଦକୀୟ**

**ଚାଇନା ଆଗକୁ ବଢୁଛି**


# କୁପୋଷଣମୁକ୍ତ ଓଡ଼ିଶା ପ୍ରାଥମିକତା: ମୁଖ୍ୟମନ୍ତ୍ରୀ



ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାରେ ୮୪ ଶଯ୍ୟା ବିଶିଷ୍ଟ ନୂତନ ହଷ୍ଟେଲକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

**ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)**

ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଓଡ଼ିଶାକୁ କୁପୋଷଣ ମୁକ୍ତ କରିବା ଆମର ପ୍ରାଥମିକତା। ଏଥିପାଇଁ ଅନେକ ଫଳପ୍ରଦ ଯୋଜନା କରାଯାଇଛି। ଏହାର ସଫଳତା ପାଇଁ ସାମୂହିକ ସଚେତନତା ଜରୁରୀ। ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ରାଜ୍ୟ ସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିବା ସହ ପୋଷଣ ଅଭିଯାନକୁ ସଫଳ କରି ସୁସ୍ଥ ମାନବ ସମ୍ବଳ ତିଆରି କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଲକ୍ଷ୍ମୀସାଗର-ଝାରପଡ଼ା ସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାରେ ୮୪ ଶଯ୍ୟା ବିଶିଷ୍ଟ ଏକ ନୂତନ ହଷ୍ଟେଲ ସହିତ ଏକ ଲାଇବ୍ରେରୀ ହଲ୍ ଏବଂ ଅଙ୍ଗନୱାଡି ଟ୍ରେନିଂ ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ପୂଜ୍ୟପୂଜା ପରମ୍ପରାକୁ ଆଗେଇ ନେଇ ମୁଖ୍ୟମନ୍ତ୍ରୀ ଏହି ପ୍ରତିଷ୍ଠାନର ୮ଟି ବିଲ୍‌ଡିଂକୁ ଓଡ଼ିଶାର ମହୀୟସୀ ମହିଳାଙ୍କ ନାମରେ ନାମିତ କରିବା ପାଇଁ ଘୋଷଣା କରିଛନ୍ତି। ଏହାସହ ପ୍ରତିଷ୍ଠାନର କନ୍‌ଫରେନ୍ସ ହଲ୍‌କୁ ରମାଦେବୀ ସମ୍ମିଳନୀ କକ୍ଷ ନାମରେ ନାମିତ କରି ଏହାର ପରିଧିକୁ ବୃଦ୍ଧି କରିବାକୁ ମଧ୍ୟ ଘୋଷଣା କରିଛନ୍ତି। ଏହି ପ୍ରତିଷ୍ଠାନର ଅଡିଟୋରିୟମ୍ ହଲ୍‌କୁ ସରଳା ଦେବୀ ପ୍ରେକ୍ଷାଳୟ, ଲାଇବ୍ରେରୀ ହଲ୍‌କୁ କମଳା ପୂଜାରୀ ଗ୍ରନ୍ଥାଗାର, ଅଙ୍ଗନୱାଡି ଟ୍ରେନିଂ ସେଣ୍ଟରକୁ ଶୈଳବାଳା ଦାସ ପ୍ରଶିକ୍ଷଣ କକ୍ଷ, ନୂଆ ହଷ୍ଟେଲକୁ ମାଳତୀ ଚୌଧୁରୀ ନିବାସ, ଅଙ୍ଗନୱାଡି କର୍ମୀ ହଷ୍ଟେଲକୁ ବାଙ୍ଗରା ଦେବୀ ନିବାସ ଏବଂ ଗେଷ୍ଟ ହାଉସ୍‌କୁ ଗୁରୁବାରୀ ଜାନୀ ଅତିଥି ଭବନ ନାମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୦୦ କୋଟି ଟଙ୍କା ଅନୁଦାନରେ 'ଓଡ଼ିଶା ପୁଷ୍ଟି ମିଶନ' ମଧ୍ୟ ପ୍ରତିଷ୍ଠା କରାଯିବ। ପୋଷଣ ଅଭିଯାନରେ ମହିଳା ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବାପାଇଁ ଚଳିତବର୍ଷ ବଜେଟରେ ୨୮୪ କୋଟି ଟଙ୍କା ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ଦୁଇଟି କନ୍ୟା ସନ୍ତାନ ପାଇଁ ସହାୟତା ରାଶିକୁ ୧୦ ହଜାର ଟଙ୍କାରୁ ୧୨ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ସବୁ ପଦକ୍ଷେପ ଓଡ଼ିଶାର ପିଲାମାନଙ୍କର ପୋଷଣରେ ଉନ୍ନତି ଆଣିବ ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ନିଜେ ନିଜର ପୋଷକତତ୍ତ୍ୱକୁ ଠିକ୍ ରଖିବା ସହିତ ସମାଜ ପାଖରେ ପହଞ୍ଚାଇପାରିଲେ ଏକ ସୁସ୍ଥ ଓ ବିକଶିତ ଓଡ଼ିଶା ଆମେ ଗଠନ କରିପାରିବା। ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି, ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ସୂଚକାଙ୍କରେ ଉନ୍ନତି ନ ଆସିଲେ ଦାରିଦ୍ର୍ୟ ହ୍ରାସ ହେବନାହିଁ। ପୋଷଣ ପକ୍ଷ ପାଳନ ଅବସରରେ ଏ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ପୁରୀ, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରିଛନ୍ତି।

**ରାଜ୍ୟସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ**

**ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନର ୮ ବିଲ୍ଡିଂ ୮ ମହୀୟସୀ ମହିଳାଙ୍କ ନାମରେ ନାମିତ**




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓପିଟିସିଏଲ୍ ଶ୍ରମିକ କର୍ମଚାରୀ ସଂଘର ସପ୍ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଦି ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ ଛକ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଲେଖିକା ସଂସଦର ୩୨ତମ ବାର୍ଷିକ ଉତ୍ସବ ଓ ସାହିତ୍ୟ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରେଲୱେ ଘରୋଇକରଣ ବିରୋଧରେ ଏବଂ ରେଳଯାତ୍ରୀଙ୍କ ନିରାପତ୍ତା ଦାବିରେ ବିକ୍ଷୋଭ, ସ୍ଥାନ: ରେଳଷ୍ଟେଶନ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନାଚକ୍ର 'ଗୋପୀନାଥଙ୍କ ସାହିତ୍ୟ ସମ୍ଭାର', ସ୍ଥାନ: ସମିତି କାର୍ଯ୍ୟାଳୟ ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୩୪ତମ ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଐତିହାସିକ କେଦାରନାଥ ମହାପାତ୍ରଙ୍କ ୪୪ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହ, ବିନ୍ଦୁସାଗର ନିକଟ, ପୁରୁଣା ଭୁବନେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ମାରୱାଡ଼ି ଯୁବ ମଞ୍ଚର ବାର୍ଷିକ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତାଙ୍କ ଶପଥଗ୍ରହଣ ଉତ୍ସବ, ସ୍ଥାନ: ଲା ଫିଏଷ୍ଟା କନ୍‌ଭେନଶନ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମା' ଶୀତଳା ଓ ତାରିଣୀ ମାତାଙ୍କ ପୂଜା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ:ୟୁନାଇଟେଡ୍ କ୍ଲବ ପ୍ରାଙ୍ଗଣ, ଦୁବଲାଗଡ଼ି, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ସାର୍ବଜନୀନ ଚଉଦମାଦଳ ମହୋତ୍ସବର ଉଦ୍‌ଯାପନୀ ଦିବସ,ସ୍ଥାନ:ଜହତା ଶିବ ମନ୍ଦିର ପଡ଼ିଆ, ରୂପ୍‌ସା,ସମୟ: ଦିବସବ୍ୟାପୀ।
- ପ୍ଲାଟିନମ୍ ଜୟନ୍ତୀର ତୃତୀୟ ଦିବସ,ସ୍ଥାନ:ଶମ୍ଭୁନାଥ ସରକାରୀ ହାଇସ୍କୁଲ, ବସ୍ତା,ସମୟ:ଦିବସବ୍ୟାପୀ।
- ମା' ପଶ୍ଚିମା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ:ଛଚିନ୍ଦା, ସିମୁଳିଆ,ସମୟ: ଦିବସବ୍ୟାପୀ।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ:ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉଁ, ବାଲେଶ୍ୱର,ସମୟ:ସକାଳ ୯ ଟା।
- ମନାର ନବମ ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ,ସ୍ଥାନ:ଏସିପିଏଲ୍ ସଭାଗୃହ, ଭାସ୍କରଗଞ୍ଜ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଉଦ୍‌ଯାପନୀ ଦିବସ.ସ୍ଥାନ:ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- ବରଦା ଭଗବତୀ ଉଚ୍ଚବିଦ୍ୟାପୀଠ ରଜତ ଜୟନ୍ତୀ ଉତ୍ସବର ଅନ୍ତିମ ଦିବସ,ସ୍ଥାନ:ସ୍କୁଲ ପରିସର, ଖଇରା,ସମୟ:ସନ୍ଧ୍ୟା ୭ଟା।

## ଭଦ୍ରକ

- 'ସ୍ରଷ୍ଟା ଓ ସୃଷ୍ଟି'ର ପ୍ରତିଷ୍ଠା ଉତ୍ସବ ଓ ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ ଛକ, ବାସୁଦେବପୁର, ସମୟ: ସକାଳ ୮ଟା।
- ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: କୁଆଁସ ନିତ୍ୟାନନ୍ଦ ଭବନ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ପ୍ରାନ୍ତୀୟ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର, ସ୍ଥାନ: ଓକିଲ ସଂଘ ମିଟିଂ ହଲ୍, ଭଦ୍ରକ ପୁରୁଣାକୋର୍ଟ, ସମୟ: ସକାଳ ୯ଟା।
- ସତ୍ୟସାଇ ସେବା ସମିତିର ରକ୍ତଦାନ ଶିବିର, ସ୍ଥାନ: ଚାନ୍ଦବାଲି ଭେଙ୍କଟେଶ୍ୱର ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ସରପଞ୍ଚଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ପାଳିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବୈଷ୍ଣବାନନ୍ଦ ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ବାରବାଟିଆ, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- ଗଗନ ଗୁରୁଜୀଙ୍କ ପ୍ରବଚନ, ସ୍ଥାନ: ମା' ପରମ ବୈଷ୍ଣବୀଙ୍କ ମନ୍ଦିର, ସାବରଙ୍ଗ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଅଷ୍ଟମ ପ୍ରହରୀ ନାମଯଜ୍ଞ, ନାମ ସଂକୀର୍ତ୍ତନ, ସ୍ଥାନ: ବଡ଼ ରମ୍ପାସ, ଛେନାପଦି, ସମୟ: ସକାଳ ୬ ଟା।
- ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ବଞ୍ଚୋ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସଦର ବ୍ଲକ୍ ଶଙ୍କରପୁର୍ ଷ୍ଟାଡ଼ିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆର୍‌ଏସ୍‌ଏସ୍‌ର ଜିଲାସ୍ତରୀୟ ସମାବେଶ, ସ୍ଥାନ: କେନ୍ଦୁଝର ଷ୍ଟାଡ଼ିୟମ, ସମୟ: ସନ୍ଧ୍ୟା ୫ ଟା।

## ମୟୂରଭଞ୍ଜ

- ଶନିଦେବଙ୍କ ପୀଠରେ ବାର୍ଷିକ ଉତ୍ସବ, ସ୍ଥାନ: ୱାଲିଗଞ୍ଜ ବାରିପଦା, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍, ସ୍ଥାନ: ବାରିପଦା ଇନ୍‌ଡୋର ଷ୍ଟାଡ଼ିୟମ୍, ସମୟ: ସକାଳ ୯ଟା।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବନ୍ଧନ କଲ୍ୟାଣ ମଣ୍ଡପ, ବେତନଟୀ, ସମୟ: ସକାଳ ୯ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ୍ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ରାଜ୍ୟ କଂଗ୍ରେସ ସଭାପତିଙ୍କ ଜିଲା ଗସ୍ତ କାର୍ଯ୍ୟକ୍ରମ, ସ୍ଥାନ: ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଶ୍ରୀଶ୍ରୀ ପଣ୍ଡିତ ମହାସଭା ଆୟୋଜିତ ଶ୍ରୀଶ୍ରୀ ଶତଚଣ୍ଡି ମହାଯଜ୍ଞରେ ସୂର୍ଯ୍ୟପୂଜା, ଗୋପୂଜା, ଧରିତ୍ରୀ ପୂଜା, ସ୍ଥାନ : ମନ୍ଦଲିଆ ସମଲେଶ୍ୱରୀ ମହାବିଦ୍ୟାଳୟ ପରିସର, ସମୟ : ସକାଳ ୮ଟା।
- ଭାରତୀ ସମାଜ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜିଲାମୁଖ୍ୟ ଚିକିତ୍ସାଳୟ ସ୍ଥିତ ରକ୍ତ ଭଣ୍ଡାର, ସମୟ : ସକାଳ ୮ଟା।
- ଭଗବାନ ପର୍ଶୁରାମ ଜୟନ୍ତୀ ବୈଠକ, ସ୍ଥାନ : ରିଂରୋଡସ୍ଥିତ ପର୍ଶୁରାମ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ରାଜ୍ୟ କୃଷି ସଚିବଙ୍କ ସମୀକ୍ଷା ବୈଠକ ଓ ଉଦ୍ୟାନ କୃଷି ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିଦର୍ଶନ, ସ୍ଥାନ ନିଲଡୁଙ୍ଗୁରି, ସମୟ : ମଧ୍ୟାହ୍ନ ୧୨ଟା।
- କବରାପାଲି ନାମଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: କବରାପାଲି ଗ୍ରାମ, ସମୟ : ମଧ୍ୟାହ୍ନ ୧୨।

## ରାଉରକେଲା

- ନ୍ୟାୟ ଦାବିରେ ବନ୍ଦ ଡାକରା, ସ୍ଥାନ: ବନ୍ଧମୁଣ୍ଡା, ସମୟ: ସକାଳ ୭ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରର ୨ୟ ଦିବସ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ରେଳବାଇ କର୍ମଚାରୀଙ୍କ ବୈଠକ, ସ୍ଥାନ: ଏଆଇଜିୟୁସି କକ୍ଷ, ସମୟ: ପୂର୍ବାହ୍ନ ୧୦ଟା
- ମ୍ୟୁନିସିପାଲ କଲେଜରେ ବିଦାୟକାଳୀନ ସମାରୋହ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ସରକାରୀ ମହାବିଦ୍ୟାଳୟରେ ଓଡିଆ ନବବର୍ଷ ଓ ଆମ୍ବେଡ଼କର ଜୟନ୍ତୀ ପାଳନ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ବାସନ୍ତିକ ଦୁର୍ଗାପୂଜା ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର-୩, ଅହିରାବନ୍ଧ ପଡିଆ, ସମୟ: ଅପରାହ୍ନ ୪ଟା। ।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବୁରୋମୁଣ୍ଡା, ଗାଇସିଲେଟ୍, ସମୟ: ସକାଳ ୮ଟା।
- ନାମଯଜ୍ଞର ପୂର୍ଣ୍ଣାହୁତି,ସ୍ଥାନ: ଭୋଇପାଲି, ଅତାବିରା, ସମୟ:ସନ୍ଧ୍ୟା ୫ଟା ୩୫।
- ହେମଚନ୍ଦ୍ର ଜୟନ୍ତୀ ଶତବାର୍ଷିକୀ ସମାରୋହ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ,ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ପଞ୍ଚଦଶ ଦିବସ ନାଟକ ଲକ୍ଷ୍ମଣ ଶକ୍ତିଭେଦ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା ।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ପଞ୍ଚଦଶ ଦିବସ ନାଟକ ରାଭାଭିଷେକ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା ।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: କଲ୍ୟାଣ ମଣ୍ଡପ, ରିଆମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅରୁନ୍ଧତି ବାନ୍ଧକଳାର ଶିଳାନ୍ୟାସ ଉତ୍ସବ, ସ୍ଥାନ: ସୋନପୁର ବ୍ଲକର ଛେପାପାଲି, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ଖଡ଼ିଆଳ ବ୍ଲକ ଚଳାନପଡା ଗାଁ ସମୟ: ସକାଳ ୯ଟା ୫।
- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ:ନୂଆପଡ଼ା ବ୍ଲକ ଅଁଳାଯୁବା ଗାଁ ସମୟ: ସକାଳ ୯ଟା ୧୫।
- ଶ୍ରୀ ଶ୍ରୀ ବିଶ୍ୱମୟଙ୍କ ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି,ସ୍ଥାନ:ନୂଆପଡ଼ା ସଦର ବ୍ଲକ ଟାନୱାଟ ପଞ୍ଚାୟତ ଲୁକୁପାଲି ଗାଁ, ସମୟ: ପୂର୍ବାହ୍ନ ୧୧ ଟା ୩୦।
- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ ଓ ଧର୍ମ ସଭା, ସ୍ଥାନ:ଖଡ଼ିଆଳ ବ୍ଲକ ଚଳାନପଡ଼ା ଗାଁ, ସମୟ: ମଧ୍ୟାହ୍ନ ୧୨ ଟା ୩୦ ଓ ଅପରାହ୍ନ ୪ଟା।
- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ,ସ୍ଥାନ:ନୂଆପଡ଼ା ସଦର ବ୍ଲକ ଟାନୱାଟ ପଞ୍ଚାୟତ ଲୁକୁପାଲି ଗାଁ ମଧ୍ୟାହ୍ନ ୧୨ ଟା ୩୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ:ଖଡ଼ିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ଅପରାହ୍ନ ୫ଟା।
- କସ୍ତୁରୀ କିଷାନ ଓ ସୁନିତା ପଟେଲଙ୍କ ଦ୍ୱାରା ବୈଠକୀ କୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ:ଖଡ଼ିଆଳ ବ୍ଲକ ଚଳାନପଡ଼ା ଗାଁ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ୧୭ ବର୍ଷରୁ କମ ଆନ୍ତଃ ରାଜ୍ୟ ମହିଳା ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: ହକି ଷ୍ଟାଡିୟମ, ଏଚ. କଣ୍ଡାପାଲି, ସମୟ: ସକାଳ ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ଗୁଡମ ନାମ ମଣ୍ଡପ, ସମୟ: ସକାଳ ୮ଟା।

# ଠାଣେକରଙ୍କ ପକ୍ଷରୁ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ନାଗରିକ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୯।୪: (ଅଭୟ ଦାଶ)



ପୀତାମ୍ବରୀ ଶିଳ୍ପ ଗୋଷ୍ଠୀର ପରିଚାଳନା ନିର୍ଦ୍ଦେଶକ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ନିକଟରେ ପୁଣେର ତିଲକ ମହାରାଷ୍ଟ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ଡି. ଲିଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମହାରାଷ୍ଟ୍ର ଠାଣେର ନାଗରିକ ଅନୁଗ୍ରହ କମିଟି ଦ୍ୱାରା ଡ. କାଶୀନାଥ ଘନେକର ଥିଏଟରଠାରେ ଏକ ସ୍ୱତନ୍ତ୍ର ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ଠାଣେର ନାଗରିକ ଅନୁଗ୍ରହ କମିଟି ଦ୍ୱାରା ଡକ୍ଟର କାଶୀନାଥ ଘନେକର ଥିଏଟରଠାରେ ତାଙ୍କର ନାଗରିକ ସମ୍ବର୍ଦ୍ଧନା ଆୟୋଜିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ପରମାଣୁ ବୈଜ୍ଞାନିକ ପଦ୍ମ ବିଭୂଷଣ ଡ. ଅନିଲ କାକୋଡକର, ଅଧ୍ୟାପକ ଡ. ସଚ୍ଚିଦାନନ୍ଦ ଶେଭଡେ, ଚିତାଲେ ଶିଳ୍ପ ଗୋଷ୍ଠୀର ପ୍ରମୁଖ ଶ୍ରୀକୃଷ୍ଣ ଚିତାଲେଙ୍କ ସମେତ ବିଧାୟକ ସଞ୍ଜୟ କେଲକର, ବିଧାୟକ ନିରଞ୍ଜନ ଦାଭଖରେ ପ୍ରମୁଖ ଉପସ୍ଥିତ ଥିଲେ। ଏପରି କି ବିଭିନ୍ନ ବ୍ୟବସାୟ କ୍ଷେତ୍ର, ଏନ୍‌ଜିଓ ଇତ୍ୟାଦିର ଦର୍ଶକଙ୍କ ଉପସ୍ଥିତିରେ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ପୁଣେରୀ ପଗଡ଼ି ଏବଂ ପ୍ରଶଂସାପତ୍ର ସହ ସମ୍ମାନିତ କରାଯାଇଥିଲା। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କ ଡକ୍ଟରେଟ୍ ଗ୍ରହଣ ସମ୍ପର୍କରେ ତାଙ୍କୁ ପଠାଇଥିବା ବାର୍ତ୍ତା ମଞ୍ଚରୁ ପାଠ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ପୀତାମ୍ବରୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ଶିଳ୍ପକ୍ଷେତ୍ରରେ ତାଙ୍କର ଚମତ୍କାର ସଫଳତା ଏବଂ ସାମାଜିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପୁଣେର ତିଳକ ମହାରାଷ୍ଟ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ପ୍ରତି ଡି. ଲିଟ୍ ଡିଗ୍ରୀ ପ୍ରଦାନ କରାଯାଇଛି।

ଏ ନେଇ ରବନ୍ଦ୍ରେ ପ୍ରଭୁଦେଶାଇ କହିଥିଲେ, ମୁଁ ପାଇଥିବା ଏହି 'ଡକ୍ଟରେଟ୍' ଡିଗ୍ରୀକୁ ପୀତାମ୍ବରୀ ଇଣ୍ଡଷ୍ଟ୍ରିଜକୁ ସମର୍ଥନ କରୁଥିବା ପ୍ରତ୍ୟେକ ସଂଗଠନକୁ ମୁଁ ହୃଦୟର ସହିତ ଉତ୍ସର୍ଗ କରୁଛି। ବିଶେଷକରି ଦେଶୀ ଗାଈର ସୁସ୍ଥ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ ଏବଂ ପୀତାମ୍ବରୀଙ୍କ 'ଗୋମୂତ୍ର' କ୍ୟାପସୁଲର ଉତ୍ପାଦନ ଏବଂ ପ୍ରଭାବ ବିଷୟରେ ସୂଚନା ଦେଇଥିଲେ।

ଭବିଷ୍ୟତରେ ପୀତାମ୍ବରୀଙ୍କ 'ଗୋମୂତ୍ର' ଉପରେ ସେ ଅଧିକ ଗବେଷଣା ଆବଶ୍ୟକ ବୋଲି ମତ ମଧ୍ୟ ପ୍ରକାଶ କରିଥିଲେ। ସେ ଏହା ମଧ୍ୟ କହିଥିଲେ, ସଚ୍ଚିଦାନନ୍ଦ ପରଂବ୍ରହ୍ମ ଡ. ଜୟନ୍ତ ଆଠୱଲେଙ୍କ ମାର୍ଗଦର୍ଶନ ଏବଂ ସନାତନ ସଂସ୍ଥାର ମାର୍ଗଦର୍ଶକ ନୀତି ଅନୁସାରେ ଗୁରୁକୃପା ଯୋଗ ଅନୁସାରେ ସାଧନା କିପରି ପୀତାମ୍ବରୀଙ୍କୁ ତାଙ୍କର ବୃତ୍ତିଗତ ଅଭିବୃଦ୍ଧିରେ ସାହାଯ୍ୟ କରିଥିଲା ସେ ବିଷୟ ସେ କହିଥିଲେ।

# ଆଜିଠୁ କଳିଙ୍ଗ ସୁପର କପ୍


ଭୁବନେଶ୍ୱର,୧୯।୪(ଅନାଦି କର)

ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ରବିବାରଠାରୁ ଆରମ୍ଭ ହେବାକୁଯାଉଛି କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଇଷ୍ଟ ବେଙ୍ଗଲ ଓ କେରଳ ବ୍ଲାଷ୍ଟର୍ସ ମୁହାଁମୁହିଁ ହେବେ। ଏହି ପ୍ରତିଯୋଗିତାରେ ଭାଗନେଉଥିବା ୧୫ଟି ଦଳ ଟ୍ରଫି ଓ ଆଗାମୀ ସିଜନର ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨ରେ ଉପଲବ୍ଧ ଥିବା ଏକମାତ୍ର ସ୍ଥାନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବେ। ଘରୋଇ ଦଳ ଓଡ଼ିଶା ଏଫ୍‌ସି ଗତବର୍ଷ ଫାଇନାଲରେ ଇଷ୍ଟ ବେଙ୍ଗଲ ଏଫ୍‌ସିଠାରୁ ୩-୨ ଗୋଲରେ ପରାସ୍ତ ହୋଇ ରନରଅପ ରହିଥିଲା। ଗତ ସଂସ୍କରଣରେ ଏହି ଟ୍ରଫି ସହ ଜାତୀୟ ଟାଇଟଲ ଲାଗି ଇଷ୍ଟ ବେଙ୍ଗଲର ୧୨ ବର୍ଷର ଅପେକ୍ଷା ଶେଷ ହୋଇଥିଲା। ଏଥର ଦଳ ତା'ର ଟାଇଟଲକୁ ସମାନ ଭେନ୍ୟୁରେ ଡିଫେଣ୍ଡ କରିବାକୁ ଲକ୍ଷ୍ୟ ରଖିଛି। ଇଷ୍ଟ ବେଙ୍ଗଲ ୨୦୦୯-୧୦ ଓ ୨୦୧୦ରେ ଲଗାତର ଫେଡେରେଶନ କପ୍ ଜିତିଥିବାବେଳେ କେରଳ ବ୍ଲାଷ୍ଟର୍ସ ଜାତୀୟସ୍ତରରେ ତା'ର ପ୍ରଥମ ଟ୍ରଫି ଅପେକ୍ଷାରେ ରହିଛି। ଉଭୟ ଦଳ ଇଣ୍ଡିଆନ ସୁପର ଲିଗ୍‌ରେ ଆଶାନୁଯାୟୀ ପ୍ରଦର୍ଶନ କରି ନ ପାରି ପଏଣ୍ଟ ଟେବୁଲରେ ଯଥାକ୍ରମେ ନବମ ଓ ଅଷ୍ଟମ ସ୍ଥାନରେ ରହିଥିଲେ। ଏହି ମ୍ୟାଚ୍‌ର ବିଜେତା ମୋହନ ବାଗାନ ସୁପର ଜାଏଣ୍ଟଙ୍କୁ ଭେଟିବେ। ଆଇ-ଲିଗ୍ କ୍ଲବ ଚର୍ଚ୍ଚିଲ ବ୍ରଦର୍ସ ଟୁର୍ଣ୍ଣାମେଣ୍ଟରୁ ଓହରିଯିବାରୁ ମୋହନ ବାଗାନ ବାଇ ପାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆସନ୍ତା ୨୬ ତାରିଖରେ ଖେଳାଯିବ। ଏପ୍ରିଲ ୨୧ ତାରିଖରେ ୨୦୧୯ ସଂସ୍କରଣର ଚାମ୍ପିୟନ ଏଫ୍‌ସି ଗୋଆ ଓ ଗୋକୁଲମ କେରଳ ଏଫ୍‌ସି ପରସ୍ପରକୁ ଭେଟିବେ। ଗତ ଦୁଇ ସଂସ୍କରଣରେ ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିପାରି ନ ଥିବା ଗୋଆ ଏଥର ଟ୍ରଫି ସହ ୨୦୨୧ ପରେ ଦ୍ୱିତୀୟଥର ପାଇଁ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ରେ ଖେଳିବା ଲକ୍ଷ୍ୟରେ ରହିଛି।



ସେହିଭଳି ଗୋକୁଲମ କେରଳ ୨୦୨୨ ପରେ ଏଏଫ୍‌ସି କପ୍‌ରେ ଖେଳିବା ଉଦ୍ଦେଶ ରଖିଛି। କିନ୍ତୁ ଏହି ଦଳ କଦାପି କଳିଙ୍ଗ ସୁପର କପ୍‌ରେ ରାଉଣ୍ଡ ଅଫ୍-୧୬ ଅତିକ୍ରମ କରିପାରିନାହିଁ। ଗତ ଦୁଇ ସଂସ୍କରଣରେ ଗୋକୁଲମ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ବି ମ୍ୟାଚ୍ ନ ଜିତି ଅଭିଯାନ ଶେଷ କରିଥିଲା। ସୋମବାର ପଞ୍ଜାବ ଏଫ୍‌ସିକୁ ଆୟୋଜକ ଘରୋଇ ଫେଭରାଇଟ ଓଡ଼ିଶା ଏଫ୍‌ସି ଭେଟିବ। ୨୦୨୩ ସଂସ୍କରଣର ଚାମ୍ପିୟନ ଓ ୨୦୨୪ ସଂସ୍କରଣର ରନରଅପ୍ ଓଡ଼ିଶା ଏଫ୍‌ସି ଲାଗି ଏହା ଫେଭରାଇଟ ଟୁର୍ଣ୍ଣାମେଣ୍ଟ। ୨୦୨୩ରେ ପଦାର୍ପଣ କରିଥିବା ପଞ୍ଜାବ ଏଫ୍‌ସି ଏପର୍ଯ୍ୟନ୍ତ କଦାପି ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିପାରିନାହିଁ। ବେଙ୍ଗାଲୁରୁ ଏଫ୍‌ସି ଓ ଇଣ୍ଟର କାଶି ଆସନ୍ତା ୨୩ ତାରିଖରେ ପରସ୍ପରକୁ ଭେଟିବେ। ଏହି ଦୁଇ ଦଳ ଗତ ଦୁଇ ସଂସ୍କରଣରେ ତୃତୀୟଥର ପାଇଁ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଆଇଏସ୍‌ଏଲ୍ ଫାଇନାଲରେ ପରାଜିତ ହୋଇଥିବା ବେଙ୍ଗାଲୁରୁ ଏଫ୍‌ସି ଟୁର୍ଣ୍ଣାମେଣ୍ଟକୁ ଦ୍ୱିତୀୟଥର ଜିତିବା ଲକ୍ଷ୍ୟରେ ରହିଛି। ଦଳ ଉଦ୍‌ଘାଟନୀ ୨୦୧୮ ସଂସ୍କରଣରେ ଚାମ୍ପିୟନ ହୋଇଥିଲା।

# ୨୦୩୬ ସୁଦ୍ଧା ଓଡ଼ିଶାର ସର୍ବାଙ୍ଗ ବିକାଶ ହେବ: ମନ୍ତ୍ରୀ ହରିଚନ୍ଦନ




ଭୁବନେଶ୍ୱର,୧୯।୪: (ଅଭୟ ଦାଶ)

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକଦିବସୀୟ ଜାତୀୟ ସମ୍ମିଳନୀ ଶନିବାର ଭୁବନେଶ୍ୱରର ମେ'ଫେୟାର ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ବିକଶିତ ଓଡ଼ିଶା-୨୦୩୬ ପରିକଳ୍ପନା' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ସେହିଭଳି ଉକ୍ତ ସମ୍ମିଳନୀରେ ଅଧ୍ୟକ୍ଷତା କରି ଆଇସିସିର ଅଧ୍ୟକ୍ଷ ରାଜୀବ ସାହୁ କହିଥିଲେ, ବିକଶିତ ଓଡ଼ିଶା ଗଠନ ପାଇଁ ଆଇସିସି ବଦ୍ଧପରିକର। ଏପରି କି ଓଡ଼ିଶା ସରକାରଙ୍କ ସହାୟତାରେ ଆଇସିସି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ଓଡ଼ିଶାର ଅର୍ଥନୀତିକୁ ୧.୫ ଟ୍ରିଲିୟନରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହା ସହ ଭାରତର ଅର୍ଥନୈତିକ ବିକାଶରେ ମଧ୍ୟ ଆଇସିସି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସାହୁ କହିଥିଲେ।

ଅପରପକ୍ଷରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ୨୦୩୬ ସୁଦ୍ଧା ଓଡ଼ିଶାର ସର୍ବାଙ୍ଗ ବିକାଶ ହେବ, ଏଥିରେ ଦ୍ୱିମତ ନାହିଁ। ଭିତ୍ତିଭୂମି, ଶିଳ୍ପ, କୃଷି ଭଳି ପ୍ରମୁଖ ଦିଗରେ ସଫଳତା ପାଇବାକୁ ଯେଉଁ ପ୍ରକ୍ରିୟା ଜାରି ରହିଛି, ତାହା ଆମେ ଆରମ୍ଭ କରିସାରିଛୁ। ବିଶେଷକରି ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟଠୁ ଆରମ୍ଭ କରି ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାରେ ମଧ୍ୟ କିପରି ଉତ୍କର୍ଷତା ଆସିବ ତାହା ଉପରେ ଆମେ ଯୋଜନା ପ୍ରସ୍ତୁତ କରୁଛୁ। ଆମ ପାଖରେ ଲକ୍ଷ୍ୟ ସ୍ଥିର ଅଛି। ୨୦୩୬ ସୁଦ୍ଧା ପଏଣ୍ଟ ୫ ଟ୍ରିଲିୟନ ୟୁଏସ୍‌ଡି ଅର୍ଥନୀତି ପାଇଁ ଲକ୍ଷ୍ୟ ରଖାଯାଇଛି। ଅର୍ଥ ମନ୍ତ୍ରଣାଳୟ ସଚିବ ନାଗରାଜୁ ମାଦିରାଲା କହିଥିଲେ, ଓଡ଼ିଶାର ଅର୍ଥନୀତି ଉତ୍କୃଷ୍ଟ। ନୀତି ଆୟୋଗର ତଥ୍ୟ ଅନୁସାରେ ଓଡ଼ିଶା ବିକାଶ କରୁଛି। ଓଡ଼ିଶାରେ ବିକାଶର ସମ୍ଭାବନା ଅଛି। ଓଡ଼ିଶାରେ ମାତ୍ର ବ୍ୟାଙ୍କିଙ୍ଗ୍ ସେବାରେ ଅଗ୍ରଗତି ଆବଶ୍ୟକ ରହିଛି। ଆଇସିସି ପକ୍ଷରୁ ଆୟୋଜିତ ହୋଇଥିବା ଏହି ସମ୍ମିଳନୀରେ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସେବାର ମୁଖ୍ୟ ଯୋଗଦେବା ଦ୍ୱାରା ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଅଧିକ ଅଗ୍ରଗତି ଆସିପାରିବ ବୋଲି ସେ କହିଥିଲେ।

ଉନ୍ନୟନ କମିଶନର ଅନୁ ଗର୍ଗ କହିଥିଲେ, ଆସନ୍ତା ୫ବର୍ଷ ମଧ୍ୟରେ ଜଳସେଚନ କ୍ଷେତ୍ରରେ ୧୫ ଲକ୍ଷ ହେକ୍ଟର ବଢ଼ାଇବାକୁ ଯୋଜନା ରଖାଯାଇଛି। ୩୦ଲକ୍ଷ ପର୍ଯ୍ୟଟକ ସଂଖ୍ୟା ବଢ଼ାଇବାକୁ ଆଗ୍ରହ ରହିଛି। ଅର୍ବନାଇଜେଶନ ଡେଭେଲପମେଣ୍ଟ ବା ଉନ୍ନତି ପାଇଁ ବିଭିନ୍ନ ଜିଲାଗୁଡ଼ିକୁ ନେଇ କ୍ଲଷ୍ଟର ପ୍ରସ୍ତୁତ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଏହା ପାଇଁ ପୂରା ଓଡ଼ିଶାରେ ବିଭିନ୍ନ ପ୍ରୋଜେକ୍ଟ କରାଯାଉଛି। ବିକଶିତ ଓଡ଼ିଶା ପାଇଁ ମୋଟ ୪ଟି ବିନ୍ଦୁକୁ ଗୁରୁତ୍ୱ ଦିଆଯାଇଛି। ପ୍ରସ୍‌ପରିଟି ବା ରାଜ୍ୟର ସମୃଦ୍ଧି, ସ୍ୱାସ୍ଥ୍ୟ ଏବଂ ଅର୍ଥନୀତି ଅର୍ଥାତ୍ ସାମଗ୍ରିକ ବିକାଶର ଲକ୍ଷ୍ୟ, କେବଳ ସମୃଦ୍ଧି ଗୋଟିଏ ଜିଲା ବା ସହରରେ ନୁହେଁ, ପୂରା ରାଜ୍ୟରେ ବିକାଶ ନିରନ୍ତର ଭାବେ ହେବ। ପରିଶେଷରେ ଆଇସିସି ଉପାଧ୍ୟକ୍ଷ ନୀଳାଞ୍ଜନା ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଦେଶର ବିଭିନ୍ନ ପ୍ରମୁଖ ବ୍ୟାଙ୍କର ମୁଖ୍ୟ ଓ ବିଭିନ୍ନ ଶିଳ୍ପର ମୁଖ୍ୟମାନେ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ। ଓଡ଼ିଶା ଆଇସିସି ଆଞ୍ଚଳିକ ମୁଖ୍ୟ ଜେପି ପାଲ ଓ ଆଇସିସିର ଅନ୍ୟ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆପଣ ଯାହା ଆଶା କରିଛନ୍ତି ଆଜି ତାହା ସୁବିଧାରେ ପାଇଯିବେ । ଅଶ୍ୱିନୀ ନକ୍ଷତ୍ର ସକାଶେ ବାଣିଜ୍ୟ ଓ ନିର୍ମାଣ ତଥା ପରିବହନ ସମସ୍ୟାଯୁକ୍ତ ରହିବ। କେତେକ କ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ସହ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହୋଇପାରେ। ଅର୍ଥ ସମ୍ପର୍କିତ କାମକୁ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା ହାସଲ କରିପାରିବେ।

**ବୃଷ**
ପରିସ୍ଥିତି ଯାହା ହୋଇଥାଉନା କାହିଁକି, ସମୟ ସ୍ରୋତରେ ଅନ୍ୟମାନଙ୍କ ପ୍ରେରଣାରେ ଆଗକୁ ମାଡ଼ି ଚାଲିବେ। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। କୃତ୍ତିକା ନକ୍ଷତ୍ରର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ।

**ମିଥୁନ**
ରାଶ୍ୟାଧିପତିଙ୍କ ଦୁର୍ବଳତା କାରଣରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ମନ୍ଦ ନ ଥିବାରୁ ଅସମ୍ପୂର୍ଣ୍ଣ କାର୍ଯ୍ୟ ବଢ଼ିଚାଲିବ। ମୃଗଶିରା ନକ୍ଷତ୍ର ଯୁକ୍ତିଯୁକ୍ତ କଥା କହି ପ୍ରତ୍ୟେକ କ୍ଷେତ୍ରକୁ ସାଧାରଣ ଅବସ୍ଥାକୁ ଆଣିବାରେ ସମର୍ଥ ହେବେ। ପରିବହନ, ପ୍ରଶାସନ, ରାଜନୀତି ଓ ଆନୁଷ୍ଠାନିକ କାମ ଉନ୍ନତମାନର ରହିବ।

**କର୍କଟ**
ଧନାଧିପ ରବି କର୍ମଭାବସ୍ଥ ଯୋଗୁ ବିଶିଷ୍ଟବ୍ୟକ୍ତିଙ୍କ ସାନିଧ୍ୟ ସାଙ୍ଗକୁ ବୈଷୟିକ ଅଭିବୃଦ୍ଧି ଘଟିବ। ପୁନର୍ବସୁ ନକ୍ଷତ୍ର ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନାହିଁ। ଦ୍ୱାଦଶସ୍ଥାନ ପ୍ରତି ଶନିଙ୍କ ଦୃଷ୍ଟି ହେତୁ ଅର୍ଥହାନି ଘଟିପାରେ। ଭୁଲ୍ ବୁଝାମଣାଜନିତ ବନ୍ଧୁଙ୍କ ଉପରେ କ୍ରୋଧଜନିତ ଅନର୍ଥ ଓ ଶତ୍ରୁତାର ଆଶଙ୍କା ରହିଛି।

**ସିଂହ**
ରବିଙ୍କ ପ୍ରସାଦରୁ ଅଟକି ରହିଥିବା କାମଟି ସମ୍ମାନର ସହ ହଠାତ୍ ହୋଇଯିବ। ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଯୋଗୁ ମନ ଖୁସି ରହିବ। ମଘା ନକ୍ଷତ୍ର ସକାଶେ ସାମଜିକ ସ୍ତରରେ ବିରୋଧୀମାନେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିପାରନ୍ତି। ଜମିଜମା, ନିର୍ମାଣ, ଆଇନ, ଅଦାଲତ କ୍ଷେତ୍ର ପାଇଁ ସ୍ଥିତି ମଧ୍ୟମ ପ୍ରକାର ରହିବ।

**କନ୍ୟା**
ଦୀର୍ଘଦିନର ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଆଜି ଯାନବାହନ, ବିବାଦୀୟ ସ୍ଥାନ, ଏକାକୀ ଯାତ୍ରାରୁ ଦୂରେଇ ରହିବା ଭଲ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର କାରିଗରି, ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା**
ବୃହସ୍ପତିଙ୍କ ବିପରୀତ ରାଜଯୋଗ ପ୍ରଭାବରେ ପୂର୍ବ ସ୍ଥିରୀକୃତ ଯୋଜନାନୁଯାୟୀ କାର୍ଯ୍ୟାରମ୍ଭ ସଫଳତାପ୍ରାପ୍ତ ହେବ। ଖର୍ଚ୍ଚଭାର ବୃଦ୍ଧି ପାଇଲେ ମଧ୍ୟ ଆବଶ୍ୟକ ଅର୍ଥ ପାଇବାରେ ଅସୁବିଧା ହେବ ନାହିଁ। ଆଜିର ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ସାହିତ୍ୟରେ ସମସ୍ୟା ବିଳମ୍ବରେ ସମାଧାନ ହେବ। ଶିଳ୍ପ, ବାଣିଜ୍ୟ ଓ ପ୍ରଶାସନିକ ସ୍ତରରେ ସୁଫଳ ପାଇପାରିବେ।

**ବିଛା**
ଆଜି ଅଷ୍ଟମାଧିପତି ଦ୍ୱିତୀୟସ୍ଥ ଯୋଗୁ ବିବାଦୀୟ କଥାରେ ପାରିବାରିକ ଅଶାନ୍ତି ସୃଷ୍ଟିହେବ। ଅନୁରାଧା ନକ୍ଷତ୍ରର କ୍ରୀଡ଼ା, କଳା, ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ବାଣିଜ୍ୟ ଓ ପରିବହନରେ ଉନ୍ନତି ସୂଚନା ରହିଛି। କଳା, ସାହିତ୍ୟ ସଙ୍ଗୀତ ଓ ଷ୍ଟେଶନାରି ଜିନିଷ ବ୍ୟବସାୟରେ ଲାଭବାନ୍ ହେବେ।

**ଧନୁ**
ଚତୁର୍ଥ ଭାବସ୍ଥ ଚତୁଃଗ୍ରହଙ୍କ ସ୍ଥିତି ପ୍ରଭାବରୁ ପାରିବାରିକ ସମସ୍ୟା ଜଟିଳ ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ନିକଟସ୍ଥ ପଡ଼ୋଶୀମାନଙ୍କ ଉପରେ ପୂର୍ଣ୍ଣ ଭରସା କରିବା ପୂର୍ବରୁ ପରଖିନେବା ଭଲ ହେବ। ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ।

**ମକର**
ଆଜି କଲ୍ୟାଣଚନ୍ଦ୍ର ଯୋଗୁ ପ୍ରତ୍ୟୁଷରେ ଯେଉଁ କାମରେ ବାହାରିଛନ୍ତି ସେଥିରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଉପର ଅଧିକାରୀ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ରପ୍ତାନୀ କାରବାର, ଏଜେନ୍ସି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଶ୍ରବଣା ନକ୍ଷତ୍ର ଜାତ ବ୍ୟକ୍ତି ଆନୁଷ୍ଠାନିକ କାମରେ ସମ୍ମାନିତ ହେବେ।

**କୁମ୍ଭ**
ଆଜି ଯେତେ ଭଲ କାମ କଲେ ମଧ୍ୟ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ସମାଲୋଚିତ ହେବେ। ଧନିଷ୍ଠା ନକ୍ଷତ୍ର ଜଣେ ବନ୍ଧୁଙ୍କୁ ଅନୁରୋଧକରି ସମସ୍ୟା ସମାଧାନର ଚେଷ୍ଟା କରିବେ। ମାଲିମକଦ୍ଦମା, ଜମିଜମା, ଅର୍ଥନୈତିକ କାର୍ଯ୍ୟ, ଭ୍ରମଣ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ, କିଛି ବ୍ୟାଙ୍କ ଜମା ମଧ୍ୟ କରିବାର ସମ୍ଭାବନା ରହିଛି।

**ମୀନ**
ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ଆନୁଷ୍ଠାନିକ କର୍ମ ଭିତିରେ ଗୁରୁଦାୟିତ୍ୱ ବହନ କରିବେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ ହେବ। ବିଶିଷ୍ଟ ବ୍ୟକ୍ତିଙ୍କ ନିମନ୍ତ୍ରଣ ପାଇ ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

ଆଜି ଏପ୍ରିଲ ୨୦ତାରିଖ, ଇଷ୍ଟର ରବିବାର, ବୈଶାଖ କୃଷ୍ଣ ସପ୍ତମୀ ରବିବାର। ରାଶି ନକ୍ଷତ୍ର- ଦିବା ଘ.୧୧।୪୭ ମି. ଗତେ ଉତ୍ତରାଷାଢ଼ା/ ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫।୨୮ ଗତେ, ଘ.୦୧।୪୦ ମଧ୍ୟେ , ଘ.୦୧।୧୯ ଗତେ, ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୪।୨୮ ଗତେ, ଘ.୦୬।୦୨ ମଧ୍ୟେ ରାହୁକାଳ।

# ୨୦୩୦ ସୁଦ୍ଧା ୧୦ଲକ୍ଷ ହେନ୍ତାଳ ଚାରାରୋପଣ ଲକ୍ଷ୍ୟ



ପୁରୀ ଜିଲା ଅସ୍ତରଙ୍ଗ ଭଉଁରିଆ ସେତୁ ନିକଟରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ(ଓପ୍‌ସା) ପକ୍ଷରୁ ଶନିବାର ଆୟୋଜିତ ହେନ୍ତାଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମରେ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଅନ୍ୟମାନେ।



ଦେବୀ ମୁହାଁଣରେ ଅତିଥିମାନେ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ହେନ୍ତାଳ ଚାରା ରୋପଣ କରୁଛନ୍ତି।

କାକଟପୁର/ଅସ୍ତରଙ୍ଗ, ୧୯।୪ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

- **ଧରିତ୍ରୀ ପକ୍ଷରୁ ଓପ୍‌ସାକୁ ୧ଲକ୍ଷ ଟଙ୍କାର ଅନୁଦାନ ଘୋଷଣା**
- **ବିପର୍ଯ୍ୟୟକୁ ସାମ୍ନା କରିବ ହେନ୍ତାଳ ବନ**

ପୁରୀ ଜିଲା ଅସ୍ତରଙ୍ଗ ଭଉଁରିଆ ସେତୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ(ଓପ୍‌ସା), ଅସ୍ତରଙ୍ଗ ସବୁଜ ଶାଖା ଏବଂ 'ଧରିତ୍ରୀ' ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବ ପରିବେଶବିତ୍ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ପାଦକ ତଥାଗତ ସତପଥୀ, ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ପରିଡ଼ା, ବିଚିତ୍ରାନନ୍ଦ ବିଶ୍ୱାଳ, ଚାରୁଲତା ବିଶ୍ୱାଳ, ସବୁଜ ଶାଖା ସଭାପତି ରମାକାନ୍ତ ବହିଆ ପ୍ରମୁଖ ଉପସ୍ଥିତ ଥିଲେ। ୨୦୩୦ ସୁଦ୍ଧା ୧୦ ଲକ୍ଷ ହେନ୍ତାଳ ଚାରାରୋପଣ ପାଇଁ ପ୍ରୟାସ ଜାରି ରହିବ ବୋଲି ଯୁବ ପରିବେଶବିତ୍ ବିଶ୍ୱାଳ କହିଛନ୍ତି। ୧୦ଲକ୍ଷ ହେନ୍ତାଳ ଚାରାରୋପଣ ପାଇଁ ଓପ୍‌ସାର ଏହି ମହତ୍ ଲକ୍ଷ୍ୟ ଲାଗି ଧରିତ୍ରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ୧ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି।

ଜଳବାୟୁ ପରିବର୍ତ୍ତନ ଯୋଗୁ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷାରେ ଅନିୟମିତତା ଦେଖାଯାଉଛି। ବର୍ଷାଦିନେ ଗରମ ଅନୁଭୂତ ହେବା, ଶୀତଋତୁରେ ଥଣ୍ଡା ହ୍ରାସ ହେବାରୁ ଜଳବାୟୁରେ ଅସମାନତା ସୃଷ୍ଟି ହେଉଛି। ଏହାର କାରଣ ନିରାକରଣ ପାଇଁ ବିଶ୍ୱର ପରିବେଶବିତ୍ ଓ ପାଣିପାଗ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି। ତାପମାତ୍ରା ବୃଦ୍ଧି ଯୋଗୁ ସାମୁଦ୍ରିକ ବାତ୍ୟା ସୃଷ୍ଟିହୋଇ ୩ଶହ କି.ମି. ପର୍ଯ୍ୟନ୍ତ ପବନ ମଧ୍ୟ ଅତୀତରେ ବହିଛି। ୧୯୯୯ ମହାବାତ୍ୟା, ୨୦୧୩ ଫାଇଲିନ୍, ୨୦୧୪ ହୁଡ୍‌ହୁଡ୍, ୨୦୧୮ ତିତ୍‌ଲି, ୨୦୧୯ ଫନୀ ଭଳି ସାମୁଦ୍ରିକ ବାତ୍ୟାରେ ଉପକୂଳ ଅଞ୍ଚଳରେ ନାହିଁ ନ ଥିବା କ୍ଷତି ଘଟିଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ହେଲେ ପ୍ରଚୁର ପରିମାଣରେ ହେନ୍ତାଳ ଜଙ୍ଗଲ ଆବଶ୍ୟକ। ଏହି ଗଛ ଉପକୂଳ ଅଞ୍ଚଳରେ ସୁରକ୍ଷା ପାଚେରି ଭାବେ ଉଭା ହେବ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ସମ୍ପ୍ରତି ସବୁଜ ଗୃହ ବାଷ୍ପ ନିର୍ଗମନରେ ବୃଦ୍ଧି ହେତୁ ପୃଥିବୀ ପୃଷ୍ଠରେ ଉତ୍ତାପ ବୃଦ୍ଧି ଘଟୁଛି, ଯାହା ଜଳବାୟୁରେ ଘୋର ଅନିୟମିତତାର କାରଣ ହେଉଛି। ୨୦୧୯ରେ ଫନୀ ଏବଂ ୨୦୨୦ରେ ଅମ୍ଫନ ବାତ୍ୟା ହୋଇଥିଲା। ଏହିଭଳି ସାମୁଦ୍ରିକ ଝଡ଼ର ସଂଖ୍ୟା ବୃଦ୍ଧି ପାଉଥିବାରୁ ସମୁଦ୍ର ତଟରେ ଲୁଣା ଜଙ୍ଗଲର ଗୁରୁତ୍ୱ ବୃଦ୍ଧି ପାଇଛି ବୋଲି ଧରିତ୍ରୀ ସମ୍ପାଦକ ତଥାଗତ କହିଛନ୍ତି। ଅନୁଧ୍ୟାନରୁ ଜଣାଯାଇଛି, ଭିତରକନିକାରେ ଲୁଣା ଜଙ୍ଗଲ ହେତୁ ଏକ ବିସ୍ତୃତ ଅଞ୍ଚଳ ୧୯୯୯ ମହାବାତ୍ୟା ପ୍ରକୋପରୁ କେତେକାଂଶ ରକ୍ଷା ପାଇବାରେ ସମର୍ଥ ହୋଇଥିଲା। ସାମୁଦ୍ରିକ ଝଡ଼ରୁ ସୁରକ୍ଷାଦେବା ସହିତ ଲୁଣା ଜଙ୍ଗଲର ଅନେକ ବିଶେଷତା ରହିଛି। ଏହା ଜୈବବିବିଧତାର ଗନ୍ତାଘର। ଏଠାରେ ବିଭିନ୍ନ ପ୍ରକାରର ଉଦ୍ଭିଦ, ଶୈବାଳ, ପ୍ଲାଙ୍କ୍‌ଟନ ଠାରୁ ଆରମ୍ଭ କରି ଅନେକ ପ୍ରଜାତିର ମତ୍ସ୍ୟ, ସରୀସୃପ, ସ୍ତନ୍ୟପାୟୀ ପ୍ରାଣୀ, ଜାତିଜାତିକା ପକ୍ଷୀ ବାସ କରନ୍ତି। ଲୁଣା ଜଙ୍ଗଲ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ଆଦିର ଅନ୍ତୁଡ଼ିଶାଳ ରୂପେ ପରିଗଣିତ। ଲୁଣା ଜଙ୍ଗଲର ଚେରରେ ସାମୁଦ୍ରିକ ଜୀବର ଶାବକମାନେ ଲୁଚିରହି ତତ୍‌ସଂଲଗ୍ନ କାଦୁଆଭୂମିରୁ ସେମାନେ ଖାଦ୍ୟ ସଂଗ୍ରହ କରିଥାନ୍ତି। ବଡ଼ ହେଲେ ଏହି ଜୀବଜନ୍ତୁମାନେ ସମୁଦ୍ର ଗର୍ଭକୁ ଚାଲିଯାଆନ୍ତି। ଏଥିପାଇଁ ଲୁଣା ଜଙ୍ଗଲର ଅବସ୍ଥିତି ସାମୁଦ୍ରିକ ପରିସଂସ୍ଥାନ ପାଇଁ ଅତ୍ୟନ୍ତ ଅନିର୍ବାଯ୍ୟ। ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ସବୁଜଗୃହ ବାଷ୍ପକୁ ଶୋଷିବାରେ ଅନ୍ୟ ଜଙ୍ଗଲ ତୁଳନାରେ ଲୁଣା ଜଙ୍ଗଲ ଅଧିକ ସମର୍ଥ। ଏହି ସବୁ କାରଣରୁ ଲୁଣା ଜଙ୍ଗଲର ସୃଷ୍ଟି, ସୁରକ୍ଷା ଏବଂ ସମୃଦ୍ଧି ଏକାନ୍ତ କାମ୍ୟ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଅପରାହ୍ନରେ ଉପସ୍ଥିତ ଅତିଥି, ସ୍ଥାନୀୟ ଅଞ୍ଚଳ ମହିଳା, ଯୁବ ବନ୍ଧୁମାନେ ଭଉଁରିଆ ବ୍ରିଜ ଠାରୁ ଦେବୀ ମୁହାଣ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ହେନ୍ତାଳ ଚାରାରୋପଣ କରିଛନ୍ତି।

## ମା' ହିଙ୍ଗୁଳାଙ୍କ ଶୀତୁଳା ଯାତ୍ରା ସମାପନ

ତାଳଚେର, ୧୯।୪ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ସୁପ୍ରସିଦ୍ଧ ଶୀତୁଳା ଯାତ୍ରା ଶନିବାର ସମାପନ ହୋଇଛି। ଅପରାହ୍ନରେ ମା' ହିଙ୍ଗୁଳା ଓ କୁଟେଇଶୁଣୀଙ୍କ ଚଳନ୍ତି ପ୍ରତିମା ଆଲମକୁ ଦିଅଁଘରୁ ବଡ଼ମଣ୍ଡପ (ମୁଖ୍ୟ ମନ୍ଦିର)କୁ ଅଣାଯାଇଥିଲା। ମୁଖ୍ୟ ଦେହୁରୀ କିଶୋର ଦେହୁରୀ ଓ ଟଙ୍କଧର ଦେହୁରୀ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଆଲମକୁ ଉଭାସ୍ଥଳୀକୁ ଶୋଭାଯାତ୍ରାରେ ନିଆଯାଇ ରୀତିନୀତି ଅନୁଯାୟୀ ପୂଜା ସହ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହାପରେ ଶୀତୁଳା ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପୂଜାରେ ତାଳଚେର ରାଜା ସପରିବାର ଉପସ୍ଥିତ ରହି ମା'ଙ୍କୁ ପୂଜାର୍ଚ୍ଚନା କରିବା ସହ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଶେଷରେ ବଡ଼ମଣ୍ଡପକୁ ମା' ହିଙ୍ଗୁଳାଙ୍କ ଆଲାମକୁ ବିଜେ କରାଯାଇ ଅଧରପଣା ନୀତି ସମ୍ପନ୍ନ କରାଯାଇଥିଲା। ପ୍ରଚଣ୍ଡ ଖରା ସତ୍ତ୍ୱେ ମା' ହିଙ୍ଗୁଳାଙ୍କ ଏହି ବାର୍ଷିକ ଯାତ୍ରା ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ୬ଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ତଦନ୍ତ ଆରମ୍ଭ

ରାୟଗଡ଼ା, ୧୯।୪ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ଅଞ୍ଚଳର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରୀ ୬ ମାସର ଗର୍ଭବତୀ ଥିବା ଶୁକ୍ରବାର ଜଣାପଡ଼ିଥିଲା। ଶନିବାର ସ୍ଥାନୀୟ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହଯୋଗରେ ଉକ୍ତ ନାବାଳିକାଙ୍କୁ ରାୟଗଡ଼ା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇଛି। ଏହାପରେ କମିଟି ତଦନ୍ତ ଆରମ୍ଭ କରିଛି। ଦୀର୍ଘ ସମୟ ଧରି ନାବାଳିକାଙ୍କୁ ସମସ୍ତ ବିଷୟରେ ପଚରାଉଚରା କରାଯାଇଥିଲା।

# ଶିକ୍ଷା ଢାଞ୍ଚାରେ ଏଆଇ ଅନ୍ତର୍ଭୁକ୍ତୀକରଣ ଗୁରୁତ୍ୱପୂର୍ଣ୍ଣ

**ଆଇଆଇଏମ୍ ସମ୍ବଲପୁରର ନବମ ସମାବର୍ତ୍ତନ ଉତ୍ସବ**

**ସମ୍ବଲପୁର ଆଇଆଇଏମ୍ ଶିକ୍ଷାର୍ଥୀଙ୍କ ମଧ୍ୟରୁ ୬୦% ଛାତ୍ରୀ ଶୁଭଙ୍କର**

ସମ୍ବଲପୁର, ୧୯।୪ (ପ୍ରମୋଦ ବହିଦାର)




ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଙ୍କ ସହିତ ସ୍ୱର୍ଣ୍ଣପଦକ ହାସଲ କରିଥିବା ଛାତ୍ରୀଛାତ୍ର।

ଆଇଆଇଏମ୍ ସମ୍ବଲପୁରର ଶିକ୍ଷା ଢାଞ୍ଚାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଅନ୍ତର୍ଭୁକ୍ତୀକରଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଫଳରେ ଏହି ଶିକ୍ଷାନୁଷ୍ଠାନ ନବସୃଜନ, ସଚ୍ଚୋଟତା ଏବଂ ସାମଗ୍ରିକତାର ମୂଲ୍ୟବୋଧକୁ ବଜାୟ ରଖି ଖ୍ୟାତି ଅର୍ଜନ କରି ପାରିଛି। ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ଆଇଆଇଏମ୍ ସମ୍ବଲପୁରର ନବମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଏହା କହିଛନ୍ତି।

ଆଇଆଇଏମ୍ ସମ୍ବଲପୁର ପରିସରସ୍ଥ କୋଣାର୍କ ପ୍ରେକ୍ଷାଳୟରେ ଅନୁଷ୍ଠିତ ଉତ୍ସବରେ ପ୍ରମୁଖ ସଚିବ ଡ. ମିଶ୍ର ତାଙ୍କ ଦୀକ୍ଷାନ୍ତ ଅଭିଭାଷଣରେ କହିଥିଲେ, ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ସଂରକ୍ଷଣ ନେଇ ଦାବି ହୋଇଆସୁଛି। ହେଲେ ଆଇଆଇଏମ୍ ସମ୍ବଲପୁରରେ ମୋଟ ଶିକ୍ଷାର୍ଥୀଙ୍କ ମଧ୍ୟରୁ ଛାତ୍ରୀଙ୍କ ଅନୁପାତ ୬୦ପ୍ରତିଶତ, ତାହାପୁଣି ବିନା କୌଣସି ସଂରକ୍ଷଣରେ। କେବଳ ଯୋଗ୍ୟତାଭିତ୍ତିରେ ଏଠାରେ ଅଧିକ ସଂଖ୍ୟକ ଛାତ୍ରୀ ଅଧ୍ୟୟନ କରିବା ଅତ୍ୟନ୍ତ ଶୁଭଙ୍କର। ଏହାବ୍ୟତୀତ ପଶ୍ଚିମ ଓଡ଼ିଶାର ବୁଣାକାରମାନଙ୍କ ପାଇଁ ମାଷ୍ଟର ବୁଣାକାର କାର୍ଯ୍ୟକ୍ରମ ଆରମ୍ଭ କରିଥିବାରୁ ସେ ଏହି ଅବସରରେ ଆଇଆଇଏମ୍ ସମ୍ବଲପୁରକୁ ପ୍ରଶଂସା କରିଥିଲେ। ଏହା ଆଞ୍ଚଳିକ ବିକାଶରେ ବିଶେଷ ସହାୟକ ହେବ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି। ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନ ତଥା ନବସୃଜନର ପ୍ରୟୋଗ ମାଧ୍ୟମରେ ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଏଥିରେ ଛାତ୍ରୀଛାତ୍ରମାନଙ୍କର ବିଶେଷ ଭୂମିକା ରହିଛି। ତେଣୁ ଆଗାମୀ ଦୁଇ ତିନି ଦଶନ୍ଧି ଛାତ୍ରୀଛାତ୍ରଙ୍କ ସହିତ ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଡ. ମିଶ୍ର କହିଛନ୍ତି।

ଡ. ମିଶ୍ର କହିଥିଲେ, କୋଭିଡ୍ ପରବର୍ତ୍ତୀ ସମୟରେ ଜଟିଳ ଆନ୍ତଃରାଷ୍ଟ୍ରୀୟ ସମ୍ପର୍କ ଉଭୟ ଅର୍ଥନୀତି ଓ ରାଜନୀତିକୁ ପ୍ରଭାବିତ କରିଛି। ନିକଟରେ ଆମେରିକା ଦ୍ୱାରା ଲାଗୁ ପାରସ୍ପରିକ ଶୁଳ୍କ ବିଶ୍ୱ ଅର୍ଥନୀତିକୁ ସୁଦୂରପ୍ରସାରୀ ପ୍ରଭାବିତ କରିବ। ତେଣୁ ଗୋଟିଏ ପଟେ ବ୍ୟାପକ ପରିବର୍ତ୍ତନଶୀଳ ଅନ୍ତର୍ଜାତୀୟ ସମ୍ପର୍କ ଓ ଅନ୍ୟପଟେ ବୈଷୟିକ ଜ୍ଞାନକୌଶଳର ଅଭୂତପୂର୍ବ ବିକାଶ ମଧ୍ୟରେ ଭାରତକୁ ନିଜର ଭବିଷ୍ୟତ ରୂପରେଖ ନିର୍ଦ୍ଧାରଣ କରିବାକୁ ପଡ଼ିବ। ବିଶ୍ୱ ମାନଚିତ୍ରରେ ଭାରତ ଏବେ ମର୍ଯ୍ୟାଦାଜନକ ସ୍ଥାନ ହାସଲ କରିଛି। କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତି, ଯୁବ ଜନସଂଖ୍ୟା, ଉନ୍ନତ ଭିତ୍ତିଭୂମି ଓ ବୈଷୟିକ ଜ୍ଞାନକୌଶଳ ଭାରତର ସ୍ଥିତିକୁ ବିଶ୍ୱ ପ୍ରେକ୍ଷାପଟରେ ସୁଦୃଢ଼ କରିବାର ସକ୍ଷମ ହୋଇଛି। ଭାରତକୁ ବାର୍ଷିକ ୮-୧୦ ମିଲିୟନ୍ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସରକାରଙ୍କ ଡିଜିଟାଲ ଇଣ୍ଡିଆ ଓ ସ୍କିଲ୍ ଇଣ୍ଡିଆ ଦ୍ୱାରା ଘରୋଇ ଶିଳ୍ପରେ ଦକ୍ଷ ଯୁବତୀ ଯୁବକଙ୍କ ପାଇଁ ଦେଶରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କୁ ନିଯୁକ୍ତି ଦେବାକୁ ପଡ଼ିବ। ସଫଳତା ପାଇଁ କେବଳ ବୈଷୟିକ ଜ୍ଞାନ ପର୍ଯ୍ୟାପ୍ତ ନୁହେଁ। ବ୍ୟକ୍ତିଗତ ପ୍ରଜ୍ଞା ବା ଦକ୍ଷତା ଅପେକ୍ଷା ସାମୂହିକ ଭାବେ କାର୍ଯ୍ୟ କରିବାର ଦକ୍ଷତା ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଡ. ମିଶ୍ର କହିଛନ୍ତି।

ଆଇଆଇଏମ୍ ସମ୍ବଲପୁରର ବୋର୍ଡ ଅଫ୍ ଗଭର୍ନାନ୍ସର ଅଧ୍ୟକ୍ଷା ପଦ୍ମଶ୍ରୀ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ଉତ୍ସବରେ ଅଧ୍ୟକ୍ଷତା କରି କହିଥିଲେ, ଶିକ୍ଷା ଏକ ଜୀବନବ୍ୟାପୀ ଯାତ୍ରା। ଦ୍ରୁତ ବିକାଶଶୀଳ ଜଗତରେ ଛାତ୍ରୀଛାତ୍ରଙ୍କୁ ଉଭୟ ସୁଯୋଗ ଓ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ମାତ୍ର ଜ୍ଞାନ ଏବଂ ଦକ୍ଷତା ବଳରେ ଏଭଳି ଯେକୌଣସି ପ୍ରତିବନ୍ଧକକୁ ମୁକାବିଲା କରିବାକୁ ସେମାନେ ସକ୍ଷମ ବୋଲି କହିଥିଲେ।

ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସ୍ୱାଗତ ଅଭିଭାଷଣରେ କହିଥିଲେ, ପ୍ରଥମ ଥର ପାଇଁ ଏହି ଶିକ୍ଷାନୁଷ୍ଠାନରେ ଏମ୍‌ବିଏ, ଏକଜିକ୍ୟୁଟିଭ୍ ଏମ୍‌ବିଏ, ଏମ୍‌ବିଏ ଫର୍ ୱାର୍କିଂ ପ୍ରଫେସନାଲ୍ସ, ପିଏଚ୍‌ଡି ଓ ପିଏଚ୍‌ଡି ଫର୍ ୱାର୍କିଂ ପ୍ରଫେସନାଲ୍ସ ଆଦି ୫ଟି ଭିନ୍ନ ଭିନ୍ନ ପାଠ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଡିଗ୍ରୀ ହାସଲ କରିଛନ୍ତି। ଏହି ଅନୁଷ୍ଠାନର ୧୦ମ ବର୍ଷ ପୂର୍ତ୍ତି ଅବସରରେ ୬୦ ପ୍ରତିଶତ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ସମଗ୍ର ଭାରତରେ ଏକ ରେକର୍ଡ ସୃଷ୍ଟି କରିଛନ୍ତି। ସେହିଭଳି କ୍ୟାମ୍ପସ ନିଯୁକ୍ତିରେ ପ୍ୟାକେଜ ମଧ୍ୟ ୩୦ ପ୍ରତିଶତ ବୃଦ୍ଧିରେ ନିଯୁକ୍ତି ମିଳିବା ଏକ ଉଲ୍ଲେଖନୀୟ ଘଟଣା। ଉତ୍ସବରେ ବୋଷ୍ଟନ କନସଲଟିଂ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅମୃତ ମହାନ୍ତି ପରିଚାଳନା କରିଥିଲେ। ଏହି ଅବସରରେ ୩୧୩ ଜଣ ଏମ୍‌ବିଏ, ୩୮ ଜଣ ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ, ୧୦ ଜଣ ଏମ୍‌ବିଏ ଫର୍ ୱାର୍କିଂ ପ୍ରଫେସନାଲ, ୬ ଜଣ ପିଏଚ୍‌ଡି ସ୍କଲାରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଶିକ୍ଷାଗତ ଉତ୍କର୍ଷ ହାସଲ କରିଥିବା ୭ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା।

## ବଜ୍ରପାତରେ ଜୀବନଗଲା

ରାଇରଙ୍ଗପୁର, ୧୯।୪ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ବଡ଼ମୌଦା ଗ୍ରାମ ରାଖାସାହି ବସ୍ତି ଅଞ୍ଚଳରେ ଶୁକ୍ରବାର ଅପରାହ୍ନ ୪ଟାରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାଖାସାହି ବସ୍ତି ଅଞ୍ଚଳର ସତ୍ୟ ଗିରି(୫୮)। ପ୍ରକାଶ ଯେ, ସତ୍ୟ ତାଙ୍କ ବାସଗୃହ ପାର୍ଶ୍ୱ ଗୁହାଳ ଘର ନିକଟରେ ଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୋରୁମହିଷାଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା (ନଂ.୬/୨୫) ରୁଜୁ କରିଛି। ପୋଲିସ ଶନିବାର ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।




## ଅଂଶୁଘାତରେ ମହିଳା ଚାଷୀଙ୍କ ମୃତ୍ୟୁ ସନ୍ଦେହ

ଛେଣ୍ଡିପଦା, ୧୯।୪ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୁମ୍ଭାରସାହିର ମହିଳା ଚାଷୀ ଅଇଁଠା ବେହେରାଙ୍କ ଶନିବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଏ ନେଇ ସେମାନେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ମହିଳା ଚାଷୀ ଅଇଁଠା ବଗିଚାରେ କାମ କରୁଥିବା ବେଳେ ହଠାତ ଅଚେତ ହୋଇଯାଇଥିଲେ। ଏହାଦେଖି ପରିବାର ଲୋକେ ତାଙ୍କୁ ତୁରନ୍ତ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମା' ତାରିଣୀଙ୍କ ଦର୍ଶନକଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ ଓ ତାଙ୍କ ସ୍ତ୍ରୀଙ୍କୁ ପୂଜକମାନେ ସ୍ୱାଗତ କରୁଛନ୍ତି।

କେନ୍ଦୁଝର/ଘଟଗାଁ, ୧୯।୪ (ନରେଶ ଚନ୍ଦ୍ର ପଟ୍ଟନାୟକ/ରାଜେନ୍ଦ୍ର ପଟ୍ଟନାୟକ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ ୩ ଦିନିଆ ଓଡ଼ିଶା ଗସ୍ତରେ ଅଛନ୍ତି। ଏହି ଅବସରରେ ଶନିବାର ପୂର୍ବାହ୍ନ ୧୧ଟାରେ କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା'ତାରିଣୀଙ୍କ ଦର୍ଶନ କରିଛନ୍ତି। ଧର୍ମପତ୍ନୀଙ୍କ ସହ ସେ ତାରିଣୀ ମନ୍ଦିରରେ ପହଞ୍ଚିବା ପରେ ଜିଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସପରିବାର ଦର୍ଶନ କରାଇବାରେ ସହଯୋଗ କରାଯାଇଥିଲା। ପ୍ରମୁଖ ସଚିବ ଦାସ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଶିଷ ଲାଭ କରିଥିଲେ। ଏହି ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ମା'ତାରିଣୀଙ୍କ ଧାନରେ ନିର୍ମିତ ମୂର୍ତ୍ତି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମା'ଙ୍କ ଦର୍ଶନ ନେଇ ବହୁ ଦିନରୁ ଅଭିଳାଷା ଥିଲା। ସେ ନେଇ ଆଜି ଆସି ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କଲେ ବୋଲି ଦର୍ଶନ ପରେ ପ୍ରମୁଖ ସଚିବ ଦାସ ଖବରଦାତାଙ୍କୁ ସୂଚନା ଦେଇଥିଲେ। ଏହି ସମୟରେ ଜିଲାପାଳ ବିଶାଳ ସିଂହ ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

## କେଶରୀକୁଣ୍ଡକୁ ନିଷିଦ୍ଧାଞ୍ଚଳ ଘୋଷଣାକଲା ପ୍ରଶାସନ

**ବୈତରଣୀରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ ଘଟଣା**

ଚମ୍ପୁଆ, ୧୯।୪ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ସରେଇ ଗ୍ରାମର କେଶରୀକୁଣ୍ଡରେ ଶୁକ୍ରବାର ୨ ଜଣ ଛାତ୍ର ଗାଧୋଇବାକୁ ଯାଇ ବୁଡ଼ି ଯାଇ ପ୍ରାଣ ହରାଇଥିଲେ। ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବାରୁ ଉକ୍ତ ସ୍ଥାନକୁ ଶନିବାର ଉପଜିଲାପାଳ ଉମାକାନ୍ତ ପରିଡ଼ା ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରିଛନ୍ତି। ଏନେଇ ସୂଚନା ଫଳକ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଶନିବାର ଉପଜିଲାପାଳଙ୍କ ସମେତ ଚମ୍ପୁଆ ଥାନା ଅଧିକାରୀ ଦେବକୀ ନାୟକ, ତହସିଲଦାର ସଜତ ମାର୍କେ, ସହକାରୀ ଜିଲାପାଳ ସମରେନ୍ଦ୍ର ଦାସ ଓ ଚମ୍ପୁଆ ରାଜସ୍ୱ ନିରୀକ୍ଷକ ସମ୍ପଦ ପ୍ରଧାନ ପ୍ରମୁଖ ଦୁର୍ଘଟଣା ଘଟିଥିବା ସ୍ଥାନ ପରିଦର୍ଶନ କରିଥିଲେ। ବୁଡ଼ିଯାଇଥିବା ଉଭୟ ଛାତ୍ରଙ୍କୁ ପାଣିରୁ ଉଦ୍ଧାର କରିଥିବା ସ୍ଥାନୀୟ ଅଧିବାସୀ ଦଶରୁ ନାଏକଙ୍କ କାର୍ଯ୍ୟ ପାଇଁ ପ୍ରଶଂସା କରିବା ସହ ଘଟଣା ବିଷୟରେ ପଚାରି ବୁଝିଥିଲେ। ଉକ୍ତ ସ୍ଥାନରେ ସର୍ବସାଧାରଣ ଯାତାୟାତ ବନ୍ଦ ନିମନ୍ତେ ଟ୍ରେଞ୍ଚ ଖୋଳିବା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଡାକବାଜି ଯନ୍ତ୍ର ସହାୟତାରେ ସଚେତନତା ଓ ସୂଚନା ପ୍ରଦାନ ପାଇଁ କରଞ୍ଜିଆ ରାଜସ୍ୱ ନିରୀକ୍ଷକ ଚିନ୍ମୟ ମହାନ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥି ସହିତ ଉକ୍ତ ସ୍ଥାନକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଗଲା ବୋଲି ସୂଚନା ଫଳକ ଲଗାଇବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଚମ୍ପୁଆ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଉପଜିଲାପାଳ ପରିଡା ସୂଚନା ଦେଇଛନ୍ତି।



ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସ୍ପେନ୍ ରାଷ୍ଟ୍ରଦୂତ



ଭୁବନେଶ୍ୱର, ୧୯।୪ (ସୁନିତ୍ ମିଶ୍ର)

**ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ସୁଦୃଢ଼ କରିବା ଉପରେ ଗୁରୁତ୍ୱ**

ଭାରତରେ ଅବସ୍ଥାପିତ ସ୍ପେନର ରାଷ୍ଟ୍ରଦୂତ ଜୁଆନ୍ ଆଣ୍ଟୋନିଓ ମାର୍ଚ ପୁଜୋଲ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରିଛନ୍ତି। ସ୍ପେନ ଏବଂ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ସ୍ପେନ୍ ରାଷ୍ଟ୍ରଦୂତ କହିଛନ୍ତି, ରିନିୱେବଲ୍ ଏନର୍ଜି, ମେଟାଲର୍ଜି, ବୟନଶିଳ୍ପ ଏବଂ ଅଟୋମୋବାଇଲ ଭଳି ପ୍ରମୁଖ କ୍ଷେତ୍ରରେ ଓଡ଼ିଶା ଓ ସ୍ପେନ ମଧ୍ୟରେ ଅଧିକ ସହଯୋଗ ହୋଇପାରିବ। ଆଲୋଚନାରୁ ଜଣାପଡ଼ିଛି, ୨ ଦେଶ ମଧ୍ୟରେ ଶିଳ୍ପ, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରାଯିବ। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସତ୍ୟବ୍ରତ ସାହୁ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଧର୍ମ ରହିଥାଏ ନିଜକୁ ସଂସ୍କୃତି କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ- ତା'ର ନିଷ୍କ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। -ଶ୍ରୀମା



# ଚାଇନା ଆଗକୁ ବଢୁଛି



ଆକାର ପଟେଲ

ଚାଇନା ଆଗାମୀ କିଛିବର୍ଷ ମଧ୍ୟରେ, ସମ୍ଭବତଃ ୨୦୩୫ ସୁଦ୍ଧା ବିଶ୍ୱର ବୃହତ୍ତମ ଅର୍ଥ ବ୍ୟବସ୍ଥା ହେବ। ଏହାର ମୋଟ ଘରୋଇ ଉତ୍ପାଦ(ଜିଡିପି) ସେତେବେଳକୁ ଆମେରିକାଠାରୁ ଅଧିକ ହୋଇଯିବ। ଏହା ଆମେରିକା ପାଇଁ ଗ୍ରହଣୀୟ ହେଉନାହିଁ, କାରଣ ବିଗତ ଶତାବ୍ଦୀରେ ଏହା ବିଶ୍ୱ ଶକ୍ତି ଭାବେ ପ୍ରାଧାନ୍ୟ ବିସ୍ତାର କରିଆସିଛି ଏବଂ ଏହା ମୁଖ୍ୟତଃ ତାହାର ଅର୍ଥ ବ୍ୟବସ୍ଥା ଯୋଗୁ ହୋଇଛି। ଏହା ଏବେ ୧ ନମ୍ବରରୁ ୨ ନମ୍ବର ଆଡ଼କୁ ଯାଉଥିବା ଆମେ ସ୍ପଷ୍ଟଭାବେ ଦେଖିପାରୁଛୁ। ତାହା ଚାଇନାର ପ୍ରତିରୋଧ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଯୁଦ୍ଧରୁ ଘଟିବାକୁ ଯାଉଛି। ପାଶ୍ଚାତ୍ୟ ଅନ୍ତର୍ଜାତୀୟ ନିୟମ ଆଧାରିତ ବ୍ୟବସ୍ଥାରେ ଉପନିବେଶବାଦ ମାଧ୍ୟମରେ ସିଧାସଳଖ ଶାସନ କରୁଥିଲେ। ଏବେ କିନ୍ତୁ ସେହି ସ୍ଥାନ ନେଇଛି ଜାତିସଂଘ ସୁରକ୍ଷା ପରିଷଦ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଏବଂ ବିଶ୍ୱବ୍ୟାଙ୍କ। ଜି୭ ଭଳି ଗୋଷ୍ଠୀଗୁଡ଼ିକୁ ମଧ୍ୟ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ବ୍ୟବହାର କରାଯାଉଛି। ଅଷ୍ଟାଦଶ ଶତାବ୍ଦୀରେ ଭାରତ ଓ ଚାଇନା ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥା ଥିଲେ। ସେତେବେଳେ ଜାତୀୟ ଉତ୍ପାଦକତା ଓ ଜିଡିପି ଲୋକଙ୍କ ଉପରେ ନିର୍ଭର କରୁଥିଲା ଏବଂ ଅଧିକାଂଶ ଲୋକ କୃଷିକ୍ଷେତ୍ରରେ ଥିଲେ। କିନ୍ତୁ ଶିଳ୍ପ ବିପ୍ଳବ ତାହାକୁ ପରିବର୍ତ୍ତନ କରିଦେଲା ଏବଂ ଉତ୍ପାଦକତା ମାନବ ଶ୍ରମ ଉପଯୋଗରୁ ଦୂରେଇଯିବା ଆରମ୍ଭକଲା। ତେବେ ୧୮୦୦ ଦଶନ୍ଧିରୁ ଏଯାବତ୍ ପାଶ୍ଚାତ୍ୟ ସବୁବେଳେ ପ୍ରଯୁକ୍ତିଗତ ପରିବର୍ତ୍ତନରେ ଆଗରେ ରହିଆସିଥିଲା। କିନ୍ତୁ ଚାଇନା ଏବେ ସେଥିରେ ସାମିଲ ହୋଇଯାଇଛି। ଚାଇନା ଖୁବ୍‌ଶୀଘ୍ର ତାକୁ ଟପିଯିବ। ଜାନୁଆରୀ ୨୦୨୩ରେ ସିଟିଗ୍ରୁପ୍ ଏକ ରିପୋର୍ଟ ପ୍ରକାଶ କରିଥିଲା, ଯାହାର ଶୀର୍ଷ ଥିଲା 'ଚାଇନାର ଜିଡିପି କେବେ ଆମେରିକାକୁ ଟପିବ ? ଶେଷରେ ଦର୍ଶାଇଥିଲା ଯେ, ୨୦୩୦ ଦଶକ ମଧ୍ୟରେ ଯେକୌଣସି ସମୟରେ ସମ୍ଭବତଃ ଏହି ଦଶନ୍ଧିର ମଧ୍ୟଭାଗରେ ଏହା ହୋଇପାରେ। ଅଧିକାଂଶ କ୍ଷେତ୍ରରେ ଏହା ଘଟିସାରିଲାଣି। ଚାଇନା ଆଗକୁ ବଢ଼ିବାରେ ଲାଗିଛି। ଚାଇନାର ନେଭି ପାଖରେ ଆମେରିକା ନେଭିଠାରୁ ଅଧିକ ଯୁଦ୍ଧଜାହଜ ଅଛି। ଚାଇନା ପୃଥକ୍ ତଥା ସ୍ୱାଧୀନ ଭାବେ ଏକ ମହାକାଶ କେନ୍ଦ୍ର ଚଳାଉଛି। ଏହା ଆମେରିକା, ରୁଷିଆ ନେତୃତ୍ୱରେ ଚାଲୁଥିବା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରର ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛି। ଗତବର୍ଷ ପ୍ୟାରିସ୍ ଅଲିମ୍ପିକ୍ସରେ ହଂକଂ ସମେତ ଚାଇନା ୪୨ଟି ସ୍ୱର୍ଣ୍ଣ ପଦକ ଜିତିଥିଲା। ଏଥିରେ ଆମେରିକା ୪୦ଟି ସ୍ୱର୍ଣ୍ଣ ଜିତିଥିଲା। ଏପରିକି ବୃହତ୍ତମ ଅର୍ଥ ବ୍ୟବସ୍ଥା ଭାବେ ଉଭାହେବା ପୂର୍ବରୁ ଚାଇନା ଗତ ଦଶନ୍ଧିରେ ବିଶ୍ୱରେ ବୃହତ୍ତମ ଭିତ୍ତିଭୂମି ପ୍ରୋଜେକ୍ଟ ବେଲ୍ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ୍(ବିଆର୍‌ଆଇ)କୁ ଦୃଢ଼ କରିଛି। ଚାଇନା ଏବେ ୧୨୦ଟି ଦେଶ ପାଇଁ ସବୁଠୁ ବଡ଼ ବାଣିଜ୍ୟିକ ଭାଗୀଦାରି ହୋଇପାରିଛି, ଅପରପଟେ ଆମେରିକା ୭୦ଟି ଦେଶ ସହ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଛି।

ସିଟିଗ୍ରୁପ୍ ଭଳି ଅନେକ ଆଭ୍ୟନ୍ତରୀଣ ରିପୋର୍ଟ ରାଷ୍ଟ୍ରପତି ଓବାମା, ଟ୍ରମ୍ପଙ୍କ ପ୍ରଥମ ପାଳି ଓ ପରେ ବାଇଡେନ୍‌ଙ୍କ ପ୍ରଶାସନ ଉପରେ ସମୀକ୍ଷା କରିଛନ୍ତି। ଏସବୁରେ ଦର୍ଶାଯାଇଛି ଯେ, ସେମାନେ ସମସ୍ତେ ଚାଇନାକୁ ପଙ୍ଗୁ କରିଦେବାକୁ ଚେଷ୍ଟା କରିଛନ୍ତି। ପ୍ରଥମେ ଆମେରିକାରେ ଡିଜାଇନ୍ କରାଯାଇଥିବା ତାଇୱାନ୍ ନିର୍ମିତ ସେମିକଣ୍ଡକ୍ଟର ଚିପ୍ସ ଯୋଗାଣ ଉପରେ କଟକଣା ଲଗାଇ ଏହା କରିବାକୁ ପ୍ରୟାସ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) କ୍ଷେତ୍ରରେ ଆମେରିକାର ପ୍ରାଧାନ୍ୟ ସୁରକ୍ଷିତ ରଖିବା। ଏହା କାମ ଦେଲାନାହିଁ। ଚାଇନାର କମ୍ପାନୀ ଡିପ୍‌ସିକ୍ ଆକର୍ଷକ ଏଆଇ ପ୍ରସ୍ତୁତକରି ବିଶ୍ୱକୁ ଦେଖାଇଦେଲା ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଆମେରିକାର ଏକଚାଟିଆ ପଦକ୍ଷେପରେ ଏହା ବାଧକ ସାଜିଛି। ଚାଇନାର ବହୁରାଷ୍ଟ୍ରୀୟ ଟେକ୍‌ନୋଲୋଜି କମ୍ପାନୀ ହୁଓ୍ୱିକୁ ୨୦୧୯ରେ ପାଶ୍ଚାତ୍ୟ ନିଷିଦ୍ଧ କରି ଏହାର ଉତ୍ପାଦ ଉପରେ କଟକଣା ଲାଗୁ କରିଥିଲା। କିନ୍ତୁ ଏହା ଉତ୍ପାଦନ ଜାରି ରଖିଥିଲା। କେତେକ ଆକଳନରୁ ଜଣାପଡ଼ିଛି ଯେ, କିଛିବର୍ଷ ପୂର୍ବରୁ ସେମିକଣ୍ଡକ୍ଟର କ୍ଷେତ୍ରରେ ଅଗ୍ରଣୀ ତାଇୱାନ୍‌ର ଟିଏସ୍‌ଏମ୍‌ସି ଏବଂ ଡଚ୍ କମ୍ପାନୀ ଏଏସ୍‌ଏମ୍‌ଏଲ୍ ଅତ୍ୟାଧୁନିକ ଚିପ୍ସ ନିର୍ମାଣ କରୁଛନ୍ତି। କିନ୍ତୁ ଏ କ୍ଷେତ୍ରରେ ଆବଶ୍ୟକତା ହେଉଛି ଶିଳ୍ପଭିତ୍ତିକ ଡିଜାଇନ୍ ଓ ମାନୁଫାକ୍‌ଚରିଂ ଏବଂ ଏହି ଦୁଇଟି ବିଷୟରେ ଚାଇନାର କମ୍ପାନୀଗୁଡ଼ିକ ସେମାନଙ୍କ ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି। ଟ୍ରମ୍ପଙ୍କ ଟାରିଫ ଯୁଦ୍ଧ ପାଶ୍ଚାତ୍ୟ ଓ ତାହାର ଅର୍ଥ ବ୍ୟବସ୍ଥାଗୁଡ଼ିକୁ ଚାଇନାଠାରୁ ଅଲଗା କରିବାକୁ ଚେଷ୍ଟା କରୁଛି। ସମ୍ଭବତଃ ଏସିଆ ଓ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ଅଲଗା କରିବାର ଏହା ହେଉଛି ସଦ୍ୟ ତଥା ଶେଷ ପ୍ରଚେଷ୍ଟା। ଏହା ଯଦି ବିଫଳ ହୁଏ, ତେବେ ଏକମାତ୍ର ବିକଳ୍ପ ହେବ ସାମରିକ ଶକ୍ତି ପ୍ରୟୋଗ ଏବଂ ଏହା ଉପରେ ୱାଶିଂଟନ୍‌ରେ ଅନୌପଚାରିକ ଭାବେ ଆଲୋଚନା ହେଉଛି।

ଅସଙ୍ଗତ ଭାବେ ୧୪୫ ପ୍ରତିଶତ ଟାରିଫ ବୃଦ୍ଧି କରାଯିବା ପରେ ଚାଇନାର ଜାହାଜଗୁଡ଼ିକ ଆମେରିକାର ବନ୍ଦରଗୁଡ଼ିକରୁ ଫେରି ଆସିବାକୁ ଆରମ୍ଭ କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ମେ ୨ରେ, ଚାଇନାରୁ ଯାଉଥିବା ୮୦୦ ଡଲାର ତଳେ ଥିବା ପ୍ୟାକେଜ୍‌ଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ଛାଡ଼ ବ୍ୟବସ୍ଥା ଶେଷ ହୋଇଯିବ। ସେ ସମୟରେ ବାଣିଜ୍ୟ ବନ୍ଦ ହେବା ସହିତ ଆମେରିକା ଅର୍ଥ ବ୍ୟବସ୍ଥାରେ ପ୍ରଭାବ ଅନୁଭୂତ ହେବ। ହଁ, ଏହା ସତ୍ୟ ଯେ, ଏଥିରେ ଚାଇନାର କ୍ଷତି ହେବ, କିନ୍ତୁ ବେଶି ନୁହେଁ। ତା' ଜିଡିପିର ମାତ୍ର ୨ ପ୍ରତିଶତ ଆମେରିକାକୁ ରପ୍ତାନି ହୁଏ। ଅପରପଟେ ଆମେରିକା ଅଧିକ କ୍ଷତି ସହିବ। ମାର୍କେଟ ନିୟମ ଦର୍ଶାଏ ଯେ, ଯୋଗାଣ ଏହାର ନିଜସ୍ୱ ଚାହିଦା ସୃଷ୍ଟିକରେ। ଅର୍ଥାତ୍ ସାମଗ୍ରୀ ଉତ୍ପାଦନ ଉପରେ ଧ୍ୟାନ ଦେଉଥିବା ଗୋଟିଏ ଅର୍ଥ ବ୍ୟବସ୍ଥା ଶେଷରେ ତାହାର ଜିନିଷ ବିକ୍ରି କରିବାକୁ ବଜାର ପାଇବ। ଦେଶ ଭିତରେ ମଧ୍ୟ ଏଭଳି ବଜାର ପାଇପାରିବ କାରଣ ଉତ୍ପାଦ ପ୍ରସ୍ତୁତ କରୁଥିବା କର୍ମଚାରୀମାନେ ତାହାକୁ କିଣିପାରିବେ। ଏ ହେଉଛି ଚାଇନା, ଯିଏ ବିଶ୍ୱରେ ସବୁଠୁ ଅଧିକ ସାମଗ୍ରୀ ଉତ୍ପାଦନ କରୁଛି ଏବଂ ଏହା ଏକମାତ୍ର ମାନୁଫାକ୍‌ଚରିଂ ସୁପରପାଓ୍ୱାର। ଆମେରିକା ହେଉଛି ଉପଭୋକ୍ତା। ଯେଉଁ ସାମଗ୍ରୀ ବ୍ୟବହାର କରିବାକୁ ଚାହିଁବ, ତାହାକୁ ଏବେ ଆମେରିକା ଉତ୍ପାଦନ କରିବା ଆରମ୍ଭ କରିବ, ଯାହା ବାସ୍ତବରେ କଠିନ କାର୍ଯ୍ୟ। ଏଥିରେ ସନ୍ଦେହ ରହିଛି ଏବଂ ଏଥିପାଇଁ ଆର୍ଥିକ କ୍ଷତି ସହିବ।

Email:aakar.patel@gmail.com

# ଭଲ ସମୟ କେବେ ଆସିବ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ରାଜ୍ୟରେ ନୂଆ ସରକାର ଆସିବା ପରେ ବାରମ୍ବାର ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ଯେଉଁଭଳି ଭାବେ ବିଭିନ୍ନ ଗଣମାଧ୍ୟମରେ ଖବର ପାଲଟିଯାଉଛନ୍ତି, ତାହା ଦେଖି ଲାଗୁଛି ବହୁଦିନ ପରେ ଏକ ଦୁର୍ନୀତିମୁକ୍ତ ସମାଜର ସଂରଚନା କରିବାକୁ ସରକାର ସକ୍ରିୟ ଭାବେ କାମ କରିଚାଲିଛନ୍ତି! ଏମିତି ତ ଲାଗୁଛି ଲାଞ୍ଚ ମିଛ ଅସତ୍ୟ ଅନାଚାର ଓ ଦୁର୍ନୀତି ଦୁରାଚାରଭରା ଦୁର୍ଦ୍ଦିନର ଅବସାନ ଘଟି ଜନଜୀବନକୁ ଭଲ ସମୟ ଆସିଯାଇଛି। ଲକ୍ଷ ଲକ୍ଷ ନଗଦ ଟଙ୍କା, କେଜି କେଜି ସୁନା ଅଳଙ୍କାର, ପାଞ୍ଚଦଶ ବହୁମୂଲ୍ୟ ବିଶିଷ୍ଟ ସୁରମ୍ୟ ପ୍ରାସାଦ, ଦଶଟି ଭିନ୍ନ ଭିନ୍ନ ସ୍ଥାନରେ ଦଶଟି ପ୍ଲଟ୍ ଭଳି ଅକଳନ ସମ୍ପତ୍ତିର ହିସାବତାଲିକା ଦେଖି ସାଧାରଣ ଲୋକଟିର ଆଖି ଖୋସିହୋଇଯାଉଛି। ଅବଶ୍ୟ ଏହା ଭିନ୍ନ କଥା ଯେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଘରେ ଚଢ଼ାଉ ଖବର ଯେଉଁ ତୀବ୍ର ଗତିରେ ସାରା ସମାଜରେ ସଞ୍ଚରିଯାଇଥାଏ, ତାହାର ଶେଷ ଗତି ଅବା ପରିଣାମ ସେଇ ଅନୁପାତରେ ଥାଏ ଅତ୍ୟନ୍ତ ସ୍ୱାଦହୀନ। ସେ ଯାହା ବି ହେଉ ଦୁର୍ନୀତି ନିବାରଣ ବିଭାଗର ଚଢ଼ାଉ ବେଳେ ସମାଜର ପ୍ରତ୍ୟେକ ପ୍ରାନ୍ତରେ ଦୁର୍ନୀତିର ଦୁର୍ଗନ୍ଧ ମଧ୍ୟରେ ନାକ ଚିପି ବଞ୍ଚୁଥିବା ସାଧାରଣ ଲୋକଟିକୁ ଲାଗେ- 'ଭଲ ସମୟ ଆସିଯାଇଛି'!!

ଲାଞ୍ଚ ନେଇ ଅବା ସରକାରୀ ଅର୍ଥ ତୋସରପାତକରି ଥରେ ଅଧେ ଧରା ପଡ଼ିବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା' ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହେଉଛି ଲାଞ୍ଚ ଦେଇ ନିଜ କାମ ହାସଲ କରୁଥିବା ଲୋକର ବିବଶତା ଓ ବାଧ୍ୟବାଧକତା। ପ୍ରକୃତରେ ଲାଞ୍ଚ ଦେବି ନାହିଁ ବୋଲି ବଜ୍ର ଶପଥ ନେଇଥିବା ପୁରୁଷଟିଏ ହୋଇ ଜୀବନ ନିର୍ବାହକରିବା ତ୍ୟାଗୀ ତପସ୍ୱୀଙ୍କ ସାଧନାଠୁଁ ବଳି ଆହୁରି କଠୋର, ଅଧିକ କଷ୍ଟକର। ତାଙ୍କ ଆଗରେ ପ୍ରତିପକ୍ଷ ଜଣେ ଲାଞ୍ଚ ମିଛର ଲାଞ୍ଜ ଧରି ଆଶା ବୈତରଣୀ ପାରହୋଇଯାଉଥିବ। ତା'ପାଇଁ ଅପ୍ରାପ୍ୟ ହୋଇ ରହିବ, ଏମିତି କିଛି ଚିଜ ନ ଥିବ ଦୁନିଆରେ। ଥରେ ପଇସା ଫିଙ୍ଗିଲେ ବାଘ ଭଳି ହିଂସ୍ର ପ୍ରାଣୀ ତା' ଦେହରେ ଘଷିହେଉଥିବ। ମୂକଟିଏ ବାଚାଳଙ୍କ ପରି ପ୍ରକାଶ କରୁଥିବ ତ ପଙ୍ଗୁଟିଏ ପର୍ବତ ଡେଇଁଯିବାର ସାମର୍ଥ୍ୟ ରଖୁଥିବ। ମାତ୍ର ସଦାଚାରୀ ଲୋକଙ୍କ ପାଇଁ ଏ ମନ୍ତ୍ର ଚମତ୍କାର ତ ଦୂରର କଥା, ସାଧାରଣ ଭାବେ ସର୍ବନିମ୍ନ ଅଧିକାର ମଧ୍ୟ ଅପ୍ରାପ୍ୟ ହୋଇ ରହିଥିବ ଚିରକାଳ। ସକଳ ପ୍ରକାର ଅପ୍ରାପ୍ତିର ବୋଝ ମୁଣ୍ଡାଇ ବଞ୍ଚିରହିବା ଯେମିତି ଲାଞ୍ଚ ବିରୋଧୀଙ୍କ କପାଳଲିଖନ।

ଏମିତି ଜଣେ ସଦାଚାରୀ ସେଦିନ ନିଜ ଆଦର୍ଶକୁ ଅଭିଶାପ ଦେଇ ଅବସୋସ ପ୍ରକାଶ କରୁଥିଲେ। କହୁଥିଲେ,ଜୀବନରେ କେବେ ବି କାହାକୁ ଲାଞ୍ଚ ନ ଦେବାକୁ ବା କାହାଠୁ ଲାଞ୍ଚ ନ ନେବାକୁ ଯେଉଁ ପଣ କରିଥିଲି ସେଥିପାଇଁ ଢେର ମୂଲ୍ୟ ଦେଲିଣି। ଲାଞ୍ଚ ଦେଇ କାମ ହାସଲକରିବା ଭଳି ଆଦର୍ଶକୁ ଆଦରି ନେଇ ମୋର ଜଣେ ସହକର୍ମୀ ଏମିତି କରିତ୍‌କର୍ମା ହୋଇଛନ୍ତି ଯେ ଯେକୌଣସି ସରକାରୀ ଫାଇଲ ତାଙ୍କ ପାଇଁ ପକ୍ଷୀରାଜ ଘୋଡ଼ାର ବେଶ ସାଧାରଣ କରିପାରୁ ଥିଲାବେଳେ ମୋ ଭଳି ଲାଞ୍ଚ ବିଦ୍ୱେଷୀଟି ପାଇଁ ତାହାର ଗତି କଚ୍ଛପଠୁ ଆହୁରି ମନ୍ଥର। ଲାଞ୍ଚ ମିଛର ପ୍ରତିକୂଳ ସ୍ରୋତରେ ପହଁଞ୍ଚିବା ଭଳି ମିଥ୍ୟା ଆଦର୍ଶବୋଧକୁ ଆପଣାଇ ମୁଁ ଆଜି ମୋ ପରିବାର ଆଗରେ ଏକ ଅକର୍ମା ପୁରୁଷ।

ସେ ଆହରି କହୁଥିଲେ, ତାଙ୍କ ମନର କଥା- ''ଶୁଣିବାକୁ ମିଠା ଲାଗେ ସାଧୁ ସଚ୍ଚୋଟ ଭଳି ବ୍ୟକ୍ତିତ୍ୱର ବିଶେଷଣମାନ। ମାତ୍ର ସଂସାର ସଡ଼କରେ ବାଟ ଚାଲୁଥିବା ଲୋକଟି ସିନା ଜାଣେ କେତେ କଷ୍ଟକର ଏ ଯାତ୍ରାପଥ! ଏଥର ଆଉ ନୁହେଁ ସାଧୁତା, ସଚ୍ଚୋଟତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ମଣିଷର ଆବଶ୍ୟକତା। ସେଇ ଆବଶ୍ୟକତାର ପରିପୂରଣ ପାଇଁ ଅନ୍ୟମାନଙ୍କ ଭଳି ମୋତେ ବି ସେଇ ରାସ୍ତାକୁ ଆପଣାଇବାକୁ ପଡ଼ିବ।''

ବାସ୍, ବାଲ୍ୟକାଳରୁ ପିତାମାତା ବା ପୁସ୍ତକରୁ ଆହରଣ କରାଯାଇଥିବା ସତ୍ୟ ସଦାଚାରର ଜ୍ଞାନ ସେଇ ବାବୁଙ୍କ ବିସ୍ମୃତିରେ ବିଲୀନ ହୋଇଯିବ। ସକଳ ନୀତି ନୈତିକତାକୁ ବିସର୍ଜନ ଦେଇ ଜନ୍ମ ନେବ ସୁରୁଖୁରୁରେ ଜୀବନ ନିର୍ବାହ କରିବାର ଯେତେ ଯାହା ଗଳାବାଟ। ଜୀବନର ଆବଶ୍ୟକତା ସହ ମୂଳଚାଲ ତାଙ୍କୁ ବାଧ୍ୟକରିବ ନୂଆ ଏକ ରାସ୍ତାରେ ଚାଲିବା ପାଇଁ। ଏପଟେ ସଦାଚାରୀ ମଣିଷଙ୍କ ସଂଖ୍ୟାରୁ ଗୋଟିଏ କମିଯିବ ତ ସେପଟେ ଅନୈତିକ ଉପାୟରେ ନେଇଆଣି ଥୋଇପାରୁଥିବା ଲୋକଙ୍କ ତାଲିକାରେ ନୂଆ ନାଆଁଟିଏ ଯୋଡ଼ିହୋଇଯିବ।

ସମାଜକୁ ସୁଧାରିବା ପାଇଁ, ସମାଜରୁ ଅନ୍ୟାୟ ଅନାଚାର ଦୂରିକରିବା ପାଇଁ ଆମ ବ୍ୟବସ୍ଥାରେ ବହୁବିଧ ଯୋଜନା କାର୍ଯ୍ୟ କରୁଛି। ଅନ୍ୟାୟ ଅନାଚାରକୁ



ପ୍ରତିହତ କରିବାକୁ ବହୁବିଧ ଦଣ୍ଡ ବ୍ୟବସ୍ଥା ମଧ୍ୟ ପ୍ରଚଳିତ ଅଛି। ତଥାପି ଏ ସମାଜରୁ ଦୁର୍ନୀତି ଦୁରାଚାର କମୁନାହିଁ କାହିଁକି ? ସାଧୁତା, ସତ୍ୟନିଷ୍ଠା ଆଦି ସୁଗୁଣ ମଣିଷ ଭିତରୁ ହଜିଯାଉଛି କାହିଁକି? ଦୁଃସମୟର ଦହନ ଉପରେ ଶୀତଳ ଚନ୍ଦନର ଲେପଦେବା ପାଇଁ ବିଭିନ୍ନ ସମୟରେ ଯେଉଁ ମହାପୁରୁଷମାନେ ଆବିର୍ଭୂତ ହୁଅନ୍ତି, ସେମାନେ ଆଉ ଏ ସଂସାରରେ ଆତଯାତ ହେଉନାହାନ୍ତି କାହିଁକି ?

ଏ ସମସ୍ତ ପ୍ରଶ୍ନର ଉତ୍ତରରେ ବହୁବର୍ଷ ତଳେ ଘଟିଥିବା ଏକ ଘଟଣାର ଅବତାରଣା କରାଯାଇପାରେ। ଏକଦା ଆମ ଦେଶର ଏକ ଉତ୍ତରାଞ୍ଚଳ ରାଜ୍ୟର ଜଣେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ ବୃଦ୍ଧ। ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ପାଇଁ ତାଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା ପ୍ରାୟ ୭ଘଣ୍ଟା କାଳ। ଶେଷରେ ଯେତେବେଳେ ସାକ୍ଷାତ ମିଳିଲା, ବଡ଼ ଆବେଗରେ ସେ କହିଉଠିଲେ- ''ମୁଁ ଜଣେ ସ୍ୱାଧୀନତା ସଂଗ୍ରାମୀ। ଏ ଦେଶର ମୁକ୍ତି ପାଇଁ ମୁଁ ମୋର ବଳ ବୟସ, ସାମର୍ଥ୍ୟ ସମ୍ବଳ ସବୁକିଛି ସମର୍ପିଦେଇଛି। ସ୍ୱାଧୀନତା ପରେ ଆମ ତ୍ୟାଗକୁ ସମ୍ମାନ ଜଣାଇ କୃତଜ୍ଞ ସରକାର ଆମ ପାଇଁ କେଇଟଙ୍କାର ପେନ୍‌ସନ ଖଞ୍ଜିଦେଇଥିଲେ। ସେଇ ପେନ୍‌ସନ ଗଣ୍ଡାକ ହିଁ ଆମ ସଂଗ୍ରାମର ସନ୍ତକ, ଆମ ପରିଣତ ବୟସର ସମ୍ବଳ। ଅଥଚ ସେତକ ପାଇବା ପାଇଁ ବି ଆମକୁ ଲାଞ୍ଚ ଦେବାକୁ ପଡ଼ିବ।''

ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀଙ୍କ ଅଭିଯୋଗ ଥିଲା ସେଇ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ଅହଂକାର ଉପରେ ଏକ ପ୍ରଚଣ୍ଡ ପ୍ରହାର। ସେ ବିରକ୍ତିର ସହ କହିଲେ, ''ଅତୀତକୁ ଫେରି ଚାହିଁଲେ ଦେଶ ପ୍ରଗତି ପଥରେ ଆଗେଇପାରିବ ନାହିଁ। ତୁମେ ଯେଉଁ ଦେଶର ମୁକ୍ତି ପାଇଁ ସଂଗ୍ରାମ କରିଥିଲ, ସେଇ ଦେଶର ବିକାଶ ପାଇଁ ଆମେ ଏବେ କମ୍ ପରିଶ୍ରମ କରୁନାହୁଁ। ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆମେ ରାତିରେ ଶୋଇପାରୁ ନ ଥିବା ବେଳେ ତୁମର ଏ ମାମୁଲି ଅଭିଯୋଗ ଶୁଣିବାକୁ ଆମର ସମୟ କାହିଁ?'' ରାଜ୍ୟ ମୁଖ୍ୟ ପକେଟରୁ ହଜାରେ ଟଙ୍କା କାଢ଼ି ବୃଦ୍ଧଙ୍କ ହାତକୁ ବଢ଼ାଇଦେଲେ ଓ କହିଲେ- ''ସେଇ ପେନ୍‌ସନ ଅଧିକାରୀଙ୍କୁ ଦୁଇଶହ ଟଙ୍କା ଦେଇ ତୁମ ପେନ୍‌ସନ ନେଇଆସିବ। ବାକି ଆଠଶହ ପାଖରେ ରଖିଥିବ। ଭବିଷ୍ୟତରେ ଆଉ କେଉଁଠି କେହି ଲାଞ୍ଚ ମାଗିଲେ ଏ ଟଙ୍କା ଦେଇ ତୁମ କାମ କରିନେବ। ପୁଣି କେବେ ମୋ ପାଖକୁ ଆସି ମୋ ସମୟ ନଷ୍ଟ କରିବ ନାହିଁ।

ସେଦିନ ସେଇ ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀ ଫେରିଆସିଲେ ତାଙ୍କ ସ୍ୱାଧୀନତା ସଂଗ୍ରାମର ମୂଳ ସେତକ ସେଇଠି ଥୋଇ। ଘଟଣାଟି ଘଟିବାର ପ୍ରାୟ ୬୦ ବର୍ଷ ବିତିଗଲାଣି। ଉଭୟ ସ୍ୱାଧୀନତା ସଂଗ୍ରାମୀ ଓ ମୁଖ୍ୟମନ୍ତ୍ରୀ ଦୁହେଁ ଆଉ ଏ ସଂସାରରେ ନାହାନ୍ତି। ମାତ୍ର ପ୍ରଶାସନର ଦୁନୀତି ଦୁରାଚାର ସେତେବେଳେ ଯାହା ଥିଲା, ଆଜି ତାହା ବଦଳିଯାଇନାହିଁ। କେବଳ ଯାହା ବଦଳିଯାଇଛି ଟଙ୍କାର ପରିମାଣ। ହଜାରଟା ଏବେ ଲକ୍ଷ ହୋଇଯାଇଛି ତ ଅନ୍ୟ କେଉଁଠି କୋଟିଏ। ଏହାକୁ ଦେଖି କୁହାଯାଇପାରେ ଯେ ଭଲ ସମୟ ନିଶ୍ଚୟ ଆସିଛି!!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର,
ଚକେଇସିହାଣୀ, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ଗୋପୀନାଥଙ୍କର ସାରସ୍ୱତ କୃତି



ଭାଗ୍ୟଲିପି ମଲ୍ଲ

ଗୋପୀନାଥ ମହାନ୍ତିଙ୍କର ସମଗ୍ର ସୃଷ୍ଟି, ଓଡ଼ିଶାର ମାଟି, ପାଣି, ପବନ ଓ ଆତ୍ମାର ସ୍ପନ୍ଦନରେ ସ୍ପନ୍ଦିତ। ଜୀବନର ଅଧିକ କାଳ ସାରସ୍ୱତ ସାଧନାରେ ବ୍ରତୀ ଏହି ମଣିଷଟି ଓଡ଼ିଆ ଭାଷା ସାହିତ୍ୟକୁ ଚିରନ୍ତନ ବଞ୍ଚାଇ ରଖିବାର ସମର୍ପଣରେ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଚିରସ୍ମରଣୀୟ।

୧୯୪୦ରୁ ୧୯୯୧ ମସିହା ଭିତରେ ଛୋଟବଡ଼ ୨୫ଟି ଉପନ୍ୟାସ, ୧୧ଟି ଗଳ୍ପ ସଂକଳନ, ୨ଟି ଜୀବନୀ, ୪ଟି ନାଟକ, ୬ଟି ଅନୁବାଦ ଗ୍ରନ୍ଥ, ୨ଟି କବିତା, ଆଦିବାସୀ ଭାଷା ଓ ସାହିତ୍ୟ ଉପରେ ୫ଟି ଗବେଷଣାତ୍ମକ ପୁସ୍ତକ ଓ ଇଂଲିଶ୍‌ରେ ୧ଟି ଜୀବନୀ ପୁସ୍ତିକା ତାଙ୍କର ଅମୂଲ୍ୟ ଅବଦାନ। ଆଶ୍ଚର୍ଯ୍ୟ କଥା, ସେ ଇଂଲିଶ୍‌ରେ ଏମ୍‌ଏ ପଢୁଥିବାବେଳେ ୧୬ଟି ପାରିଭାଷିକ ସାହିତ୍ୟକୁ ନେଇ 'କଳାଶକ୍ତି' ନାମକ ଉଚ୍ଚକୋଟୀର ସମାଲୋଚନା ପୁସ୍ତକଟିଏ ଲେଖିଛନ୍ତି। ଏଥିସହିତ କେତେକ ଗ୍ରନ୍ଥ ବାଇବେଲ, କୋରାନ୍‌ର ଅନୁବାଦ, ସ୍ମୃତିଲିପି ଓ ଦସ୍ତାବିଜ ପ୍ରଭୃତି ଉଲ୍ଲେଖନୀୟ। ତାଙ୍କ ଆତ୍ମଜୀବନୀ 'ସ୍ରୋତସ୍ୱତୀ' ୩ଟି ଭାଗରେ ପ୍ରକାଶ ପାଇଛି, ଯାହା ପ୍ରତ୍ୟେକ ଓଡ଼ିଆଙ୍କର ଜୀବନ ବେଦ। ମଣିଷ ମନର ଅକୁହା କଥା ହୃଦୟର ଗଭୀର ପ୍ରଦେଶରୁ ଛଟପଟ ହେଉଥିବା ଆତ୍ମାର ଉଚ୍ଚାରଣ ସବୁକୁ ବ୍ୟଞ୍ଜନା ମାଧ୍ୟମରେ ଓଡ଼ିଆ ଭାଷାରେ ଖୁବ୍ ସହଜରେ ପ୍ରକାଶ କରିପାରିଛନ୍ତି। ତାଙ୍କର ସମଗ୍ର କାବ୍ୟ ସୌଷ୍ଠବ ତେଣୁ ଅଧିକ ମଞ୍ଜୁଳ ଓ ଆବେଗମୟ।

ଗୋପୀନାଥଙ୍କ ଉପନ୍ୟାସ ସୃଜନଧର୍ମର ଏକ ପରିପ୍ରକାଶ। ୧୯୪୪ରେ ପ୍ରକାଶିତ ଦାଦିବୁଢ଼ା, ୧୯୪୫ରେ ପରଜା, ୧୯୪୯ରେ ଅମୃତର ସନ୍ତାନ, ୧୯୫୫ରେ ଶିବଭାଇ, ୧୯୬୧ରେ ଅପହଞ୍ଚ, ୧୯୭୬ରେ ବଘେଇ, ୧୯୯୩ରେ ଅନାମ- ଏସବୁ ଆଦିବାସୀମାନଙ୍କ କୁରେଇଫୁଲ ଓ ମହୁଲି ବାସ୍ନାରେ ବାସ୍ନାୟିତ। ବିଶେଷକରି କନ୍ଧ ଓ ପରଜା ସମ୍ପ୍ରଦାୟର ସଂସ୍କୃତି, ପରମ୍ପରା, ସଂଘାତ, ଶୋଷଣ, ଗୋତିପ୍ରଥା ଓ ଅନ୍ୟାୟ ବିରୁଦ୍ଧରେ ହିଂସ୍ର ଆକ୍ରମଣ ପ୍ରଭୃତି ଯେମିତି ଗୋପୀନାଥଙ୍କ ଉପନ୍ୟାସରେ କାଚକେନ୍ଦୁ ପରି ଚକ୍‌ଚକ୍ ଦିଶେ।

୧୯୫୫ରେ ଲିଖିତ ଦାନାପାଣି ଉପନ୍ୟାସରେ ଆଧୁନିକସମାଜକୁଏକନୈତିକଶିକ୍ଷା ଦେଖାଇବାରେ ସଫଳ ହୋଇଛନ୍ତି। ବଳିଦତ୍ତର ଆଧୁନିକ ସମାଜ ପାଇଁ କୃଚ୍ଛ୍ର ଅଭିଳାଷ ଏବଂ ସରୋଜିନୀର ପରୋକ୍ଷ କଟାକ୍ଷ ଦାନାପାଣିକୁ ଦେଇଛି ବାସ୍ତବଜୀବନର ନିଚ୍ଛକ ପ୍ରତିଛବି। ରାହୁର ଛାୟା ଓ ଲୟବିଲୟ ବି ସେମିତି। ମନର ନିଆଁ ପୁଣି କିଛି କହିବାକୁ ଚାହେଁ, ମାତ୍ର କହିପାରେନି। ସବୁ ଚରିତ୍ରଗୁଡ଼ିକୁ ଜୀବନ୍ତ ଭାବେ ପ୍ରତିପାଦିତ କରେଇବାରେ ଗୋପୀନାଥ ସିଦ୍ଧହସ୍ତ।

୧୯୬୪ରେ ପ୍ରକାଶିତ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ତାଙ୍କ ମାଟି ମଟାଳ ଏପିକ୍ ଓଡ଼ିଆ ଭାଷା ଭଣ୍ଡାରର ଏକ ଅମୂଲ୍ୟକୀର୍ତ୍ତି। ଏଥିରେ ମାନବବାଦୀ ଦର୍ଶନ ଏବଂ ସାମ୍ୟବାଦୀ ଚିନ୍ତାଧାରା ସହିତ ଆଦର୍ଶ ଗ୍ରାମ୍ୟ ଜୀବନ, ସାମାଜିକ ନ୍ୟାୟକୁ ଗୋପୀନାଥ ଗୁରୁତ୍ୱ ଦେଇଛନ୍ତି। ସମୟସ୍ରୋତରେ ବଦଳିଯାଉଥିବା ମଣିଷର ଅନ୍ତଃପ୍ରକୃତିକୁ କିପରି ସ୍ୱଚ୍ଛ କରାଯାଇପାରିବ- ମାଟି ମଟାଳ ତାହାର

**ଜୟନ୍ତୀ ଉପଲକ୍ଷେ**



ଏକ ବାସ୍ତବ ପରୀକ୍ଷାଗାର। ବନ୍ଧମୂଳଗାଁର ବଟ ମହାନ୍ତିଙ୍କ ଶିକ୍ଷିତ ପୁଅ ରବି ଏବଂ ରବିର ଗାଁଠାରୁ ଅନତିଦୂରରେ ଥିବା ପାଟେଲିଗାଁର ସିନ୍ଧୁ ଚୌଧୁରୀଙ୍କ ଯୁବତୀଝିଅ ଛବି, ଗାଁ ଲୋକଙ୍କୁ ବନ୍ୟାଦାଉରୁ ରକ୍ଷା କରିଥିବାର ଉପସ୍ଥାପନା, ଗୋପୀନାଥଙ୍କର ଏକ ଅନନ୍ୟ ସଂସ୍କାରୀ ଉଦ୍ୟମ। ୧୯୪୦-୧୯୪୪ ଭିତରେ କୋରାପୁଟର ଉଚ୍ଚ ପଦବୀରେ ଥାଇ ସରକାରୀ ଜୀବନକାଳ ଭିତରେ ଦାଦିବୁଢ଼ା, ପରଜା, କୁମ୍ଭୀକନ୍ଧ ଭାଷାତତ୍ତ୍ୱ, ଗଦବା ଭାଷାପରିଚୟ, କନ୍ଧ- ପରଜାସ୍ତୋତ୍ର ଓ ସଂଗୀତ ଆଦି ତାଙ୍କୁ ଆଶ୍ଚର୍ଯ୍ୟର ଉଲ୍‌କାପିଣ୍ଡ ଭାବେ ପରିଚିତି ଦେଇପାରିଛି। କୋରାପୁଟର ପାହାଡ଼ିଆ ପବନର ନୀରବ ଗୀତ ଓ ନିଃସଙ୍ଗ ଇଲାକାରେ ଜୀବନ ବଞ୍ଚିଥିବା ଦାଦିବୁଢ଼ାର ଜୀବନଗାଥା, ଜଣେ ପଢ଼ିଲେ ଅନୁଭବ କରିପାରିବ ଗୋପୀନାଥ କେତେ ନିବିଡ଼ ଭାବରେ ଏମାନଙ୍କ ଭିତରେ ସଞ୍ଚରି ଯାଇଛନ୍ତି। ସେଇ କୋରାପୁଟର ସରଷୁପଦର ଗାଁର ଶୁକ୍ରୁଜାନି, ତା'ର ଦୁଇ ଭେଣ୍ଡିଆ ପୁଅ- ମାଣ୍ଡିଆ ଓ ଟିକ୍ରା, ଦୁଇ ଅଭିଆଡ଼ୀ ଧାଙ୍ଗେଡ଼ୀ ଜିଲି ଆଉ ବିଲିକୁ ନେଇ ପରଜା ଉପନ୍ୟାସର ପରିଧି। ସାହୁକାରମାନଙ୍କର ଯାବତୀୟ ନିର୍ଯାତନାର ସ୍ୱର ଏଥିରେ ଶାଣିତ। ଧନିକମାନଙ୍କ ପାଇଁ ଏକ ତୀକ୍ଷ୍ଣ ସମାଲୋଚନା।

୧୯୪୯ ମସିହାରେ ଗୋପୀନାଥଙ୍କର ଅନ୍ୟ ଏକ ଅନୁପମ ଉପନ୍ୟାସ ଅମୃତର ସନ୍ତାନ। ଏଥିରେ କୋରାପୁଟର ମଣିପାୟୁ ଗାଁର ଆଦିବାସୀ ଜୀବନର ନିଚ୍ଛକ ପ୍ରତିଛବି ପ୍ରତିଫଳିତ। ଏହାକୁ ଏକ ଗୀତିମୟ ଉପନ୍ୟାସ ବି କୁହାଯାଇପାରେ। ଭାଙ୍ଗିପଡୁଥିବା ଜୀବନକୁ ସାଉଁଟି ଆଣି ଜୀବନ ଦେବାରେ ସଫଳ ଗୋପୀନାଥଙ୍କର ଏହାହିଁ ସ୍ୱତନ୍ତ୍ରତା। ଜୀବନକୁ ନେଇ ସେ ଖୁବ୍ ଆଶାବାଦୀ। କହିଛନ୍ତି- ''ଜୀବନରେ ସୁଆଦ ଅଛି। ମରଣ ନାହିଁ। ଦୁଃଖ ନାହିଁ।'' ସତରେ କେତେ ଜୀବନବାଦୀ ମଣିଷଟିଏ! ଜୀବନର ବାସ୍ତବତା ଉପରେ ବିଶ୍ୱାସ ରଖିଥିବା ମଣିଷମାନଙ୍କର ନିରୀହ ଆଖିକୁ ସେ ପଢ଼ିପାରିଛନ୍ତି ଏବଂ ଲେଖିଛନ୍ତି ୧୯୪୮ରେ ହରିଜନ। ଏଥିରେ ହରିଜନ ଝିଅଟିଏ 'ପୁନି'ର ସରଳ ଚାହାଣି ତାଙ୍କ ହୃଦୟକୁ ଖିନ୍‌ଭିନ୍ କରିଦେଇଛି। ଜଣେ ଦାୟିତ୍ୱହୀନ ପଶ୍ଚିମ ଭାରତୀୟ ବ୍ୟକ୍ତି ସହ ସଂସ୍ପର୍ଶରେ ଆସିଥିବା ମେହେନ୍ତରାଣୀ ପୁନିମାଆର ସମ୍ପର୍କରୁ ସୃଷ୍ଟି ପୁନିର ଜୀବନଗାଥା। କେତେ କରୁଣ, କେତେ ଦୟନୀୟ ଗୋପୀନାଥଙ୍କ ଲେଖନୀରେ ତାହା ଜୀବନ୍ତ। ଶିବଭାଇ, ବଘେଇ ଉପନ୍ୟାସଗୁଡ଼ିକ ମଧ୍ୟରେ କନ୍ଧ, ଆଦିବାସୀମାନଙ୍କର ଜୀବନଯନ୍ତ୍ରଣାର ସ୍ୱରଲିପି ସୁସ୍ପଷ୍ଟ।

ତାଙ୍କ କୃତୀ ଓ କୃତିତ୍ୱକୁ ବଖାଣିବା ଏତେ ସ୍ୱଳ୍ପ ସମୟ ଭିତରେ କେବଳ ଦୁଃସାହସ ମାତ୍ର। ତାଙ୍କ ଗଳ୍ପ ସଂକଳନଗୁଡ଼ିକ ଭିତରେ ଘାସଫୁଲ, ପୋଡ଼ା କପାଳ, ନବବଧୂ, ରଣଧନ୍ଦୋଳ, ଛାଇଆଲୁଅ, ଉଡ଼ନ୍ତାଖଇ, ମନର ନିଆଁ, ସାତପାଞ୍ଚ, ଶରଶଯ୍ୟା ଇତ୍ୟାଦି ଏବଂ ମୃତ୍ୟୁ ପରେ ପ୍ରକାଶିତ ତିନିକାଳ, ବାଟବନ୍ଧ ଓ ଅନ୍ୟାନ୍ୟ ଗ୍ରନ୍ଥ ଏବଂ ଗୁରୁତ୍ୱପୂର୍ଣ୍ଣ କଥା ୨୦୦୭ ମସିହାରେ ୨୦ଟି ଗ୍ରନ୍ଥର ସମାହାରରେ ସୋପାଂଗାଡ଼ା, ସମଗ୍ର ଓଡ଼ିଆ ସାହିତ୍ୟ ଜଗତକୁ ଚମତ୍କୃତ କରିଦେଇଛି। ତାଙ୍କର ଅନ୍ୟତମ ଶ୍ରେଷ୍ଠ କୃତି ହେଉଛି ଆତ୍ମଜୀବନୀ ସ୍ରୋତସ୍ୱତୀ। ଏହା ତିନିଖଣ୍ଡରେ ପ୍ରକାଶ ପାଇଛି।

ଏତେସବୁ ସୃଷ୍ଟିର ସ୍ରଷ୍ଟା, ଉତ୍କଳ ମାଟିର ଯୋଗ୍ୟତମ ସନ୍ତାନ, ଓଡ଼ିଆ ଅସ୍ମିତାର ଆଦି ସ୍ୱରର ନାୟକ ଗୋପୀନାଥ ମହାନ୍ତି, ୧୯୧୪ ମସିହା ଏପ୍ରିଲ ୨୦ରେ ଜନ୍ମଗ୍ରହଣ କରି ୧୯୯୧ ମସିହା ଅଗଷ୍ଟ ୨୦ରେ ନଶ୍ୱର ଶରୀର ତ୍ୟାଗ କରିଛନ୍ତି। ଛାଡ଼ିଯାଇଛନ୍ତି ଓଡ଼ିଶାର ଅଗଣିତ ପାଠିକା ପାଠକଙ୍କ ପାଇଁ ଜୀବନବୋଧର ମନ୍ତ୍ର, ସମାଜ ସଂସ୍କାରର ସଂହିତା। ଗୋପୀନାଥଙ୍କର ଅମୂଲ୍ୟ କୃତିଗୁଡ଼ିକ ଚିରକାଳ ଓଡ଼ିଆ ଭୂମିରେ, ଓଡ଼ିଆ ହୃଦୟରେ ଓ ଓଡ଼ିଆ ସାହିତ୍ୟ ଜଗତରେ ଅମୂଲ୍ୟ କୀର୍ତ୍ତିସ୍ତମ୍ଭ ହୋଇ ରହିଥିବ।

ମୋ: ୮୯୧୭୩୩୨୫୮୫

## ଏଇ ଭାରତରେ

ଅଲିଭ ରିଡ୍‌ଲେ କଇଁଛ ସମୁଦ୍ର କୂଳ ବାଲିରେ ଅଣ୍ଡାଦେବା ସମୟରେ ସେହି ଅଞ୍ଚଳକୁ ପ୍ରଦୂଷଣମୁକ୍ତ ତଥା ସୁରକ୍ଷିତ ରଖିବାକୁ ହୋଇଥାଏ। ଚେନ୍ନାଇର ଷ୍ଟୁଡେଣ୍ଟ୍ସ ସି ଟର୍ଟଲ କଞ୍ଜରଭେଶନ ନେଟ୍‌ୱର୍କ(ଏସ୍‌ଏସ୍‌ଟିସିଏନ୍) ଏ କ୍ଷେତ୍ରରେ ଆଖିଦୃଶିଆ କାମ କରୁଛି। ଏଥିରେ ମାର୍କେଟିଂ, ପରିବେଶ ବିଜ୍ଞାନ, କନ୍‌ସଲଟିଂ ଏବଂ ଅନ୍ୟ କ୍ଷେତ୍ରରୁ ଆସିଥିବା ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାସେବୀ ଭାବେ କାମକରନ୍ତି। ପ୍ରତିଦିନ ସେମାନେ ଚେନ୍ନାଇ ବେଳାଭୂମିରେ ଏକାଠି ହୋଇ ଅଲିଭ ରିଡ୍‌ଲେ ଅଣ୍ଡା ଦେଉଥିବା ସ୍ଥାନର ସୁରକ୍ଷା କରୁଛନ୍ତି। କଇଁଛ ଅଣ୍ଡାଦେଉଥିବା ସ୍ଥାନ ଚାରିପାଖରେ ବ୍ୟାରିକେଡ୍ କରାଯିବା ସହ ସେହି ସ୍ଥାନକୁ ପ୍ରଦୂଷଣ ଓ କୋଳାହଳମୁକ୍ତ ରଖାଯାଇଛି। ଏହି କାର୍ଯ୍ୟରେ ତାମିଲନାଡୁ ବନ ବିଭାଗ ସହଯୋଗ କରୁଛି। କଇଁଛ କିଭଳି ଅଣ୍ଡା ଦେଇ ସୁରକ୍ଷିତ ଭାବେ ଫେରିଯିବ ତା'ଉପରେ ଗୁରୁତ୍ୱ ଦିଆଯିବା ସହ ଅଣ୍ଡାକୁ କୌଣସି ପ୍ରାଣୀ ଯେପରି ନଷ୍ଟକରି ନ ଦିଅନ୍ତି ସେଥିପ୍ରତି ନଜର ରଖାଯାଉଛି। ସ୍ୱେଚ୍ଛାସେବୀମାନେ ପାଳିକରି ରାତି ୧୧ରୁ ଭୋର ୪ଟା ଯାଏ ଜଗି ରହୁଛନ୍ତି। ବଡ଼କଥା ହେଉଛି କଇଁଛ ଅଣ୍ଡା ଦେବା ପରେ ସେଗୁଡ଼ିକୁ ସଂଗ୍ରହ କରାଯାଏ। ପରେ ଏସ୍‌ଏସ୍‌ଟିସିଏନ ଦ୍ୱାରା ନିର୍ମିତ ହ୍ୟାଚେରିକୁ ନିଆଯାଏ। ଅଣ୍ଡାରୁ କଇଁଛ ଛୁଆ ବାହାରିବା ପରେ ସେମାନଙ୍କୁ ରାତିରେ ଟର୍ଚ୍ଚ ଲାଇଟ୍‌ରେ ବାଟ କଢ଼ାଇ ନେଇ ପାଣିରେ ଛାଡୁଛନ୍ତି। ଏହାବ୍ୟତୀତ ପାଣିରୁ ଛୁଆଗୁଡ଼ିକ ଯେମିତି ଫେରି ନ ଆସନ୍ତି ତାହାକୁ ନିରୀକ୍ଷଣ କରୁଛନ୍ତି ଏବଂ ଫେରିଆସୁଥିବା ଛୁଆକୁ ପୁନର୍ବାର ପାଣିରେ ଛାଡୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଏପ୍ରିଲ ୧୯୭୬

- ଲେବାନନ୍‌ରେ ଯୁଦ୍ଧବିରତି ଘୋଷଣା କରାଯିବା ସତ୍ତ୍ୱେ କ୍ରମାଗତ ସଂଘର୍ଷ ହେତୁ ଲେବାନନ୍‌ର ଶାନ୍ତି ପ୍ରଚେଷ୍ଟା ଉଦ୍ୟମ ବ୍ୟାହତ।
- ପଞ୍ଚମ ଯୋଜନା କାଳରେ ଦେଶର ପାର୍ବତ୍ୟ ଅଞ୍ଚଳରେ ବିକାଶ ପାଇଁ ସରକାର ୫ଶହ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି।

## ଚିରନ୍ତନୀ

ସକଳ ଗ୍ଲାନି ସକଳ ତାପ
ପୁଞ୍ଜୀଭୂତ ଜୀବନେ ପାପ
ଉଭେଇ ଗଲା ମାନବ ପରୁଁ
ସକଳ ଅବିଶ୍ୱାସ
ବିଶ୍ୱ ହେଲା ନିକଟତମ ଅତି ହିଁ ପ୍ରିୟ, ପ୍ରାସ।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 8 | | | | 4 | 3 |
| | | | | | 2 | | | |
| 4 | 6 | | 9 | 7 | | 2 | | 5 |
| | 1 | | | | 9 | | 7 | 6 |
| | | 3 | | | 5 | | | 2 |
| | | | | 1 | | | | |
| | 9 | | | | | | 2 | |
| 5 | 2 | | | | | | | |
| 6 | | | | | 1 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 1 | 8 | 3 | 9 | 7 | 5 | 6 |
| 7 | 3 | 6 | 4 | 5 | 2 | 8 | 9 | 1 |
| 9 | 8 | 5 | 6 | 7 | 1 | 2 | 3 | 4 |
| 3 | 7 | 9 | 2 | 1 | 6 | 4 | 8 | 5 |
| 6 | 5 | 8 | 9 | 4 | 7 | 3 | 1 | 2 |
| 4 | 1 | 2 | 3 | 8 | 5 | 6 | 7 | 9 |
| 5 | 2 | 7 | 1 | 6 | 8 | 9 | 4 | 3 |
| 1 | 9 | 3 | 7 | 2 | 4 | 5 | 6 | 8 |
| 8 | 6 | 4 | 5 | 9 | 3 | 1 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମ୍ୟୁଜିୟମ ଦେୟ ହ୍ରାସ ହେଉ

ମହାଶୟ,

ନେତାଜୀ ସଂଗ୍ରହାଳୟରେ ପ୍ରବେଶ ପାଇଁ ୮୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଛୋଟପିଲା ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ଦେୟମୁକ୍ତ ରଖାଯାଇଛି। କିନ୍ତୁ ଛାତ୍ରୀଛାତ୍ରମାନଙ୍କ ପାଇଁ ଅଧା ଦେୟ ଧାର୍ଯ୍ୟ ରହିଛି। ବୟସ୍କଙ୍କ ପାଇଁ ଯାନବାହନ ସହ ବିଭିନ୍ନ ପ୍ରକୋଷ୍ଠ ନିମନ୍ତେ ଅଲଗା ଦେୟ ରଖାଯାଇଛି। ଜଣେ ବୟସ୍କଙ୍କ ପାଇଁ ସବୁଶ୍ରେଣୀର ଲୋକଙ୍କ ପ୍ରତି ଯାହା ପ୍ରଯୁଜ୍ୟ ତାହା ହେବା ଉଚିତ ନୁହେଁ। ଏହି ଦେୟ ଗରିବଙ୍କ ପାଇଁ କୋହଳ କରାଯାଉ। ରାଜ୍ୟ ସରକାର ହ୍ରାସ କରିବାକୁ ଧ୍ୟାନ ଦିଅନ୍ତୁ।

**- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବନ୍ଧପଡ଼ା ଅଞ୍ଚଳରେ କାଳବୈଶାଖୀ: ବ୍ୟାପକ କ୍ଷୟକ୍ଷତି

ଦେଓଗାଁ,୧୯।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବନ୍ଧପଡା ଓ ଏହାର ଆଖପାଖ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ବନ୍ଧପଡା, ଧଣ୍ଡାମାଳ, ସିଂହପୁଣ୍ଡା, ରାମଚନ୍ଦ୍ରପୁର, ଦେବଷ ଆଦି ପଞ୍ଚାୟତରେ ସନ୍ଧ୍ୟା ୭ଟାରୁ ୮ଟା ପର୍ଯ୍ୟନ୍ତ ଜୋରରେ ପବନ ବହିବା ସହ କୁଆପଥର ପଡ଼ିଥିଲା। ପବନରେ ଉପରେଇ ୫ଟି ପଞ୍ଚାୟତରେ ଅନେକ ପୁରୁଣା ଗଛ ଉପୁଡି ପଡ଼ିଥିବା ବେଳେ କେତେକ ସ୍ଥାନରେ ଗଛଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ଗଛ ଡାଳ ଭାଙ୍ଗି ପଡିବାରୁ କେତେକ ଘର ଓ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଥିବାରୁ ଅଦ୍ୟାବଧି ଏହିସବୁ ଅଞ୍ଚଳକୁ ବିଦ୍ୟୁତ ସରବରାହ ବନ୍ଦ ରହିଛି। ଖଡ଼ତୋଫାନ ସହ କୁଆପଥର ପଡିବା ଦ୍ୱାରା ବିଭିନ୍ନ ପନିପରିବା, ଧାନ ସମେତ କେନ୍ଦୁପତ୍ର ନଷ୍ଟ ହୋଇଯାଇଛି।


ବନ୍ଧପଡା ମୁଖ୍ୟରାସ୍ତାରେ କାଳବୈଶାଖୀ ପ୍ରଭାବରେ ଏକ ପୁରୁଣା ଗଛ ଭାଙ୍ଗି ପଡ଼ିଛି।

କେତେକ ସ୍ଥାନରେ ନୂତନ ଫଡ଼ିଗୃହଗୁଡ଼ିକ ଭାଙ୍ଗି ଯାଇଥିବା ବେଳେ ଅନେକଙ୍କ ଘରର ଆଜବେଷ୍ଟସ ପବନରେ ଉଡି ଯାଇଥିବା ଦେଖିବାକୁ ମିଳିଛି। ଧଣ୍ଡାମାଳ ଅଞ୍ଚଳରେ ବହୁ ସଂଖ୍ୟାରେ ବଗ ତଥା ଅନ୍ୟାନ୍ୟ ପକ୍ଷୀ ମରି ପଡ଼ିଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। କୁଆପଥର ମାଡରେ ବିଶେଷ କରି ତରଭୂଜ, ମାଖନ,କାକୁଡ଼ି, ଆୟ ଆଦି ନଷ୍ଟ ହୋଇଥିବା ବେଳେ ରବି ଧାନ ଚାଷ ପ୍ରଭାବିତ ହୋଇଛି। ଫସଲ ନଷ୍ଟ ଯୋଗୁ ଚାଷୀ ମହଲରେ ହତାଶଭାବ ଦେଖାଦେଇଛି। ଅପରପକ୍ଷରେ କେନ୍ଦୁପତ୍ର ନଷ୍ଟ ଯୋଗୁ କେନ୍ଦୁପତ୍ର ତୋଳାଳିମାନେ କିପରି ପରିବାର ଚଳାଇବେ ସେହି ଚିନ୍ତାରେ ଥିବା ଦେଖିବାକୁ ମିଳିଛି । ବନ୍ଧପଡା ମୁଖ୍ୟରାସ୍ତା ତଥା ପଞ୍ଚାୟତ କୋଠା ପାଖରେ ଉପରେ ପଡିଥିବା ଗଛଗୁଡ଼ିକୁ ଦେଓଗାଁ ଦମକଳ ବାହିନୀ ଆସି ରାତିରେ କାଟିଥିବା ବେଳେ ସ୍ଥାନୀୟ ସରପଞ୍ଚ ଗୋପାଳଚନ୍ଦ୍ର ମିଶ୍ର ଉପସ୍ଥିତ ରହି ତଦାରଖ କରିଥିଲେ । ଏହି ଅବସରରେ ସେ ତହସିଲଦାରଙ୍କ ସହ ଆଲୋଚନା କରି ଚାଷୀଙ୍କ କ୍ଷତିପୂରଣ ପ୍ରଦାନ ପାଇଁ ଆକଳନ କରିବାକୁ ଦାବି କରିଥିଲେ । ସେହିପରି ଧଣ୍ଡାମାଳ ପଞ୍ଚାୟତ ସମେତ ବ୍ଲକର ଅନ୍ୟ ସ୍ଥାନରେ ହୋଇଥିବା କ୍ଷୟକ୍ଷତର ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ ଦାବି କରିଛନ୍ତି । ଏନେଇ ସ୍ଥାନୀୟ ତହସିଲଦାର ନର୍ମଦା ନାୟକଙ୍କୁ ପଚାରିବାରେ ସମସ୍ତ ଆରଆଇମାନଙ୍କୁ ଗାଁ ଗାଁ ବୁଲି କ୍ଷୟକ୍ଷତିର ଆକଳନ କରି ପ୍ରକୃତ ରିପୋର୍ଟ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସୋମବାର ସମସ୍ତ ରିପୋର୍ଟ ଦାଖଲ ହେବ ବୋଲି ସେ କହିଛନ୍ତି।

# ରାମଲୀଳାରେ ସୀତା ହରଣ, ଜଟାୟୁ ମରଣ

ବଲାଙ୍ଗୀର,୧୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଜଗନ୍ନାଥପଡା ଠାରେ ରାମଜୀ ନାଟକ ସଂସଦ ପକ୍ଷରୁ ଆୟୋଜିତ ରାମଲୀଳା ନାଟକରେ ଶୁକ୍ରବାର ରାତିରେ ସୀତା ହରଣ, ଜଟାୟୁ ମରଣ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ମାୟା ମୃଗ ରାମଙ୍କ ବନବାସ କୁଟୀର ନିକଟରେ ବିଚରଣ କରିବା, ସୀତା ସୁନା ହରିଣ ଦେଖି ପ୍ରଲୁବ୍ଧ ହେବା, ଋଷି ବେଶରେ ରାବଣ ଭିକ୍ଷା ମାଗିବାକୁ ଆସି ସୀତାଙ୍କୁ ହରଣ କରିବା ଦୃଶ୍ୟକୁ କଳାକାରମାନେ ନିଖୁଣ ଭାବେ ଅଭିନୟ କରିଥିଲେ। ସୀତା ହରଣ ସମୟରେ ତାଙ୍କ କ୍ରନ୍ଦନ ଶୁଣି ଜଟାୟୁ ପକ୍ଷୀ ରାବଣ ସହ ଯୁଦ୍ଧ କରି ସୀତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିବା ଦୃଶ୍ୟ ଦର୍ଶକଙ୍କ ମନ ମୋହିଥିଲା । ଗୁରୁଶ୍ରୀ ବାଳମୁକୁନ୍ଦ ବେହେରା ବୈଶ୍ୟ ସଦାଶିବ ରଚିତ ରାମଲୀଳାକୁ ସୁଲଳିତ କଣ୍ଠରେ ଗାନ କରିଥିଲେ। ଶ୍ରୀରାମ ଭୂମିକାରେ ଶୈଳେନ କୁମାର ବାବୁ, ଲକ୍ଷ୍ମଣ ଭୂମିକାରେ ଆନନ୍ଦ ମିଶ୍ର, ସୀତା ଭୂମିକାରେ ମାନସ ସାହୁ, ରାବଣ ଭୂମିକାରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ରୁଦ୍ର ନାରାୟଣ ପଟେଲ, ଜଟାୟୁ ପକ୍ଷୀ ଭୂମିକାରେ ଘନଶ୍ୟାମ ସାହୁ, ମାୟା ମୃଗ ଭୂମିକାରେ ଅମିତ ବେହେରା, ଜଟି ରାବଣ ଭୂମିକାରେ କୁମୁଦ ରଞ୍ଜନ ନାଏକ, ଇନ୍ଦ୍ର ଭୂମିକାରେ ଚିଦାନନ୍ଦ ବେହେରା ଓ ସଂସଦର ଅନ୍ୟାନ୍ୟ କଳାକାର ଅଭିନୟ କରିଥିଲେ । ରବି ନାରାୟଣ ନାଏକ ମଞ୍ଚସଜ୍ଜା ନିର୍ଦ୍ଦେଶନା ଦେଇଥିଲେ।


ରାମଲୀଳାର ସୀତା ହରଣ ଦୃଶ୍ୟ।

# ୨ ଯୁବକ ଗିରଫ, ୩ ଫେରାର

ଲୋଇସିଂହା,୧୯।୪(ସୁଶାନ୍ତ ବାରିକ)


ଗିରଫ ଦୁଇ ଅଭିଯୁକ୍ତ ।

**ହୀରାପୁର ଛକରେ ଡକାୟତି ଉଦ୍ୟମ ପଣ୍ଡ**

ଶନିବାର ପୋଲିସ ଲୋଇସିଂହା ଥାନା ଅଧୀନ ହୀରାପୁର ଛକ ସାପ୍ତାହିକ ବଜାରରେ ଚଢ଼ାଉ କରି ଡକାୟତି ଯୋଜନା କରୁଥିବା ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲୋଇସିଂହା ଥାନା ହୀରାପୁର ପଞ୍ଚାୟତ ବାରଭୁଲ ଗାଁର ଆକାଶ ନାଗ ଓ ଆଶିଷ ବାରିକ। ସନ୍ଧ୍ୟାରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ଠାରୁ ପୋଲିସ ଏକ ପିସ୍ତଲ ଜବତ କରିଥିବା ବେଳେ ଦୁହେଁ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ଘଟିଥିବା ଲୁଟ୍ ଓ ଫାୟାରିଂ ଘଟଣାରେ ସଂପୃକ୍ତ ଥିବା ତଦନ୍ତ ବେଳେ ଜାଣିବାକୁ ପାଇଛି। ପୋଲିସ ସୂଚନା ଅନୁଯାୟୀ, କେତେଜଣ ଯୁବକ ହୀରାପୁର ଛକ ବଜାରଠାରେ ବସି ଡକାୟତି ପାଇଁ ଯୋଜନା କରୁଥିବା ନେଇ ଲୋଇସିଂହା ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ପରେ ଲୋଇସିଂହା ଆଇଆଇସି ଯାଜ୍ଞସିନୀ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢାଉ କରିଥିଲା। ଘଟଣାସ୍ଥଳରୁ ପୋଲିସ ଦୁଇ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ତିନି ଜଣ ଯୁବକ ସେଠାରୁ କୌଶଳକ୍ରମେ ଫେରାର ହୋଇ ଯାଇଥିଲେ । ତେବେ ଏନେଇ ଲୋଇସିଂହା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି । ଗିରଫ ଦୁଇ ଅଭିଯୁକ୍ତ ପୂର୍ବରୁ ମଧ୍ୟ ଏକାଧିକ ଡକାୟତି ମାମଲାରେ ସଂପୃକ୍ତ ଥିବା ତଦନ୍ତରୁ ଜଣାପଡିଛି। ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଆଇଆଇସି ନାୟକ କହିଛନ୍ତି।

# ‘ଓଭୋ ଫାର୍ମ ଆକାଂକ୍ଷୀ ଜିଲାରେ ବିଶ୍ୱସ୍ତରୀୟ ପ୍ରୟୋଗଶାଳା’

ବଲାଙ୍ଗୀର,୧୯।୪(ବୀରେନ୍ଦ୍ର କୁମାର ଝାଙ୍କର)

**ଭାରତର ପଞ୍ଚମ ଅଣ୍ଡା ପ୍ରୋସେସିଂ ପ୍ଲାଣ୍ଟ ହେଲା ଓଭୋ ଫାର୍ମ**

ବଲାଙ୍ଗୀର ସହର ସନ୍ନିକଟ ବରକାନୀଠାରେ ନୂତନ ଭାବେ ତିଆରି ହୋଇଥିବା ଓଭୋ ଅଣ୍ଡା ପ୍ରୋସେସିଂ ପ୍ଲାଣ୍ଟକୁ ଶନିବାର ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ ଜୈନ ମଞ୍ଚାସୀନ ଥିଲେ। ଓଭୋ ଫାର୍ମ ମ୍ୟାନେଜିଂ ଡାଇରେକ୍ଟର ସୌମେନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇ ଓଭୋକୁ ଦେଶର ପଞ୍ଚମ ଅଣ୍ଡା ପ୍ରୋସେସିଂ ପ୍ଲାଣ୍ଟ ବୋଲି କହିବା ସହ ଅତ୍ୟାଧୁନିକ ଜ୍ଞାନ କୌଶଳ ସମ୍ପନ୍ନ ପ୍ରଥମ ଅପ୍‌ଗ୍ରେଡେଡ ଅଟୋମେଟେଡ୍ ଟେକ୍‌ନୋଲୋଜି ବୋଲି ସୂଚନା ଦେଇଥିଲେ। ଏହି ପ୍ଲାଣ୍ଟରେ ଦୈନିକ ସାଢ଼େ ୭ ଲକ୍ଷ ଅଣ୍ଡା ପ୍ରୋସେସିଂ ହୋଇପାରିବ ବୋଲି ସୂଚନା ଦେଇଥିଲେ। ଓଭୋ ଫାର୍ମ ସିଇଓ ସମରେନ୍ଦ୍ର ମିଶ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ କହିଥିଲେ, ବଲାଙ୍ଗୀର କହିଲେ ଲୋକେ ଦାଦନ ବା ପଳାୟନକୁ ବୁଝନ୍ତି। ଓଭୋ ଏହି ଧାରା ଭାଙ୍ଗି ନୂଆ ଧାରା ସୃଷ୍ଟି କରିଛି। ଏହି ଫାର୍ମରେ ଏବେ ଦେଶର ବିଭିନ୍ନ ଅଞ୍ଚଳର ଲୋକେ କାମ କରିବା ଆରମ୍ଭ କରିଛନ୍ତି। ବଲାଙ୍ଗୀର ଭଳି ଆକାଂକ୍ଷୀ ଜିଲାରେ ଓଭୋ ବିଶ୍ୱସ୍ତରୀୟ ପ୍ରୟୋଗଶାଳା ହୋଇଛି। ସଭା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ଏହିସମୟରେ ମନ୍ତ୍ରୀ ଡ. ମହାଲିଙ୍ଗ, ଦୁଇ ବିଧାୟକ, ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଏସ୍‌ପି ଅଭିଲାଷ ଜି, ପୂର୍ବତନ ବିଧାୟକ ନରସିଂହ ମିଶ୍ର, ଆଇନଜୀବୀ ଅମରେନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ବ୍ୟବସାୟୀ ଓ ଉଦ୍ୟୋଗୀ ଯୋଗ ଦେଇଥିଲେ।

# ପାଟଣାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟର ଉଦ୍‌ଘାଟନ,ଭୂମିପୂଜନ

ପାଟଣାଗଡ,୧୯।୪(ସଚ୍ଚିଦାନନ୍ଦ ମହାକୁର)

ଶନିବାର ପାଟଣାଗଡଠାରେ କେନ୍ଦ୍ରୀୟ ବିଦ୍ୟାଳୟର ଉଦ୍‌ଘାଟନ ଓ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଥିଲେ। ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, କେନ୍ଦ୍ରୀୟ ବିଦ୍ୟାଳୟ ଜଏଣ୍ଟ କମିଶନର ଦିପେଶ ଗେହେଲଟ, ଡେପୁଟି କମିଶନର ସିଂହରନ ବୋଷ, ଜିଲାପାଳ ଗୌରବ ଶିବାଜୀ ଇସଲୱାର , ପାଟଣାଗଡ ଉପଜିଲାପାଳ ସୁନୀଲ ମେହେର ଉପସ୍ଥିତ ଥିଲେ । ଏନଏସିସ୍ଥିତ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଠାରେ ଛାତ୍ରୀଛାତ୍ରମାନେ ପାଠ ପଢିବା ପାଇଁ ପ୍ରଥମେ ଅସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ କରାଯାଇଥିଲା । ପରେ କଉଡିଆ ଗାଁ ନିକଟ ସ୍ଥାୟୀ ଜାଗାରେ ସଭା କାର୍ଯ୍ୟ ହେବା ସହ ସେଠାରେ ଉକ୍ତ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।


**କାର୍यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार।**

**अल्पकालीन ई–निविदा आमंत्रण सूचना**

संख्या – EE/RDSD/LATEHAR/2/2025-26

1. कार्य की विस्तृत विवरणीः

| क्र०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार के पंचायत भुसूर में Integrated Sports cum Knowledge Center में Administrative Block का निर्माण। | 45015396 | 900500 | 10000 | 12 माह |

2. वेबसाइट में निविदा प्रकाशन की तिथि – 25.04.2025
3. ई–निविदा प्राप्ति की तिथि एवं समय – दिनांक 25.04.2025 से दिनांक 10.05.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –13.05.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाइट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
लातेहार।

PR 350643 (Rural Development) 25-26 (D)


# କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟିତ

ଟିଟିଲାଗଡ଼,୧୯।୪(ଶରତ ମିଶ୍ର)

ଶନିବାର ବଲାଙ୍ଗୀର ଜିଲାର ଟିଟିଲାଗଡ଼ଠାରେ ବହୁ ପ୍ରତୀକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟିଟିଲାଗଡ଼ ଗସ୍ତରେ ଆସି ସ୍ଥାନୀୟ ଧବଳେଶ୍ୱର ହାଇସ୍କୁଲ ପରିସରରେ ଚଳିତ ଶିକ୍ଷାବର୍ଷଠାରୁ ଅସ୍ଥାୟୀ ଭାବରେ ଆରମ୍ଭ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଉଦ୍‌ଘାଟନ କରିଛନ୍ତି। ଏହାସହ ୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ଲକପଡାଠାରେ ନିର୍ମାଣ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ନୂତନ କୋଠା ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ ଜୈନ ମଞ୍ଚାସୀନ ଥିଲେ । ଏହାଛଡା ଉପଜିଲାପାଳ ରେହାନ ଖତ୍ରୀ, ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଯୁଗ୍ମ କମିଶନର, ଦିଲ୍ଲୀର ସୋମିତ ଶ୍ରୀବାସ୍ତବ, ସମ୍ବଲପୁର ରେଳ ବିଭାଗ ଏଡ଼ିଆରଏମ ଆନନ୍ଦ ସିଂ ଯୋଗ ଦେଇଥିଲେ । କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ସହକାରୀ କମିଶନର ବିରବଲ ଧିନୱା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଳର ଜିଲା ସଭାପତି ଶ୍ରୀବସ୍ତ ବେହେରା, ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ନଗର ସଭାପତି ବୁଦ୍ଧିଆ ଆଚାର୍ଯ୍ୟ, ରଞ୍ଜୁ ରାଏମନ, ପ୍ରଦୀପ ସାହୁ, ସଞ୍ଜୟ ତ୍ରିପାଠୀ, ଅଶ୍ୱିନୀ ସାହୁ, ସୂର୍ଯ୍ୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁଚିନ୍ତିତ ମତାମତ ଦେଲେ ଅଭିଭାବକ

ଲୋଇସିଂହା,୧୯।୪(ସୁଶାନ୍ତ ବାରିକ)

ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ହାଇସ୍କୁଲ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ ମେହେର ଅଧ୍ୟକ୍ଷତା କରିଥିଲେ। ଏଥିରେ ପରିଚାଳନା ପରିଷଦ ସଭାପତି ରାଜେଶ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମେହେର ଏହି ଅବସରରେ ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଲାଗୁ ହୋଇଥିବା ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ମାଧ୍ୟମରେ ମଧ୍ୟାହ୍ନ ଭୋଜନ ସମେତ କାର୍ଯ୍ୟକାରୀ ହେଉଥିବା ଅନ୍ୟାନ୍ୟ ଯୋଜନା ସମ୍ପର୍କରେ କହିଥିଲେ। ଏପରିକି ୯ମ ଶ୍ରେଣୀରେ ଚଳିତବର୍ଷ ବିଦ୍ୟାଳୟରେ ଉତ୍ସାହଜନକ ନାମ ଲେଖାକୁ ନେଇ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଖାଲି ପଡ଼ିଥିବା ହିନ୍ଦୀ ଓ ବିଜ୍ଞାନ ଶିକ୍ଷକ ନିଯୁକ୍ତି (ନିୟମିତ), ପାନୀୟ ଜଳ ବ୍ୟବସ୍ଥା ,ମଧ୍ୟାହ୍ନ ଭୋଜନ ରୋଷେଇ ଘର ଓ ଅର୍ଦ୍ଧନିର୍ମିତ ଶ୍ରେଣୀ କୋଠରୀ କାମ ସମ୍ପୂର୍ଣ୍ଣ ପାଇଁ ମତପ୍ରକାଶ ପାଇଥିଲା । ଏନେଇ ସ୍ଥାନୀୟ ବିଧାୟକ ଓ ଜିଲା ପ୍ରଶାସନ ଦୃଷ୍ଟି ଆକର୍ଷଣ ପାଇଁ ଆଲୋଚନା ହୋଇଥିଲା। ସେହିପରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୌନବତୀ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏବିଓ ଟଙ୍କଧର ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଛନ୍ଦାଚରଣ ଖମାରୀ, ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଛତ୍ରିଆ ୨୦୨୫ –୨୬ ଶିକ୍ଷାବର୍ଷ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟ ବିକାଶ ସାଙ୍ଗକୁ ଉତ୍କୃଷ୍ଟ ଶିକ୍ଷାଦାନ ଉପରେ ଅଭିଭାବକଙ୍କ ମତାମତ ଲୋଡ଼ିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ଛତ୍ରିଆ ଓ ସହକର୍ମୀ। ଏହି ଅବସରରେ ଅଭିଭାବକମାନେ ସୁଚିନ୍ତିତ ମତାମତ ଦେଇଥିଲେ। ସୌଦାମିନୀ ସାହୁ ଧନ୍ୟବାଦ ଦେଇଥିଲେ।


**ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍**
ଜୋନ୍-ଏ, ଚତୁର୍ଥ ମହଲା, ଫରଚୁନ୍ ଟାୱାର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୨୩

**ସର୍ବସାଧାରଣ ବିଜ୍ଞପ୍ତି**

**କେଶ୍ ନମ୍ବର ୫ ଅଫ୍ ୨୦୨୫**

୧) ବିଦ୍ୟୁତ୍ ନିୟମ, ୨୦୦୩ର ଧାରା ୬୨ ଏବଂ ୮୬ ଅନୁଯାୟୀ ଆବେଦନ ପ୍ରକାଶନ ଓଡ଼ିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ୍ (ଓଇଆରସି) (ଜେନେରେସନ୍ ଶୁଳ୍କ ନିର୍ଣ୍ଣୟ ପାଇଁ ସର୍ତ୍ତାବଳୀ ଏବଂ ନିୟମାବଳୀ) ନିୟମାବଳୀ, ୨୦୨୦ ଏବଂ ଓଇଆରସି (ଇଣ୍ଟିଗ୍ରେଟେଡ୍ ଖଣିରୁ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଣ୍ଣୟ) ନିୟମାବଳୀ, ୨୦୨୪ ସହିତ ଓଇଆରସି (କଣ୍ଡକ୍ଟ ଅଫ୍ ବିଜିନେସ୍) ନିୟମାବଳୀ, ୨୦୦୪ ଅନୁଯାୟୀ ଦାଖଲ କରାଯାଇଥିବା ଆବେଦନପତ୍ର ଯଥା (୧) ମଞ୍ଜୁରୀପ୍ରାପ୍ତ ନିମନ୍ତେ ମନୋହରପୁର ଏବଂ ଡିପସାଇଡ୍ ମନୋହରପୁର କୋଇଲା ଖଣିରୁ ପ୍ରଦାନ କରାଯାଇଥିବା ତା୩୦.୦୯.୨୦୨୧ (ବାଣିଜ୍ୟିକ କାର୍ଯ୍ୟ ତାରିଖ) ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ (୨) ତା୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଉକ୍ତ କୋଇଲା ଖଣିରୁ ପ୍ରଦାନ କରିବାକୁ ଥିବା କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଓଇଆରସି (ଭୁବନେଶ୍ୱର-୨୧)କୁ କରାଯାଇଥିବା ଅନୁମୋଦନ ।

୨) ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ଦ୍ୱାରା ଓଇଆରସିକୁ ୧୧.୦୨.୨୦୨୫ରେ ଦାଖଲ କରାଯାଇଥିବା ଆବେଦନପତ୍ର ଯଥା (୧) ମଞ୍ଜୁରୀ ପ୍ରାପ୍ତ ନିମନ୍ତେ ମନୋହରପୁର ଏବଂ ଡିପସାଇଡ୍ ମନୋହରପୁର କୋଇଲା ଖଣିରୁ ପ୍ରଦାନ କରାଯାଇଥିବା ତା୩୦.୦୯.୨୦୨୧ (ବାଣିଜ୍ୟିକ କାର୍ଯ୍ୟ ତାରିଖ) ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ (୨) ତା୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଉକ୍ତ କୋଇଲା ଖଣିରୁ ପ୍ରଦାନ କରିବାକୁ ଥିବା କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣର ସାର୍ବଜନୀନ ବିଜ୍ଞପ୍ତିର ଦାଖଲ ଏବଂ ସବିଶେଷ ବିଷୟଗୁଡ଼ିକ ଓସିପିଏଲ୍ ୱେବସାଇଟ୍ www.ocpl.org.in ଓ ଆୟୋଗର ୱେବସାଇଟ୍ www.orierc.org ରୁ ଡାଉନଲୋଡ୍ କରାଯାଇପାରିବ ।

୩) ଓସିପିଏଲ୍ ଦ୍ୱାରା ଦାଖଲ କରାଯାଇଥିବା ଆବେଦନପତ୍ରର ସମ୍ପୂର୍ଣ୍ଣ ସେଟ୍ ବିଦ୍ୟୁତ୍ ନିୟମ, ୨୦୦୩ର ଧାରା ୬୨ ଓ ୮୬ ଏବଂ ଓଇଆରସି (ଇଣ୍ଟିଗ୍ରେଟେଡ୍ ଖଣିରୁ କୋଇଲାର ଇନପୁଟ ମୂଲ୍ୟ ନିର୍ଣ୍ଣୟ) ନିୟମାବଳୀ, ୨୦୨୪ ଅନୁଯାୟୀ ଓସିପିଏଲ୍ କାର୍ଯ୍ୟାଳୟରୁ (ଭୁବନେଶ୍ୱର-୭୫୧୦୨୩) ତା୦୪.୦୫.୨୦୨୫ କିମ୍ବା ପୂର୍ବରୁ କାର୍ଯ୍ୟାଳୟ ସମୟରେ ୧୦୦ ଟଙ୍କା ଶୁଳ୍କ ପ୍ରଦାନ କରି ଉକ୍ତ ପତ୍ରର ଫଟୋକପି ମଧ୍ୟ ପାଇପାରିବେ ।

୪) ଯଦି କୌଣସି ପରାମର୍ଶ/ଆପତ୍ତି ଥାଏ, ଉକ୍ତ ପରାମର୍ଶ/ଆପତ୍ତିକୁ ପତ୍ର ମାଧ୍ୟମରେ ଆବଶ୍ୟକୀୟ ତଥ୍ୟ ସହିତ ଓଇଆରସିର ସଚିବଙ୍କ କାର୍ଯ୍ୟାଳୟ ଯଥା: “ଓଡିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ୍, ପ୍ଲଟ୍ ନମ୍ବର ୪, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧” ଠିକଣାରେ ବ୍ୟକ୍ତିଗତ ଭାବରେ କିମ୍ବା ଡାକ ମାଧ୍ୟମରେ ଦାଖଲ କରାଯାଇପାରିବ, ଯାହା ଓଇଆରସିର କାର୍ଯ୍ୟାଳୟରେ ତା୦୪.୦୫.୨୦୨୫ କିମ୍ବା ପୂର୍ବରୁ ପହଞ୍ଚିବା ଆବଶ୍ୟକୀୟ ଅଟେ ଏବଂ ଉକ୍ତ ପତ୍ରର ଏକ ନକଲ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତିଙ୍କୁ ପ୍ରଦାନ କରିବା ଜରୁରୀ ଅଟେ ।

(କ) ପରାମର୍ଶ/ଆପତ୍ତିପତ୍ର ସାତଟି କପି ସହିତ ଦାଖଲ କରାଯିବା ଜରୁରୀ ଅଟେ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିର ସମ୍ପୂର୍ଣ୍ଣ ନାମ ସହିତ ସଂସ୍ଥା/ପ୍ରତିଷ୍ଠାନର ସମ୍ପୂର୍ଣ୍ଣ ଡାକଠିକଣା, ଇ-ମେଲ୍ ଆଇଡି ଏବଂ ଯୋଗାଯୋଗ ଟେଲିଫୋନ୍ ନମ୍ବର ରହିବା ଆବଶ୍ୟକୀୟ ଅଟେ। ଉକ୍ତ ପତ୍ରଟି ଏକ ଆଫିଡେଭିଟ୍ ଦ୍ୱାରା ଦାଖଲ କରିବା ଜରୁରୀ ଅଟେ ।

(ଖ) କେବଳ ଆଫିଡେଭିଟ୍ ସହିତ ଗ୍ରହଣ କରାଯାଇଥିବା ବୈଧ ଆପତ୍ତି/ପରାମର୍ଶଗୁଡ଼ିକ ଶୁଣାଣି ପାଇଁ ବିଚାରକୁ ନିଆଯିବ ।

୫) ଯେଉଁ ପକ୍ଷମାନଙ୍କର ଆପତ୍ତି ସ୍ୱୀକାର କରାଯିବ, କମିଶନ ସେମାନଙ୍କୁ ଶୁଣାଣିର ତାରିଖଗୁଡ଼ିକ ବିଧିବଦ୍ଧ ଭାବରେ ଜଣାଇବେ।

**ତାରିଖ: ୧୮.୦୪.୨୦୨୫ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଓସିପିଏଲ୍)**



**House Construction**
Starting @1599/per Sqft.
**Simplex /Duplex / Triplex / Apartment**
By The Experts Only.
(With Branded Materials like Rebar-Tata /Jsw /Jindal , Cement-Ultratech /Acc / Dalmia, Bricks-10", Tiles-kajaria / Somany, Paints-Asian / Berger, Sanitary Fittings-Jaquar / Hindware / Cera, Electrical Wire - Finolex / Havells / Polycab, Modular Switches Havells / Anchor / Cona / Goldmedal, UPvc Window- Fenesta / Veka / Lg / Saint Gobain)
**M Planets -7008550473**
L427, Baramunda, Bhubaneswar.



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍,
୨ୟ ମହଲା, ସି-୨, ଅଶୋକ ନଗର,
ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, କଲେଜ ସ୍କୋୟାର ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, କଲେଜ ସ୍କୋୟାର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| କଲେଜ ସ୍କୋୟାର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ପ୍ଲୁଟୋ ପେଟ୍ ସପ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସଂଗ୍ରାମ ସେନାପତି,** ପିତା: ଶ୍ରୀ ଯୁଧିଷ୍ଠିର ସେନାପତି, ସା: ରିଙ୍ଗ୍ ରୋଡ଼, ଖାନ୍ ନଗର, ଜିଲ୍ଲା: କଟକ-୭୫୩୦୧୨ / **ଗ୍ୟାରେଣ୍ଟିଦାତା: ଶ୍ରୀ ସୁଜିତ୍ ସେନାପତି,** ପିତା: ଶ୍ରୀ ଯୁଧିଷ୍ଠିର ସେନାପତି, ସା: ଗୋପେଶ୍ୱର ବିହାର, କଲ୍ୟାଣୀ ନଗର, ଦରଘାପାଟଣା, ଜିଲ୍ଲା: କଟକ-୭୫୩୦୧୩ | ଟ.୨୨,୮୫,୮୪୫.୮୬ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୮.୦୧.୨୦୨୫ / ୧୬.୦୪.୨୦୨୫ | **ଶ୍ରୀ ସୁଜିତ୍ ସେନାପତି,** ପିତା: ଶ୍ରୀ ଯୁଧିଷ୍ଠିର ସେନାପତିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୂଆପଡ଼ା, ଥାନା: କଟକ ସଦର, ତହସିଲ: କଟକ ସଦର, ଜିଲ୍ଲା: କଟକ, ପ୍ଲଟ୍ ନଂ.: ୭୩/୬୨୦୦, ଖାତା ନଂ.: ୬୧୪/୨୬୯୩, ପରିମିତ କ୍ଷେତ୍ର: ଏକର ୦.୦୧୮ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲକ୍ଷ୍ମୀ ନାରାୟଣ ସିଂ, ପୂର୍ବ: ପ୍ଲଟ୍ ନଂ.: ୨୩୫, ଦକ୍ଷିଣ: ଅବଧୂତ ମିଶ୍ର, ପଶ୍ଚିମ: ଇଜମାଇଲ୍ ରୋଡ଼ |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୧୯.୦୪.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**



ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି,
ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ସରଫେଶୀ ଆକ୍ଟ ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିବା ପରେ ଯଦି କିଛି ଅର୍ଥ ପୈଠ କରାଯାଇଥାଏ ତେବେ ଆକାଉଣ୍ଟ ସମାଧାନ ସମୟରେ ପ୍ରଦାନ କରାଯିବାକୁ ଥିବା ଦେୟ ବିଷୟରେ ଜାଣିବା ପାଇଁ ସେହି ଅର୍ଥକୁ କଳନା କରାଯିବ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ତମାଣ୍ଡୋ ଶାଖା/ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ମମତା ଭେରାଇଟି ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କୃପାସିନ୍ଧୁ ପ୍ରଧାନ,** ପିତା: ୰ କରୁଣାକର ପ୍ରଧାନ / **ଗ୍ୟାରେଣ୍ଟିଦାତା: ୰ କରୁଣାକର ପ୍ରଧାନ,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍-୧୧୫୬, ଫେଜ୍-୨, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୧୯ / **ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ କୃପାସିନ୍ଧୁ ପ୍ରଧାନ (ଋଣଗ୍ରହୀତା ଏବଂ ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ପିତା: ୰ କରୁଣାକର ପ୍ରଧାନ, **୨) ଧାନି ପ୍ରଧାନ (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ସ୍ୱାମୀ: ୰ କରୁଣାକର ପ୍ରଧାନ, **୩) ସୌଦାମିନୀ ପ୍ରଧାନ (ମୃତକ ଦିନବନ୍ଧୁ ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ ଏବଂ ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ସ୍ୱାମୀ: ୰ ଦିନବନ୍ଧୁ ପ୍ରଧାନ, **୪) ସୌଦାମିନୀ ପ୍ରଧାନ (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ ଏବଂ ମୃତକ ଦିନବନ୍ଧୁ ପ୍ରଧାନଙ୍କ ନାବାଳକ ପୁତ୍ର ଶ୍ରୀ ସତ୍ୟଜିତ୍ ପ୍ରଧାନଙ୍କ ତରଫରୁ),** ସ୍ୱାମୀ: ୰ ଦିନବନ୍ଧୁ ପ୍ରଧାନ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍-୧୧୫୬, ଫେଜ୍-୨, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୧୯, **୫) ଶ୍ରୀମତୀ ମମତା ପାତ୍ର (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ସ୍ୱାମୀ: ଗଦାଧର ପାତ୍ର, ସା/ପୋ: ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯ | ଟ.୮,୮୯,୨୯୫/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୫.୦୨.୨୦୨୫ / ୧୯.୦୪.୨୦୨୫ | **୰ କରୁଣାକର ପ୍ରଧାନ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଉସ୍ ନଂ.: ଏଲ୍-୧୧୫୬, ଖାତା ନଂ.: ୫୧୭, ପ୍ଲଟ୍ ନଂ.: ଏଲ୍‌ଆଇଜି-୧୧୧୦(ଅଂଶ), କ୍ଷେତ୍ର: ଏକର୦.୦୨୬ ଡିସିମିଲି ଯାହା ୧୧୨୫ ବର୍ଗଫୁଟ, କିସମ: ଘରବାରୀ, ମୌଜା: ଡୁମୁଡୁମା, ଥାନା: ଖଣ୍ଡଗିରି, ଏସ୍‌ଆରଓ: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ୩୦ ଫୁଟିଆ ଚଉଡା ସିସି ରୋଡ, ଦକ୍ଷିଣ: ଏଲ୍-୧୧୫୭, ପୂର୍ବ: ୩୦ ଫୁଟିଆ ଚଉଡା ସିସି ରୋଡ, ପଶ୍ଚିମ: ଏଲ୍-୧୧୫୫ |

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୨୦.୦୪.୨୦୨୫**
**କ୍ଷମତାପ୍ରାପ୍ତ ଅଧିକାରୀ**
**ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ଜଳକରକୁ ନେଇ ବଢ଼ୁଛି ଅଶାନ୍ତି

ରାଉରକେଲା,୧୯।୪(ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲା ଛେଣ୍ଡ ଦ୍ୱିତୀୟ ଫେଜ୍**

ରାଉରକେଲା ଛେଣ୍ଡରେ ଦ୍ୱିତୀୟ ଫେଜ୍‌ରେ ରହୁଥିବା ୪ଶହ ପରିବାରଙ୍କ ଜଳକର ଦୀର୍ଘବର୍ଷ ଧରି ସଂଶୋଧନ କରାଯାଉନାହିଁ। ଫଳରେ କଲୋନିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସୂଚନା ଅନୁସାରେ, ରାଉରକେଲା ଛେଣ୍ଡରେ ଦ୍ୱିତୀୟ ଫେଜରେ ୨୦ ବର୍ଷ ତଳେ ନିର୍ମିତ ହାଉସିଂ ସେଲ୍ଫ ଫାଇନାନ୍ସ ଯୋଜନାରେ ଆରଡିଏ ତରଫରୁ ୪ଶହ ହିତାଧିକାରୀଙ୍କୁ ଆବଣ୍ଟିତ ହୋଇଥିଲା। ଦ୍ୱିତୀୟ ଫେଜ୍‌ର ସମସ୍ତ ରାସ୍ତାଘାଟ, ନାଳ, ନର୍ଦ୍ଦମା, ପାନୀୟ ଜଳ ବିତରଣ ଦାୟିତ୍ୱ ମଧ୍ୟ ଆରଡିଏ ଉପରେ ନ୍ୟସ୍ତ ହେଲା। ସେହି ସମୟରେ ପିଏଚ୍‌ଡି ବିଭାଗ ପକ୍ଷରୁ ପାଇପ ବିଛା ଯାଇ ନ ଥିବା ଯୋଗୁ ଛେଣ୍ଡ କଲୋନିରେ ବୋରୱେଲ ମାଧ୍ୟମରେ ଏହି ପରିବାରଗୁଡ଼ିକୁ ପାନୀୟ ଜଳ ବିତରଣ କରାଗଲା ଏବଂ ପରିବାର ପିଛା ମାସିକ ୩୧୫ଟଙ୍କା ଜଳକର ଆଦାୟ କରାଗଲା। ପରବର୍ତ୍ତୀ ସମୟରେ ପିଏଚ୍‌ଡି ଓ ଓ୍ୱାଟକୋ ବିଭାଗ ପକ୍ଷରୁ ଛେଣ୍ଡ ଦ୍ୱିତୀୟ ଫେଜ ଅଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ ବିତରଣ ପାଇଁ ପାଇପ ବିଛାଗଲା। ୧୦ବର୍ଷ ହେଲା ପିଏଚ୍‌ଡି ସେଲ୍ଫ ଫାଇନାନ୍ସ ପକ୍ଷରୁ ଉକ୍ତ କ୍ୱାର୍ଟରଗୁଡ଼ିକୁ ପାଣି ବିତରଣ ହେଉଥିବାବେଳେ ଜଳକର ଅପରିବର୍ତ୍ତିତ ରହିବାରୁ କଲୋନିବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଓ୍ୱାଟକୋ ପକ୍ଷରୁ ଜଳକର ସଂଶୋଧନ କରାଯାଇ ୨୦୪ ଟଙ୍କା ଧାର୍ଯ୍ୟ କରାଗଲା। ତେବେ କିଛି ଲୋକଙ୍କଠାରୁ ଜଳକର ରାଶି ସହ ଏରିଅର ବାବଦ ଅଧିକ ୧୦ ଟଙ୍କା ଆଦାୟ କରାଯାଉଥିବା ଅଞ୍ଚଳର ଶାନ୍ତିଲତା ସାମଲ ଓ ଉର୍ମିଳା ରାୟ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଯାଏଁ ଦୌଡ଼ୁଛନ୍ତି ମାତ୍ର ଏହାର ସମାଧାନ ହୋଇପାରୁନାହିଁ। ଏ ସମ୍ପର୍କରେ ଓ୍ୱାଟକୋର ସାଧାରଣ ପରିଚାଳକ ଅଲୋକ ଦଲେଇ କହିଛନ୍ତି, ଏହି ସମସ୍ୟା ନେଇ ଆମ ବିଭାଗ ଅବଗତ ରହିଛି। କିଭଳି ଜଳକର ସଂଶୋଧନ ହୋଇ ଏକ ଉଚିତ ଜଳକର ଧାର୍ଯ୍ୟ ହେବ ତାହା ଉପରେ ସମୀକ୍ଷା ଚାଲିଛି ବୋଲି ଦଲେଇ କହିଥିଲେ।

# ଅଗ୍ନି ନିର୍ବାପନ କୌଶଳ ଶିଖିଲେ ଛାତ୍ରୀଛାତ୍ର, ଗୃହିଣୀ



ଦିଲ୍ଲୀ ପବ୍ଲିକ ସ୍କୁଲର ଜଣେ ଛାତ୍ରୀ ନିଆଁ ଲିଭାଇବା କୌଶଳ ପ୍ରଶିକ୍ଷଣ ନେଉଛନ୍ତି।

ରାଉରକେଲା,୧୯।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଅଗ୍ନିଶମ ସେବା ବିଭାଗ ପକ୍ଷରୁ ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ଇସ୍ପାତ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କୌଶଳ ପ୍ରଦର୍ଶନ କରାଯାଉଛି। ଗତ ୧୫ତାରିଖରେ ସେକ୍ଟର-୧୭ସ୍ଥିତ ଝାଙ୍ଗସେରୀ ଅନୁଷ୍ଠାନରେ ଜନସଚେତନତା କାର୍ଯ୍ୟକ୍ରମ ଓ ମକ୍ ଡ୍ରିଲ୍ କରାଯାଇଥିଲା। ପ୍ରାୟ ୬୦ ଗୃହିଣୀଙ୍କୁ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ସୁରକ୍ଷା ଉପରେ ବ୍ୟବହାରିକ ପ୍ରଦର୍ଶନ ଯୋଗେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ୧୬ତାରିଖରେ ସେକ୍ଟର-୧୪ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲରେ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଏଥିରେ ନବମରୁ ଦ୍ୱାଦଶ ଶ୍ରେଣୀର ପ୍ରାୟ ୨ଶହ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସେହିଭଳି ସେକ୍ଟର-୧୭ସ୍ଥିତ ହୋମ୍ ଏଣ୍ଡ ହୋପ୍‌ରେ ଏପରି ପ୍ରଦର୍ଶନ କରାଯାଇଥିଲା। ଏଥିରେ ୬୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଅଗ୍ନି ନିର୍ବାପନ କୌଶଳ ଶିକ୍ଷା ଦିଆଯାଇଥିଲା। ଅଗ୍ନିଶମ ସେବା ସାମୁଦାୟିକ ନିକଟରେ ଅଗ୍ନିଶମ ସେବା ତାଲିମ କେନ୍ଦ୍ରରେ ଏକ ମେଗାଲି ଅଗ୍ନି ଡ୍ରିଲ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ପ୍ରତିଯୋଗିତାରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ସମ୍ପୂର୍ଣ୍ଣ ଡ୍ରିଲ ସମାପ୍ତ କରିଥିବା ଦଳକୁ ବିଜେତା ଘୋଷଣା କରାଯାଇଥିଲା। ଆର୍‌ଏସ୍‌ପିର ଅଗ୍ନିଶମ ସେବା ବିଭାଗ ଜିଏମ୍ ଜୀବନ ବଲ୍ଲଭ ପଟ୍ଟନାୟକ ଏବଂ ଡିଜିଏମ୍ ଏସ୍. ଆଇ ସୋଲ୍ଲୁସାରେଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଡେପୁଟି ମ୍ୟାନେଜର ଶୁକଦେବ ଗୋସ୍ୱାମୀ ଓ ତାଙ୍କ ଦଳଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିଲା।

# ବିପର୍ଯ୍ୟସ୍ତ ରେଳ ଚଳାଚଳକୁ ନେଇ ଏସ୍‌ୟୁସିଆଇର ବିକ୍ଷୋଭ



ରାଉରକେଲା ରେଳ ଷ୍ଟେସନରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା,୧୯।୪(ସଙ୍ଗୀତା ଜେନା)

ଭାରତୀୟ ରେଳ ଚଳାଚଳ ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇଚାଲିଛି। ମାଲବାହୀ ଟ୍ରେନଗୁଡ଼ିକୁ ପ୍ରାଥମିକତା ଦିଆଯାଉଥିବା ବେଳେ ଯାତ୍ରୀବାହୀ ଟ୍ରେନଗୁଡ଼ିକ ଅଧିକାଂଶ ସମୟ ବିଳମ୍ବରେ ଚାଲୁଛି। ଏପରିକି ପ୍ରିମିୟମ୍, ଏକ୍ସପ୍ରେସ ଟ୍ରେନ୍‌ଗୁଡ଼ିକ ୪/୫ ଘଣ୍ଟା ଏବଂ ୧୦/୧୨ ଘଣ୍ଟା ବିଳମ୍ବରେ ଚାଲୁଛି। ଫଳରେ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏହାକୁ ବିରୋଧ କରି ଏସ୍‌ୟୁସିଆଇ ପକ୍ଷରୁ ସର୍ବଭାରତୀୟ ସ୍ତରରେ ଶନିବାର ବିକ୍ଷୋଭ କରାଯାଇଥିଲା। ଏହି କ୍ରମରେ ରାଉରକେଲା ଏସ୍‌ୟୁସିଆଇ ପକ୍ଷରୁ ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଷ୍ଟେସନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଏସ୍‌ୟୁସିଆଇ ବରିଷ୍ଠ ନେତା ବିଷ୍ଣୁ ପଣ୍ଡାଙ୍କ ନେତୃତ୍ୱରେ ରେଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଷ୍ଟେସନ ମାଷ୍ଟରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଟ୍ରେନ ବିଳମ୍ବ ଯୋଗୁ ରୋଗୀ, ପିଲାମାନେ ସମୟସୀମା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରୁ ବଞ୍ଚିତ ହେଉଛନ୍ତି। ଗ୍ରୀଷ୍ମଋତୁ ଏବଂ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଟ୍ରେନ ଗୁଡ଼ିକ ବିଳମ୍ବରେ ଚାଲିବା ଯୋଗୁ ଯାତ୍ରୀମାନେ ଅସୁବିଧା ଭୋଗ କରୁଛନ୍ତି। ସାଧାରଣ ବଗି ସଂଖ୍ୟା ବୃଦ୍ଧି ହେଉନାହିଁ। ଯାହାଦ୍ୱାରା ପୋକ ମାଛି ପରି ଲୋକେ ଯାତ୍ରା କରୁଛନ୍ତି। କେନ୍ଦ୍ର ସରକାର ଭଡ଼ା ବୃଦ୍ଧି କରୁଛନ୍ତି। ସେଥିଲେ ଆନୁଷଙ୍ଗିକ ବ୍ୟବସ୍ଥା କରୁନାହାନ୍ତି। ରେଳବାଇ ନିର୍ଦ୍ଧାରିତ ସମୟ ସାରଣୀ ଅନୁଯାୟୀ ଟ୍ରେନ ଚଳାଚଳ, ସ୍ଲିପର କ୍ଲାସ ତଥା ସାଧାରଣ କୋଚ ଯୋଗାଣ, ମାଗଣା ଆର୍‌ଓ ଜଳଯୋଗାଣ, ସଫେଇ ପ୍ରତି ଗୁରୁତ୍ୱ, ବରିଷ୍ଠ ନାଗରିକଙ୍କ ପାଇଁ ଟ୍ରେନ ଟିକେଟ୍ ଭଡ଼ାରେ ରିହାତି ପୁନଃ ଉପସ୍ଥାପନ, ନୂତନ ରେଳ ଟ୍ରାକ୍ ନିର୍ମାଣ, ଭାରତୀୟ ରେଳର ଘରୋଇକରଣ ବନ୍ଦ କରିବାକୁ ପଣ୍ଡା ଦାବି କରିଥିଲେ।

# ଶିବିରରେ ୨୪୬୦ ବିଦ୍ୟାର୍ଥୀଙ୍କ ଚକ୍ଷୁ ପରୀକ୍ଷା

ରାଉରକେଲା,୧୯।୪ (ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନିସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ୬ଦିନିଆ ଚକ୍ଷୁ ପରୀକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ବିଦ୍ୟାଳୟର ଅଧକ୍ଷ ଲୋକନାଥ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସିଭିଲଟାଉନସ୍ଥିତ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ଓ ଡିଏଭି ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟର ସମୁଦାୟ ୨୪୬୦ ଜଣ ବିଦ୍ୟାର୍ଥୀ ସେମାନଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୩୯୦ ବିଦ୍ୟାର୍ଥୀଙ୍କ ଚକ୍ଷୁରେ ତ୍ରୁଟି ଥିବା ଦେଖାଦେଇଥିଲା। ଲାଇବ୍ରେରୀ ଶିକ୍ଷକ ମନୋରଞ୍ଜନ ସ୍ୱାଇଁ ଓ ମୀନତି ପାତ୍ର ସହଯୋଗ କରିଥିଲେ।

# ମା' ଶାରଳା ମନ୍ଦିର ବାର୍ଷିକୋତ୍ସବ ପାଳିତ

ରାଉରକେଲା,୧୯।୪(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୭ସ୍ଥିତ ମୁଣ୍ଡା ବସ୍ତିରେ ଥିବା ମା' ଶାରଳା ମନ୍ଦିରର ୧୭ତମ ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଯାଇଛି। ଏଥିରେ ମନ୍ଦିରର ମୁଖ୍ୟ ପଣ୍ଡିତ ନୃସିଂହ ଚରଣ ମିଶ୍ର ଉପସ୍ଥିତ ରହି ପ୍ରାତଃ ସମୟରେ ପୂଜାର୍ଚ୍ଚନା କରିଥିଲେ। ପରେ ମା' ଶାରଳାଙ୍କ ଷୋଡ଼ଶ ଉପଚାର ପୂଜା ସହ ହୋମଯଜ୍ଞ ହୋଇଥିଲା। ଏହି ହୋମଯଜ୍ଞରେ ଶାନ୍ତିଲତା ବିଶ୍ୱାଳ ଓ ଗଗନ ବିଶ୍ୱାଳ କର୍ତ୍ତା ଭାବେ ଯୋଗ ଦେଇଥିଲେ। ହୋମଯଜ୍ଞରେ ସ୍ଥାନୀୟ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଯଜ୍ଞକୁଣ୍ଡରେ ପୂର୍ଣ୍ଣାହୁତି ଦେଇଥିଲେ। କମିଟିର ସୁଶୀଲ ମୁଣ୍ଡା, ରାଜ ଲାକ୍ରା, ସୁମିତ ପ୍ରହରାଜ, ମାଧବୀ ଝା, ସୁରେଶ ମୁଣ୍ଡା, ଗୋପାଳ ବାସା, ସୁରମା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।


**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार।**

**अल्पकालीन ई–निविदा आमंत्रण सूचना**

संख्या – EE/RDSD/LATEHAR/2/2025-26

1. कार्य की विस्तृत विवरणी:

| क्र०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार के पंचायत भुसूर में Integrated Sports cum Knowledge Center में Administrative Block का निर्माण। | 45015396 | 900500 | 10000 | 12 माह |

2. वेबसाइट में निविदा प्रकाशन की तिथि – 25.04.2025
3. ई–निविदा प्राप्ति की तिथि एवं समय – दिनांक 25.04.2025 से दिनांक 10.05.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –13.05.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
लातेहार।

PR 350643 (Rural Development) 25-26 (D)


# ମେ ୧ରୁ ଫାଓ ଗ୍ରୀଷ୍ମ କାଳୀନ ଫୁଟବଲ କୋଚିଂ ଶିବିର

ସୁନ୍ଦରଗଡ,୧୯।୪(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଏବଂ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ମେ ପହିଲାରୁ ଗ୍ରୀଷ୍ମ କାଳୀନ ଫୁଟବଲ କୋଚିଂ ଆରମ୍ଭ ହେବ। ଏହା ଜୁନ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲା କ୍ରିଡା ସଂସଦ ଷ୍ଟାଡିୟମରେ ୪୫ଦିନ ପର୍ଯ୍ୟନ୍ତ ୮ରୁ୧୫ବର୍ଷ ବୟସର ବାଳକମାନଙ୍କୁ ଏହି କୋଚିଂ ଦିଆଯିବ। ଏହି ପ୍ରଶିକ୍ଷଣ(କୋଚିଂ)ଶିବିରରେ ଯୋଗ ଦେବାପାଇଁ ଇଚ୍ଛୁକ ବାଳକ ମାନଙ୍କର ବୟସ ୮ରୁ ୧୫ବର୍ଷ ବୟସ ମଧ୍ୟରେ ହୋଇଥିବ। ସେମାନେ ତାଙ୍କର ଜନ୍ମ ତାରିଖ ପ୍ରମାଣ ପତ୍ର, ଆଧାର କାର୍ଡ ଓ ପାସପୋର୍ଟ ଫଟୋ ସହିତ ପ୍ରବେଶ ପତ୍ର ଫର୍ମ ଜିଲା କ୍ରୀଡା ସଂସଦ କାର୍ଯ୍ୟାଳୟରେ ଆସନ୍ତା୨୧ତାରିଖ ସୋମବାର ଠାରୁ ୨୭ତାରିଖ ମଧ୍ୟରେ ଫର୍ମ ଦାଖଲ କରିପାରିବେ । ସବିଶେଷ ବିବରଣୀ ପାଇଁ ଶୁଭମ ଦାସଙ୍କ ସହିତ ଯୋଗାଯୋଗ କରିପାରିବେ ବୋଲି ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ସୂଚନା ଦେଇଛନ୍ତି।

# ଜମି ଅଧିଗ୍ରହଣ ସମସ୍ୟାରୁ ପ୍ରକଳ୍ପ ବିଳମ୍ବ

ରାଉରକେଲା,୧୯।୪(ବିପ୍ଳବ ରଞ୍ଜନ ଦାଶ)

**ତାଳଚେର-ବିମଳାଗଡ ରେଳପଥ**

ଜମି ଅଧିଗ୍ରହଣ ସମସ୍ୟାରୁ ବହୁ ପ୍ରତୀକ୍ଷିତ ତାଳଚେର–ବିମଳାଗଡ ରେଳପଥ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହୋଇଚାଲିଛି। ଏହି ରେଳପଥ ନିର୍ମାଣ ଦାବି ନେଇ ରାଉରକେଲା ସଚେତନ ନାଗରିକ ମଞ୍ଚ, ତାଳଚେର ବିମଳାଗଡ ରେଳ ଆକ୍ସନ କମିଟି, ନାଗରିକ ସୁରକ୍ଷା କମିଟି ସମେତ ବହୁ ଅନୁଷ୍ଠାନ ପକ୍ଷରୁ ୨୦୨୧ରେ ହାଇକୋର୍ଟରେ ଏ ସଂକ୍ରାନ୍ତୀୟ ଏକ ଜନସ୍ୱାର୍ଥ ମମାଳା ଦାୟର ହୋଇଥିଲା। ତତ୍କାଳୀନ ହାଇକୋର୍ଟ ମୁଖ୍ୟ ବିଚାରପତି ଏହାର ରାୟ ଶୁଣାଇଥିଲେ। ଏଥିସହ ତାଳଚେର–ବିମଳାଗଡ ରେଳପଥ ନିର୍ମାଣ ଜନିତ ଜମି ଅଧିଗ୍ରହଣ ସକାଶେ ସୁନ୍ଦରଗଡ, ଅନୁଗୁଳ, ଦେବଗଡ ଜିଲାରେ ଆବଶ୍ୟକ ଜମି ଅଧିଗ୍ରହଣ କରିବା ପାଇଁ ତାଲିକା ଜାରି କରିଥିଲେ। ଏହାପରେ ସୁନ୍ଦରଗଡ, ଅନୁଗୁଳ ଏବଂ ଦେବଗଡ ଜିଲାପାଳ ହାଇକୋର୍ଟରେ ଜମି ଅଧିଗ୍ରହଣ ନେଇ ସତ୍ୟପାଠ ଦାଖଲ କରିଥିଲେ। ଇତିମଧ୍ୟରେ ଅନୁଗୁଳ ଜିଲାରେ ରେଳପଥ ନିର୍ମାଣ ପାଇଁ ୧୦୦ପ୍ରତିଶତ ଜମି ଅଧିଗ୍ରହଣ ହୋଇଥିବା ବେଳେ ଦେବଗଡ ଜିଲାର ୪ଟି ଗ୍ରାମର ୧୧୫.୭୦ଏକର ବେସରକାରୀ ଜମି ଚିହ୍ନଟ ହୋଇଥିଲା। ପରବର୍ତ୍ତୀ ସମୟରେ ଜମି ଅଧିଗ୍ରହଣ ହେବାକୁ ଥିବା ବେସରକାରୀ ଜମିଜନିତ କ୍ଷତିପୂରଣ ରାଶି ପାଇଁ ସମ୍ବଲପୁର ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃ ବନ୍ଦୋବସ୍ତ ନ୍ୟାୟାଳୟ (ଏଲଏଆର ଏଣ୍ଡ ଆର) କୋର୍ଟରେ ୧୭୦ଟି ମାମଲା ଦାୟର ହୋଇଥିଲା। ସେହିପରି ସୁନ୍ଦରଗଡ ଜିଲାର ୨ଟି ଗ୍ରାମର ୩୪.୬୫ ଏକର ଜମି ଅଧିଗ୍ରହଣ ଅପେକ୍ଷାରେ ଥିବାବେଳେ ଉଚ୍ଛେଦ ପ୍ରକ୍ରିୟା ମଧ୍ୟ ଆଗେଇନାହିଁ। ଅନ୍ୟପଟେ ବାରକୋଟ ତହସିଲରେ ତାଳଚେର–ବିମଳାଗଡ ରେଳପଥ ୧୩.୭ ସି ଡାଇଭର୍ସନ ପଥ ନିର୍ମାଣ କାର୍ଯ୍ୟ ଗତିଶୀଳ ଥିବାବେଳେ ପାଲଲହଡା ମହୁଲଡିହ ଯାଏ ଜମି ଅଧିଗ୍ରହଣ ହୋଇପାରୁ ନ ଥିବାରୁ ରେଲୱେ ପକ୍ଷରୁ ଆର୍ଥିକ ନିବେଶ ମଧ୍ୟ ମିଳିପାରୁନି। ଏଣୁ ଦେବଗଡ ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କଲେ ତାଳଚେର–ବିମଳାଗଡ ରେଳପଥ ନିର୍ମାଣ କାର୍ଯ୍ୟ ବେଗଗାମୀ ହୋଇପାରନ୍ତା ବୋଲି ରାଉରକେଲା ସଚେତନ ନାଗରିକ ମଞ୍ଚ ସଭାପତି ବିମଳ ବିଶି, ସମ୍ପାଦକ ପି. ପି. ରାୟ ପ୍ରମୁଖ ମତ ଦେଇଛନ୍ତି।


**ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍**
ଜୋନ୍-ଏ, ଚତୁର୍ଥ ମହଲା, ଫରଚୁନ୍ ଟାୱାର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୨୩

**ସର୍ବସାଧାରଣ ବିଜ୍ଞପ୍ତି**

**କେଶ୍ ନମ୍ବର ୫ ଅଫ୍ ୨୦୨୫**

୧) ବିଦ୍ୟୁତ୍ ନିୟମ, ୨୦୦୩ର ଧାରା ୬୨ ଏବଂ ୮୬ ଅନୁଯାୟୀ ଆବେଦନ ପ୍ରକାଶନ ଓଡ଼ିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ୍ (ଓଇଆରସି) (ଜେନେରେସନ୍ ଶୁଳ୍କ ନିର୍ଣ୍ଣୟ ପାଇଁ ସର୍ତ୍ତାବଳୀ ଏବଂ ନିୟମାବଳୀ) ନିୟମାବଳୀ, ୨୦୨୦ ଏବଂ ଓଇଆରସି (ଇଣ୍ଟିଗ୍ରେଟେଡ୍ ଖଣିରୁ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଣ୍ଣୟ) ନିୟମାବଳୀ, ୨୦୨୪ ସହିତ ଓଇଆରସି (କଣ୍ଡକ୍ଟ ଅଫ୍ ବିଜିନେସ୍) ନିୟମାବଳୀ, ୨୦୦୪ ଅନୁଯାୟୀ ଦାଖଲ କରାଯାଇଥିବା ଆବେଦନପତ୍ର ଯଥା (୧) ମଞ୍ଜୁରୀପ୍ରାପ୍ତ ନିମନ୍ତେ ମନୋହରପୁର ଏବଂ ଡିପସାଇଡ୍ ମନୋହରପୁର କୋଇଲା ଖଣିରୁ ପ୍ରଦାନ କରାଯାଇଥିବା ତା୩୦.୦୯.୨୦୨୧ (ବାଣିଜ୍ୟିକ କାର୍ଯ୍ୟ ତାରିଖ) ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ (୨) ତା୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଉକ୍ତ କୋଇଲା ଖଣିରୁ ପ୍ରଦାନ କରିବାକୁ ଥିବା କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଓଇଆରସି (ଭୁବନେଶ୍ୱର-୨୧)କୁ କରାଯାଇଥିବା ଅନୁମୋଦନ ।

୨) ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ଦ୍ୱାରା ଓଇଆରସିକୁ ୧୧.୦୨.୨୦୨୫ରେ ଦାଖଲ କରାଯାଇଥିବା ଆବେଦନପତ୍ର ଯଥା (୧) ମଞ୍ଜୁରୀ ପ୍ରାପ୍ତ ନିମନ୍ତେ ମନୋହରପୁର ଏବଂ ଡିପସାଇଡ୍ ମନୋହରପୁର କୋଇଲା ଖଣିରୁ ପ୍ରଦାନ କରାଯାଇଥିବା ତା୩୦.୦୯.୨୦୨୧ (ବାଣିଜ୍ୟିକ କାର୍ଯ୍ୟ ତାରିଖ) ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ (୨) ତା୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଉକ୍ତ କୋଇଲା ଖଣିରୁ ପ୍ରଦାନ କରିବାକୁ ଥିବା କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣର ସାର୍ବଜନୀନ ବିଜ୍ଞପ୍ତିର ଦାଖଲ ଏବଂ ସବିଶେଷ ବିଷୟଗୁଡିକ ଓସିପିଏଲ୍ ୱେବସାଇଟ୍ www.ocpl.org.in ଓ ଆୟୋଗର ୱେବସାଇଟ୍ www.orierc.org ରୁ ଡାଉନଲୋଡ୍ କରାଯାଇପାରିବ ।

୩) ଓସିପିଏଲ୍ ଦ୍ୱାରା ଦାଖଲ କରାଯାଇଥିବା ଆବେଦନପତ୍ରର ସମ୍ପୂର୍ଣ୍ଣ ସେଟ୍ ବିଦ୍ୟୁତ୍ ନିୟମ, ୨୦୦୩ର ଧାରା ୬୨ ଓ ୮୬ ଏବଂ ଓଇଆରସି (ଇଣ୍ଟିଗ୍ରେଟେଡ୍ ଖଣିରୁ କୋଇଲାର ଇନପୁଟ ମୂଲ୍ୟ ନିର୍ଣ୍ଣୟ) ନିୟମାବଳୀ, ୨୦୨୪ ଅନୁଯାୟୀ ଓସିପିଏଲ୍ କାର୍ଯ୍ୟାଳୟରୁ (ଭୁବନେଶ୍ୱର-୭୫୧୦୨୩) ତା୦୪.୦୫.୨୦୨୫ କିମ୍ବା ପୂର୍ବରୁ କାର୍ଯ୍ୟାଳୟ ସମୟରେ ୧୦୦ ଟଙ୍କା ଶୁଳ୍କ ପ୍ରଦାନ କରି ଉକ୍ତ ପତ୍ରର ଫଟୋକପି ମଧ୍ୟ ପାଇପାରିବେ ।

୪) ଯଦି କୌଣସି ପରାମର୍ଶ/ଆପତ୍ତି ଥାଏ, ଉକ୍ତ ପରାମର୍ଶ/ଆପତ୍ତିକୁ ପତ୍ର ମାଧ୍ୟମରେ ଆବଶ୍ୟକୀୟ ତଥ୍ୟ ସହିତ ଓଇଆରସିର ସଚିବଙ୍କ କାର୍ଯ୍ୟାଳୟ ଯଥା: "ଓଡିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ୍, ପ୍ଲଟ୍ ନମ୍ବର ୪, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧" ଠିକଣାରେ ବ୍ୟକ୍ତିଗତ ଭାବରେ କିମ୍ବା ଡାକ ମାଧ୍ୟମରେ ଦାଖଲ କରାଯାଇପାରିବ, ଯାହା ଓଇଆରସିର କାର୍ଯ୍ୟାଳୟରେ ତା୦୪.୦୫.୨୦୨୫ କିମ୍ବା ପୂର୍ବରୁ ପହଞ୍ଚିବା ଆବଶ୍ୟକୀୟ ଅଟେ ଏବଂ ଉକ୍ତ ପତ୍ରର ଏକ ନକଲ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତିଙ୍କୁ ପ୍ରଦାନ କରିବା ଜରୁରୀ ଅଟେ ।
(କ) ପରାମର୍ଶ/ଆପତ୍ତିପତ୍ର ସାତଟି କପି ସହିତ ଦାଖଲ କରାଯିବା ଜରୁରୀ ଅଟେ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିର ସମ୍ପୂର୍ଣ୍ଣ ନାମ ସହିତ ସଂସ୍ଥା/ପ୍ରତିଷ୍ଠାନର ସମ୍ପୂର୍ଣ୍ଣ ଡାକଠିକଣା, ଇ-ମେଲ୍ ଆଇଡି ଏବଂ ଯୋଗାଯୋଗ ଟେଲିଫୋନ୍ ନମ୍ବର ରହିବା ଆବଶ୍ୟକୀୟ ଅଟେ। ଉକ୍ତ ପତ୍ରଟି ଏକ ଆଫିଡେଭିଟ୍ ଦ୍ୱାରା ଦାଖଲ କରିବା ଜରୁରୀ ଅଟେ ।
(ଖ) କେବଳ ଆଫିଡେଭିଟ୍ ସହିତ ଗ୍ରହଣ କରାଯାଇଥିବା ବୈଧ ଆପତ୍ତି/ପରାମର୍ଶଗୁଡ଼ିକ ଶୁଣାଣି ପାଇଁ ବିଚାରକୁ ନିଆଯିବ ।

୫) ଯେଉଁ ପକ୍ଷମାନଙ୍କର ଆପତ୍ତି ସ୍ୱୀକାର କରାଯିବ, କମିଶନ ସେମାନଙ୍କୁ ଶୁଣାଣିର ତାରିଖଗୁଡ଼ିକ ବିଧିବଦ୍ଧ ଭାବରେ ଜଣାଇବେ।

**ତାରିଖ: ୧୮.୦୪.୨୦୨୫ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଓସିପିଏଲ୍)**



**House Construction**
Starting @1599/per Sqft.
**Simplex /Duplex / Triplex / Apartment**
By The Experts Only.
(With Branded Materials like Rebar- Tata /Jsw /Jindal , Cement-Ultratech /Acc / Dalmia, Bricks-10", Tiles- kajaria / Somany, Paints-Asian / Berger, Sanitary Fittings-Jaquar / Hindware / Cera, Electrical Wire - Finolex / Havells / Polycab, Modular Switches Havells / Anchor / Cona / Goldmedal, UPvc Window- Fenesta / Veka / Lg / Saint Gobain)
**M Planets -7008550473**
L427, Baramunda, Bhubaneswar.



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, କଲେଜ ସ୍କୋୟାର ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, କଲେଜ ସ୍କୋୟାର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| କଲେଜ ସ୍କୋୟାର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ପ୍ଲୁଟୋ ପେଟ୍ ସପ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସଂଗ୍ରାମ ସେନାପତି, ପିତା: ଶ୍ରୀ ଯୁଧିଷ୍ଠିର ସେନାପତି, ସା: ରିଙ୍ଗ୍ ରୋଡ଼, ଖାନ୍ ନଗର, ଜିଲ୍ଲା: କଟକ-୭୫୩୦୧୨ / ଗ୍ୟାରେଣ୍ଟିଦାତା: ଶ୍ରୀ ସୁଜିତ୍ ସେନାପତି, ପିତା: ଶ୍ରୀ ଯୁଧିଷ୍ଠିର ସେନାପତି, ସା: ଗୋପେଶ୍ୱର ବିହାର, କଲ୍ୟାଣୀ ନଗର, ଦରଘାପାଟଣା, ଜିଲ୍ଲା: କଟକ-୭୫୩୦୧୩ | ଟ.୨୨,୮୫,୮୪୫.୮୬ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୮.୦୧.୨୦୨୫ / ୧୬.୦୪.୨୦୨୫ | ଶ୍ରୀ ସୁଜିତ୍ ସେନାପତି, ପିତା: ଶ୍ରୀ ଯୁଧିଷ୍ଠିର ସେନାପତିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୂଆପଡ଼ା, ଥାନା: କଟକ ସଦର, ତହସିଲ: କଟକ ସଦର, ଜିଲ୍ଲା: କଟକ, ପ୍ଲଟ୍ ନଂ.: ୭୩/୬୨୦୦, ଖାତା ନଂ.: ୬୧୪/୨୬୯୩, ପରିମିତ କ୍ଷେତ୍ର: ଏକର ୦.୦୧୮ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲକ୍ଷ୍ମୀ ନାରାୟଣ ସିଂ, ପୂର୍ବ: ପ୍ଲଟ୍ ନଂ.: ୨୩୫, ଦକ୍ଷିଣ: ଅବଧୂତ ମିଶ୍ର, ପଶ୍ଚିମ: ଇଜମାଇଲ୍ ରୋଡ଼ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୯.୦୪.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ସରଫେଶୀ ଆକ୍ଟ ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିବା ପରେ ଯଦି କିଛି ଅର୍ଥ ପୈଠ କରାଯାଇଥାଏ ତେବେ ଆକାଉଣ୍ଟ ସମାଧାନ ସମୟରେ ପ୍ରଦାନ କରାଯିବାକୁ ଥିବା ଦେୟ ବିଷୟରେ ଜାଣିବା ପାଇଁ ସେହି ଅର୍ଥକୁ କଳନା କରାଯିବ। ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ତମାଣ୍ଡୋ ଶାଖା/ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ମମତା ଭେରାଇଟି ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କୃପାସିନ୍ଧୁ ପ୍ରଧାନ, ପିତା: ସ୍ୱ କରୁଣାକର ପ୍ରଧାନ / ଗ୍ୟାରେଣ୍ଟିଦାତା: ସ୍ୱ କରୁଣାକର ପ୍ରଧାନ, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍-୧୧୫୬, ଫେଜ୍-୨, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୧୯ / ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ କୃପାସିନ୍ଧୁ ପ୍ରଧାନ (ଋଣଗ୍ରହୀତା ଏବଂ ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ସ୍ୱ କରୁଣାକର ପ୍ରଧାନ, ୨) ଧାନି ପ୍ରଧାନ (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱାମୀ: ସ୍ୱ କରୁଣାକର ପ୍ରଧାନ, ୩) ସୌଦାମିନୀ ପ୍ରଧାନ (ମୃତକ ଦିନବନ୍ଧୁ ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ ଏବଂ ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱାମୀ: ସ୍ୱ ଦିନବନ୍ଧୁ ପ୍ରଧାନ, ୪) ସୌଦାମିନୀ ପ୍ରଧାନ (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ ଏବଂ ମୃତକ ଦିନବନ୍ଧୁ ପ୍ରଧାନଙ୍କ ନାବାଳକ ପୁତ୍ର ଶ୍ରୀ ସତ୍ୟଜିତ୍ ପ୍ରଧାନଙ୍କ ତରଫରୁ), ସ୍ୱାମୀ: ସ୍ୱ ଦିନବନ୍ଧୁ ପ୍ରଧାନ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍-୧୧୫୬, ଫେଜ୍-୨, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୧୯, ୫) ଶ୍ରୀମତୀ ମମତା ପାତ୍ର (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱାମୀ: ଗଦାଧର ପାତ୍ର, ସା/ପୋ: ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯ | ଟ.୮,୮୯,୨୧୫/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୫.୦୨.୨୦୨୫ / ୧୯.୦୪.୨୦୨୫ | ସ୍ୱ କରୁଣାକର ପ୍ରଧାନଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଉସ୍ ନଂ.: ଏଲ୍-୧୧୫୬, ଖାତା ନଂ.: ୫୧୭, ପ୍ଲଟ୍ ନଂ.: ଏଲଆଇଜି-୧୧୧୦(ଅଂଶ), କ୍ଷେତ୍ର: ଏକର୦.୦୨୬ ଡିସିମିଲି ଯାହା ୧୧୨୫ ବର୍ଗଫୁଟ, କିସମ: ଘରବାରୀ, ମୌଜା: ଡୁମୁଡୁମା, ଥାନା: ଖଣ୍ଡଗିରି, ଏସ୍‌ଆର୍‌ଓ: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ୩୦ ଫୁଟିଆ ଚଉଡା ସିସି ରୋଡ, ଦକ୍ଷିଣ: ଏଲ୍-୧୧୫୭, ପୂର୍ବ: ୩୦ ଫୁଟିଆ ଚଉଡା ସିସି ରୋଡ, ପଶ୍ଚିମ: ଏଲ୍-୧୧୫୫ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୦.୦୪.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

# ବନ୍ଧପଡ଼ା ଅଞ୍ଚଳରେ କାଳବୈଶାଖୀ: ବ୍ୟାପକ କ୍ଷୟକ୍ଷତି

ଦେଓଗାଁ,୧୯।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବନ୍ଧପଡା ଓ ଏହାର ଆଖପାଖ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି। ବନ୍ଧପଡା, ଧଣ୍ଡାମାଳ, ସିଂହାମୁଣ୍ଡା, ରାମଚନ୍ଦ୍ରପୁର, ଦେଷଣ୍ଡ ଆଦି ପଞ୍ଚାୟତରେ ସନ୍ଧ୍ୟା ୭ଟାରୁ ୮ଟା ପର୍ଯ୍ୟନ୍ତ ଜୋରରେ ପବନ ବହିବା ସହ କୁଆପଥର ପଡିଥିଲା। ପବନରେ ଉପରୋକ୍ତ ୫ଟି ପଞ୍ଚାୟତରେ ଅନେକ ପୁରୁଣା ଗଛ ଉପୁଡି ପଡିଥିବା ବେଳେ କେତେକ ସ୍ଥାନରେ ଗଛଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ଗଛ ଡାଳ ଭାଙ୍ଗି ପଡିବାରୁ କେତେକ ଘର ତଥା ଦୋକାନ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଥିବାରୁ ଅଦ୍ୟାବଧି ଏହିସବୁ ଅଞ୍ଚଳକୁ ବିଦ୍ୟୁତ ସରବରାହ ବନ୍ଦ ରହିଛି। ଝଡତୋଫାନ ସହ କୁଆପଥର ପଡିବା ଦ୍ୱାରା ବିଭିନ୍ନ ପନିପରିବା, ଧାନ ସମେତ କେନ୍ଦୁପତ୍ର ନଷ୍ଟ ହୋଇଯାଇଛି।



ବନ୍ଧପଡା ମୁଖ୍ୟରାସ୍ତାରେ କାଳବୈଶାଖୀ ପ୍ରଭାବରେ ଏକ ପୁରୁଣା ଗଛ ଭାଙ୍ଗି ପଡିଛି।

କେତେକ ସ୍ଥାନରେ ନୂତନ ଫଡିଗୃହଗୁଡିକ ଭାଙ୍ଗି ଯାଇଥିବା ବେଳେ ଅନେକଙ୍କ ଘରର ଆଜବେଷ୍ଟସ ପବନରେ ଉଡି ଯାଇଥିବା ଦେଖିବାକୁ ମିଳିଛି। ଧଣ୍ଡାମାଳ ଅଞ୍ଚଳରେ ବହୁ ସଂଖ୍ୟାରେ ବଗ ତଥା ଅନ୍ୟାନ୍ୟ ପକ୍ଷୀ ମରି ପଡିଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। କୁଆପଥର ମାଡରେ ବିଶେଷ କରି ତରଭୁଜ, ମାଖନ,କାକୁଡି, ଆମ୍ବ ଆଦି ନଷ୍ଟ ହୋଇଥିବା ବେଳେ ରବି ଧାନ ଚାଷ ପ୍ରଭାବିତ ହୋଇଛି। ଫସଲ ନଷ୍ଟ ଯୋଗୁ ଚାଷୀ ମହଲରେ ହତାଶଭାବ ଦେଖାଦେଇଛି। ଅପରପକ୍ଷରେ କେନ୍ଦୁପତ୍ର ନଷ୍ଟ ଯୋଗୁ କେନ୍ଦୁପତ୍ର ତୋଳାଳିମାନେ କିପରି ପରିବାର ଚଳାଇବେ ସେହି ଚିନ୍ତାରେ ଥିବା ଦେଖିବାକୁ ମିଳିଛି। ବନ୍ଧପଡା ମୁଖ୍ୟରାସ୍ତା ତଥା ପଞ୍ଚାୟତ କୋଠା ପାଚେରି ଉପରେ ପଡିଥିବା ଗଛଗୁଡିକୁ ଦେଓଗାଁ ଦମକଳ ବାହିନୀ ଆସି ରାତିରେ କାଟିଥିବା ବେଳେ ସ୍ଥାନୀୟ ସରପଞ୍ଚ ଗୋପାଳଚନ୍ଦ୍ର ମିଶ୍ର ଉପସ୍ଥିତ ରହି ତଦାରଖ କରିଥିଲେ।

ଏହି ଅବସରରେ ସେ ତହସିଲଦାରଙ୍କ ସହ ଆଲୋଚନା କରି ଚାଷୀଙ୍କ କ୍ଷତିପୂରଣ ପ୍ରଦାନ ପାଇଁ ଆକଳନ କରିବାକୁ ଦାବି କରିଥିଲେ। ସେହିପରି ଧଣ୍ଡାମାଳ ପଞ୍ଚାୟତ ସମେତ ବ୍ଲକର ଅନ୍ୟ ସ୍ଥାନରେ ହୋଇଥିବା କ୍ଷୟକ୍ଷତର ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ ଦାବି କରିଛନ୍ତି। ଏନେଇ ସ୍ଥାନୀୟ ତହସିଲଦାର ନର୍ମଦା ନାୟକଙ୍କୁ ପଚାରିବାରେ ସମସ୍ତ ଆରଆଇମାନଙ୍କୁ ଗାଁ ଗାଁ ବୁଲି କ୍ଷୟକ୍ଷତିର ଆକଳନ କରି ପ୍ରକୃତ ରିପୋର୍ଟ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ସମସ୍ତ ରିପୋର୍ଟ ଦାଖଲ ହେବ ବୋଲି ସେ କହିଛନ୍ତି।

# ରାମଲୀଳାରେ ସୀତା ହରଣ, ଜଟାୟୁ ମରଣ

ବଲାଙ୍ଗୀର,୧୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଜଗନ୍ନାଥପଡା ଠାରେ ରାମଜୀ ନାଟକ ସଂସଦ ପକ୍ଷରୁ ଆୟୋଜିତ ରାମଲୀଳା ନାଟକରେ ଶୁକ୍ରବାର ରାତିରେ ସୀତା ହରଣ, ଜଟାୟୁ ମରଣ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ମାୟା ମୃଗ ରାମଙ୍କ ବନବାସ କୁଟୀର ନିକଟରେ ବିଚରଣ କରିବା, ସୀତା ସୁନା ହରିଣ ଦେଖି ପ୍ରଲୁବ୍ଧ ହେବା, ଋଷି ବେଶରେ ରାବଣ ଭିକ୍ଷା ମାଗିବାକୁ ଆସି ସୀତାଙ୍କୁ ହରଣ କରିବା ଦୃଶ୍ୟକୁ କଳାକାରମାନେ ନିଖୁଣ ଭାବେ ଅଭିନୟ କରିଥିଲେ। ସୀତା ହରଣ ସମୟରେ ତାଙ୍କ କ୍ରନ୍ଦନ ଶୁଣି ଜଟାୟୁ ପକ୍ଷୀ ରାବଣ ସହ ଯୁଦ୍ଧ କରି ସୀତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିବା ଦୃଶ୍ୟ ଦର୍ଶକଙ୍କ ମନ ମୋହିଥିଲା। ଗୁରୁଶ୍ରୀ ବାଳମୁକୁନ୍ଦ ବେହେରା ବୈଶ୍ୟ ସଦାଶିବ ରଚିତ ରାମଲୀଳାକୁ ସୁଲଳିତ କଣ୍ଠରେ ଗାନ କରିଥିଲେ। ଶ୍ରୀରାମ ଭୂମିକାରେ ଶୈଳେନ କୁମାର ବାବୁ, ଲକ୍ଷ୍ମଣ ଭୂମିକାରେ



ରାମଲୀଳାର ସୀତା ହରଣ ଦୃଶ୍ୟ।

ଆନନ୍ଦ ମିଶ୍ର, ସୀତା ଭୂମିକାରେ ମାନସ ସାହୁ, ରାବଣ ଭୂମିକାରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ରୁଦ୍ର ନାରାୟଣ ପଟେଲ, ଜଟାୟୁ ପକ୍ଷୀ ଭୂମିକାରେ ଘନଶ୍ୟାମ ସାହୁ, ମାୟା ମୃଗ ଭୂମିକାରେ ଅମିତ ବେହେରା, ଜଟି ରାବଣ ଭୂମିକାରେ କୁମୁଦ ରଞ୍ଜନ ନାଏକ, ଇନ୍ଦ୍ର ଭୂମିକାରେ ଚିଦାନନ୍ଦ ବେହେରା ଓ ସଂସଦର ଅନ୍ୟାନ୍ୟ କଳାକାର ଅଭିନୟ କରିଥିଲେ। ରବି ନାରାୟଣ ନାଏକ ମଞ୍ଚସଜ୍ଜା ନିର୍ଦ୍ଦେଶନା ଦେଇଥିଲେ।

# ୨ ଯୁବକ ଗିରଫ, ୩ ଫେରାର

ଲୋଇସିଂହା,୧୯।୪(ସୁଶାନ୍ତ ବାରିକ)

ଶନିବାର ପୋଲିସ ଲୋଇସିଂହା ଥାନା ଅଧୀନ ହୀରାପୁର ଛକ ସାପ୍ତାହିକ ବଜାରରେ ଚଢାଉ କରି ଡକାୟତି ଯୋଜନା କରୁଥିବା ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲୋଇସିଂହା ଥାନା ହୀରାପୁର ପଞ୍ଚାୟତ ବାଉଲୁ ଗାଁର ଆକାଶ ନାଗ ଓ ଆଶିଷ ବାରିକ। ସନ୍ଧ୍ୟାରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ଠାରୁ ପୋଲିସ ଏକ ପିସ୍ତଲ ଜବତ କରିଥିବା ବେଳେ ବୁର୍ହି ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ଘଟିଥିବା ଲୁଟ୍ ଓ ଫାୟାରିଂ ଘଟଣାରେ ସଂପୃକ୍ତ ଥିବା ତଦନ୍ତ ବେଳେ ଜାଣିବାକୁ ପାଇଛି। ପୋଲିସ ସୂଚନା ଅନୁଯାୟୀ, କେତେଜଣ ଯୁବକ ହୀରାପୁର ଛକ



ଗିରଫ ଦୁଇ ଅଭିଯୁକ୍ତ।

**ହୀରାପୁର ଛକରେ ଡକାୟତି ଉଦ୍ୟମ ପଣ୍ଡ**

ବଜାରଠାରେ ବସି ଡକାୟତି ପାଇଁ ଯୋଜନା କରୁଥିବା ନେଇ ଲୋଇସିଂହା ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ପରେ ଲୋଇସିଂହା ଆଇଆଇସି ଯାଜ୍ଞସିନୀ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢାଉ କରିଥିଲା। ଘଟଣାସ୍ଥଳରୁ ପୋଲିସ ଦୁଇ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ତିନି ଜଣ ଯୁବକ ସେଠାରୁ କୌଶଳକ୍ରମେ ଫେରାର ହୋଇ ଯାଇଥିଲେ। ତେବେ ଏନେଇ ଲୋଇସିଂହା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଉଛି। ଗିରଫ ଦୁଇ ଅଭିଯୁକ୍ତ ପୂର୍ବରୁ ମଧ୍ୟ ଏକାଧିକ ଡକାୟତି ମାମଲାରେ ସଂପୃକ୍ତ ଥିବା ତଦନ୍ତରୁ ଜଣାପଡିଛି। ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଆଇଆଇସି ନାୟକ କହିଛନ୍ତି।

# 'ଓଭୋ ଫାର୍ମ ଆକାଂକ୍ଷୀ ଜିଲାରେ ବିଶ୍ୱସ୍ତରୀୟ ପ୍ରୟୋଗଶାଳା'

ବଲାଙ୍ଗୀର,୧୯।୪(ବୀରେନ୍ଦ୍ର କୁମାର ଝାଙ୍କର)

**ଭାରତର ପଞ୍ଚମ ଅଣ୍ଡା ପ୍ରୋସେସିଂ ପ୍ଲାଣ୍ଟ ହେଲା ଓଭୋ ଫାର୍ମ**

ବଲାଙ୍ଗୀର ସହର ସନ୍ନିକଟ ବରକାନୀଠାରେ ନୂତନ ଭାବେ ତିଆରି ହୋଇଥିବା ଓଭୋ ଅଣ୍ଡା ପ୍ରୋସେସିଂ ପ୍ଲାଣ୍ଟକୁ ଶନିବାର ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ ଜୈନ ମଞ୍ଚାସୀନ ଥିଲେ। ଓଭୋ ଫାର୍ମ ମ୍ୟାନେଜିଂ ଡାଇରେକ୍ଟର ସୌମେନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇ ଓଭୋକୁ ଦେଶର ପଞ୍ଚମ ଅଣ୍ଡା ପ୍ରୋସେସିଂ ପ୍ଲାଣ୍ଟ ବୋଲି କହିବା ସହ ଅତ୍ୟାଧୁନିକ ଜ୍ଞାନ କୌଶଳ ସମ୍ପନ୍ନ ପ୍ରଥମ ଅପ୍‌ଗ୍ରେଡେଡ ଅଟୋମେଟେଡ୍ ଟେକ୍ନୋଲୋଜି ବୋଲି ସୂଚନା ଦେଇଥିଲେ। ଏହି ପ୍ଲାଣ୍ଟରେ ଦୈନିକ ସାଢେ ୭ ଲକ୍ଷ ଅଣ୍ଡା ପ୍ରୋସେସିଂ ହୋଇପାରିବ ବୋଲି ସୂଚନା ଦେଇଥିଲେ। ଓଭୋ ଫାର୍ମ ସିଇଓ ସମରେନ୍ଦ୍ର ମିଶ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ କହିଥିଲେ, ବଲାଙ୍ଗୀର କହିଲେ ଲୋକେ ଦାଦନ ବା ପଳାୟନକୁ ବୁଝନ୍ତି। ଓଭୋ ଏହି ଧାରା ଭାଙ୍ଗି ନୂଆ ଧାରା ସୃଷ୍ଟି କରିଛି। ଏହି ଫାର୍ମରେ ଏବେ ଦେଶର ବିଭିନ୍ନ ଅଞ୍ଚଳର ଲୋକେ କାମ କରିବା ଆରମ୍ଭ କରିଛନ୍ତି। ବଲାଙ୍ଗୀର ଭଳି ଆକାଂକ୍ଷୀ ଜିଲାରେ ଓଭୋ ବିଶ୍ୱସ୍ତରୀୟ ପ୍ରୟୋଗଶାଳା ହୋଇଛି। ସଭା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ଏହିସମୟରେ ମନ୍ତ୍ରୀ ଡ. ମହାଲିଙ୍ଗ, ଦୁଇ ବିଧାୟକ, ଜିଲାପାଳ ଗୌରବ ଶିଭାଜୀ ଇସଲୱାର, ଏସ୍‌ପି ଅଭିଲାଷ ଜି, ପୂର୍ବତନ ବିଧାୟକ ନରସିଂହ ମିଶ୍ର, ଆଇନଜୀବୀ ଅମରେନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ବ୍ୟବସାୟୀ ଓ ଉଦ୍ୟୋଗୀ ଯୋଗ ଦେଇଥିଲେ।

# ପାଟଣାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟର ଉଦ୍‌ଘାଟନ,ଭୂମିପୂଜନ

ପାଟଣାଗଡ,୧୯।୪(ସଚ୍ଚିଦାନନ୍ଦ ମହାକୁର)

ଶନିବାର ପାଟଣାଗଡଠାରେ କେନ୍ଦ୍ରୀୟ ବିଦ୍ୟାଳୟର ଉଦ୍‌ଘାଟନ ଓ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଥିଲେ। ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, କେନ୍ଦ୍ରୀୟ ବିଦ୍ୟାଳୟ ଜଏଣ୍ଟ କମିଶନର ବିପେଶ ଗେହେଲଟ, ଡେପୁଟି କମିଶନର ସିଂହରନ ଘୋଷ, ଜିଲାପାଳ ଶିବାଜୀ ଇସଲୱାର, ପାଟଣାଗଡ ଉପଜିଲାପାଳ ସୁନୀଲ ମେହେର ଉପସ୍ଥିତ ଥିଲେ। ଏନଏସିସ୍ଥିତ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଠାରେ ଛାତ୍ରୀଛାତ୍ରମାନେ ପାଠ ପଢିବା ପାଇଁ ପ୍ରଥମେ ଅସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ କରାଯାଇଥିଲା। ପରେ କଉଡିଆ ଗାଁ ନିକଟ ସ୍ଥାୟୀ ଜାଗାରେ ସଭା କାର୍ଯ୍ୟ ହେବା ସହ ସେଠାରେ ଉକ୍ତ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।

# କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟିତ

ଟିଟିଲାଗଡ଼,୧୯।୪(ଶରତ ମିଶ୍ର)

ଶନିବାର ବଲାଙ୍ଗୀର ଜିଲାର ଟିଟିଲାଗଡ଼ଠାରେ ବହୁ ପ୍ରତୀକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟିଟିଲାଗଡ଼ ଗସ୍ତରେ ଆସି ସ୍ଥାନୀୟ ଧବଳେଶ୍ୱର ହାଇସ୍କୁଲ ପରିସରରେ ଚଳିତ ଶିକ୍ଷାବର୍ଷଠାରୁ ଅସ୍ଥାୟୀ ଭାବରେ ଆରମ୍ଭ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଉଦ୍‌ଘାଟନ କରିଛନ୍ତି। ଏହାସହ ୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ଲକପଡାଠାରେ ନିର୍ମାଣ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ନୂତନ କୋଠା ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ ଜୈନ ମଞ୍ଚାସୀନ ଥିଲେ। ଏହାଛଡା ଉପଜିଲାପାଳ ରେହାନ ଖତ୍ରୀ, ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଯୁଗ୍ମ କମିଶନର, ଦିଲ୍ଲୀର ସୋମିତ ଶ୍ରୀବାସ୍ତବ, ସମ୍ବଲପୁର ରେଳ ବିଭାଗ ଏଡ଼ିଆରଏମ ଆନନ୍ଦ ସିଂ ଯୋଗ ଦେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ସହକାରୀ କମିଶନର ବିରବଲ ଧିନୱା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ଜିଲା ସଭାପତି ଶ୍ରୀବସ୍ତ ବେହେରା, ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ନଗର ସଭାପତି ବୁଦ୍ଧିଆ ଆଚାର୍ଯ୍ୟ, ରଞ୍ଜୁ ରାଏମନ, ପ୍ରଦୀପ ସାହୁ, ସଞ୍ଜୟ ତ୍ରିପାଠୀ, ଅଶ୍ୱିନୀ ସାହୁ, ସୂର୍ଯ୍ୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଚିନ୍ତିତ ମତାମତ ଦେଲେ ଅଭିଭାବକ

ଲୋଇସିଂହା,୧୯।୪(ସୁଶାନ୍ତ ବାରିକ)

ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ହାଇସ୍କୁଲ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ ମେହେର ଅଧ୍ୟକ୍ଷତା କରିଥିଲେ। ଏଥିରେ ପରିଚାଳନା ପରିଷଦ ସଭାପତି ରାଜେଶ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମେହେର ଏହି ଅବସରରେ ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଲାଗୁ ହୋଇଥିବା ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ମାଧ୍ୟମରେ ମଧ୍ୟାହ୍ନ ଭୋଜନ ସମେତ କାର୍ଯ୍ୟକାରୀ ହେଉଥିବା ଅନ୍ୟାନ୍ୟ ଯୋଜନା ସମ୍ପର୍କରେ କହିଥିଲେ। ଏପରିକି ୯ମ ଶ୍ରେଣୀରେ ଚଳିତବର୍ଷ ବିଦ୍ୟାଳୟରେ ଉତ୍ସାହଜନକ ନାମ ଲେଖାକୁ ନେଇ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଖାଲି ପଡ଼ିଥିବା ହିନ୍ଦୀ ଓ ବିଜ୍ଞାନ ଶିକ୍ଷକ ନିଯୁକ୍ତି (ନିୟମିତ), ପାନୀୟ ଜଳ ବ୍ୟବସ୍ଥା ,ମଧ୍ୟାହ୍ନ ଭୋଜନ ରୋଷେଇ ଘର ଓ ଅର୍ଦ୍ଧନିର୍ମିତ ଶ୍ରେଣୀ କୋଠରୀ କାମ ସମ୍ପୂର୍ଣ୍ଣ ପାଇଁ ମତପ୍ରକାଶ ପାଇଥିଲା। ଏନେଇ ସ୍ଥାନୀୟ ବିଧାୟକ ଓ ଜିଲା ପ୍ରଶାସନ ଦୃଷ୍ଟି ଆକର୍ଷଣ ପାଇଁ ଆଲୋଚନା ହୋଇଥିଲା। ସେହିପରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୌନବତୀ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏବିଓ ଟଙ୍କଧର ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଛନ୍ଦାଚରଣ ଖମାରୀ, ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଛତ୍ରିଆ ୨୦୨୫ –୨୬ ଶିକ୍ଷାବର୍ଷ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟ ବିକାଶ ସାଙ୍ଗକୁ ଉତ୍କୃଷ୍ଟ ଶିକ୍ଷାଦାନ ଉପରେ ଅଭିଭାବକଙ୍କ ମତାମତ ଲୋଡ଼ିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ଛତ୍ରିଆ ଓ ସହକର୍ମୀ। ଏହି ଅବସରରେ ଅଭିଭାବକମାନେ ସୁଚିନ୍ତିତ ମତାମତ ଦେଇଥିଲେ। ସୌଦାମିନୀ ସାହୁ ଧନ୍ୟବାଦ ଦେଇଥିଲେ।


**ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍**
ଜୋନ୍-ଏ, ଚତୁର୍ଥ ମହଲା, ଫରଚୁନ୍ ଟାୱାର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୨୩

**ସର୍ବସାଧାରଣ ବିଜ୍ଞପ୍ତି**

**କେଶ୍ ନମ୍ବର ୫ ଅଫ୍ ୨୦୨୫**

୧) ବିଦ୍ୟୁତ୍ ନିୟମ, ୨୦୦୩ର ଧାରା ୬୨ ଏବଂ ୮୬ ଅନୁଯାୟୀ ଆବେଦନ ପ୍ରକାଶନ ଓଡ଼ିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ୍ (ଓଇଆରସି) (ଜେନେରେସନ୍ ଶୁଳ୍କ ନିର୍ଣ୍ଣୟ ପାଇଁ ସର୍ତ୍ତାବଳୀ ଏବଂ ନିୟମାବଳୀ) ନିୟମାବଳୀ, ୨୦୨୦ ଏବଂ ଓଇଆରସି (ଇଣ୍ଟିଗ୍ରେଟେଡ୍ ଖଣିରୁ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଣ୍ଣୟ) ନିୟମାବଳୀ, ୨୦୨୪ ସହିତ ଓଇଆରସି (କଣ୍ଡକ୍ଟ ଅଫ୍ ବିଜିନେସ୍) ନିୟମାବଳୀ, ୨୦୦୪ ଅନୁଯାୟୀ ଦାଖଲ କରାଯାଇଥିବା ଆବେଦନପତ୍ର ଯଥା (୧) ମଞ୍ଜୁରୀପ୍ରାପ୍ତ ନିମନ୍ତେ ମନୋହରପୁର ଏବଂ ଡିପସାଇଡ୍ ମନୋହରପୁର କୋଇଲା ଖଣିରୁ ପ୍ରଦାନ କରାଯାଇଥିବା ତା୩୦.୦୯.୨୦୨୧ (ବାଣିଜ୍ୟିକ କାର୍ଯ୍ୟ ତାରିଖ) ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ (୨) ତା୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଉକ୍ତ କୋଇଲା ଖଣିରୁ ପ୍ରଦାନ କରିବାକୁ ଥିବା କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଓଇଆରସି (ଭୁବନେଶ୍ୱର-୨୧)କୁ କରାଯାଇଥିବା ଅନୁମୋଦନ।

୨) ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ଦ୍ୱାରା ଓଇଆରସିକୁ ୧୧.୦୨.୨୦୨୫ରେ ଦାଖଲ କରାଯାଇଥିବା ଆବେଦନପତ୍ର ଯଥା (୧) ମଞ୍ଜୁରୀ ପ୍ରାପ୍ତ ନିମନ୍ତେ ମନୋହରପୁର ଏବଂ ଡିପସାଇଡ୍ ମନୋହରପୁର କୋଇଲା ଖଣିରୁ ପ୍ରଦାନ କରାଯାଇଥିବା ତା୩୦.୦୯.୨୦୨୧ (ବାଣିଜ୍ୟିକ କାର୍ଯ୍ୟ ତାରିଖ) ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ (୨) ତା୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଉକ୍ତ କୋଇଲା ଖଣିରୁ ପ୍ରଦାନ କରିବାକୁ ଥିବା କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣର ସାର୍ବଜନୀନ ବିଜ୍ଞପ୍ତିର ଦାଖଲ ଏବଂ ସବିଶେଷ ବିଷୟଗୁଡିକ ଓସିପିଏଲ୍ ୱେବସାଇଟ୍ www.ocpl.org.in ଓ ଆୟୋଗର ୱେବସାଇଟ୍ www.orierc.org ରୁ ଡାଉନଲୋଡ୍ କରାଯାଇପାରିବ।

୩) ଓସିପିଏଲ୍ ଦ୍ୱାରା ଦାଖଲ କରାଯାଇଥିବା ଆବେଦନପତ୍ରର ସମ୍ପୂର୍ଣ୍ଣ ସେଟ୍ ବିଦ୍ୟୁତ୍ ନିୟମ, ୨୦୦୩ର ଧାରା ୬୨ ଓ ୮୬ ଏବଂ ଓଇଆରସି (ଇଣ୍ଟିଗ୍ରେଟେଡ୍ ଖଣିରୁ କୋଇଲାର ଇନପୁଟ ମୂଲ୍ୟ ନିର୍ଣ୍ଣୟ) ନିୟମାବଳୀ, ୨୦୨୪ ଅନୁଯାୟୀ ଓସିପିଏଲ୍ କାର୍ଯ୍ୟାଳୟରୁ (ଭୁବନେଶ୍ୱର-୭୫୧୦୨୩) ତା୦୪.୦୫.୨୦୨୫ କିମ୍ବା ପୂର୍ବରୁ କାର୍ଯ୍ୟାଳୟ ସମୟରେ ୧୦୦ ଟଙ୍କା ଶୁଳ୍କ ପ୍ରଦାନ କରି ଉକ୍ତ ପତ୍ରର ଫଟୋକପି ମଧ୍ୟ ପାଇପାରିବେ।

୪) ଯଦି କୌଣସି ପରାମର୍ଶ/ଆପତ୍ତି ଥାଏ, ଉକ୍ତ ପରାମର୍ଶ/ଆପତ୍ତିକୁ ପତ୍ର ମାଧ୍ୟମରେ ଆବଶ୍ୟକୀୟ ତଥ୍ୟ ସହିତ ଓଇଆରସିର ସଚିବଙ୍କ କାର୍ଯ୍ୟାଳୟ ଯଥା: "ଓଡ଼ିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ୍, ପ୍ଲଟ୍ ନମ୍ବର ୪, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧" ଠିକଣାରେ ବ୍ୟକ୍ତିଗତ ଭାବରେ କିମ୍ବା ଡାକ ମାଧ୍ୟମରେ ଦାଖଲ କରାଯାଇପାରିବ, ଯାହା ଓଇଆରସିର କାର୍ଯ୍ୟାଳୟରେ ତା୦୪.୦୫.୨୦୨୫ କିମ୍ବା ପୂର୍ବରୁ ପହଞ୍ଚିବା ଆବଶ୍ୟକୀୟ ଅଟେ ଏବଂ ଉକ୍ତ ପତ୍ରର ଏକ ନକଲ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତିଙ୍କୁ ପ୍ରଦାନ କରିବା ଜରୁରୀ ଅଟେ।

(କ) ପରାମର୍ଶ/ଆପତ୍ତିପତ୍ର ସାତଟି କପି ସହିତ ଦାଖଲ କରାଯିବା ଜରୁରୀ ଅଟେ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିର ସମ୍ପୂର୍ଣ୍ଣ ନାମ ସହିତ ସଂସ୍ଥା/ପ୍ରତିଷ୍ଠାନର ସମ୍ପୂର୍ଣ୍ଣ ଡାକଠିକଣା, ଇ-ମେଲ୍ ଆଇଡି ଏବଂ ଯୋଗାଯୋଗ ଟେଲିଫୋନ୍ ନମ୍ବର ରହିବା ଆବଶ୍ୟକୀୟ ଅଟେ। ଉକ୍ତ ପତ୍ରଟି ଏକ ଆଫିଡେଭିଟ୍ ଦ୍ୱାରା ଦାଖଲ କରିବା ଜରୁରୀ ଅଟେ।

(ଖ) କେବଳ ଆଫିଡେଭିଟ୍ ସହିତ ଗ୍ରହଣ କରାଯାଇଥିବା ବୈଧ ଆପତ୍ତି/ପରାମର୍ଶଗୁଡ଼ିକ ଶୁଣାଣି ପାଇଁ ବିଚାରକୁ ନିଆଯିବ।

୫) ଯେଉଁ ପକ୍ଷମାନଙ୍କର ଆପତ୍ତି ସ୍ୱୀକାର କରାଯିବ, କମିଶନ ସେମାନଙ୍କୁ ଶୁଣାଣିର ତାରିଖଗୁଡ଼ିକ ବିଧିବଦ୍ଧ ଭାବରେ ଜଣାଇବେ।

**ତାରିଖ: ୧୮.୦୪.୨୦୨୫ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଓସିପିଏଲ୍)**



**House Construction**
Starting @1599/per Sqft.
**Simplex /Duplex / Triplex / Apartment**
By The Experts Only.
(With Branded Materials like Rebar-Tata /Jsw /Jindal , Cement-Ultratech /Acc / Dalmia, Bricks-10", Tiles-kajaria / Somany, Paints-Asian / Berger, Sanitary Fittings-Jaquar / Hindware / Cera, Electrical Wire - Finolex / Havells / Polycab, Modular Switches Havells / Anchor / Cona / Goldmedal, UPvc Window- Fenesta / Veka / Lg / Saint Gobain)
**M Planets -7008550473**
L427, Baramunda, Bhubaneswar.



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार।**

**अल्पकालीन ई–निविदा आमंत्रण सूचना**

संख्या – EE/RDSD/LATEHAR/2/2025-26

1. कार्य की विस्तृत विवरणी:

| क्र०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार के पंचायत भुसूर में Integrated Sports cum Knowledge Center में Administrative Block का निर्माण। | 45015396 | 900500 | 10000 | 12 माह |

2. वेबसाइट में निविदा प्रकाशन की तिथि – 25.04.2025
3. ई–निविदा प्राप्ति की तिथि एवं समय – दिनांक 25.04.2025 से दिनांक 10.05.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –13.05.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
लातेहार।

PR 350643 (Rural Development) 25-26 (D)



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ,
୨ୟ ମହଲା, ସି-୨, ଅଶୋକ ନଗର,
ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, କଲେଜ ସ୍କୋୟାର ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, କଲେଜ ସ୍କୋୟାର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| କଲେଜ ସ୍କୋୟାର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ପ୍ଲୁଟୋ ପେଟ୍ ସପ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସଂଗ୍ରାମ ସେନାପତି, ପିତା: ଶ୍ରୀ ଯୁଧିଷ୍ଠିର ସେନାପତି, ସା: ରିଙ୍ଗ୍ ରୋଡ଼, ଖାନ୍ ନଗର, ଜିଲ୍ଲା: କଟକ-୭୫୩୦୧୨ / ଗ୍ୟାରେଣ୍ଟିଦାତା: ଶ୍ରୀ ସୁଜିତ୍ ସେନାପତି, ପିତା: ଶ୍ରୀ ଯୁଧିଷ୍ଠିର ସେନାପତି, ସା: ଗୋପେଶ୍ୱର ବିହାର, କଲ୍ୟାଣୀ ନଗର, ଦରଘାପାଟଣା, ଜିଲ୍ଲା: କଟକ-୭୫୩୦୧୩ | ଟ.୨୨,୮୫,୮୪୫.୮୬ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୮.୦୧.୨୦୨୫ / ୧୬.୦୪.୨୦୨୫ | ଶ୍ରୀ ସୁଜିତ୍ ସେନାପତି, ପିତା: ଶ୍ରୀ ଯୁଧିଷ୍ଠିର ସେନାପତିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୂଆପଡ଼ା, ଥାନା: କଟକ ସଦର, ତହସିଲ: କଟକ ସଦର, ଜିଲ୍ଲା: କଟକ, ପ୍ଲଟ୍ ନଂ.: ୭୩/୬୨୦୦, ଖାତା ନଂ.: ୬୧୪/୨୬୯୩, ପରିମିତ କ୍ଷେତ୍ର: ଏକର ୦.୦୧୮ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲକ୍ଷ୍ମୀ ନାରାୟଣ ସିଂ, ପୂର୍ବ: ପ୍ଲଟ୍ ନଂ.: ୨୩୫, ଦକ୍ଷିଣ: ଅବଧୂତ ମିଶ୍ର, ପଶ୍ଚିମ: ଇଜମାଇଲ୍ ରୋଡ଼ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୯.୦୪.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି,
ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ସରଫେଶୀ ଆକ୍ଟ ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିବା ପରେ ଯଦି କିଛି ଅର୍ଥ ପୈଠ କରାଯାଇଥାଏ ତେବେ ଆକାଉଣ୍ଟ ସମାଧାନ ସମୟରେ ପ୍ରଦାନ କରାଯିବାକୁ ଥିବା ଦେୟ ବିଷୟରେ ଜାଣିବା ପାଇଁ ସେହି ଅର୍ଥକୁ କଳନା କରାଯିବ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ତମାଣ୍ଡୋ ଶାଖା/ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ମମତା ଭେରାଇଟି ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କୃପାସିନ୍ଧୁ ପ୍ରଧାନ, ପିତା: ୰ କରୁଣାକର ପ୍ରଧାନ / ଗ୍ୟାରେଣ୍ଟିଦାତା: ୰ କରୁଣାକର ପ୍ରଧାନ, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍-୧୧୫୬, ଫେଜ୍-୨, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୧୯ / ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ କୃପାସିନ୍ଧୁ ପ୍ରଧାନ (ଋଣଗ୍ରହୀତା ଏବଂ ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ୰ କରୁଣାକର ପ୍ରଧାନ, ୨) ଧାନି ପ୍ରଧାନ (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱାମୀ: ୰ କରୁଣାକର ପ୍ରଧାନ, ୩) ସୌଦାମିନୀ ପ୍ରଧାନ (ମୃତକ ଦିନବନ୍ଧୁ ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ ଏବଂ ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱାମୀ: ୰ ଦିନବନ୍ଧୁ ପ୍ରଧାନ, ୪) ସୌଦାମିନୀ ପ୍ରଧାନ (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ ଏବଂ ମୃତକ ଦିନବନ୍ଧୁ ପ୍ରଧାନଙ୍କ ନାବାଳକ ପୁତ୍ର ଶ୍ରୀ ସତ୍ୟଜିତ୍ ପ୍ରଧାନଙ୍କ ତରଫରୁ), ସ୍ୱାମୀ: ୰ ଦିନବନ୍ଧୁ ପ୍ରଧାନ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍-୧୧୫୬, ଫେଜ୍-୨, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୧୯, ୫) ଶ୍ରୀମତୀ ମମତା ପାତ୍ର (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱାମୀ: ଗଦାଧର ପାତ୍ର, ସା/ପୋ: ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯ | ଟ.୮,୮୯,୨୯୫/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୫.୦୨.୨୦୨୫ / ୧୯.୦୪.୨୦୨୫ | ୰ କରୁଣାକର ପ୍ରଧାନଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଉସ୍ ନଂ.: ଏଲ୍-୧୧୫୬, ଖାତା ନଂ.: ୫୧୭, ପ୍ଲଟ୍ ନଂ.: ଏଲ୍‌ଆଇଜି-୧୧୧୦(ଅଂଶ), କ୍ଷେତ୍ର: ଏକର୦.୦୨୬ ଡିସିମିଲି ଯାହା ୧୧୨୫ ବର୍ଗଫୁଟ, କିସମ: ଘରବାରୀ, ମୌଜା: ଡୁମୁଡୁମା, ଥାନା: ଖଣ୍ଡଗିରି, ଏସ୍‌ଆରଓ: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ୩୦ ଫୁଟିଆ ଚଉଡା ସିସି ରୋଡ, ଦକ୍ଷିଣ: ଏଲ୍-୧୧୫୭, ପୂର୍ବ: ୩୦ ଫୁଟିଆ ଚଉଡା ସିସି ରୋଡ, ପଶ୍ଚିମ: ଏଲ୍-୧୧୫୫ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୦.୦୪.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱ

## ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ

ଝାରସୁଗୁଡ଼ା,୧୯।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ଶନିବାର ସକାଳ ୮ଟାରେ ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ ଯୋଗଦେଇ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମୂହ ଶେଷ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଲଖନପୁର ବ୍ଲକରେ ଶତ ପ୍ରତିଶତ ଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶ ଦେବା ସହ ଲଖନପୁର, ବ୍ରଜରାଜନଗର ଓ ବେଲପାହାଡ଼ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ଯଥା ସମୟରେ ସମ୍ପୂର୍ଣ୍ଣ କରିବା ଦିଗରେ ଆନୁସଙ୍ଗିକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବ୍ରଜରାଜନଗର ନିର୍ବାଚନମଣ୍ଡଳୀକୁ ରାଜ୍ୟର ଅନ୍ୟତମ ଅଗ୍ରଣୀ ନିର୍ବାଚନମଣ୍ଡଳୀରେ ପରିଣତ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଥିଲେ। ବର୍ଷା ଋତୁ ପୂର୍ବରୁ ସବୁ ରାସ୍ତା କାମ ଶେଷ କରିବା, ଗ୍ରୀଷ୍ମ ଋତୁରେ ସମସ୍ତଙ୍କୁ ପାନୀୟ ଜଳ ଯୋଗାଇବା, ଆଗାମୀ ୫ ବର୍ଷ ମଧ୍ୟରେ ହାଇସ୍କୁଲଗୁଡ଼ିକର ଅପଗ୍ରେଡେଶନ, ପର୍ଯ୍ୟଟନସ୍ଥଳୀଗୁଡ଼ିକ ବିକାଶ, ଲୋ–ଭୋଲ୍ଟେଜ ସମସ୍ୟା ସମାଧାନ, ଉଠା ଜଳସେଚନ, ମଧ୍ୟମ ଓ ମେଗା ଲିଫ୍ଟ ପ୍ରକଳ୍ପ କାର୍ଯ୍ୟଗୁଡିକର ଠିକ କାର୍ଯ୍ୟକାରୀ, ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ଭିତ୍ତିଭୂମି ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତବର୍ଷ ଯେପରି କୌଣସି ଅଂଶୁଘାତ ଜନିତ ମୃତ୍ୟୁ ନ ହୁଏ ସେଥିପ୍ରତି ସତର୍କ ରହିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଅବୋଲୀ ସୁନୀଲ ନରୱଣେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ ତଥ୍ୟ ଉପସ୍ଥାପନ କରିଥିଲେ। ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ, ଅତିରିକ୍ତ ଜିଲାପାଳ ସାଧାରଣ ବ୍ରଜବନ୍ଧୁ ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ, ତହସିଲଦାର, ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲା ପରିଷଦ ସଭ୍ୟ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁତ୍, ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ଦେବେନ୍ଦ୍ର କୁମାର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଉନ୍ନୟନ କମିଟି ବୈଠକରେ ଉପସ୍ଥିତ ମନ୍ତ୍ରୀ, ଜିଲାପାଳ ଏବଂ ଅନ୍ୟମାନେ।

# ବିଭିନ୍ନ ସମସ୍ୟା ନେଇ ଆଇନଜୀବୀଙ୍କ ରାସ୍ତାରୋକୋ

## ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ହଟିଲା ବିକ୍ଷୋଭ

ଝାରସୁଗୁଡ଼ା,୧୯।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଓକିଲ ସଂଘ ବିଭିନ୍ନ ସମସ୍ୟା ନେଇ ଶନିବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହେଲେ ତହସିଲ ପକ୍ଷରୁ କୌଣସି ଉତ୍ତର ନ ଆସିବାରୁ ତହସିଲ ଅଫିସ ସାମ୍ନା ଜାତୀୟ ରାଜପଥ ୪୯କୁ ଆଇନଜୀବୀମାନେ ଅବରୋଧ କରିଥିଲେ। ୨ ଘଣ୍ଟାକାଳ ଉଭୟ ପାର୍ଶ୍ୱ ରାସ୍ତା ବନ୍ଦ କରିଦେଇଥିଲେ। ଫଳରେ ଗାଡ଼ି ଚଳାଚଳ ବନ୍ଦ ହେବା ସହିତ ଆମ୍ବୁଲାନ୍ସ, ରୋଗୀ ଏବଂ ସାଧାରଣ ଲୋକଙ୍କ ଚଳପ୍ରଚଳ ଠପ ହୋଇଯାଇଥିଲା। ପୋଲିସ ମଧ୍ୟ ବହୁ ବିଳମ୍ବରେ ପହଞ୍ଚିଥିବା ବେଳେ କିଛି ଆମ୍ବୁଲାନ୍ସ ଭିଡ଼ ପାଇଁ ନାକେଦମ ହୋଇଥିଲେ। ଝାରସୁଗୁଡ଼ା ତହସିଲ ଅଫିସରେ ସିଭିଲ କୋର୍ଟରୁ ଡିଗ୍ରି ହୋଇ ଆସୁଥିବା କେସଗୁଡ଼ିକୁ କାହିଁକି ଶୀଘ୍ର ମ୍ୟୁଟେସନ ହୋଇପାରୁନାହିଁ। ସିଭିଲ କୋର୍ଟଡିଗ୍ରିଉପରେ କେଶ ନମ୍ବର ହେବା ପାଇଁ ଡିଲିଙ୍ଗ ଅଧିକାରୀ କାହିଁକି ମନା କରୁଛନ୍ତି ଓ ତହସିଲଦାରଙ୍କୁ ପଚାରିବା ପରେ ନମ୍ବର କରିବୁ ବୋଲି କହୁଛନ୍ତି। ତହସିଲ କୋର୍ଟ ଓ ଅନ୍ୟାନ୍ୟ ରେଭିନ୍ୟୁ କୋର୍ଟରେ କାହିଁକି କୋର୍ଟ ଫି ରେଜିଷ୍ଟର ରଖାଯାଉ ନାହିଁ। ନକଲ କପି କାହିଁକି ଶୀଘ୍ର ଦିଆଯାଉନାହିଁ। ଡିମାର୍କେଶନ କାହିଁକି ଠିକ ସମୟରେ ହୋଇପାରୁନାହିଁ ଏଭଳି ଦାବିକୁ ନେଇ ଜିଲା ଓକିଲ ସଂଘ ଝାରସୁଗୁଡ଼ା ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ମାର୍ଚ୍ଚ ୨୮ରେ ମଧ୍ୟ ଏ ନେଇ ଓକିଲ ସଂଘ ଧାରଣା ଦେଇଥିବା ବେଳେ ଜିଲା ପ୍ରଶାସନ ୧୦ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି କହିଥିଲେ। ଏହାର କୌଣସି ସମାଧାନ ନ ହେବାରୁ ପୁଣି ତହସିଲ ଅଫିସରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜାତୀୟ ରାଜପଥ ବନ୍ଦ କରିଦେଇଥିଲେ। କିଛି ଘଣ୍ଟା ପରେ ଉପଜିଲାପାଳ ସବ୍ୟସାଚୀ ପଣ୍ଡା ପହଞ୍ଚି ଆଇନଜୀବୀମାନଙ୍କୁ ବୁଝାଶୁଝା କରିଥିଲେ। ୧୦ ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି କହିଥିଲେ। ଏହାପରେ ଆଇନଜୀବୀମାନେ ରାସ୍ତା ଅବରୋଧ ପ୍ରତ୍ୟାହାର କରିଥିଲେ ବୋଲି ଆଇନଜୀବୀ ଦିପକ ପଟେଲ କହିଥିଲେ।



ଓକିଲ ସଂଘ ପକ୍ଷରୁ ରାସ୍ତାରୋକୋ କରାଯାଉଛି।

# ମୁଣ୍ଡଗୋହୀରା ଭାଲୁହୁଲି ସାହିରେ ପାନୀୟ ଜଳର ଉତ୍କଟ ଅଭାବ



ପ୍ରାୟ ଏକ କି.ମି. ଦୂର ଗୋହୀରା ନାଳରେ ଚୁଆ ଖୋଳି ଜଳ ସଂଗ୍ରହ କରୁଛନ୍ତି ଭାଲୁହୁଲି ସାହିବାସିନ୍ଦା।

## ସମାଧାନ ପାଇଁ ଜିଲା କଂଗ୍ରେସର ଦାବି

ଦେବଗଡ଼,୧୯।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଦୁଧିଆନାଳି ଗ୍ରାମପଞ୍ଚାୟତ ମୁଣ୍ଡଗୋହୀରା ଭାଲୁହୁଲି ସାହିରେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଦେଇଛି। ଉକ୍ତ ଗ୍ରାମରେ ପାଇପ ପାଣି ବ୍ୟବସ୍ଥା ନ ଥିବା ବେଳେ ନଳକୂପର ପାଣି ସେମାନଙ୍କ ପାଇଁ ଯଥେଷ୍ଟ ହେଉନାହିଁ। ଫଳରେ ଅଞ୍ଚଳବାସୀ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ଗୋହୀରା ନାଳରେ ଚୁଆ ଖୋଳି ଜଳ ସଂଗ୍ରହ କରିବାକୁ ପଡୁଛି। ମାତ୍ର ବିଡ଼ମ୍ବନାର ବିଷୟ ଏହା ଯେ, ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର କରାଯାଉ ନ ଥିବାରୁ ସେମାନେ ପାନୀୟ ଜଳ ଟୋପାଏ ପାଇଁ ତହଲବିକଳ ହେଉଛନ୍ତି। ଏ ନେଇ ଅଭିଯୋଗ ପାଇବା ପରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ସେଠାକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ଯୁଦ୍ଧକାଳୀନ ଭିତ୍ତିରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା ସହ ନୂତନ ନଳକୂପ ଖୋଳି ତୁରନ୍ତ ଏହାର ସମାଧାନ ପାଇଁ ତିଲେଇବଣି ବିଡିଓ ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିର୍ଦ୍ଦେଶକଙ୍କ ନିକଟରେ ଦାବି ଜଣାଇଥିଲେ। ଜିଲା କଂଗ୍ରେସର ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ସାହୁ, ଅର୍ଜୁନ ଯାଦବ, ସାଗର ପ୍ରଧାନ ଓ ରମେଶ ଚନ୍ଦ୍ର ପାତ୍ର ପ୍ରମୁଖ ସାମିଲ ଥିଲେ।

# ଜିଲାର ବିଶିଷ୍ଟ ବ୍ୟବସାୟୀ ଗିରଫ

## ଜୁଆ ଖେଳାଉଥିବା ଅଭିଯୋଗ

ଝାରସୁଗୁଡ଼ା,୧୯।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଟାଉନ ଥାନା ଅନ୍ତର୍ଗତ ଝାଡ଼େଶ୍ୱର ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜୁଆ ଖେଳାଉଥିବା ଅଭିଯୋଗରେ ଜିଲାର ବିଶିଷ୍ଟ ବ୍ୟବସାୟୀ ଗୋବିନ୍ଦ ସିଂଘାନିଆଙ୍କୁ ଗିରଫ କରି ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ଉମାଶଙ୍କର ସିଂ ସୂଚନା ଦେଇଛନ୍ତି। ଝାଡ଼େଶ୍ୱର ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗତ ୧୬ ତାରିଖରେ ଜୁଆ ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରିବା ସହିତ ୩୦ ହଜାର ଟଙ୍କା ଜବତ କରିଥିଲା। ସେହିପରି ଗତ ୧୮ ତାରିଖରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ସେମାନଙ୍କୁ ଜେରା କରିବାରୁ ଏହାର ମାଷ୍ଟରମାଇଣ୍ଡ ଝାରସୁଗୁଡାର ବ୍ୟବସାୟୀ ଗୋବିନ୍ଦ ବୋଲି ପୋଲିସ ନିକଟରେ ପ୍ରକାଶ କରିଥିଲେ। ଏହି ଆଧାରରେ ଝାରସୁଗୁଡ଼ା ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୋବିନ୍ଦଙ୍କୁ ଛତିଶଗଡ଼ର ମହାସମୁନ୍ଦ ଜିଲା କୋତୱାଲି ଥାନା ଅଞ୍ଚଳରୁ ଗିରଫ କରିଛି।

# ପାରା ଲିଗାଲ ସ୍ୱେଚ୍ଛାସେବୀ, ଅଧିକାର ମିତ୍ରମାନଙ୍କ ପ୍ରଶିକ୍ଷଣ ଶିବିର

ଝାରସୁଗୁଡ଼ା,୧୯।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପ୍ରାଧିକରଣରେ ତାଲିକାଭୁକ୍ତ ପାରା ଲିଗାଲ ସ୍ୱେଚ୍ଛାସେବୀମାନଙ୍କ ଏକ ପ୍ରଶିକ୍ଷଣ ଶିବିର ପ୍ରାଧିକରଣର ସମ୍ମିଳନୀ କକ୍ଷଠାରେ ଶନିବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଶିବିରରେ ଯୋଗଦେଇ ପାରା ଲିଗାଲ ସ୍ୱେଚ୍ଛାସେବୀମାନଙ୍କୁ ବିଭିନ୍ନ ଯୋଜନା କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇ ହେବ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଅର୍ଜିନ କୁମାର ନାୟକ ବିଭିନ୍ନ ଯୋଜନାର ଲାଭ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତି ରଞ୍ଜନ ମହାପାତ୍ର ଅଧିକାର ମିତ୍ରମାନଙ୍କୁ ତାଙ୍କ ନିଜର ଓ ସାଧାରଣ ଲୋକଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ କରାଇଥିଲେ। କନିଷ୍ଠ ଦେୱାନି ବିଚାରପତି ମୋନାଲିସା ପ୍ରଧାନ ଏଫଆଇଆର, ବେଲ, ସମନ, ୱାରେଣ୍ଟ ଏବଂ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ଅଧିକାର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକ ମୟୀ ପ୍ରଧାନ ଶିବିର ପରିଚାଳନା କରିଥିଲେ।

# ପଞ୍ଚାୟତସ୍ତରୀୟ ଆଦିବାସୀ ମହାସଂଘ ଗଠନ

## କର୍ମକର୍ତ୍ତା ମନୋନୟନ

ଦେବଗଡ଼,୧୯।୪(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଢୋଲପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମପଞ୍ଚାୟତସ୍ତରୀୟ ଆଦିବାସୀ ମହାସଂଘ ଗଠିତ ହୋଇଛି। ଢୋଲପଡା ଗ୍ରାମପଞ୍ଚାୟତ ସରପଞ୍ଚ ଅନିତା ପାତ୍ରଙ୍କ ଆବାହକତ୍ୱ ଏବଂ ଆଦିବାସୀ ନେତା ତଥା ଦୁଧିଆନାଳି ଗ୍ରାମପଞ୍ଚାୟତର ସରପଞ୍ଚ ଉଦିତ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଢୋଲପଡା ଗ୍ରାମପଞ୍ଚାୟତର ୧୫ଟି ଗ୍ରାମରୁ ଆଦିବାସୀ ବର୍ଗର ମୁଖ୍ୟମାନେ ଯୋଗଦେଇଥିଲେ। ଏଥିରେ ଆଦିବାସୀମାନଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ଉପରେ ଆଲୋଚନା କରାଯାଇଥିଲା। ସେହିପରି ଏଥି ନିମନ୍ତେ ପଞ୍ଚାୟତସ୍ତରୀୟ ଆଦିବାସୀ ମହାସଂଘ ଗଠିତ ହେବା ସହ ଏହାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତି ଭାବେ ପ୍ରଦୀପ କୁମାର ପାତ୍ର, ସମ୍ପାଦକ ଭାବେ ଚନ୍ଦ୍ରଭାନୁ ମାଝି, କୋଷାଧ୍ୟକ୍ଷ ଭାବେ ଭଗବତ କୁମୁରା, ଚୈତନ୍ୟ ନାୟକ ଓ ମିଡିଆ ପ୍ରଭାରୀ ଭାବେ ତପନ ଜାନୀଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।

# ତଦନ୍ତ ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ

## ସରକାରୀ ଜାଗାରେ ରାସ୍ତାର ନକ୍ସା ଦେଖାଇ ଜମି ବିକ୍ରି କରିବା ଘଟଣା

### ତଦନ୍ତ ସରିଲେ ଜମି ଦଲାଲ ଉପରେ କାର୍ଯ୍ୟାନୁଷ୍ଠାନ: ତହସିଲଦାର

ଝାରସୁଗୁଡ଼ା,୧୯।୪(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ବିଟିଏମ ଛକ ଜିଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଲାଗି ରହିଥିବା ଏକ ସରକାରୀ ଜମିରେ ୩୦ ଫୁଟର ରାସ୍ତା ନକ୍ସା ତିଆରି କରି ଜମି ଦଲାଲମାନେ ପ୍ଲଟିଂ କରି ଜମି ବିକ୍ରି ପାଇଁ ଉଦ୍ୟମ କରିଲେ। ଏହି ସମ୍ପର୍କିତ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଝାରସୁଗୁଡ଼ା ତହସିଲଦାରଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତହସିଲଦାର ଏହି ଘଟଣାର ତଦନ୍ତ ପାଇଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ବିଷୟରେ ଝାରସୁଗୁଡା ତହସିଲଦାରଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ରାଜସ୍ୱ ନିରୀକ୍ଷକ ତଦନ୍ତ କରି ସାରିଛନ୍ତି ଏବଂ ମୋତେ ଫୋନରେ କହିଛନ୍ତି ଯେ ବିଟିଏମ୍ ଅଞ୍ଚଳରେ ସର୍ବସାଧାରଣଙ୍କ ପାଇଁ ଥିବା ରକ୍ଷିତ ତଥା ଆଶା କିସମ, ଯାହାର ଏରିଆ ୮୨ ଡେସିମିଲ, ଖାତା ନମ୍ବର ୧୦୬୮, ପ୍ଲଟ ନମ୍ବର ୩୨୨/୪୪୪୧ ସରକାରୀ ଜମି ରହିଛି। ଉକ୍ତ ଜମିରେ ୩୦ ଫୁଟର ରାସ୍ତା ବନାଇ ଦଲାଲମାନେ ପ୍ଲଟିଂ କରି ଜମି ବିକ୍ରି କରିଛନ୍ତି। ଏପରିକି ଉକ୍ତ ରାସ୍ତାରେ ପୋଲ ତିଆରି କରିବା ସହ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଗାଡିଛନ୍ତି। କିନ୍ତୁ ଏହି ୮୨ ଡେସିମିଲ ଜମି ରକ୍ଷିତ ତଥା ଆଶା କିସମର ହୋଇଥିବାରୁ ଏହା ଭୂମିହୀନ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଆମେ ଏହି ଜମିରେ ବାଡ଼ ଦେଇ ଜମି ସୁରକ୍ଷା କରିବା ସହ ଏହି ଜମି ଦୁର୍ନୀତିରେ ଲିପ୍ତ ଥିବା ବ୍ୟକ୍ତି ବିଷୟରେ ଅନୁସନ୍ଧାନ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଝାରସୁଗୁଡା ତହସିଲଦାର ସଦାକର କୁମ୍ଭାର କହିଛନ୍ତି। ଏହି ଘଟଣା ଓ ଏହା କରିଥିବା ବ୍ୟକ୍ତି ବିଷୟରେ ତଦନ୍ତ ହେଲେ ଆହୁରି ବହୁ ଜମି ଦୁର୍ନୀତିର ପର୍ଦ୍ଦାଫାଶ ହେବ ବୋଲି ବିଟିଏମ୍‌ର ଜନସାଧାରଣ ଦାବି କରିଛନ୍ତି। ଝାରସୁଗୁଡ଼ା ଜିଲାରେ ବହୁତ ଜମି ଦୁର୍ନୀତି ଚାଲିଥିଲେ ମଧ୍ୟ ପ୍ରଶାସନ ତଦନ୍ତକୁ ଧୀର କରି ଦେଉଥିବାରୁ ଦଲାଲମାନେ ବର୍ତ୍ତି ଯାଉଛନ୍ତି। ଏହାର ତଦନ୍ତ କରି ଯଥାଶୀଘ୍ର ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ପାଇଁ ଦାବି ହେଉଛି।

## ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍

ଜୋନ୍-ଏ, ଚତୁର୍ଥ ମହଲା, ଫରଚୁନ୍ ଟାୱାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୨୩

### ସର୍ବସାଧାରଣ ବିଜ୍ଞପ୍ତି

**କେଶ୍ ନମ୍ବର ୫ ଅଫ୍ ୨୦୨୫**

୧) ବିଦ୍ୟୁତ୍ ନିୟମ, ୨୦୦୩ର ଧାରା ୬୨ ଏବଂ ୮୬ ଅନୁଯାୟୀ ଆବେଦନ ପ୍ରକାଶନ ଓଡ଼ିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ୍ (ଓଇଆରସି) (ଜେନେରେସନ୍ ଶୁଳ୍କ ନିର୍ଣ୍ଣୟ ପାଇଁ ସର୍ତ୍ତାବଳୀ ଏବଂ ନିୟମାବଳୀ) ନିୟମାବଳୀ, ୨୦୨୦ ଏବଂ ଓଇଆରସି (ଇଣ୍ଟିଗ୍ରେଟେଡ୍ ଖଣିରୁ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଣ୍ଣୟ) ନିୟମାବଳୀ, ୨୦୨୪ ସହିତ ଓଇଆରସି (କଣ୍ଡକ୍ଟ ଅଫ୍ ବିଜିନେସ୍) ନିୟମାବଳୀ, ୨୦୦୪ ଅନୁଯାୟୀ ଦାଖଲ କରାଯାଇଥିବା ଆବେଦନପତ୍ର ଯଥା (୧) ମଞ୍ଜୁରୀପ୍ରାପ୍ତ ନିମନ୍ତେ ମନୋହରପୁର ଏବଂ ଡିପସାଇଡ୍ ମନୋହରପୁର କୋଇଲା ଖଣିରୁ ପ୍ରଦାନ କରାଯାଇଥିବା ତା୩୦.୦୯.୨୦୨୧ (ବାଣିଜ୍ୟିକ କାର୍ଯ୍ୟ ତାରିଖ) ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ (୨) ତା୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଉକ୍ତ କୋଇଲା ଖଣିରୁ ପ୍ରଦାନ କରିବାକୁ ଥିବା କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଓଇଆରସି (ଭୁବନେଶ୍ୱର-୨୧)କୁ କରାଯାଇଥିବା ଅନୁମୋଦନ ।

୨) ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ଦ୍ୱାରା ଓଇଆରସିକୁ ୧୧.୦୨.୨୦୨୫ରେ ଦାଖଲ କରାଯାଇଥିବା ଆବେଦନପତ୍ର ଯଥା (୧) ମଞ୍ଜୁରୀ ପ୍ରାପ୍ତ ନିମନ୍ତେ ମନୋହରପୁର ଏବଂ ଡିପସାଇଡ୍ ମନୋହରପୁର କୋଇଲା ଖଣିରୁ ପ୍ରଦାନ କରାଯାଇଥିବା ତା୩୦.୦୯.୨୦୨୧ (ବାଣିଜ୍ୟିକ କାର୍ଯ୍ୟ ତାରିଖ) ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ (୨) ତା୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଉକ୍ତ କୋଇଲା ଖଣିରୁ ପ୍ରଦାନ କରିବାକୁ ଥିବା କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣର ସାର୍ବଜନୀନ ବିଜ୍ଞପ୍ତିର ଦାଖଲ ଏବଂ ସବିଶେଷ ବିଷୟଗୁଡିକ ଓସିପିଏଲ୍ ୱେବସାଇଟ୍ **www.ocpl.org.in** ଓ ଆୟୋଗର ୱେବସାଇଟ୍ **www.orierc.org** ରୁ ଡାଉନଲୋଡ୍ କରାଯାଇପାରିବ ।

୩) ଓସିପିଏଲ୍ ଦ୍ୱାରା ଦାଖଲ କରାଯାଇଥିବା ଆବେଦନପତ୍ରର ସମ୍ପୂର୍ଣ୍ଣ ସେଟ୍ ବିଦ୍ୟୁତ୍ ନିୟମ, ୨୦୦୩ର ଧାରା ୬୨ ଓ ୮୬ ଏବଂ ଓଇଆରସି (ଇଣ୍ଟିଗ୍ରେଟେଡ୍ ଖଣିରୁ କୋଇଲାର ଇନପୁଟ ମୂଲ୍ୟ ନିର୍ଣ୍ଣୟ) ନିୟମାବଳୀ, ୨୦୨୪ ଅନୁଯାୟୀ ଓସିପିଏଲ୍ କାର୍ଯ୍ୟାଳୟରୁ (ଭୁବନେଶ୍ୱର-୭୫୧୦୨୩) ତା୦୪.୦୫.୨୦୨୫ କିମ୍ବା ପୂର୍ବରୁ କାର୍ଯ୍ୟାଳୟ ସମୟରେ ୧୦୦ ଟଙ୍କା ଶୁଳ୍କ ପ୍ରଦାନ କରି ଉକ୍ତ ପତ୍ରର ଫଟୋକପି ମଧ୍ୟ ପାଇପାରିବେ ।

୪) ଯଦି କୌଣସି ପରାମର୍ଶ/ଆପତ୍ତି ଥାଏ, ଉକ୍ତ ପରାମର୍ଶ/ଆପତ୍ତିକୁ ପତ୍ର ମାଧ୍ୟମରେ ଆବଶ୍ୟକୀୟ ତଥ୍ୟ ସହିତ ଓଇଆରସିର ସଚିବଙ୍କ କାର୍ଯ୍ୟାଳୟ ଯଥା: "ଓଡିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ୍, ପ୍ଲଟ୍ ନମ୍ବର ୪, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧" ଠିକଣାରେ ବ୍ୟକ୍ତିଗତ ଭାବରେ କିମ୍ବା ଡାକ ମାଧ୍ୟମରେ ଦାଖଲ କରାଯାଇପାରିବ, ଯାହା ଓଇଆରସିର କାର୍ଯ୍ୟାଳୟରେ ତା୦୪.୦୫.୨୦୨୫ କିମ୍ବା ପୂର୍ବରୁ ପହଞ୍ଚିବା ଆବଶ୍ୟକୀୟ ଅଟେ ଏବଂ ଉକ୍ତ ପତ୍ରର ଏକ ନକଲ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତିଙ୍କୁ ପ୍ରଦାନ କରିବା ଜରୁରୀ ଅଟେ ।

(କ) ପରାମର୍ଶ/ଆପତ୍ତିପତ୍ର ସାତଟି କପି ସହିତ ଦାଖଲ କରାଯିବା ଜରୁରୀ ଅଟେ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିର ସମ୍ପୂର୍ଣ୍ଣ ନାମ ସହିତ ସଂସ୍ଥା/ପ୍ରତିଷ୍ଠାନର ସମ୍ପୂର୍ଣ୍ଣ ଡାକଠିକଣା, ଇ-ମେଲ୍ ଆଇଡି ଏବଂ ଯୋଗାଯୋଗ ଟେଲିଫୋନ୍ ନମ୍ବର ରହିବା ଆବଶ୍ୟକୀୟ ଅଟେ। ଉକ୍ତ ପତ୍ରଟି ଏକ ଆଫିଡେଭିଟ୍ ଦ୍ୱାରା ଦାଖଲ କରିବା ଜରୁରୀ ଅଟେ ।

(ଖ) କେବଳ ଆଫିଡେଭିଟ୍ ସହିତ ଗ୍ରହଣ କରାଯାଇଥିବା ବୈଧ ଆପତ୍ତି/ପରାମର୍ଶଗୁଡ଼ିକ ଶୁଣାଣି ପାଇଁ ବିଚାରକୁ ନିଆଯିବ ।

୫) ଯେଉଁ ପକ୍ଷମାନଙ୍କର ଆପତ୍ତି ସ୍ୱୀକାର କରାଯିବ, କମିଶନ ସେମାନଙ୍କୁ ଶୁଣାଣିର ତାରିଖଗୁଡ଼ିକ ବିଧିବଦ୍ଧ ଭାବରେ ଜଣାଇବେ।

**ତାରିଖ: ୧୮.୦୪.୨୦୨୫ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଓସିପିଏଲ୍)**

**House Construction**

Starting @1599/per Sqft.

**Simplex / Duplex / Triplex / Apartment**

By The Experts Only.

(With Branded Materials like Rebar-Tata /Jsw /Jindal , Cement-Ultratech /Acc / Dalmia, Bricks-10", Tiles-kajaria / Somany, Paints-Asian / Berger, Sanitary Fittings-Jaquar / Hindware / Cera, Electrical Wire - Finolex / Havells / Polycab, Modular Switches Havells / Anchor / Cona / Goldmedal, UPvc Window- Fenesta / Veka / Lg / Saint Gobain)

**M Planets -7008550473**

L427, Baramunda, Bhubaneswar.

## कार्यपालक अभियंता का कार्यालय
## ग्रामीण विकास विशेष प्रमंडल, लातेहार।

### अल्पकालीन ई–निविदा आमंत्रण सूचना

संख्या – EE/RDSD/LATEHAR/2/2025-26

1. कार्य की विस्तृत विवरणीः

| क्रं०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार के पंचायत भुसूर में Integrated Sports cum Knowledge Center में Administrative Block का निर्माण। | 45015396 | 900500 | 10000 | 12 माह |

2. वेबसाईट में निविदा प्रकाशन की तिथि – 25.04.2025
3. ई–निविदा प्राप्ति की तिथि एवं समय – दिनांक 25.04.2025 से दिनांक 10.05.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –13.05.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
लातेहार।

PR 350643 (Rural Development) 25-26 (D)

## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

### ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, କଲେଜ ସ୍କୋୟାର ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, କଲେଜ ସ୍କୋୟାର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| କଲେଜ ସ୍କୋୟାର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ପ୍ଲୁଟୋ ପେଟ୍ ସପ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସଂଗ୍ରାମ ସେନାପତି,** ପିତା: ଶ୍ରୀ ଯୁଧିଷ୍ଠିର ସେନାପତି, ସା: ରିଙ୍ଗ୍ ରୋଡ଼, ଖାନ୍ ନଗର, ଜିଲ୍ଲା: କଟକ-୭୫୩୦୧୨ / **ଗ୍ୟାରେଣ୍ଟିଦାତା: ଶ୍ରୀ ସୁଜିତ୍ ସେନାପତି,** ପିତା: ଶ୍ରୀ ଯୁଧିଷ୍ଠିର ସେନାପତି, ସା: ଗୋପେଶ୍ୱର ବିହାର, କଲ୍ୟାଣୀ ନଗର, ଦରଘାପାଟଣା, ଜିଲ୍ଲା: କଟକ-୭୫୩୦୧୩ | ଟ.୨୨,୮୫,୮୪୫.୮୬ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୮.୦୧.୨୦୨୫ / ୧୬.୦୪.୨୦୨୫ | **ଶ୍ରୀ ସୁଜିତ୍ ସେନାପତି,** ପିତା: ଶ୍ରୀ ଯୁଧିଷ୍ଠିର ସେନାପତିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୂଆପଡ଼ା, ଥାନା: କଟକ ସଦର, ତହସିଲ: କଟକ ସଦର, ଜିଲ୍ଲା: କଟକ, ପ୍ଲଟ୍ ନଂ.: ୭୩/୬୨୦୦, ଖାତା ନଂ.: ୬୧୪/୨୬୯୩, ପରିମିତ କ୍ଷେତ୍ର: ଏକର ୦.୦୧୮ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲକ୍ଷ୍ମୀ ନାରାୟଣ ସିଂ, ପୂର୍ବ: ପ୍ଲଟ୍ ନଂ.: ୨୩୫, ଦକ୍ଷିଣ: ଅବଧୂତ ମିଶ୍ର, ପଶ୍ଚିମ: ଇଜମାଇଲ୍ ରୋଡ଼ |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୧୯.୦୪.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

## ବ୍ୟାଙ୍କ ଅଫ୍ ଇଣ୍ଡିଆ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

### ଦଖଲ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ସରଫେଶୀ ଆକ୍ଟ ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିବା ପରେ ଯଦି କିଛି ଅର୍ଥ ପୈଠ କରାଯାଇଥାଏ ତେବେ ଆକାଉଣ୍ଟ ସମାଧାନ ସମୟରେ ପ୍ରଦାନ କରାଯିବାକୁ ଥିବା ଦେୟ ବିଷୟରେ ଜାଣିବା ପାଇଁ ସେହି ଅର୍ଥକୁ କଳନା କରାଯିବ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ତମାଣ୍ଡୋ ଶାଖା/ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ମମତା ଭେରାଇଟି ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କୃପାସିନ୍ଧୁ ପ୍ରଧାନ,** ପିତା: ୰ କରୁଣାକର ପ୍ରଧାନ / **ଗ୍ୟାରେଣ୍ଟିଦାତା: ୰ କରୁଣାକର ପ୍ରଧାନ,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍-୧୧୫୬, ଫେଜ୍-୨, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୧୯ / **ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ କୃପାସିନ୍ଧୁ ପ୍ରଧାନ** | ଟ.୮,୮୯,୨୯୫/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୫.୦୨.୨୦୨୫ / ୧୯.୦୪.୨୦୨୫ | **୰ କରୁଣାକର ପ୍ରଧାନ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଉସ୍ ନଂ.: ଏଲ୍-୧୧୫୬, ଖାତା ନଂ.: ୫୧୭, ପ୍ଲଟ୍ ନଂ.: ଏଲଆଇଜି-୧୧୧୦(ଅଂଶ), କ୍ଷେତ୍ର: ଏକର୦.୦୨୬ ଡିସିମିଲି ଯାହା ୧୧୨୫ ବର୍ଗଫୁଟ, କିସମ: ଘରବାରୀ, ମୌଜା: ଡୁମୁଡୁମା, ଥାନା: ଖଣ୍ଡଗିରି, ଏସ୍‌ଆରଓ: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ୩୦ ଫୁଟିଆ ଚଉଡା ସିସି ରୋଡ, ଦକ୍ଷିଣ: ଏଲ୍-୧୧୫୭, ପୂର୍ବ: ୩୦ ଫୁଟିଆ ଚଉଡା ସିସି ରୋଡ, ପଶ୍ଚିମ: ଏଲ୍-୧୧୫୫ |

**(ଋଣଗ୍ରହୀତା ଏବଂ ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ପିତା: ୰ କରୁଣାକର ପ୍ରଧାନ, **୨) ଧାନି ପ୍ରଧାନ (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ସ୍ୱାମୀ: ୰ କରୁଣାକର ପ୍ରଧାନ, **୩) ସୌଦାମିନୀ ପ୍ରଧାନ (ମୃତକ ଦିନବନ୍ଧୁ ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ ଏବଂ ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ସ୍ୱାମୀ: ୰ ଦିନବନ୍ଧୁ ପ୍ରଧାନ, **୪) ସୌଦାମିନୀ ପ୍ରଧାନ (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ ଏବଂ ମୃତକ ଦିନବନ୍ଧୁ ପ୍ରଧାନଙ୍କ ନାବାଳକ ପୁତ୍ର ଶ୍ରୀ ସତ୍ୟଜିତ୍ ପ୍ରଧାନଙ୍କ ତରଫରୁ),** ସ୍ୱାମୀ: ୰ ଦିନବନ୍ଧୁ ପ୍ରଧାନ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍-୧୧୫୬, ଫେଜ୍-୨, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୧୯, **୫) ଶ୍ରୀମତୀ ମମତା ପାତ୍ର (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ସ୍ୱାମୀ: ଗଦାଧର ପାତ୍ର, ସା/ପୋ: ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୨୦.୦୪.୨୦୨୫**

**କ୍ଷମତାପ୍ରାପ୍ତ ଅଧିକାରୀ**
**ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ବର୍ଦ୍ଧିତ ଭତ୍ତା ପ୍ରଦାନ ଦାବି

**ଲାଠୋର,୧୯।୪(ଭୁବନେଶ୍ୱର ବାରିକ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସଦର ଗ୍ରାମର ବୃଦ୍ଧ ଗୋକୁଳ ତାଣ୍ଡିଙ୍କୁ ବର୍ଦ୍ଧିତ ଭତ୍ତା ମିଳିବାରେ ବିଳମ୍ବ ହେଉଛି । ଏଥିନେଇ ଅସନ୍ତୋଷ ପ୍ରକାଶ ପାଉଛି । ପ୍ରକାଶ ଯେ, କରୁଆଁଝର ଗ୍ରାମର ଗୋକୁଳ ଦୀର୍ଘ ବର୍ଷ ହେବ ମାସକୁ ୧ ହଜାର ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ପାଇ ଆସୁଛନ୍ତି । ବର୍ତ୍ତମାନ ତାଙ୍କୁ ୯୦ ବର୍ଷରୁ ଅଧିକ ହେଲାଣି । ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା ବୃଦ୍ଧଙ୍କୁ ୩୫ ଶହ ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ । ସେହି କ୍ରମରେ ୩୫ ଶହ ଟଙ୍କା ଭତ୍ତା ପ୍ରଦାନ ପାଇଁ ଗୋକୁଳ ଆବଶ୍ୟକ ପ୍ରମାଣପତ୍ର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ପ୍ରଦାନ କରିଛନ୍ତି। ହେଲେ ୩ ମାସ ବିତି ଯାଇଥିଲେ ମଧ୍ୟ ତାଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇ ନାହିଁ । ପ୍ରତିମାସ ଭତ୍ତା ଆଣିବାକୁ ଯିବା ବେଳେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ପଚାରିଲେ ଆଜିକାଲି କହି ସମୟ ଗଡ଼େଇ ଚାଲିଥିବା ସଂପୃକ୍ତ ବୃଦ୍ଧ ପ୍ରକାଶ କରିଛନ୍ତି । ଏନେଇ କରୁଆଁଝର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଞ୍ଜଳି ଶବରଙ୍କୁ ପଚାରିବାରେ ବୃଦ୍ଧ ଜଣକ ଦେଇଥିବା ପ୍ରମାଣପତ୍ର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଦାଖଲ ହୋଇଥିବା କହିଛନ୍ତି । ତେବେ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବର୍ଦ୍ଧିତ ଭତ୍ତା ଦେବା ପାଇଁ ଗୋକୁଳ ନିବେଦନ କରିଛନ୍ତି ।



ଗଙ୍ଗାଦିଗଡ଼ ଗାଁ ଅଧୀନ ୮ଟି ପଡ଼ାର ଅଧିବାସୀମାନେ ଜିଲାପାଳ କାର୍ଯ୍ୟାଳୟ ମୁଖ୍ୟ ଗେଟ ସମ୍ମୁଖରେ ଧାରଣା ଦେଉଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ନୂଆପଡ଼ା,୧୯।୪ (ମକାରୁ ବେମାଲ)**

### ରାଜସ୍ୱ ଗ୍ରାମର ମାନ୍ୟତା, ଜଙ୍ଗଲ ଜମି ସଂଶୋଧନ ଦାବି

ନୂଆପଡ଼ା ସଦର ବ୍ଲକ ଛତିଶଗଡ଼ ସୀମାନ୍ତ ଟୁଲାଭାଟ ପଞ୍ଚାୟତ ଗଙ୍ଗାଦିଗଡ଼ ଗାଁ ଅଧିନ ୮ଟି ପଡାର ଅଧିବାସୀମାନେ ବିଭିନ୍ନ ଦାବି ନେଇ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘେରାଉ କରି ଧାରଣାରେ ବସିଥିଲେ । ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଦୀର୍ଘ ୨ ଘଣ୍ଟା ଧାରଣାରେ ବସିଲା ପରେ ଅତିରିକ୍ତ ଜିଲାପାଳ ସୁବାଷ ଚନ୍ଦ୍ର ରଏତ ଧାରଣା ସ୍ଥଳକୁ ପହଞ୍ଚି ସମସ୍ତ ଦାବି ଉପରେ ଆଲୋଚନା କରିଥିଲେ। ତଦନ୍ତ କରି ସମସ୍ତଙ୍କ ଦାବି ପୁରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ସେହି ସମୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ପ୍ରାପ୍ତ ସୂଚନା ଅନୁଯାୟୀ, ନୁଆପଡ଼ା ସଦର ବ୍ଲକ ପଶ୍ଚିମ ଦିଗକୁ ଛତିଶଗଡ଼ ସୀମାନ୍ତରେ ଟୁଲାଭାଟ ପଞ୍ଚାୟତ ରହିଛି । ଏହି ପଞ୍ଚାୟତ ଅଧୀନ ସୁନାବେଡ଼ା ଅଭୟାରଣ୍ୟ ଭିତରେ ୧୯୫୬ରେ ଗଙ୍ଗାଦିଗଡ଼ ଗାଁ ବସତି ସ୍ଥାପନ କରି ତା ଅଧିନରେ ୮ଟି ପଡା ଭାଲୁପାଣି, ବାଉଁଶଡୋଙ୍ଗରି, ଗୋନ୍ଦଲାବାହାରା, ମହୁଲପଡ଼ା, ଖଲିଆପଡ଼ା, ସନ୍ତୋଷପଡ଼ା, ବାଞ୍ଜିପାଣି ପଡ଼ା ରହିଛି। ଏହି ଆଠଟି ପଡ଼ାରେ ବସବାସ କରୁଥିବା ଅଧିବାସୀମାନେ ଦୀର୍ଘ ବର୍ଷ ହେବ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ଦାବି କରି ଆସୁଛନ୍ତି । ହେଲେ କୌଣସି ସୁଫଳ ମିଳି ପାରି ନାହିଁ । ସରକାରଙ୍କ ପତ୍ରସଂଖ୍ୟା-୨୧୮୩/୨୦୨୦ ସେପ୍ଟେମ୍ବର ୨୧ ରେ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ଗାଁର ଅଧିବାସୀମାନେ ଆବଶ୍ୟକ କାଗଜାତ ନେଇ ନୂଆପଡ଼ା ତହସିଲ କାର୍ଯ୍ୟାଳୟରେ ଜମା ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଗଲା ନାହିଁ। ଏହି ଗାଁ ଗୁଡ଼ିକର ଅଧିକାଂଶ ଚାଷି ଜଙ୍ଗଲ ଜମି ଅଧିକାର ଶିରୋନାମା ପଟ୍ଟା ପାଇଛନ୍ତି। ସେହି ପଟ୍ଟାରେ କେବଳ ଜମିର ପରିମାଣ କେତେ ତାହା ଉଲ୍ଲେଖ ରହିଛି। ଖାତା ନଂ, ପ୍ଲଟ ନଂ ନ ଥିବାରୁ କୌଣସି କାର୍ଯ୍ୟରେ ଆସୁ ନାହିଁ । ଉକ୍ତ ଅଞ୍ଚଳର ଲୋକେ ଜାତିଗତ ପ୍ରମାଣ ପତ୍ର, ବାସସ୍ଥାନ ପ୍ରମାଣ ପତ୍ର ମିଳୁ ନ ଥିବାରୁ ପିଲାମାନଙ୍କୁ ପାଠ ପଢାରେ ବାଧକ ସାଜିଛି। ସେହିପରି ପିଏମ କିଷାନ, ସିଏମ କିଷାନ, ଆବାସ ଗୃହ ଭଳି ସରକାରୀ ଯୋଜନାରୁ ବଞ୍ଚିତ ଅଛନ୍ତି। ଚାଷି ପଞ୍ଜିକରଣ ହେଉ ନ ଥିବାରୁ ମଣ୍ଡିରେ ଧାନ ବିକ୍ରୟ କରି ପାରୁ ନାହାନ୍ତି। କୋଚିଆଠାରେ ଶାଗ ମାଛ ଦରରେ ବିକ୍ରୟ କରୁଛନ୍ତି। ଏହି ଜମି ପଟ୍ଟାକୁ ସଂଶୋଧନ କରି ନୂତନ ପଟ୍ଟା ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। ଗଙ୍ଗାଦିଗ ଅଧିନ ସମସ୍ତ ପଡ଼ାକୁ ରାଜସ୍ୱ ଗ୍ରାମର ମାନ୍ୟତା, ଜଙ୍ଗଲ ଜମି ଅଧିକାର ଶିରୋନାମା ପଟ୍ଟା ସଂଶୋଧନ,ଭୂ-ଜଳ ପୂର୍ନଉଦ୍ଧାର ଓ ଜଙ୍ଗଲ ନଷ୍ଟ କରୁଥିବା ଅଧିକାରୀ କିମ୍ବା କାଠ ମାଫିଆମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କାରାଯାଉ ବୋଲି ଦାବି କରିଛନ୍ତି । ଏହି ଧାରଣା ସମୟରେ ଜଙ୍ଗଲ ଜମି ଅଧିକାର କମିଟି ସଭାପତି ଘାସିରାମ ମାଝି, ସମ୍ପାଦକ ମଦନ ମାଝି, ପଦ୍ମନ ମାଝି, ସୋଭାଚନ୍ଦ୍ର ମାଝି, ଲାଲସିଂ ରାଉତ, ବୈଶାଖୁ ମାଝି, ରାଏସିଂ ମାଝି, ରାମଲାଲ ମାଝି, ଅମୃତତ ଲାଲ କେଉଟ, ଜିତେନ୍ଦ୍ର ମାଝି, କୃଷ୍ଣ ରାଉତ ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୧୬୫ ବୋତଲ କଫ୍ ସିରପ୍ ଜବତ: ଜଣେ ଗିରଫ

**ପାଟଣାଗଡ,୧୯।୪(ସଚ୍ଚିଦାନନ୍ଦ ମହାକୁର)**



ବଲାଙ୍ଗୀର ଓ ପାଟଣାଗଡ ଅବକାରୀ ବିଭାଗ ପକ୍ଷରୁ ଶନିବାର ଚଢାଉ କରାଯାଇ ୧୬୫ ବୋତଲ କଫ୍ ସିରପ ଜବତ ହୋଇଛି। ଏହି ଘଟଣାରେ ଲରମ୍ଭା ଥାନା ଅଧୀନ ତମିଆଁ ଗାଁର କରୁଣା ରଣାଙ୍କୁ ଗିରଫ କରାଯାଇଛି । ପ୍ରକାଶ ଯେ, ଅବକାରୀ ବିଭାଗର ଏକ ଟିମ୍ ପାଟ୍ରୋଲିଂ କରିବା ସମୟରେ କରୁଣା ତାଙ୍କ ଘରୁ ଏକ ଜରି ବସ୍ତାରେ ୧୬୫ ବୋତଲ କଫ୍ ସିରପ୍ ଧରି ଆସୁଥିଲେ। ବିଭାଗୀୟ କର୍ମଚାରୀମାନେ ସନ୍ଦେହ କରି ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ କରିବାରୁ ଉକ୍ତ ବସ୍ତା ଭିତରେ କଫ୍ ସିରପ୍ ଭର୍ତ୍ତି ହୋଇଥିବା ଜଣାପଡିଥିଲା। ଏହି ଘଟଣାରେ କରୁଣାଙ୍କୁ ଗିରଫ କରାଯାଇ ପାଟଣାଗଡ ଅବକାରୀ ଥାନାକୁ ଆଣାଯାଇଥିଲା । ସେଠାରେ ତାଙ୍କୁ ଅଧିକ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ଥାନା ଅଧିକାରୀ ରାଜକୁମାର ବେହେରା ସୂଚନା ଦେଇଛନ୍ତି ।

## ବିଦ୍ୟାଳୟ ପରିଚାଳନା କମିଟି ବୈଠକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଖଡ଼ିଆଲ,୧୯।୪(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲ ପିଏମ୍‌ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ପ୍ରଥମ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସମ୍ରାଟ ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଓ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଣ ସମ୍ପର୍କରେ ଆଲୋଚନା କରିଥିଲେ। ଶୈକ୍ଷିକ କ୍ୟାଲେଣ୍ଡର ସମ୍ପର୍କରେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା, ଅଂଶୁଘାତ ପ୍ରତି ସାବଧାନତା ବିଷୟରେ ପ୍ରଶାନ୍ତ କୁମାର ପଣ୍ଡା, ସମାପ୍ତି ସୂଚକ ଆକଳନ ୨ର ଉପଲବ୍ଧି ପ୍ରସଙ୍ଗରେ ପ୍ରଭୁଦତ୍ତ ପୁରୋହିତ ଏବଂ ଅଧାରୁ ପାଠ ଛାଡୁଥିବା, ଆଦୌ ନାମ ଲେଖାଇ ନ ଥିବା ଓ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କ ନିମନ୍ତେ ସର୍ବେକ୍ଷଣ ଓ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲକରିବା ପାଇଁ ଅଭିଯାନ ସମ୍ପର୍କରେ ଶିକ୍ଷୟିତ୍ରୀ ରାଜଶ୍ରୀ ଦଣ୍ଡସେନା ଆଲୋଚନା କରିଥିଲେ। ଶିକ୍ଷିକା ନୀଳିମାରାଣୀ ସାଗର ଧନ୍ୟବାଦ ଅର୍ପଣ କରିଥିଲେ। ଅଭିଭାବକଙ୍କ ମଧ୍ୟରେ ଉମେଶ କୁମାର ବୋହିଦାର, ରଞ୍ଜିତ ବାଗ, ବିଭୂତି ଭୂଷଣ ସେଠୀ, ଫରିନ ବେଗମ, ଧନଞ୍ଜୟ ନିଆଲ, ଉଗ୍ରେଶ୍ୱର ଜଗତ, ରୂପବନ୍ତ ବାଗ ପ୍ରମୁଖ ବିଦ୍ୟାଳୟର ବିକାଶ ପାଇଁ ଗଠନମୂଳକ ପ୍ରସ୍ତାବ ମାନ ଆଗତ କରିଥିଲେ।

## ତେରେସିଂହା ବିରାଟ ପର୍ବ ପ୍ରସ୍ତୁତି ବୈଠକ

**ରିଷିଡା,୧୯।୪ (ସୁଶାନ୍ତ ମଲ୍ଲିକ):** କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ତେରେସିଂହା ଗ୍ରାମର ରାଧାବଲ୍ଲଭ ନାଟ୍ୟ ସଂସଦ ତେରେସିଂହା ପକ୍ଷରୁ ହେବାକୁ ଥିବା ବିରାଟ ପର୍ବ ନାଟ୍ୟ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପୁରନ୍ଦର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସଭାପତି ଭୁବନେ ରଣା, ଡମ୍ବରୁଧର ରଣା, ପୂର୍ବତନ ସମ୍ପାଦକ ତ୍ରିନାଥ ରଣା, କୃଷ୍ଣଚନ୍ଦ୍ର ରଣା, ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ରଣା, ନେହେରୁ ରଣା, ବୈଲୁଚନ ରଣା, ସମ୍ବାରୁ ରଣା, କୁରୁକ୍ଷେତ୍ର ରଣା, ଋଷି ରଣା, ମୁର ରଣା, ନିର୍ମଳ ରଣା, ଅରୁଣ ରଣା, ସନ୍ତୋଷ ରଣା, କଷ୍ଟ ରଣାଙ୍କ ସମେତ ଅନେକ କଳାକାର ଯୋଗଦେଇଥିଲେ। ଆସନ୍ତା ୨୫ ତାରିଖ ତ୍ରୟୋଦଶୀଠାରୁ ସପ୍ତାହବ୍ୟାପୀ ବିରାଟ ପର୍ବ ନାଟକ ମଞ୍ଚସ୍ଥ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ ରଣା ସୂଚନା ପ୍ରଦାନ କରିଛନ୍ତି। ସେହିପରି ଗ୍ରାମର ମା' ମାଣିକେଶ୍ୱରୀ ଯୁବକଳା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅକ୍ଷୟ ତୃତୀୟାଠାରୁ ହେବାକୁ ଥିବା ସମ୍ପୂର୍ଣ୍ଣ ମହାଭାରତ ନାଟକ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

## ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ସଭା, କର୍ମକର୍ତ୍ତା ନିର୍ବାଚନ

**ଭବାନୀପାଟଣା,୧୯।୪(ଉତ୍ତମ କୁମାର ଦାଶ)**



ନୂତନ ନିର୍ବାଚିତ କର୍ମକର୍ତ୍ତା ଓ ଅତିଥିମାନେ।

କଳାହାଣ୍ଡି ଜିଲା ଭବାନୀପାଟଣା ଶିକ୍ଷକ ଭବନଠାରେ ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ସାମ୍ବିଧାନିକ ସମ୍ମିଳନୀ ସଭା ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲକ ସଭାପତି ମଧୁସୂଦନ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ରାଜ୍ୟ ସଭାପତି ଧୀରେନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷକମାନେ ସଂଗଠିତ ହୋଇ ନିଜର ଦାବି ହାସଲ ପାଇଁ ସଂଘର୍ଷ କରିବାକୁ ପଡିବ ବୋଲି କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ ୟୁଏସ୍ ପେନ୍‌ସନ ଯୋଜନାକୁ ବିରୋଧ କରିଥିଲେ। ଏହି ଯୋଜନା ବନ୍ଦ କରି ଓପିଏସ୍ ଲାଗୁ କରିବାକୁ ଗୁରୁତ୍ୱ ଦେଇଥିଲେ। ପିଏସ୍ ଲାଗୁ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଥିଲେ। ଏହି ସମୟରେ ଜିଲା ସଭାପତି ବିରେନ ବାଗ, ସଂଗଠନ ସମ୍ପାଦକ ପଦ୍ମଲୋଚନ ନାୟକ, ଜିଲା କୋଷାଧକ୍ଷ ଶିବ ପ୍ରସାଦ ଦାଶ, କୋର୍ କମିଟି ସଦସ୍ୟ ଯୋଗେଶର ମିଶ୍ର, ଶ୍ରୀନିବାସ ଆଚାର୍ଯ୍ୟ, ତପନ ବେହେରା, ଅମରେନ୍ଦ୍ର ପଟ୍ଟନାୟକ, ଥୁଆମୂଳ ରାମପୁର ବ୍ଲକ ସଭାପତି ଅଜିତ ନାୟକ, ନର୍ଲା ବ୍ଲକ ସମ୍ପାଦକ ଅମିତ ଶର୍ମା, ଜୁନାଗଡ ବ୍ଲକ ସମ୍ପାଦକ ଲଳିତ ନେଗୀ, ଜୟପାଟଣା ବ୍ଲକ ସଭାପତି ପ୍ରମୋଦ ଠାକୁର, ସମ୍ପାଦକ ଲଳିତ ନାୟକ, ଜିଲା ସାଧାରଣ ସମ୍ପାଦକ ଉପେନ୍ଦ୍ର ପ୍ରଧାନ, ଜୁନାଗଡ ବ୍ଲକ ସଭାପତି ଶାନ୍ତନୁ ମାଝୀ, କୋକସରା ବ୍ଲକ ସଭାପତି ଭେରୀ ଜାଲ, କୋକସରା ବ୍ଲକ ଉପସଭାପତି ବୀର ନାଗ, ସୁବାସ ବିଶାଳ, ରାମେଶ୍ୱର ନାୟକ, ଅବସରପ୍ରାପ୍ତ ଶିକ୍ଷକ କନ୍ଲେଶ୍ୱର ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମିଳନୀକୁ ତ୍ରିନାଥ ଶ୍ୟାମ କୁମାର ପରିଚାଳନା କରିଥିଲେ। ଏହା ପରେ ଭବାନୀପାଟଣା ସଦର ବ୍ଲକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ମଧୁସୂଦନ ପ୍ରଧାନ ପୁନର୍ବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି ସମ୍ପାଦକ ଭାବେ ପ୍ରଦ୍ୟୁମ୍ନ ହୋତା, ସଂଯୋଜକ ଦୁଷ୍ମନ୍ତ ସାହୁ, ଉପସଭାପତି ଭାବେ ବେଣୁ ବିଶାଳ, ମୃତ୍ୟୁଞ୍ଜୟ ପ୍ରଧାନ, ସୁପ୍ରଭା ପଟ୍ଟନାୟକ, ବସୁମତୀ ସାହୁ, ଯୁଗ୍ମ ସମ୍ପାଦକ ପୀତାମ୍ବର ସାହୁ, ମନୋଜ ପାତ୍ର, ଶଙ୍କର ବିଶି, ପୂର୍ଣ୍ଣିମା ଭୋଇ, ସାଧୁରାମ ମାଝୀ, ବିଶ୍ୱନାଥ ପଣ୍ଡା, କୋଷାଧକ୍ଷ ଭାବେ କୁଞ୍ଜ ବିହାରୀ ମିଶ୍ର ନିର୍ବାଚିତ ହୋଇଥିଲେ।

## ବନ୍ଧପଡ଼ା ହାଇସ୍କୁଲରେ ସମନ୍ୱୟ ବୈଠକ



ଦେଓଗାଁ ବନ୍ଧପଡା ହାଇସ୍କୁଲରେ ଅନୁଷ୍ଠିତ ବୈଠକରେ ଅଭିଭାବକ, ଶିକ୍ଷକ ଓ ଅନ୍ୟମାନେ ।

**ଦେଓଗାଁ,୧୯।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ବନ୍ଧପଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଜିତେନ୍ଦ୍ରୀୟ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ପରିଚାଳନା କମିଟିର ସଦସ୍ୟା ସଦସ୍ୟ ଓ ଅଭିଭାବକ ଉପସ୍ଥିତ ରହି ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ଆଗକୁ କ'ଣ କରାଯାଇପାରିବ ସେନେଇ ନିଜ ନିଜ ମତ ପ୍ରକାଶ କରିଥିଲେ । ସିଆରସିସି ପ୍ରଦୀପ କୁମାର ଜେନା, ଶିକ୍ଷକ ନୀଳକଣ୍ଠ ଷାଣ୍ଢ, ରାଜୁ ନାଗ, ଘାସିରାମ ଗଡତ୍ୟା, ମନୋରଞ୍ଜନ ନାଏକ, ମମତା ମନହୀରା,ର ଞ୍ଜିତା ସାହୁ, ଦେବାଶିଷ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ପ୍ରଧାନଶିକ୍ଷକ ଅମ୍ବରୀଶ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କେଶବ ମେହେର ଓ ଦେଓଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ମମତା ମହାଡିକ, ଆଲୁମନି କମିଟି ସଭାପତି ବସନ୍ତ ଅଗ୍ରୱାଲ ଯୋଗ ଦେଇଥିଲେ ।

## ସିଲେଇ ତାଲିମ ପାଇଁ ଗୋଲାମୁଣ୍ଡାରୁ କଟକ ଗଲେ ୬୬ ଯୁବତୀ




ସିଲେଇ ତାଲିମ ଶିକ୍ଷା ପାଇଁ ଯାଇଥିବା ୬୬ ଯୁବତୀ ଓ ଅନ୍ୟମାନେ।

**ଗୋଲାମୁଣ୍ଡା,୧୯।୪(ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ୬ଟି ପଞ୍ଚାୟତରୁ ୬୬ଜଣ ଯୁବତୀ ସିଲେଇ ତାଲିମ ଶିକ୍ଷା ପାଇଁ ଶନିବାର କଟକ ଜିଲା ଗସ୍ତ କରିଛନ୍ତି। ସରକାରୀ ପ୍ରକଳ୍ପ ସ୍କିଲ ଇନ ଓଡ଼ିଶା ଯୋଜନାରେ ଗୋଲାମୁଣ୍ଡା ବ୍ଲକର ୬ଟି ପଞ୍ଚାୟତ ମଧ୍ୟରୁ ମହାଲିଙ୍ଗ ଗାଁରୁ ୨୪ଜଣ, ବଡ଼ଚେରଗାଁରୁ ୧୮ ଜଣ, ଖମାରହଳଦୀରୁ ୯, ଲେଡେରରୁ ୫ଜଣ, ଚପ୍ରିଆରୁ ୯ଜଣ ଓ ରେଙ୍ଗସାପାଲିରୁ ଜଣେ ଯୁବତୀ ସିଲେଇ ତାଲିମ ଶିକ୍ଷା ପାଇଁ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ଖଣ୍ଡାସାହିକୁ ଗସ୍ତ କରିଛନ୍ତି। ପ୍ରଥମେ ବ୍ଲକ ସଭାଗୃହଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଝିଅମାନେ କିଭଳି ଭାବେ ସୁରକ୍ଷିତ ରହି ତାଲିମ ଶିକ୍ଷା କରିପାରିବେ ସେନେଇ ଆଲୋଚନା ହୋଇଥିଲା। ଆସମାସ ପ୍ରକଳ୍ପ ସଂଯୋଜକ ଅନୁଜ କୁମାର ଶୁକ୍ଲାଙ୍କ ନେତୃତ୍ୱରେ ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରଠାରୁ ଏକ ବସ ଯୋଗେ ଯୁବତୀଙ୍କୁ ପଠାଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ଶ୍ରୀଧର ପଣ୍ଡାଙ୍କ ସମେତ ଆସମାସ ପ୍ରକଳ୍ପର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ତାଲିମ ପାଇଁ ଜିଲାର ସର୍ବାଧିକ ଝିଅ ଗୋଲାମୁଣ୍ଡା ବ୍ଲକରୁ ଯାଇଥିବା ସୂଚନା ଦେଇଛନ୍ତି ବିଡିଓ ଶ୍ରୀଧର ପଣ୍ଡା।

## ଛାତ୍ରୀଙ୍କୁ ବଳାତ୍କାର, ଶିକ୍ଷକ ଗିରଫ

**ଲାଞ୍ଜିଗଡ଼,୧୯।୪(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଓ ରାୟଗଡା ଜିଲା ସୀମାନ୍ତରେ ଥିବା ଏକ ହାଇସ୍କୁଲରେ ଜଣେ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ଉକ୍ତ ସ୍କୁଲର ଶିକ୍ଷକଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି ଅମ୍ବାଦଳା ପୋଲିସ। ଅଭିଯୁକ୍ତ ହେଲେ ଶେଷଦେବ ପାତ୍ର। ଏନେଇ ଅମ୍ବାଦଳା ଥାନାରେ ଏକ ମାମଲା (ନଂ. ୯୮/୨୫) ରୁଜୁ ହୋଇଥିବା ଥାନାଧିକାରୀ କଳ୍ପନା ବେହେରା ସୂଚନା ଦେଇଛନ୍ତି। ମିଳିଥିବା ସୂଚନାଅନୁଯାୟୀ, ରାୟଗଡ଼ା ଜିଲା ଅମ୍ବାଦଳା ଥାନାଞ୍ଚଳର ଜଣେ ନାବାଳିକା ଛାତ୍ରୀ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ଏକ ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢୁଥିଲେ। ତେବେ ଉକ୍ତ ସ୍କୁଲରେ ଶିକ୍ଷକତା କରୁଥିବା ଶିକ୍ଷକ ଶେଷଦେବ ସମ୍ପୃକ୍ତ ଛାତ୍ରୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ୧୫ଦିନ ତଳେ ଅପହରଣ କରିନେଇ ବଳାତ୍କାର କରିଥିଲେ। ଶିକ୍ଷକଙ୍କ ପରିବାର ଲୋକେ ଏହାକୁ ଚାପିଦେବାକୁ ଉଦ୍ୟମ କରିଥିବାବେଳେ ପୀଡିତା ଜଣକ ନିଜ ପ୍ରଚେଷ୍ଟାରେ ଭୁବନେଶ୍ୱର ଯାଇ ମହିଳା କମିଶନର ଦ୍ୱାରସ୍ଥ ହୋଇଥିଲେ। ମହିଳା କମିଶନଙ୍କ ହସ୍ତକ୍ଷେପ ପରେ ଭୁବନେଶ୍ୱର ମହିଳା ଥାନାରେ ଜିରୋ ଏଫଆଇଆର ରୁଜୁ ହୋଇଥିଲା। ପରେ ମାମଲାଟି ଅମ୍ବାଦଳା ପୋଲିସ ଥାନାକୁ ସ୍ଥାନାନ୍ତର ହେବା ପରେ ଏହାକୁ ଗୁରୁତର ସହିତ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଫେରାର ଥିବା ଅଭିଯୁକ୍ତ ଶିକ୍ଷକଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରିବା ପରେ ସିଡବ୍ଲ୍ୟୁସି ନିକଟରେ ହାଜର କରାଯାଇଛି। ଅପରପକ୍ଷରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ପରିବାରର ବୟାନ ରେକର୍ଡ କରାଯାଇଛି।

## ଶ୍ରମିକଙ୍କ ସମସ୍ୟା ସାମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍

**ନୂଆପଡ଼ା,୧୯।୪(ମକାରୁ ବେମାଲ)**



ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ଓ କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀ ଶ୍ରମିକଙ୍କ ସମସ୍ୟ ନେଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରୁଛନ୍ତି।

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଦୁଇ ବରିଷ୍ଠ କର୍ମକର୍ତ୍ତା ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ଓ କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱରସ୍ଥିତ ବାସଭବନରେ ସାକ୍ଷାତ୍ କରିଛନ୍ତି। କେନ୍ଦୁପତ୍ର ସଂସ୍ଥା ସହ ଜଡ଼ିତ ତୋଳାଳି, ବନ୍ଧାଳି, ସିଜନାଲ ଷ୍ଟାଫ୍‌ଙ୍କ ବିଭିନ୍ନ ସମସ୍ୟା ଓ ଶ୍ରମିକ ଅଶାନ୍ତି ବିଷୟରେ ଆଲୋଚନା କରିଥିଲେ। ଶୀଘ୍ର କେନ୍ଦୁପତ୍ର ଦର ବୃଦ୍ଧି, ଶ୍ରମିକ କଲ୍ୟାଣ ଯୋଜନା ଲାଗୁ କରିବା, ବଜେଟ ମୁତାବକ ଅର୍ଥ ମଞ୍ଜୁର କରିବା, କେନ୍ଦୁପତ୍ର ସଂସ୍ଥାକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଘରୋଇକରଣ ନ କରିବା ଆଦି ଦାବି ନେଇ ଆଲୋଚନା କରିଥିଲେ। ଆଗାମୀ ଦିନରେ ଶୀଘ୍ର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପୁରୋହିତ ଓ ପାଣିଗ୍ରାହୀ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ମାଝୀ କେନ୍ଦୁପତ୍ର ସଂସ୍ଥା ସହ ଜଡ଼ିତ ସମସ୍ତ ତୋଳାଳି, ବନ୍ଧାଳି, ସିଜନାଲ ଷ୍ଟାଫ୍ ଓ ଅନ୍ୟ ଶ୍ରମିକମାନଙ୍କ କଥା ଆମ ସରକାର ଠିକ୍ ଭାବରେ ହୃଦୟଙ୍ଗମ କରିଛି। ସକାରାତ୍ମକ ଭାବରେ ସମାଧାନ ପାଇଁ ପ୍ରସ୍ତୁତ ଅଛୁ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

## ମେ'୨୦ରୁ ଜିଲାରେ ରବି ଧାନ ସଂଗ୍ରହ

**ନୂଆପଡ଼ା,୧୯।୪ (ମକାରୁ ବେମାଲ)**




ମଣ୍ଡି ଖୋଲିବା ନେଇ ଆଲୋଚନା କରାଯାଉଛି।

ନୂଆପଡ଼ା ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶନିବାର ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାରେ ମେ' ୨୦ରୁ ମଣ୍ଡି ଖୋଲି ରବି ଧାନ ସଂଗ୍ରହ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲା ପରିଷଦ ଅଧକ୍ଷା ଡଲି ମାଝି, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ନୂଆପଡ଼ା ବିଧାୟକ ପ୍ରତିନିଧି ରାମଲାଲ ହଂସ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଆର୍ଯ୍ୟକୁମାର ମୁଦୁଲି, ଡିଆର୍‌ସିଏସ୍ ଶିବ ପ୍ରସାଦ ସ୍ୱାଇଁ, ଚାଷୀନେତା ଯଦୁମଣି ପାଣିଗ୍ରାହୀ, ମନୋଜ ସାହୁ ଓ ବିଭିନ୍ନ ରାଇସ୍ ମିଲ୍‌ର ମାଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୋଗାଣ ଅଧିକାରୀ ରାଉତରାୟ ସଭାକୁ ସଂଯୋଜନା କରି ଗତ ଖରିଫ ମଣ୍ଡି ସମ୍ପର୍କରେ ଅବଗତ କରାଇଥିଲେ । ଗତ ଖରିଫ ମଣ୍ଡିରେ ୨୦ ଲକ୍ଷ ୯୦ ହଜାର ୬୦୬.୦୯ କୁଇଣ୍ଟାଲ ଧାନ କ୍ରୟକରି ନୂଆପଡ଼ା ଜିଲା ପ୍ରାୟ ୯୯.୪୮% ସଫଳତା ପାଇଥିଲା। ଏହାପରେ ସର୍ବସମ୍ମତିକ୍ରମେ ଚଳିତ ରବି ମଣ୍ଡିରେ ଜିଲାର ୨୬ଟି ପ୍ରାଥମିକ କୃଷି ସମବାୟ ସମିତିକୁ ସାମିଲ କରି ୩୨ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଗତ ରବିଋତୁରେ ଜିଲାରେ ୫ ଲକ୍ଷ ୩୩ ହଜାର ୪୬୦ କୁଇଣ୍ଟାଲ ଧାନ

### ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକ

କ୍ରୟ କରିବାର ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ୪ ଲକ୍ଷ ୮୬ ହଜାର ୪୯୦ କୁଇଣ୍ଟାଲ ଧାନ ୯ ହଜାର ୪୩ ଜଣ ଚାଷୀଠାରୁ କ୍ରୟ କରାଯାଇଥିଲା। ଚଳିତ ରବିଋତୁରେ ଧାନ ବିକ୍ରୟ ପାଇଁ ଜିଲାରେ ୧୩ ହଜାର ୨୯୭ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷର ଲକ୍ଷ୍ୟଧାର୍ଯ୍ୟ ଅନୁଯାୟୀ ଚଳିତ ବର୍ଷ ରବିରେ ୫ ଲକ୍ଷ ୫୦ ହଜାର କୁଇଣ୍ଟାଲ ଧାନ କ୍ରୟ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ପରିଶେଷରେ ଜିଲାପାଳ ଗତବର୍ଷ ଭଳି ଚଳିତ ବର୍ଷ ମଧ ସୁରୁଖୁରୁରେ ଧାନ କ୍ରୟ ପାଇଁ ମିଲର୍ସ ଓ ଚାଷୀମାନଙ୍କୁ ଆହ୍ୱାନ କରିଥିଲେ ଓ ବିଭାଗୀୟ ଅଧିକାରୀ ସହ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ସମସ୍ତ ମଣ୍ଡି ଯାଇ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

**ପଦ୍ମପୁର,୧୯।୪ (ପ୍ରଦୀପ୍ତ ଦାଶ):** ରାଜବୋଡ଼ା ସମ୍ବର ବ୍ଲକ ଅନ୍ତର୍ଗତ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷର ପ୍ରଥମ ଅଭିଭାବକ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମାଧବ ବରିହାଙ୍କ ଆବାହକରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ ଅନୁଷ୍ଠିତ ହୋଇ ବିଭିନ୍ନ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଦ୍ୟାଳୟର ସମସ୍ତ ଅଭିଭାବକ, ପରିଚାଳନା ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ। ବୈଠକରେ ଛାତ୍ରୀଛାତ୍ରଙ୍କ ସମାପ୍ତି ସୂଚକ ଆକଳନ ଫଳାଫଳ, ଗ୍ରୀଷ୍ମ ଅବକାଶରେ ଗୃହକାର୍ଯ୍ୟ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ମାଗଣା ପାଠ୍ୟ ପୁସ୍ତକ ବିତରଣ, ବିଦ୍ୟାଳୟ ବାହାରେ ଥିବା ଛାତ୍ରୀଛାତ୍ରଙ୍କ ସର୍ବେକ୍ଷଣ ଓ ସେମାନଙ୍କ ନାମଲେଖା ପାଇଁ ପଦକ୍ଷେପ, ବିଦ୍ୟାଳୟର ଉନ୍ନତି ପାଇଁ ଅଭିଭାବକଙ୍କ ମତାମତ ଆହ୍ୱାନ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋକପାତ କରାଯାଇଛି। ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ ସ୍ୱାଗତ ଓ ଧନ୍ୟବାଦ ଜ୍ଞାପନ କରିଥିଲେ।

# ବାଇକ୍ ଚୋରି ର୍ୟାକେଟ୍ ଠାବ, ୮ ଗିରଫ

- ବିଭିନ୍ନ ସ୍ଥାନରୁ ୨୩ବାଇକ୍ ଜବତ କଲା ପୋଲିସ୍
- ନକଲି ନମ୍ବର ପ୍ଲେଟ ବ୍ୟବହାର କରିଥିଲେ ଅଭିଯୁକ୍ତ

**ବରଗଡ଼,୧୯।୪(ପ୍ରେମାନନ୍ଦ ଖମାରୀ)**



ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

ବରଗଡ଼ ଟାଉନ ଥାନା ପୋଲିସ ଏକ ବାଇକ୍ ଚୋରି ର୍ୟାକେଟ୍‌କୁ ଠାବ କରିଛି। ଏହି ର୍ୟାକେଟ୍‌ରେ ପୋଲିସ ୮ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର ବରଗଡ଼ କୋର୍ଟକୁ ଚାଲାଣ କରିଛି। ସେଠାରୁ ଅଭିଯୁକ୍ତମାନଙ୍କୁ ବରଗଡ଼ ଉପ କାରାଗାରକୁ ପଠାଇ ଦିଆଯାଇଛି। ସେମାନେ ହେଲେ ବରଗଡ଼ ଜିଲା ସୋହେଲା ଥାନା ସରକଣ୍ଡା ଗ୍ରାମର ରୋଶନ ମେହେର, ସୋନପୁର ଜିଲା ଡୁଙ୍ଗୁରିପାଲି ରେଲ ଲାଇନ ପଡ଼ାର ସୁମନ ନାଏକ, ବରଗଡ଼ ଜିଲା ସୋହେଲା ଥାନା ଝର ଗ୍ରାମର ବଶିଷ୍ଠ ଓରଫ୍ ପିଙ୍କୁ ଗିଞ୍ଜିରା, ସୋହେଲା ଥାନା ଜାମଛପରର ବିକାଶ ଭୁଏ, ଭେଡ଼େନ ଥାନା ରେମଣ୍ଡାର ରାଜୁ ରାଉତିଆ, ବରଗଡ଼ ଟାଉନ ଥାନା ନୂଆପଡ଼ାର ସରୋଜ ଭୋଇ, ସୋହେଲା ଥାନା ଜାମଛପର ଗ୍ରାମର ଦଶରଥ ବୁଡ଼େକଏବଂ ଭବାନୀ ସୁନା। ସେମାନଙ୍କ ପାଖରୁ ୨୩ବାଇକ୍ ଜବତ ହୋଇଛି। କେତେକ ବାଇକ୍‌ରେ ଅଭିଯୁକ୍ତମାନେ ନକଲି ନମ୍ବର ପ୍ଲେଟ୍ ମଧ୍ୟ ଲଗାଇବା ସହିତ ଅନ୍ୟ ପାଖରେ ବିକ୍ରି କରିଥିଲେ। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ୪ମାମଲା(ନଂ-୧୮୨/୨୫, ୨୧/୨୩, ୫୬୧/୨୩, ୮୩/୨୫) ରୁଜୁ ହୋଇଛି।

ଏ ନେଇ ଶନିବାର ସନ୍ଧ୍ୟା ୬ଟାରେ ବରଗଡ଼ ଟାଉନ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା ସୂଚନା ଦେଇ କହିଥିଲେ, ବରଗଡ଼ ୱାର୍ଡ ନଂ-୨ ହାଟପଦା ନିବାସୀ ରୀନା ଦାଶ ତାଙ୍କ ସ୍କୁଟି(ନଂ-ଜିଜେ୦୫ଏମଏ ୦୫୨୯) ଚୋରି ହୋଇଥିବା ନେଇ ଗତ ୧୪ତାରିଖ ସ୍ଥାନୀୟ ଟାଉନ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଚଳାଇ ଥିଲା ଏବଂ ମୁଖ୍ୟ ଅଭିଯୁକ୍ତ ବଶିଷ୍ଠ ଓରଫ୍ ପିଙ୍କୁଙ୍କୁ ଗିରଫ କରିଥିଲା। ତାଙ୍କୁ ଜେରା କରିବା ପରେ ପୋଲିସ ରୀନାଙ୍କ ସ୍କୁଟି ସମେତ ଅନ୍ୟ ବାଇକ୍‌କୁ ଜବତ କରିଥିଲା। ଏଥିସହିତ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ପୋଲିସ ହାତରେ ଧରାପଡ଼ିଥିଲେ।

ପ୍ରକାଶଥାଉକି, ରୀନା ଦାଶ ଗତ ମାର୍ଚ୍ଚ ୨୪ତାରିଖ ରାତି ପ୍ରାୟ ୮ଟା ୩୦ମିନିଟ୍‌ରେ ତାଙ୍କ ସ୍କୁଟିରେ ବରଗଡ଼ ନିଶାମଣି ସ୍କୁଲ ପଡ଼ିଆରେ ଚାଲିଥିବା ଏକ କାର୍ଯ୍ୟକ୍ରମ ଦେଖିବାକୁ ଆସିଥିଲେ। ସ୍କୁଟିକୁ କାର୍ଯ୍ୟକ୍ରମ ଚାଲିଥିବା ଟେଣ୍ଟ ପାଖରେ ରଖିଥିଲେ। ମାତ୍ର କାର୍ଯ୍ୟକ୍ରମ ଦେଖି ସାରି ଫେରିବା ପରେ ସେଠାରେ ତାଙ୍କ ସ୍କୁଟି ଚୋରି ହୋଇ ଯାଇଥିଲା। ବରଗଡ଼ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଆହୁରି ଅନେକ ବାଇକ୍ ଚୋରି ହୋଇଥିବାବେଳେ ଏ ଯାଏ ତାହା ଉଦ୍ଧାର ହୋଇପାରି ନାହିଁ। ଫଳରେ ବାଇକ୍ ଚୋରିରେ ଅନ୍ୟ ଏକ ର୍ୟାକେଟ୍ ମଧ୍ୟ ଏଠାରେ ସକ୍ରିୟ ହୋଇଥିବା ଅନୁମାନ କରାଯାଉଛି। ପୋଲିସ ଏହି ର୍ୟାକେଟ୍‌ର ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ମଧ୍ୟ ତନାଘନା ଚଳାଉଛି। ଏଥିପାଇଁ ୩ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ଏବଂ ଆଗକୁ ଆହୁରି ବାଇକ୍ ଉଦ୍ଧାର ସହିତ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଶୀଘ୍ର ଧରାପଡ଼ିବେ ବୋଲି ଏସ୍‌ପି ମୀନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ସମ୍ମିଳନୀରେ ବରଗଡ଼ ଟାଉନ ଥାନା ଆଇଆଇସି ସତ୍ୟଜିତ୍ କଣ୍ଡାନକେଲ ମଧ୍ୟ ଉପସ୍ଥିତ ଥିଲେ।

# ପ୍ଲାଟୁନ କମାଣ୍ଡର ଏସ୍‌ଆଇ ନାରାୟଣ ଭୋଇଙ୍କୁ ନିଲମ୍ବିତ

**ବୌଦ୍ଧ,୧୯।୪(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ବଲାସିଙ୍ଗାରେ ଥିବା ପଞ୍ଚମ ଆଇଆର୍‌ବିର ଜଣେ ପ୍ଲାଟୁନ କମାଣ୍ଡର ସବ୍‌ଇନ୍ସପେକ୍ଟର ନାରାୟଣ ଭୋଇଙ୍କୁ ନିଲମ୍ବନ କରାଯାଇଛି। ଏ ନେଇ ଆଇଆର୍‌ବି କମାଣ୍ଡାଣ୍ଟ ମନୋରଞ୍ଜନ ବିଶ୍ୱାଳ ସୂଚନା ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ମନମୁଣ୍ଡା ଥାନା ପରିସରସ୍ଥ ବାରାକ୍‌ରେ ମାଓବାଦୀ ଦମନ ପାଇଁ ଆଇଆର୍‌ବି ଯବାନ ରହୁଥିଲେ। ଗତ ତା.୨୪।୩।୨୫ରିଖରେ ପୋଲଇସ ବାରାକରେ ତଲାସୀ କରିବାରୁ ୩ ଜଣ ଆଇଆର୍‌ବି ଯବାନଙ୍କଠାରୁ ୧୫ କିଲୋ ୯୩୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏଥିସହ ଗଞ୍ଜେଇ ରଖିବା ଅଭିଯୋଗରେ ଉକ୍ତ ୩ ଯବାନଙ୍କୁ ଗିରଫ କରି ତା.୨୫।୩।୨୫ରିଖରେ କୋର୍ଟଚାଲାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ୩ ଯବାନଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଥିଲା। ତେବେ ସେଠାରେ ଦାୟିତ୍ୱରେ ନିୟୋଜିତ ଥିବା ପ୍ଲାଟୁନ କମାଣ୍ଡର ସବ୍‌ଇନ୍ସପେକ୍ଟର ନାରାୟଣ ଭୋଇ ଏହା କିପରି ଜାଣିପାରିଲେ ନାହିଁ। ତେଣୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ବିଶ୍ୱାଳ ସୂଚନା ଦେଇଛନ୍ତି।

# ଚକୁଳିଫାର୍ମରୁ ଚୋରି ଘଟଣା, ୪ଗିରଫ



ଗିରଫ ଅଭିଯୁକ୍ତଙ୍କୁ ଅତାବିରା ପୋଲିସ ହାଜର କରିଛି।

**ଅତାବିରା,୧୯।୪(ଯୁଧିଷ୍ଠିର ମହାପାତ୍ର)**

- ସ୍କୁଲରେ ଲାଗିଥିବା ଏଲ୍‌ଇଡ଼ି ଟିଭି ଚୋରି କରିଥିଲେ
- ବରଗଡ଼, ସମ୍ବଲପୁର ଜିଲାର ବହୁ ମାମଲାରେ ସମ୍ପୃକ୍ତ
- କାର୍, ସ୍କୁଟି ସମେତ ଅନେକ ଚୋରି ସାମଗ୍ରୀ ଜବତ

ଅତାବିରା ଥାନା ଚକୁଳିଫାର୍ମ(ନୂଆଁ ଖଇରପାଲି)ରେ ଗତ ୮ତାରିଖ ବିଳମ୍ବିତ ରାତିରେ ସଂଘଟିତ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ, ବରଗଡ଼ ପଞ୍ଚାୟତ କଲେଜ ନିକଟ କୁଲିବନ୍ଧ ପଡ଼ାର ରିଙ୍କୁ ଭୋଇ(୨୫), ବରଗଡ଼ ଗ୍ରାମାଞ୍ଚଳ ଥାନା କଣ୍ଟାଟିକ୍ରାର ସୁଶାନ୍ତ ତାଣ୍ଡି(୩୭), ପଣ୍ଡରିପଥର ନିବାସୀ ଗଙ୍ଗା ହନୁମାନ(୨୫) ଏବଂ ବରଗଡ଼ ୱାର୍ଡ ନଂ. ୪ର ଜଗନ୍ନାଥ ଦାଶ(୩୭)।

ସେମାନଙ୍କ ପାଖରୁ ଏକ କାର୍(ନଂ-ଓଡ଼ି୧୪ଏଏ ୯୮୧୨), ଏକ ସ୍କୁଟି(ନଂ-ଓଡ଼ି୧୭ଏଡ଼ି୫୯୭୨) ସମେତ ୩ସାମସଙ୍ଗ ଟିଭି, ଗୋଟିଏ କମ୍ପ୍ୟୁଟର ମଲ୍ଟିମିଡ଼ିଆ ସ୍ପିକର, ୧୩ଖଣ୍ଡ ନୂଆଶାଢ଼ି, ଗୋଟିଏ ସାମସଙ୍ଗ ଟାବଲଏଡ୍, ୪ଲାପଟପ୍, ୪ମୋବାଇଲ, ୯୨୫ଗ୍ରାମର ରୂପା ଅଳଙ୍କାର, ୩.୫ ଗ୍ରାମର ସୁନା ଗହଣା ଆଦି ଜବତ ହୋଇଛି।

ଏ ନେଇ ଅତାବିରା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ ସୂଚନା ଦେଇ କହିଥିଲେ, ଚକୁଳିଫାର୍ମ ନିବାସୀ କେ. ସାବିତ୍ରୀ(୫୦) ଘରେ ଅନୁପସ୍ଥିତ ରହିଥିବା ସୁଯୋଗ ନେଇ ଅଭିଯୁକ୍ତମାନେ ଘର ଭିତରୁ ସୁନା, ରୂପା ଅଳଙ୍କାର ସମେତ ନଗଦ ୩୦ହଜାର ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଥିଲା। ତାକୁ ଆଧାର କରି ଅତାବିରା ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଚୋରି ସାମଗ୍ରୀ ଉଦ୍ଧାର କରିଥିଲା।

ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ରିଙ୍କୁ ଏବଂ ଗଙ୍ଗା ପେଶାଦାର ଅପରାଧି । ସେମାନଙ୍କ ବିରୋଧରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ରିଙ୍କୁଙ୍କ ବିରୋଧରେ ବରଗଡ଼ ଟାଉନ ଥାନା, ବରଗଡ଼ ସଦର ଥାନା ଏବଂ ବିଜେପୁର ଥାନାରେ ୮ଟି ମାମଲା ରହିଛି। ସେହିପରି ଗଙ୍ଗାଙ୍କ ବିରୋଧରେ ବରଗଡ଼ ଟାଉନ ଥାନା, ବରଗଡ଼ ସଦର ଥାନା ସମେତ ବରପାଲି, ଅତାବିରା, ଟିଟିଲାଗଡ଼, ନାକଟିଦେଉଳ, ଯୁଯୋମୁରା, ରେଢ଼ାଖୋଲ ରେଢ଼ାଖୋଲ ଥାନାରେ ୧୭ଟି ମାମଲା ରହିଛି ବୋଲି ଏସ୍‌ଡ଼ିପିଓ ତ୍ରିପାଠୀ କହିଥିଲେ। ୨୦୨୪ ସେପ୍ଟେମ୍ବର ମାସରୁ ୨୦୨୫ ମସିହା ଫେବୃୟାରୀ ମାସ ଯାଏ ଅଭିଯୁକ୍ତ ଗଙ୍ଗା ଏବଂ ରିଙ୍କୁ ଅନ୍ୟଜଣେ ଅଭିଯୁକ୍ତ ମହେଶ ଶର୍ମାଙ୍କ ସହିତ ମିଶି ସମ୍ବଲପୁର ଜିଲାର ଡଙ୍ଗଚା, ଡିମିରିକୁଦା, ଲୁହାପଙ୍କ, ଅଙ୍ଗରପଡ଼ା, କୁଟାସିଂଘା, ପୁରୁଣାଗଡ଼, ବେଡଗଡ଼ ଆଦି ଅଞ୍ଚଳର ସ୍କୁଲରେ ଲାଗିଥିବା ସାମସଙ୍ଗ ଏଲଇଡ଼ି ଟିଭି ଚୋରି କରିଥିବା ଜେରାବେଳେ ସ୍ୱୀକାର କରିଥିଲେ ବୋଲି ଏସଡ଼ିପିଓ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅତାବିରା ଆଇଆଇସି ପ୍ରକାଶ କର୍ଣ୍ଣ ମଧ୍ୟ ଉପସ୍ଥିତ ଥିଲେ।

# ଗବେଷିକାଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ

**ବରପାଲି,୧୯।୪(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ନିଜର ଗବେଷଣାର ତଥ୍ୟ ସଂଗ୍ରହ ପାଇଁ ଗବେଷିକା ପ୍ରମିତା ନାୟକ ଶନିବାର ପରିଦର୍ଶନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନରେ ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ଗବେଷିକା ପ୍ରମିତା ନାୟକ ବରଗଡ଼ ଜିଲାର 'ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପଠନ ଅଭ୍ୟାସ, ବୁଦ୍ଧିମତା ଏବଂ ଚାପର ଶୈକ୍ଷିକ ଉପଲବ୍ଧି ଉପରେ ପ୍ରଭାବର ଏକ ଅଧ୍ୟୟନ' ଶୀର୍ଷକ ଉପରେ ନିଜର ଗବେଷଣା ପାଇଁ ତଥ୍ୟ ଏବଂ ସୂଚନା ସଂଗ୍ରହ କରିବା ପାଇଁ ବରପାଲି ବ୍ଲକର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ବରପାଲି , ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରପାଲି , ସରକାରୀ ଉଚ୍ଚ ବିଦ୍ୟାଳୟ, ସତଲମା ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରପାଲିକୁ ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାରର ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଯୁବରାଜ ଖମାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରା ଓ ମହଦା ସିଆର୍‌ସିସି ଅନିଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଗବେଷିକା ପ୍ରମିତା ନାୟକଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀମାନେ।

# ସଫଳ ଉଦ୍ୟୋଗୀ ହେବାକୁ ପରାମର୍ଶ



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଗହଣରେ ବିକାଶ ଶିକ୍ଷାନୁଷ୍ଠାନ କର୍ମକର୍ତ୍ତାବୃନ୍ଦ।

**ବରଗଡ଼,୧୯।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସ୍ଥିତ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟରେ ବିବିଏ ଏବଂ ବିସିଏ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ବିଦାୟ ସମ୍ବର୍ଦ୍ଧନା ସମାରୋହ ହସ୍ତା ଲା ଭିଷ୍ଟା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ବିଦାୟୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ କଠିନ ପରିଶ୍ରମ, ନିଷ୍ଠା, କାର୍ଯ୍ୟ କୁଶଳତା ମାଧ୍ୟମରେ ସଫଳ ଉଦ୍ୟୋଗୀ ହେବା ପାଇଁ ପରାମର୍ଶ ଦେଇଥିଲେ। ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ଚିଫ୍ ଏଡ଼ମିନିଷ୍ଟ୍ରେଟିଭ୍ ଅଫିସର ଇଂ ଅଜୟ କୁମାର ମହାପାତ୍ର ଏବଂ ସିନିୟର ଏଡ଼ଭାଇଜର ପି. କେ ଦାଶ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡ. କ୍ଷିରୋଦ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ ସହିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉକ୍ତ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଡିନ୍(ଷ୍ଟୁଡେଣ୍ଟ୍ ଏଫେୟାର୍ସ) ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ତତ୍ତ୍ୱାବଧାନରେ ପ୍ରଥମ, ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଫାର୍ମ ହାଉସରୁ ଚୋରି

**ବରପାଲି,୧୯।୪(ଚିତ୍ତରଞ୍ଜନ ସାହୁ):** ବରପାଲି ନିକଟସ୍ଥ ଗୋବର୍ଦ୍ଧନ ମେହେରଙ୍କ ଫାର୍ମ ହାଉସରୁ ବହୁ ମୂଲ୍ୟବାନ ଯନ୍ତ୍ରପାତି ଶୁକ୍ରବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୋବର୍ଦ୍ଧନ ମେହେରଙ୍କ କୁସନପୁରୀ ସ୍ଥିତ ଫାର୍ମ ହାଉସରୁ ଦୁର୍ବୃତ୍ତମାନେ ମୁଖ୍ୟ ଫାଟକର ତାଲା ଭାଙ୍ଗି ଭିତରେ ଥିବା ରୋଟା ଭେଟର, ସୋଲାର ପେନାଲ, ବ୍ୟାଟେରୀ, ଔଷଧ ମରା ମେଶିନ, ଗ୍ୟାସ ଚୁଲି ଆଦି ପ୍ରାୟ ଦୁଇ ଲକ୍ଷ ପଚାଶ ହଜାର ଟଙ୍କାର ମୂଲ୍ୟବାନ କୃଷି ଯନ୍ତ୍ର ପାତି ଚୋରି କରିଥିବା ନେଇ ତାଙ୍କ ପୁଅ ସଞ୍ଜୟ ମେହେର ବରପାଲି ଥାନାରେ ଏତଲା ଦେଇଛନ୍ତି ।

# ମାହେଶ୍ୱରୀ ନର୍ସିଂ କଲେଜରେ ପଠନ ଦକ୍ଷତା ତାଲିମ କାର୍ଯ୍ୟକ୍ରମ

**ବରଗଡ଼,୧୯।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଭଟଲି ଛକ ନିକଟରେ ଥିବା ମାହେଶ୍ୱରୀ ନର୍ସିଂ କଲେଜରେ ବିଏସ୍‌ସି ନର୍ସିଂ ଛାତ୍ରୀଛାତ୍ରମାନଙ୍କ ପଠନ ଦକ୍ଷତା ଉପରେ ଶନିବାର ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପଙ୍କଜ କୁମାର ବାଗ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାହେଶ୍ୱରୀ ଗ୍ରୁପ ଅଫ ଇଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ଫକୀର କର୍ଣ୍ଣ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ତଥା ଲେଖକ ଜୟପ୍ରକାଶ ଶତପଥୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପଠନ ଦକ୍ଷତା କିଭଳି ବୃଦ୍ଧି ପାଇବ, ସେ ବିଷୟରେ ବିଶଦ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ କଲେଜର ଅଧ୍ୟାପିକା ଓ. ଗ୍ଲୋରୀ ମୁଖ୍ୟ ପ୍ରଶିକ୍ଷକଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶୁଭମ ଷଡ଼ଙ୍ଗୀ ସହାୟତା କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ପ୍ରଥମ ବର୍ଷର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ।



ମାହେଶ୍ୱରୀ ନର୍ସିଂ କଲେଜରେ ପଠନ ଦକ୍ଷତା ତାଲିମ କାର୍ଯ୍ୟକ୍ରମ।

# ଅଷ୍ଟ ପ୍ରହରି ନାମ ଯଜ୍ଞ

**ଗାଇସିଲେଟ,୧୯।୪(ଦୁର୍ଗାପ୍ରସାଦ ତ୍ରିବେଦୀ):** ଗାଇସିଲେଟ ନିକଟସ୍ଥ ଭୋଇପାଲି ଗ୍ରାମରେ ନବ-ନିର୍ମିତ ଅଧିଷ୍ଠାତ୍ରୀ ଦେବୀ ମା ବହଲତଲିଏନ ମନ୍ଦିର, ବୁଢାରଜା ମନ୍ଦିର ଓ ଗ୍ରାମମଧ୍ୟରେ ଥିବା କିର୍ତ୍ତନ ମଣ୍ଡଳୀ ପ୍ରତିଷ୍ଠା ପାଇଁ ଅଷ୍ଟ ପ୍ରହରି ଅଖଣ୍ଡ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୌନ୍ତିଆ ଗିରିଜା ଶଙ୍କର ବରିହା ଓ ତାଙ୍କ ସ୍ତ୍ରୀ ପୁଷ୍ପଲତା ବରିହା କର୍ତ୍ତା କାର୍ଯ୍ୟ ତୁଲାଇ ଥିବାବେଳେ ପଣ୍ଡିତ ଲଳିତ କୁମାର ପଣ୍ଡା, ନବିନ ତ୍ରିପାଠୀ ଓ ସିଦ୍ଧାର୍ଥ କୁମାର ପଣ୍ଡା ମନ୍ଦିର ପ୍ରତିଷ୍ଠା କରିଥିଲେ। ଏହି ଅଖଣ୍ଡ ନାମଯଜ୍ଞରେ ବଲାଙ୍ଗିର ଜିଲା ଶୁଖା ତଥା ବରଗଡ଼ ଜିଲା ଫିରିଙ୍ଗିମାଲ, କେନ୍ଦଟିକ୍ରା, କୁଲୁବାହାଲ, କଲଙ୍ଗାପାଲି ଓ ଭୋଇପାଲି ଦଳ ଭାଗ ନେଇଥିଲେ।

# ଇନ୍ଦ୍ରଜିତ ବଧ ନାଟକ ମଞ୍ଚସ୍ଥ

**ବୌଦ୍ଧ,୧୯।୪(ଅଜିତ କୁମାର ବାରିକ)**

**ବୌଦ୍ଧ ରାମଲୀଳା ଯାତ୍ରାର ଚତୁର୍ଦ୍ଦଶ ଦିବସ**

ବୌଦ୍ଧ ଗଡଜାତର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରାର ଶନିବାର ଚତୁର୍ଦ୍ଦଶ ଦିବସରେ ଇନ୍ଦ୍ରଜିତ ବଧ ନାଟକ ମଞ୍ଚସ୍ଥ ହୋଇଛି। ଯୁଦ୍ଧରେ ବିଭୀଷଣର ଏକମାତ୍ର ପୁତ୍ର ତରଣୀସେନର ମୃତ୍ୟୁ ହେବାପରେ ଲଙ୍କାପତି ରାବଣ ଖୁସି ହୋଇ ଅଟହାସ୍ୟ କରିଛି। ତରଣୀସେନର ପତ୍ନୀ ପଦ୍ମା ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ଦୁଃଖରେ ପାଗିଳିନୀ ସାଜିଛି। ତରଣୀସେନକୁ ମରାଇ ଆତ୍ମସନ୍ତୋଷ ଲାଭ କରୁଥିବା ରାବଣ ନିଜ ମାତାଙ୍କ ମୃତ୍ୟୁ ଖବର ପାଇଛି। ହେଲେ ନିଜ ବଂଶର ଅନେକ ପୁତ୍ର ନାତି ବୀର ଯୋଦ୍ଧା ଏଯାଏ ବଞ୍ଚିରହିଥିବାରୁ ରାବଣ ନିଜକୁ ବଳିୟାନ ମନେ କରିଛି। ନିଜ ଔରସଜାତ ଆଜନ୍ମ ବ୍ରହ୍ମଚାରୀ ବୀରବାହୁକୁ ଯୁଦ୍ଧକୁ ପଠାଇବା ପରେ ଶ୍ରୀରାମ ଲକ୍ଷ୍ମଣଙ୍କ ହାତରେ ତାର ମୃତ୍ୟୁ ହୋଇଛି। ଶେଷରେ ଇନ୍ଦ୍ରଜିତକୁ ଯୁଦ୍ଧଭୂମିକୁ ଯିବାକୁ ପଡିଛି। ଇନ୍ଦ୍ରଜିତ ଯୁଦ୍ଧରେ ବିଜୟ ପାଇଁ ଯଜ୍ଞ କରୁଥିବା ସୂଚନା ପାଇ ବିଭୀଷଣଙ୍କ ପରାମର୍ଶ ଓ ଶ୍ରୀରାମଙ୍କ ନିର୍ଦ୍ଦେଶରେ ହନୁମାନ ଓ ବାନରସେନା ଯାଇ ଯଜ୍ଞ ଭଙ୍ଗ କରିଛନ୍ତି। କ୍ରୋଧରେ ଇନ୍ଦ୍ରଜିତ ମାୟା ଯୁଦ୍ଧରେ ବାନର ସେନା ଉପରେ ପ୍ରବଳ ଆକ୍ରମଣ କରିଛନ୍ତି। ଶେଷରେ ବୀର ଲକ୍ଷ୍ମଣଙ୍କ ଦ୍ୱାରା ମହାମାୟାବୀ ଇନ୍ଦ୍ରଜିତର ବଧ ହୋଇଛି। ନାଟକକୁ ଅନୁଷ୍ଠାନର କଳାକାର ଶିରିଷ ବେହେରା, ଜନାର୍ଦ୍ଦନ ମିଶ୍ର, ବିଶ୍ୱାମିତ୍ର ସାହୁ, ଡିଙ୍ଗର ପ୍ରଧାନ, ସନ୍ତୋଷ ବାଘ, ବାବୁଲି ବେହେରା, ପ୍ରମୋଦ ପ୍ରଧାନ ଓ ଶାନ୍ତନୁ ବେହେରା ପରିବେଷଣ କରିଥିଲେ।



ରାମଲୀଳା ନାଟକର ଦୃଶ୍ୟ।


# କ୍ରୀଷ୍ଣା ବିକାଶ ଛାତ୍ରୀଛାତ୍ରଙ୍କ ବାଜିମାତ୍

**ବରଗଡ଼,୧୯।୪(ପ୍ରେମାନନ୍ଦ ଖମାରୀ)**

**ଆଇଆଇଟି-ଜେଇଇ (ମେନ୍) ପ୍ରବେଶିକା ପରୀକ୍ଷା**



ପ୍ରତ୍ୟୁଷ କୁମାର ସାହୁ



ହର୍ଷିତ ଚନ୍ଦ୍ରାକର



ପୀୟୂଷ ସାହୁ



ନିର୍ଲିପ୍ତା କୁରୁକୁରିଆ

ଶନିବାର ପ୍ରକାଶିତ ଆଇଆଇଟି-ଜେଇଇ (ମେନ୍) ପ୍ରବେଶିକା ପରୀକ୍ଷାରେ କ୍ରୀଷ୍ଣା ବିକାଶ ଗ୍ରୁପ ଅନ୍ତର୍ଗତ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ରାଜ୍ୟରୁ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବରଗଡ଼ କ୍ରୀଷ୍ଣା ବିକାଶର ପ୍ରତ୍ୟୁଷ କୁମାର ସାହୁ ୯୯.୩୯, ୪ଜଣ ୯୮, ୧୪ଜଣ ୯୭, ୨୧ଜଣ ୯୬, ୨୯ଜଣ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି ଏବଂ ୮୭ଛାତ୍ରୀଛାତ୍ର ୨୦୨୫ ଜେଇଇର ନିର୍ଦ୍ଧାରୀତ କଟ୍‌ଅଫ୍ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ସଫଳ ହୋଇଛନ୍ତି ବୋଲି କ୍ରୀଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ସୂଚନା ଦେଇଛନ୍ତି। ୮୭ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୩ଛାତ୍ରୀଛାତ୍ର ରାଉରକେଲା ଏନ୍‌ଆଇଟିରେ ଆଡ଼ମିଶନ ପାଇବା ପାଇଁ ନିର୍ଦ୍ଧାରୀତ କଟ୍‌ଅଫ୍ ପ୍ରତିଶତ ରଖି ଫଳାଫଳ ତାଲିକାର ଶୀର୍ଷରେ ରହିଥିବା ସେ କହିଛନ୍ତି। ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ(ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି ପରୀକ୍ଷାଫଳ ଉପରେ ସବିଶେଷ ବିବରଣୀ ସହିତ ସୂଚନା ଦେଇଛନ୍ତି, ପ୍ରତ୍ୟୁଷ ୯୯.୩୯, ହର୍ଷିତ ଚନ୍ଦ୍ରାକର ୯୮.୬୨, ପିୟୁଷ ସାହୁ ୯୮.୩୯, ନିର୍ଲିପ୍ତା ୯୮.୦୮ କୁରୁକୁରିଆ, ଜିୟା ୯୭.୮୩, ସୌମ୍ୟରଞ୍ଜନ ୯୭.୬୭, ରୋନକ ୯୭.୫୯, ମନୀଷ ୯୭.୪୬, ରୋହନ ୯୭.୩୮, ନମିତା ୯୭.୩୪, ଚିନ୍ମୟାନନ୍ଦ ୯୭.୩୪, ମୁକେଶ ୯୭.୨୭, ମଧୁସୂଦନ ୯୭.୧୩, ଅମରନାଥ ୯୭.୦୨ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ରଜତ ୯୬.୮୩, ହେମନିଲ ୯୬.୫୧, ସ୍ୱସ୍ତିକ ୯୬.୫୧, ଅଂଶୁମାନ ୯୬.୪୪, ଅଙ୍କିତ ୯୬.୪୦, ରିତିକା ୯୬.୨୭, ଲିପୁନ ୯୬.୧୦, କାହ୍ନାଜୀ ୯୫.୯୯, ରାକେଶ ୯୫.୮୮, ମୋହନ ୯୫.୮୦, ଶିବମ ୯୫.୫୦, ଅଙ୍କିତ ୯୫.୪୩, ଯଶୋବନ୍ତ ୯୫.୪୨, ଶୁଭମ ୯୫.୪୨, ପ୍ରଗତି ୯୫.୧୮ ପ୍ରତିଶତ ସହିତ ତାଲିକାର ଶୀର୍ଷରେ ରହିଛନ୍ତି।

ପଦାର୍ଥ ବିଜ୍ଞାନରେ ପ୍ରତ୍ୟୁଷ କୁମାର ସାହୁ ଏବଂ ପିୟୁଷ ସାହୁ ଶତ ପ୍ରତିଶତ ମାର୍କ ରଖିଥିବାବେଳେ ନମିତା ୯୯.୯୨, ଅଙ୍କିତ ୯୯.୭୬, ହର୍ଷିତ ୯୯.୭୩, ଚିନ୍ମୟାନନ୍ଦ ୯୯.୭୩, ନିର୍ଲିପ୍ତା ୯୯.୬୪, ଜିୟା ୯୯.୫୫, ସୌମ୍ୟରଞ୍ଜନ ୯୯.୪୨, ମୁକେଶ ୯୯.୨୯, ଅଂଶୁମାନ ୯୯.୨୧, ରୋନକ ୯୯.୦୯, ରିତିକା ୯୯.୦୩, ମଧୁସୂଦନ ୯୯.୦୨ ପ୍ରତିଶତ ରଖି ସଫଳ ହୋଇଛନ୍ତି। ରସାୟନ ବିଜ୍ଞାନରେ ପ୍ରତ୍ୟୁଷ ୯୯.୯୭, ହର୍ଷିତ ୯୯.୭୫, ରୋନକ ୯୯.୬୬, ପିୟୁଷ ୯୯.୬୧, ରୋହନ ୯୯.୬୦, ଅମରନାଥ ୯୯.୩୯, ତପସ୍ୱିନୀ ୯୯.୩୬, ନିର୍ଲିପ୍ତା ୯୯.୩୪, ଓମ୍‌କାର୍ ୯୯.୨୮, ଜିୟା ୯୯.୧୦ ପ୍ରତିଶତ ରଖିଛନ୍ତି।

ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ୮୭ଛାତ୍ରୀଛାତ୍ର ଆଇଆଇଟି-ଜେଇଇ ଏଡଭାନ୍ସଡ୍ ପରୀକ୍ଷା ପାଇଁ କ୍ରୀଷ୍ଣା ବିକାଶର ଅନୁଭବୀ, ଦକ୍ଷ ଶିକ୍ଷକମାନଙ୍କର ମାର୍ଗଦର୍ଶନରେ ପ୍ରସ୍ତୁତି ଆରମ୍ଭ କରି ସାରିଛନ୍ତି। ଜେଇଇ ମେନ୍ ନିର୍ଣ୍ଣାୟକ ପ୍ରବେଶିକା ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ଉତ୍କୃଷ୍ଟ ସଫଳତା ପାଇଁ କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ବିକାଶରେ ଚାଲିଥିବା ସେଣ୍ଟ୍ରାଲାଇଜଡ୍ ଏଣ୍ଟ୍ରାନ୍ସ ଏକାଡ଼େମୀର ପାଠ୍ୟକ୍ରମକୁ ପ୍ରଶଂସା କରିବା ସହିତ ବିଗତ ଏକ ଦଶନ୍ଧି ଧରି କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଜେଇଇ ମେନ୍ସ ଏବଂ ଏଡଭାନ୍ସଡ୍ ପ୍ରବେଶିକା ପରୀକ୍ଷା ଗୁଡ଼ିକରେ ନିରନ୍ତର ସଫଳତା ପାଇଁ ଅଧ୍ୟକ୍ଷ(ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା, ଅଧ୍ୟାପକଙ୍କ ପରିଶ୍ରମକୁ ସଫଳତାର ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ଆଇଆଇଟି ଜେଇଇ ଏଡଭାନ୍ସଡ୍, ଏନ୍‌ଟିଏ-ନିଟ୍(ମେଡ଼ିକାଲ), ସିୟୁଇଟି, ସିଏ, କ୍ଲାଟ୍, ଏନଡ଼ିଏ ଏବଂ ଆଇପିମ୍ୟାଟ୍ ଆଦି ପରୀକ୍ଷା ଗୁଡ଼ିକରେ ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ଆଣିବା ସହିତ ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ସେ ଆଶା ପୋଷଣ କରିଛନ୍ତି। ବିକାଶ ଗ୍ରୁପର ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ସମସ୍ତ ସଫଳ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଏବଂ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ଯୁବକ ମୃତ

**ରାଜଗାଙ୍ଗପୁର,୧୯।୪(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ରେଳ ଷ୍ଟେଶନରେ ଟ୍ରେନରୁ ଖସି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନ୍ଦରଗଡ଼ ହସ୍ପିଟାଲ ରୋଡର ବାସିନ୍ଦା ଅମରେନ୍ଦ୍ର ସାହୁ(୩୭)। ରେଳବାଇ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅମରେନ୍ଦ୍ର ଚକ୍ରଧରପୁର ଯିବା ପାଇଁ ରାଜଗାଙ୍ଗପୁରରୁ ଇସ୍ପାତ ଟ୍ରେନରେ ପୂର୍ବାହ୍ନ ୧୧ଟା ୪୫ ମିନିଟରେ ଚଢୁଥିବା ବେଳେ ଖସି ପଡ଼ିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସେ ରାଜଗାଙ୍ଗପୁରର ଏକ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ସୁନ୍ଦରଗଡ,୧୯।୪(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ସହର ଉପକଣ୍ଠ ରାଣୀବଗିଚା ନିକଟସ୍ଥ ସୁବଳୟା ପୋଲରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଶନିବାର ସକାଳେ ସଦରଥାନା ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଛନ୍ତି ସେ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ପୋଲିସ ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ।

### ମୃତକଙ୍କ ପରିବାରକୁ ରେଡକ୍ରସ ସହାୟତା

**ବଡ଼ଗାଁ,୧୯।୪(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ରାଜ୍ୟ ରାଜପଥ ୧୦ରେ ଗତ ସୋମବାର ବିଳମ୍ବିତ ରାତିରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସବ୍‌ଡେଗା ବ୍ଲକ ଅନ୍ତର୍ଗତ ହମିରପୁର ପଞ୍ଚାୟତ ବିରତୁଲା ଗ୍ରାମର ୩ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଶନିବାର ସେମାନଙ୍କ ପରିବାର ସଦସ୍ୟଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ ଏହି ସହାୟତା ରାଶି ମୃତକଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ଏହି ସହାୟତା ରାଶି ପ୍ରଦାନ ସମୟରେ ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ସୋମବାର ଦିଲିପ ନାଏକ, ଠଣସୁନ୍ଦର ସା, ଚନ୍ଦନ ଲୋହାର ଏକ ବାଇକ୍ ଯୋଗେ ବଡ଼ଗାଁଠାରେ ଅନୁଷ୍ଠିତ ରାମଲୀଳା ଯାତ୍ରା ମହୋତ୍ସବ ଦେଖିବାକୁ ଆସି ଫେରୁଥିବାବେଳେ ରାସ୍ତାରେ ଅଟକି ଥିବା ଏକ ଟ୍ରାକ୍ଟର ପଛପଟେ ଧକ୍କା ଦେଇଥିଲେ। ଘଟଣା ସ୍ଥଳରେ ହିଁ ୩ ଜଣଙ୍କ ମୃତ୍ୟୁ ଘଟିଥିଲା।

### ବର୍ଦ୍ଧିତ ଭତ୍ତା ପ୍ରଦାନ ଦାବି

**ଲାଠୋର,୧୯।୪(ଭୁବନେଶ୍ୱର ବାରିକ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସଦର ଗ୍ରାମର ବୃଦ୍ଧ ଗୋକୁଳ ତାଣ୍ଡିଙ୍କୁ ବର୍ଦ୍ଧିତ ଭତ୍ତା ମିଳିବାରେ ବିଳମ୍ବ ହେଉଛି । ଏଥିନେଇ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରକାଶ ଯେ, କରୁଆଁଝର ଗ୍ରାମର ଗୋକୁଳ ଦୀର୍ଘ ବର୍ଷ ହେବ ମାସକୁ ୧ ହଜାର ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ପାଇ ଆସୁଛନ୍ତି । ବର୍ତ୍ତମାନ ତାଙ୍କୁ ୯୦ ବର୍ଷରୁ ଅଧିକ ହେଲାଣି । ସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧା ବୃଦ୍ଧଙ୍କୁ ୩୫ ଶହ ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ । ସେହି କ୍ରମରେ ୩୫ ଶହ ଟଙ୍କା ଭତ୍ତା ପ୍ରଦାନ ପାଇଁ ଗୋକୁଳ ଆବଶ୍ୟକ ପ୍ରମାଣପତ୍ର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ପ୍ରଦାନ କରିଛନ୍ତି। ହେଲେ ୩ ମାସ ବିତି ଯାଇଥିଲେ ମଧ୍ୟ ତାଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇ ନାହିଁ । ପ୍ରତିମାସ ଭତ୍ତା ଆଣିବାକୁ ଯିବା ବେଳେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ପଚାରିଲେ ଆଜିକାଲି କହି ସମୟ ଗଡ଼େଇ ଚାଲିଥିବା ସଂପୃକ୍ତ ବୃଦ୍ଧ ପ୍ରକାଶ କରିଛନ୍ତି । ଏନେଇ କରୁଆଁଝର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଞ୍ଜଳି ଶବରଙ୍କୁ ପଚାରିବାରେ ବୃଦ୍ଧ ଜଣକ ଦେଇଥିବା ପ୍ରମାଣପତ୍ର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଦାଖଲ ହୋଇଥିବା କହିଛନ୍ତି । ତେବେ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବର୍ଦ୍ଧିତ ଭତ୍ତା ଦେବା ପାଇଁ ଗୋକୁଳ ନିବେଦନ କରିଛନ୍ତି ।

# ‘ବଡ଼ଗାଁ ରାମଲୀଳାକୁ ଶୀଘ୍ର ରାଜ୍ୟସ୍ତରୀୟ ମାନ୍ୟତା’

**ବଡ଼ଗାଁ,୧୯।୪(ଅଶୋକ ଷଡ଼ଙ୍ଗୀ)**

ରାଜ୍ୟ ସରକାର ପୁରାତନ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବାକୁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ସୁନ୍ଦରଗଡ଼ ଜିଲାର ବଣେଇଠାରେ ହେଉଥିବା ଚୈତ୍ର ମେଳାକୁ ରାଜ୍ୟ ସ୍ତରୀୟ ମାନ୍ୟତା ପ୍ରଦାନ କରିଥିଲାବେଳେ ଶତାଧିକ ବର୍ଷରୁ ବଡ଼ଗାଁରେ ହୋଇଆସୁଥିବା ରାମଲୀଳା ଯାତ୍ରା ମହୋତ୍ସବକୁ ଏ ଯାଏ ରାଜ୍ୟ ସ୍ତରୀୟ ମାନ୍ୟତା ମିଳିପାରିନାହିଁ। ତେବେ ବହୁ ପୁରାତନ ରାମଲୀଳା ଯାତ୍ରା ମହୋତ୍ସବକୁ ଅତିଶୀଘ୍ର ରାଜ୍ୟ ସ୍ତରୀୟ ମାନ୍ୟତା ପ୍ରଦାନ କରିବାକୁ ପଦକ୍ଷେପ ନିଆଯିବ ବୋଲି ଶୁକ୍ରବାର ବଡ଼ଗାଁ ରାମଲୀଳା ଯାତ୍ରା ମହୋତ୍ସବର ତ୍ରୟୋଦଶ ରଜନୀର ଉଦ୍‌ଘାଟନୀ ଉତ୍ସବରେ ଉପବାଚସ୍ପତି ଭବାନୀଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି। ସେ ଏ ଦିଗରେ ପଦକ୍ଷେପ ନେବେ ବୋଲି ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଉତ୍ସବରେ ଯୋଗଦେବା ପୂର୍ବରୁ ଉପବାଚସ୍ପତି ଏ ବିଷୟରେ ରାଜ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଆଲୋଚନା କରିଥିବା ଏବଂ ସେ ସମ୍ମତି ପ୍ରଦାନ କରିଥିବା ଉପବାଚସ୍ପତି ସୂଚନା ଦେଇଛନ୍ତି। ଯାତ୍ରା ପରିଚାଳନା କମିଟିର ଉପଯୁକ୍ତ ସହଯୋଗ ମିଳିଲେ ଏହି କାର୍ଯ୍ୟ ଅତିଶୀଘ୍ର ହୋଇପାରିବ। ତାଳପତ୍ର ପୋଥିରେ ଲେଖାଯାଇଥିବା ରାମାୟଣ ପାଠ କରିବା ବଡ଼ଗାଁ ରାମଲୀଳା ଯାତ୍ରାର ଏକ ବିଶେଷତଃ ବୋଲି ଉପବାଚସ୍ପତି କହିଥିଲେ। ଉଦ୍‌ଘାଟନୀ ଉତ୍ସବକୁ ଯାତ୍ରା ସଂସଦ ସଭାପତି ଦିଲିପ ପୁରୋହିତ ପରିଚାଳନା କରିଥିଲେ। ମୁଖ୍ୟ ବକ୍ତା ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ବଡ଼ଗାଁ ରାମଲୀଳା ଯାତ୍ରାର ଐତିହାସିକ ପୃଷ୍ଠଭୂମି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ବରିଷ୍ଠ ନାଗରିକ ଅଚ୍ୟୁତ ସାହୁ, ପ୍ରତାପ ମହାପାତ୍ର, ଫକୀର ମୋହନ ପୃଷ୍ଟେଟ, ଭାଜପା କାର୍ଯ୍ୟକର୍ତ୍ତା ବସନ୍ତ ସାହୁ, ଅମୀର ନାଏକ, ବସନ୍ତ ଦଣ୍ଡସେନା, ଅକ୍ଷୟ ଦେଓ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯାତ୍ରା ସଂସଦର ସଦସ୍ୟ ଧନପତି ହୋତା ସହଯୋଗ କରିଥିଲେ। ଶେଷରେ ସଂପାଦକ ଦିବ୍ୟ ଲୋଚନ ପୃଷ୍ଟେଟ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ରାମାୟଣ ପାଠ ସହ ସୁଆଙ୍ଗ ଶୈଳୀରେ ରାକ୍ଷସ ସେନା ଓ ବାନର ସେନାଙ୍କ ମଧ୍ୟରେ ଯୁଦ୍ଧ ମଞ୍ଚସ୍ଥ ହୋଇଥିଲା।

## ଆମ୍ବେଡ଼କରଙ୍କ ସମ୍ବିଧାନ ପ୍ରତି ଅବଦାନ ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

**ରାଉରକେଲା,୧୯।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଭାଜପା ଜିଲା କାର୍ଯ୍ୟାଳୟ ପରିସରରେ ଭାରତ ରତ୍ନ ଡ. ବାବା ସାହେବ୍ ଭୀମରାଓ ଆମ୍ବେଡ଼କରଙ୍କ ସମ୍ବିଧାନ ପ୍ରତି ଅବଦାନ ଉପରେ ଆଲୋଚନାଚକ୍ର ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ବକ୍ତା ଭାବେ ଯୋଗଦେଇ ଆମ୍ବେଡ଼କରଙ୍କ ଜନ୍ମ ବୃତ୍ତାନ୍ତର ସ୍ମୃତିଚାରଣ କରିଥିଲେ। ଏଥିସହ ଆମ୍ବେଡ଼କର ଭାରତୀୟଙ୍କୁ ସମ୍ବିଧାନ ମାଧ୍ୟମରେ ସାମାଜିକ, ଅର୍ଥନୈତିକ, ରାଜନୈତିକ ନ୍ୟାୟ ପ୍ରଦାନ କରିଥିବା ପ୍ରକାଶ କରିଥିଲେ। ଅନ୍ୟତମ ବକ୍ତା ବଟ କିଶୋର ମିଶ୍ର ତାଙ୍କ ବକ୍ତବ୍ୟରେ ଆମ୍ବେଡ଼କର ଜଣେ ସଂସ୍କାରକ ଓ ପ୍ରଚଣ୍ଡ ବିଦ୍ୱାନ ଥିଲେ ବୋଲି ପ୍ରକାଶ କରିଥିଲେ। ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା ଆମ୍ବେଡ଼କର ଆଦର୍ଶ ସମାଜ ସଂସ୍କାରକ ଥିଲେ ବୋଲି କହିଥିଲେ। ପୂର୍ବତନ ଅନୁସୂଚୀତ ଜାତି ଜିଲା ସଭାପତି ଭ୍ରମରବର ବେହେରା ମଞ୍ଚ ପରିଚାଳନା ଏବଂ ସଂଯୋଜକ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ମନୋଜ ଶତପଥୀ, ମୁରଲୀ ଗୌଡ଼, ରମେଶ ସିଂ, ଦିଲ୍ଲୀପ ପଟ୍ଟନାୟକ, ପରନ୍ତାପ ଦାସ, ରିତା ସିଂ, ଜର୍ଜ ଆନନ୍ଦ, ନିରଜ ଚତୁର୍ବେଦୀ, ସରୋଜ ଦାସ, ଶଶାଙ୍କ ଜେନା, ମନୋଜ ମାହେଶ୍ୱରୀ, ଜ୍ଞାନରଞ୍ଜନ ପାଣିଗ୍ରାହୀ, ସୁନୀତା ମୋହିନୀଙ୍କ ସମେତ ବହୁ କର୍ମୀ ଅଂଶଗ୍ରହଣ କରିଥିଲେ।

## ଭାଜପାର ନୀତି, ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



ଭାଜପା ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ କର୍ମଶାଳାରେ ଯୋଗଦେଇଥିବା ଅତିଥି, କାର୍ଯ୍ୟକର୍ତ୍ତା ଓ ସଦସ୍ୟ।

**ସୁନ୍ଦରଗଡ,୧୯।୪(ଜୟ ନାରାୟଣ ମେଣ୍ଡୁଲି)**

ଭାଜପା ଜିଲା କାର୍ଯ୍ୟାଳୟଠାରେ ସୁନ୍ଦରଗଡ଼ ସଦର ନିର୍ବାଚନମଣ୍ଡଳୀର ୮ଟି ମଣ୍ଡଳର ସମସ୍ତ ସକ୍ରିୟ ସଦସ୍ୟଙ୍କୁ ନେଇ ଏକ ବୈଠକ ଓ କର୍ମଶାଳା ଜିଲା ସଭାପତି ଗିରିଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସଙ୍ଗଠନ ପର୍ବ-୨୦୨୫ ସମଗ୍ର ରାଜ୍ୟରେ, ସମସ୍ତ ନିର୍ବାଚନମଣ୍ଡଳୀରେ ସକ୍ରିୟ ସଦସ୍ୟଙ୍କୁ ନେଇ ବୈଠକ ଓ କର୍ମଶାଳା ଆୟୋଜନ କରାଯାଉଛି। ସଙ୍ଗଠନକୁ ତୃଣମୂଳ ସ୍ତରରେ ମଜଭୁତ କରିବା ସହ ନୂତନ ଭାବେ ଅଧିକରୁ ଅଧିକ ଯୁବତୀ ଯୁବକଙ୍କୁ ଭାଜପାରେ ଯୋଡିବା ଏବଂ ଭାଜପାର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ କର୍ମଶାଳା ଓ ବୈଠକରେ ଯୋଗଦେଇଥିବା ସମସ୍ତ ଅତିଥି ଓ ପଦାଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ନୂତନ ସକ୍ରିୟ ସଦସ୍ୟମାନଙ୍କୁ ଅତିଥିମାନେ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ କାର୍ଯ୍ୟକର୍ତ୍ତା ବର୍ତ୍ତମାନଠାରୁ ବିଭିନ୍ନ ଗାଁ ଓ ୱାର୍ଡକୁ ଗସ୍ତ କରି ଲୋକମାନେ କିପରି ସରକାରଙ୍କ ସୁବିଧା ପାଇପାରିବେ ଏବଂ ତାଙ୍କ ସହିତ ଉତ୍ତମ ସୁ- ସମ୍ପର୍କ ରକ୍ଷା କରି ଡବଲ ଇଞ୍ଜିନ ସରକାରର ବାର୍ତ୍ତା, ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଘରେ ଘରେ ପହଞ୍ଚାଇବା ପାଇଁ ଜିଲା ସଭାପତି ସାହୁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ସୁନ୍ଦରଗଡ ପୌରାପାଳିକା ପୌରାଧ୍ୟକ୍ଷା ତନୟା ମିଶ୍ର, ବରିଷ୍ଠ ନେତା ସୁରେଶ ଚନ୍ଦ୍ର ପଟେଲ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ବସନ୍ତ ନାଏକ, ନେତ୍ରାନନ୍ଦ ସାହୁ, ସିମେଶ୍ୱର ଲରିଆ, ପ୍ରେମ ସାଗର ଓରାମ, ଅଶୋକ ସାଏ, ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁ, ସଂଗ୍ରାମ ଚୌଧୁରୀ, ହରିପ୍ରିୟା ନାଏକ, ନରେଶ ପୁରୋହିତ, ନଳିନ ପଟେଲ, ପ୍ରକାଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ଭେଷଜ ରଥ ନିଜର ରାଜନୀତି ଅନୁଭୂତି ଉପସ୍ଥାପନ କରିଥିଲେ। ରୂପେଶ ପଟେଲ ସଭା ସଞ୍ଚାଳନ କରିଥିଲେ।

### ୨ଟି ଲୁହାପଥର ବୋଝେଇ ଟ୍ରକ୍ ଜବତ

**ଲହୁଣୀପଡା,୧୯।୪(ଦାଶରଥି ପଣ୍ଡା)**

ବେନିୟମ ଭାବେ ଖଣି ଅଞ୍ଚଳରୁ ଲୁହାପଥର ଚୋରା ଚାଲାଣ କରାଯାଉଥିବା ୨ଟି ଟ୍ରକକୁ ଶନିବାର ପୋଲିସ ଜବତ କରିଛି। ସୂଚନାରୁ ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ଲହୁଣୀପଡା ପୋଲିସ ରାଜାମୁଣ୍ଡା ବାଇପାସ ଛକରେ ନାଇଟ ପାଟ୍ରୋଲିଂ କରୁଥିବା ସମୟରେ ୫୨୦ ନମ୍ବର ଜାତୀୟ ରାଜପଥ କେ.ବଲାଙ୍ଗ ପଟରୁ ଆସୁଥିବା ୨ଟି ଲୁହାପଥର ବୋଝେଇ ଟ୍ରକକୁ ଅଟକାଇ କାଗଜ ପତ୍ର ଯାଞ୍ଚ କରିଥିଲେ। ହେଲେ ଟ୍ରକ ଚାଳକମାନେ ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିଲେ। ପୋଲିସର ସନ୍ଦେହ ସୃଷ୍ଟି ହୋଇ ଥିଲା। ପୋଲିସ ଓଡି-୦୯ଏଡି-୩୨୧୧ ଏବଂ ଓଡି-୦୯ଭି -୫୩୦୦ ନମ୍ବର ଟ୍ରକ ୨ଟିକୁ ଥାନାକୁ ଆଣି କାଗଜପତ୍ର ଯାଞ୍ଚ କରିବାରୁ ଜଣା ପଡିଲା ଯେ ଟ୍ରକ ୨ଟି ଖଣି ଅଞ୍ଚଳରୁ ବେନିୟମ ଭାବେ ଲୁହାପଥର ବୋଝେଇ କରି କେ.ବଲାଙ୍ଗ ଦେଇ ୫୨୦ ଜାତୀୟ ରାଜପଥରେ ଯାଉଥିଲା। ଲହୁଣୀପଡା ପୋଲିସ ଲୁହାପଥର ବୋଝେଇ ୨ଟି ଗାଡିକୁ ଜବତ କରି ଚାଳକଙ୍କୁ ଅଟକ ରଖି ପଚରାଉଚରା କରିବା ସହିତ ଏକ ମାମଲା ରୁଜୁ କରିଛି।

## ନୂତନ ରାଶନ କାର୍ଡ ପାଇଁ ଇ - କେୱାଇସି ଯାଞ୍ଚ ଜରୁରୀ

**ସୁନ୍ଦରଗଡ଼,୧୯।୪(ଜୟ ନାରାୟଣ ମେଣ୍ଡୁଲି)**

ନୂତନ ରାଶନ କାର୍ଡ ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କ ଇ - କେୱାଇସି ଯାଞ୍ଚ ଅତ୍ୟନ୍ତ ଜରୁରୀ। ବିଭାଗ ପକ୍ଷରୁ ଆବଶ୍ୟକ ତର୍ଜମା ପରେ ଯୋଗ୍ୟ ବ୍ୟକ୍ତି ପାଇଁ ବର୍ତ୍ତମାନ ନୂତନ ରାଶନ କାର୍ଡ ପ୍ରସ୍ତୁତ କରାଯାଉଛି। ଏହି ପରିପ୍ରେକ୍ଷୀରେ ନୂତନ ରାସନ କାର୍ଡ ପ୍ରସ୍ତୁତ କରିବା ସମୟରେ ହିତାଧିକାରୀଙ୍କ ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ଇ - କେୱାଇସି ଯାଞ୍ଚ ଅତ୍ୟନ୍ତ ଜରୁରୀ। ତେଣୁ ସମସ୍ତ ଆବେଦନକାରୀଙ୍କୁ ନିଜ ବ୍ଲକ ବା ପୌରାଞ୍ଚଳରେ ଥିବା ଯୋଗାଣ ନିରୀକ୍ଷକଙ୍କ ସହିତ ଯୋଗାଯୋଗ କରି ଆବଶ୍ୟକୀୟ ଇ - କେୱାଇସି କରି ନେବାକୁ ଜିଲା ଯୋଗାଣ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୬୫ ୟୁନିଟ୍ ସଂଗ୍ରହ

**ରାଉରକେଲା,୧୯।୪(ବିପ୍ଳବ ରଞ୍ଜନ ଦାଶ)**



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସାଲ୍ୟୁଟ ତ୍ରିରଙ୍ଗା ସଙ୍ଗଠନ ସହଯୋଗ କ୍ରମେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ୪୫ତମ ଜନ୍ମଦିନ ଉପଲକ୍ଷେ ହୋଇଥିବା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ସାମଲ ପୌରୋହିତ୍ୟ କରିଥିଲେ। ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବ ରେଡ୍‌କ୍ରସ ଯୋଜନାର ସଂଯୋଜିକା ଡ. ସ୍ମୃତିସ୍ନିଗ୍ଧା ମିଶ୍ର, ସଦସ୍ୟ ବାସୁଦେବ ମାଝି ଓ ଡ. ପ୍ରିୟବ୍ରତ ବେହେରା, ଏନ୍‌ଏସ୍‌ଏସ୍ ସଂଯୋଜକ ସମୀର ସୌରଭ ପୃଷ୍ଟି, ଏନ୍‌ସିସିର ଭାରପ୍ରାପ୍ତ ଅଧିକାରୀ ଉଷାରାଣୀ ସେଠୀ ଏବଂ କ୍ରୀଡ଼ା ବିଭାଗ ପ୍ରଶିକ୍ଷିକା କ୍ୟାପ୍‌ଟେନ ମୀନା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଏବଂ ଭାଜପା ନେତା ବଟକିଶୋର ମିଶ୍ର ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଆର୍‌ଜିଏଚ୍ ରକ୍ତଭଣ୍ଡାରର ନିର୍ଦ୍ଦେଶକ ଡା. ପି. କେ. ଦାସ, ରକ୍ତଭଣ୍ଡାର କେନ୍ଦ୍ର କର୍ମଚାରୀ ପବିତ୍ର ପଲାଇ, ଶୁଭେନ୍ଦୁ ନାୟକ, କୈଳାଶ ଚନ୍ଦ୍ର ଖୁଣ୍ଟିଆ ଓ କୌଶିକ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଲ୍ୟୁଟ ତିରଙ୍ଗା ଅନୁଷ୍ଠାନର ଜାତୀୟ ଉପସଭାପତି ଗୁରିନ୍ଦର ସିଂହ କମ୍ବୋଜଙ୍କ ସମେତ ସଦସ୍ୟ ସୁରେଶ ଶର୍ମା, ରମଣ ଝା, ଶ୍ରୀକାନ୍ତ ପାଢ଼ି, ଗୋବିନ୍ଦ ସିଂହ ପ୍ରମୁଖ ସହଯୋଗ କରିଥିଲେ।

### ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

**ପଦ୍ମପୁର,୧୯।୪ (ପ୍ରଦୀପ୍ତ ଦାଶ):** ରାଜବୋଡ଼ା ସମ୍ବର ବ୍ଲକ ଅନ୍ତର୍ଗତ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷର ପ୍ରଥମ ଅଭିଭାବକ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମାଧବ ବରିହାଙ୍କ ଆବାହକରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ ଅନୁଷ୍ଠିତ ହୋଇ ବିଭିନ୍ନ ଆଲୋଚନା ହୋଇଥିଲା । ବୈଠକରେ ବିଦ୍ୟାଳୟର ସମସ୍ତ ଅଭିଭାବକ, ପରିଚାଳନା ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ। ବୈଠକରେ ଛାତ୍ରୀଛାତ୍ରଙ୍କ ସମାପ୍ତି ସୂଚକ ଆକଳନ ଫଳାଫଳ, ଗ୍ରୀଷ୍ମ ଅବକାଶରେ ଗୃହକାର୍ଯ୍ୟ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ବିଦ୍ୟାଳୟ ବାହାରେ ଥିବା ଛାତ୍ରୀଛାତ୍ରଙ୍କ ସର୍ବେକ୍ଷଣ ବିଦ୍ୟାଳୟର ଉନ୍ନତି ପାଇଁ ଅଭିଭାବକଙ୍କ ମତାମତ ଆହ୍ୱାନ ଆଦି ବିଷୟରେ ଆଲୋକପାତ କରାଯାଇଛି।

## ଛାତ୍ରୀଙ୍କୁ ବଳାତ୍କାର, ଶିକ୍ଷକ ଗିରଫ

**ଲାଞ୍ଜିଗଡ଼,୧୯।୪(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଓ ରାୟଗଡା ଜିଲା ସୀମାନ୍ତରେ ଥିବା ଏକ ହାଇସ୍କୁଲରେ ଜଣେ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ଉକ୍ତ ସ୍କୁଲର ଶିକ୍ଷକଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି ଅମ୍ବାଦଲା ପୋଲିସ। ଅଭିଯୁକ୍ତ ହେଲେ ଶେଷଦେବ ପାତ୍ର। ଏନେଇ ଅମ୍ବାଦଲା ଥାନାରେ ଏକ ମାମଲା (ନଂ. ୯୮/୨୫) ରୁଜୁ ହୋଇଥିବା ଥାନାଧିକାରୀ କଳ୍ପନା ବେହେରା ସୂଚନା ଦେଇଛନ୍ତି। ମିଳିଥିବା ସୂଚନାଅନୁଯାୟୀ, ରାୟଗଡ଼ା ଜିଲା ଅମ୍ବାଦଲା ଥାନାଞ୍ଚଳର ଜଣେ ନାବାଳିକା ଛାତ୍ରୀ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ଏକ ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢୁଥିଲେ। ତେବେ ଉକ୍ତ ସ୍କୁଲରେ ଶିକ୍ଷକତା କରୁଥିବା ଶିକ୍ଷକ ଶେଷଦେବ ସମ୍ପୃକ୍ତ ଛାତ୍ରୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ୧୫ଦିନ ତଳେ ଅପହରଣ କରିନେଇ ବଳାତ୍କାର କରିଥିଲେ। ଶିକ୍ଷକଙ୍କ ପରିବାର ଲୋକେ ଏହାକୁ ଚାପିଦେବାକୁ ଉଦ୍ୟମ କରିଥିବାବେଳେ ପୀଡିତା ଜଣକ ନିଜ ପ୍ରଚେଷ୍ଟାରେ ଭୁବନେଶ୍ୱର ଯାଇ ମହିଳା କମିଶନର ଦ୍ୱାରସ୍ଥ ହୋଇଥିଲେ। ମହିଳା କମିଶନଙ୍କ ହସ୍ତକ୍ଷେପ ପରେ ଭୁବନେଶ୍ୱର ମହିଳା ଥାନାରେ ଜିରୋ ଏଫଆଇଆର ରୁଜୁ ହୋଇଥିଲା। ପରେ ମାମଲାଟି ଅମ୍ବାଦଲା ପୋଲିସ ଥାନାକୁ ସ୍ଥାନାନ୍ତର ହେବା ପରେ ଏହାକୁ ଗୁରୁତର ସହିତ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଫେରାର ଥିବା ଅଭିଯୁକ୍ତ ଶିକ୍ଷକଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରିବା ପରେ ସିଡବ୍ଲୁସି ନିକଟରେ ହାଜର କରାଯାଇଛି। ଅପରପକ୍ଷରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ପରିବାରର ବୟାନ ରେକର୍ଡ କରାଯାଇଛି।

## ଇନ୍ଦ୍ରଜିତ ବଧ ନାଟକ ମଞ୍ଚସ୍ଥ

**ବୌଦ୍ଧ,୧୯।୪(ଅଜିତ କୁମାର ବାରିକ)**

**ବୌଦ୍ଧ ରାମଲୀଳା ଯାତ୍ରାର ଚତୁର୍ଦ୍ଦଶ ଦିବସ**

ବୌଦ୍ଧ ଗଡଜାତର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରାର ଶନିବାର ଚତୁର୍ଦ୍ଦଶ ଦିବସରେ ଇନ୍ଦ୍ରଜିତ ବଧ ନାଟକ ମଞ୍ଚସ୍ଥ ହୋଇଛି। ଯୁଦ୍ଧରେ ବିଭୀଷଣର ଏକମାତ୍ର ପୁତ୍ର ତରଣୀସେନର ମୃତ୍ୟୁ ହେବାପରେ ଲଙ୍କାପତି ରାବଣ ଖୁସି ହୋଇ ଅଟ୍ଟହାସ୍ୟ କରିଛି। ତରଣୀସେନର ପତ୍ନୀ ପଦ୍ମା ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ଦୁଃଖରେ ପାଗିଳିନୀ ସାଜିଛି। ତରଣୀସେନକୁ ମରାଇ ଆତ୍ମସନ୍ତୋଷ ଲାଭ କରୁଥିବା ରାବଣ ନିଜ ମାତାଙ୍କ ମୃତ୍ୟୁ ଖବର ପାଇଛି। ହେଲେ ନିଜ ବଂଶର ଅନେକ ପୁତ୍ର ନାତି ବୀର ଯୋଦ୍ଧା ଏଯାଏ ବଞ୍ଚିରହିଥିବାରୁ ରାବଣ ନିଜକୁ ବଳିୟାନ ମନେ କରିଛି। ନିଜ ଔରସଜାତ ଆଜନ୍ମ ବ୍ରହ୍ମଚାରୀ ବୀରବାହୁକୁ ଯୁଦ୍ଧକୁ ପଠାଇବା ପରେ ଶ୍ରୀରାମ ଲକ୍ଷ୍ମଣଙ୍କ ହାତରେ ତାର ମୃତ୍ୟୁ ହୋଇଛି। ଶେଷରେ ଇନ୍ଦ୍ରଜିତକୁ ଯୁଦ୍ଧଭୂମିକୁ ଯିବାକୁ ପଡିଛି। ଇନ୍ଦ୍ରଜିତ ଯୁଦ୍ଧରେ ବିଜୟ ପାଇଁ ଯଜ୍ଞ କରୁଥିବା ସୂଚନା ପାଇ ବିଭୀଷଣଙ୍କ ପରାମର୍ଶ ଓ ଶ୍ରୀରାମଙ୍କ ନିର୍ଦ୍ଦେଶରେ ହନୁମାନ ଓ ବାନରସେନା ଯାଇ ଯଜ୍ଞ ଭଙ୍ଗ କରିଛନ୍ତି। କ୍ରୋଧରେ ଇନ୍ଦ୍ରଜିତ ମାୟା ଯୁଦ୍ଧରେ ବାନର ସେନା ଉପରେ ପ୍ରବଳ ଆକ୍ରମଣ କରିଛନ୍ତି। ଶେଷରେ ବୀର ଲକ୍ଷ୍ମଣଙ୍କ ଦ୍ୱାରା ମହାମାୟାବୀ ଇନ୍ଦ୍ରଜିତର ବଧ ହୋଇଛି। ନାଟକକୁ ଅନୁଷ୍ଠାନର କଳାକାର ଶିରିଷ ବେହେରା, ଜନାର୍ଦ୍ଦନ ମିଶ୍ର, ବିଶ୍ୱାମିତ୍ର ସାହୁ, ଡିଙ୍ଗର ପ୍ରଧାନ, ସନ୍ତୋଷ ବାଘ, ବାବୁଲି ବେହେରା, ପ୍ରମୋଦ ପ୍ରଧାନ ଓ ଶାନ୍ତନୁ ବେହେରା ପରିବେଷଣ କରିଥିଲେ।



ରାମଲୀଳା ନାଟକର ଦୃଶ୍ୟ।

# ବାଇକ୍ ଚୋରି ର୍‍ୟାକେଟ୍ ଠାବ, ୮ ଗିରଫ

- ବିଭିନ୍ନ ସ୍ଥାନରୁ ୨୩ବାଇକ୍ ଜବତ କଲା ପୋଲିସ୍
- ନକଲି ନମ୍ବର ପ୍ଲେଟ ବ୍ୟବହାର କରିଥିଲେ ଅଭିଯୁକ୍ତ

**ବରଗଡ଼,୧୯।୪(ପ୍ରେମାନନ୍ଦ ଖମାରୀ)**



ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

ବରଗଡ଼ ଟାଉନ ଥାନା ପୋଲିସ ଏକ ବାଇକ୍ ଚୋରି ର୍‍ୟାକେଟ୍‌କୁ ଠାବ କରିଛି। ଏହି ର୍‍ୟାକେଟ୍‌ରେ ପୋଲିସ ୮ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର ବରଗଡ଼ କୋର୍ଟକୁ ଚାଲାଣ କରିଛି। ସେଠାରୁ ଅଭିଯୁକ୍ତମାନଙ୍କୁ ବରଗଡ଼ ଉପ କାରାଗାରକୁ ପଠାଇ ଦିଆଯାଇଛି। ସେମାନେ ହେଲେ ବରଗଡ଼ ଜିଲା ସୋହେଲା ଥାନା ସରକଣ୍ଡା ଗ୍ରାମର ରୋଶନ ମେହେର, ସୋନପୁର ଜିଲା ଡୁଙ୍ଗୁରିପାଲି ରେଲ ଲାଇନ ପଡ଼ାର ସୁମନ ନାଏକ, ବରଗଡ଼ ଜିଲା ସୋହେଲା ଥାନା ଝର ଗ୍ରାମର ବଶିଷ୍ଠ ଓରଫ୍ ପିଙ୍କୁ ଗିଞ୍ଜିରା, ସୋହେଲା ଥାନା ଜାମଛପରର ବିକାଶ ଭୁଏ, ଭେଡ଼େନ ଥାନା ରେମଣ୍ଡାର ରାଜୁ ରାଉତିଆ, ବରଗଡ଼ ଟାଉନ ଥାନା ନୂଆପଡ଼ାର ସରୋଜ ଭୋଇ, ସୋହେଲା ଥାନା ଜାମଛପର ଗ୍ରାମର ଦଶରଥ ବୁଡ଼େକଏବଂ ଭବାନୀ ସୁନା। ସେମାନଙ୍କ ପାଖରୁ ୨୩ବାଇକ୍ ଜବତ ହୋଇଛି। କେତେକ ବାଇକ୍‌ରେ ଅଭିଯୁକ୍ତମାନେ ନକଲି ନମ୍ବର ପ୍ଲେଟ୍ ମଧ୍ୟ ଲଗାଇବା ସହିତ ଅନ୍ୟ ପାଖରେ ବିକ୍ରି କରିଥିଲେ। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ୪ମାମଲା(ନଂ- ୧୮୨/୨୫, ୨୧/୨୩, ୫୬୧/୨୩, ୮୩/୨୫) ରୁଜୁ ହୋଇଛି।

ଏ ନେଇ ଶନିବାର ସନ୍ଧ୍ୟା ୬ଟାରେ ବରଗଡ଼ ଟାଉନ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା ସୂଚନା ଦେଇ କହିଥିଲେ, ବରଗଡ଼ ୱାର୍ଡ଼ ନଂ-୨ ହାଟପଦା ନିବାସୀ ରୀନା ଦାଶ ତାଙ୍କ ସ୍କୁଟି(ନଂ-ଜିଜେ୦୫ଏମଏ ୦୫୨୯) ଚୋରି ହୋଇଥିବା ନେଇ ଗତ ୧୪ତାରିଖ ସ୍ଥାନୀୟ ଟାଉନ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଚଲାଇ ଥିଲା ଏବଂ ମୁଖ୍ୟ ଅଭିଯୁକ୍ତ ବଶିଷ୍ଠ ଓରଫ୍ ପିଙ୍କୁଙ୍କୁ ଗିରଫ କରିଥିଲା। ତାଙ୍କୁ ଜେରା କରିବା ପରେ ପୋଲିସ ରୀନାଙ୍କ ସ୍କୁଟି ସମେତ ଅନ୍ୟ ବାଇକ୍‌କୁ ଜବତ କରିଥିଲା। ଏଥିସହିତ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ପୋଲିସ ହାତରେ ଧରାପଡ଼ିଥିଲେ।

ପ୍ରକାଶଥାଉକି, ରୀନା ଦାଶ ଗତ ମାର୍ଚ୍ଚ ୨୪ତାରିଖ ରାତି ପ୍ରାୟ ୮ଟା ୩୦ମିନିଟ୍‌ରେ ତାଙ୍କ ସ୍କୁଟିରେ ବରଗଡ଼ ନିଶାମଣି ସ୍କୁଲ ପଡ଼ିଆରେ ଚାଲିଥିବା ଏକ କାର୍ଯ୍ୟକ୍ରମ ଦେଖିବାକୁ ଆସିଥିଲେ। ସ୍କୁଟିକୁ କାର୍ଯ୍ୟକ୍ରମ ଚାଲିଥିବା ଷ୍ଟେଜ ପାଖରେ ରଖିଥିଲେ। ମାତ୍ର କାର୍ଯ୍ୟକ୍ରମ ଦେଖି ସାରି ଫେରିବା ପରେ ସେଠାରେ ତାଙ୍କ ସ୍କୁଟି ଚୋରି ହୋଇ ଯାଇଥିଲା। ବରଗଡ଼ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଆହୁରି ଅନେକ ବାଇକ୍ ଚୋରି ହୋଇଥିବାବେଳେ ଏ ଯାଏ ତାହା ଉଦ୍ଧାର ହୋଇପାରି ନାହିଁ। ଫଳରେ ବାଇକ୍ ଚୋରିରେ ଅନ୍ୟ ଏକ ର୍‍ୟାକେଟ୍ ମଧ୍ୟ ଏଠାରେ ସକ୍ରିୟ ହୋଇଥିବା ଅନୁମାନ କରାଯାଉଛି। ପୋଲିସ ଏହି ର୍‍ୟାକେଟ୍‌ର ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ମଧ୍ୟ ତନାଘନା ଚଲାଉଛି। ଏଥିପାଇଁ ୩ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ଏବଂ ଆଗକୁ ଆହୁରି ବାଇକ୍ ଉଦ୍ଧାର ସହିତ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଶୀଘ୍ର ଧରାପଡ଼ିବେ ବୋଲି ଏସ୍‌ପି ମୀନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ସମ୍ମିଳନୀରେ ବରଗଡ଼ ଟାଉନ ଥାନା ଆଇଆଇସି ସତ୍ୟଜିତ୍ କଣ୍ଡାନକେଲ ମଧ୍ୟ ଉପସ୍ଥିତ ଥିଲେ।

**ବିଦ୍ୟୁତ୍ ସଂସ୍ପର୍ଶରେ ବଳଦ ମୃତ**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଜିଲା ବାରକୋଟ ବ୍ଲକ ବାରକୋଟ ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଏକ ବଳଦର ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ ଝଡ ବର୍ଷାରେ ବାରକୋଟ ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ଖସିପଡ଼ିଥିଲା। ଶନିବାର ସକାଳେ ଗ୍ରାମର ଗୋଲବଦନ ପାତ୍ରଙ୍କ ବଳଦ ଚରୁଥିବା ବେଳେ ଖସିପଡ଼ିଥିବା ଖୁଣ୍ଟରେ ଲାଗିଥିବା ଜୀବନ୍ତ ତାରରେ ଲାଗିଯିବାରୁ ବଳଦର ମୃତ୍ୟୁ ଘଟିଥିଲା। ଟିପିଡବ୍ଲୁଓଡିଏଲ ବାରକୋଟ ସେକ୍ସନ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବଳଦ ମୃତ୍ୟୁ ପାଇଁ ବିଦ୍ୟୁତ୍ ବିଭାଗ ଅବହେଳାକୁ ଦାୟୀ କରି କ୍ଷତିପୂରଣ ପ୍ରଦାନ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି।

# ପ୍ରସ୍ତୁତି ତଦାରଖ କଲେ ପଞ୍ଚାୟତିରାଜ ମନ୍ତ୍ରୀ

ସମ୍ବଲପୁର,୧୯।୪(ଭବାନୀ ଶଙ୍କର ଭୋଇ)


ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପରିଦର୍ଶନ କରୁଛନ୍ତି।

ଆସନ୍ତା ୨୧ତାରିଖରେ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବାକୁ ଯାଉଛି। ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପରିଦର୍ଶନ ପ୍ରସ୍ତୁତି ତଦାରଖ କିରିଛନ୍ତି। ଲୋକଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ଅଧିକାରୀଙ୍କ ବସିବା, ଅଭିଯୋଗକାରୀଙ୍କୁ ଭେଟିବା, ସୁରକ୍ଷା ଆଦି ବ୍ୟବସ୍ଥା ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଲୋକଙ୍କ ସୁବିଧା ପାଇଁ କରାଯାଇଥିବା ବ୍ୟବସ୍ଥା ସେ ବୁଲି ଦେଖିଥିଲେ। ଏହି ଅବସରରେ ମନ୍ତ୍ରୀ ନାଏକ କହିଥିଲେ, ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ରାଜଧାନୀ ବାହାରେ ହେବାକୁ ଯାଉଛି। ସମ୍ବଲପୁରକୁ ପ୍ରଥମ ଥର ସୁଯୋଗ ମିଳିଥିବାରୁ ପଶ୍ଚିମ ଓଡ଼ିଶାର ଜନସାଧାରଣ ଏହାଦ୍ୱାରା ଉପକୃତ ହେବେ ବୋଲି ସେ କହିଥିଲେ। ପ୍ରବଳଖରାକୁ ଦୃଷ୍ଟିରେ ରଖି ମହାନଗର ନିଗମ ବାହାରେ ଲୋକଙ୍କ ଅପେକ୍ଷା କରିବା ପାଇଁ ହ୍ୟାଙ୍ଗର ଲଗାଯାଇଛି। ସେଠାରୁ ମହାନଗର ନିଗମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିବା ରାସ୍ତାକୁ ମଧ ଟେଣ୍ଟ ଦ୍ୱାରା ଆଚ୍ଛାଦିତ କରାଯାଇଛି। ଯାଦ୍ୱାରା ସୁବିଧାରେ ଲୋକେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପହଞ୍ଚି ପାରିବେ ବୋଲି ମହାନଗର କମିଶନର ବେଦଭୁଷଣ ମନ୍ତ୍ରୀଙ୍କୁ ଜଣାଇଥିଲେ। ଅଭିଯୋଗ ପ୍ରକୋଷ୍ଠରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ୧୧ ଜଣ ମନ୍ତ୍ରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ପଶ୍ଚିମ ଓଡ଼ିଶାର ୧୦ଟି ଜିଲା ସମେତ ଅନ୍ୟାନ୍ୟ ଜିଲା ମାନଙ୍କରୁ ମଧ ଅଭିଯୋଗକାରୀ ଆସିବେ। ଏଥିପାଇଁ ଅନଲାଇନରେ ହଜାରେ ଲୋକ ଆବେଦନ କରିଥିବା ବେଳେ ଅଫଲାଇନକ୍ରେ ୫୦୦ରୁ ଉର୍ଦ୍ଧ୍ୱ ଆବେଦନ କରିଛନ୍ତି। ଶୁଣାଣିରେ ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦେଖି ଅଂଶୁଘାତ ରୋଗୀଙ୍କ ପାଇଁ ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ପୂର୍ବତନ ବିଧାୟକ ନାଉରୀ ନାଏକ ଉପସ୍ଥିତ ରହି ଲୋକଙ୍କ ସରକାର ଲୋକଙ୍କ ପାଖକୁ ଆସୁଛି ବୋଲି କହିଥିଲେ। ଏହି ଅବସରରେ ଦେବେନ୍ଦ୍ର ମହାପାତ୍ର, ଦାମୋଦର କର, ମାନସ ରଞ୍ଜନ ବକ୍ସି, ସୁଶାନ୍ତ କୁମାର ପୁରୋହିତ, ପ୍ରଭୁଦତ୍ତ ପଣ୍ଡା, ସୂର୍ଯ୍ୟ ପାଢ଼ୀ, ରମେଶ ପ୍ରଧାନ, ଅଜିତ ବେହେରା, ରାମଦାସ ପଣ୍ଡା, ଲକ୍ଷ୍ମୀ ନାରାୟଣ ପଟେଲ, ଦିଲୀପ ଶର୍ମା, ନିରଞ୍ଜନ କିଶୋର ଦାସ, ମନୋଜ ପଲସନିଆଁ, ମଣ୍ଟୁ ଅଗ୍ରୱାଲ ଉପସ୍ଥିତ ଥିଲେ।

**୨୧ ରେ ସମ୍ବଲପୁର ଆସୁଛନ୍ତି ମୁଖ୍ୟମନ୍ତ୍ରୀ**

# ୮୪ ବର୍ଷରେ ଏମ୍‌ବିଏ ଡିଗ୍ରୀ

ସମ୍ବଲପୁର,୧୯।୪(ପ୍ରମୋଦ ବହିଦାର)



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ରଙ୍କଠାରୁ ଡିଗ୍ରୀ ଗ୍ରହଣ କରୁଛନ୍ତି ଇଂ. ଗିରିଶ ମୋହନ ଗୁପ୍ତା।

ଶିକ୍ଷାର ଅନ୍ତ ନାହିଁ। ବୟସ ପ୍ରବନ୍ଧକ ନୁହେଁ, ଏକ ସଂଖ୍ୟା ମାତ୍ର ବୋଲି କହିଛନ୍ତି ୮୪ ବର୍ଷ ବୟସରେ ଏମ୍‌ବିଏ ଫର୍ ୱାର୍କିଂ ପ୍ରଫେଶନାଲ ଡିଗ୍ରୀ ହାସଲ କରିଥିବା ଇଂ. ଗିରିଶ ମୋହନ ଗୁପ୍ତା। ଆଇଆଇଏମ୍ ସମ୍ବଲପୁର ୯ମ ସମାବର୍ତ୍ତନ ଉତ୍ସବରେ ଏମ୍‌ବିଏ ଡିଗ୍ରୀ ହାସଲ କରିଥିବା ଗୁପ୍ତା ଦିଲ୍ଲୀରେ ଥିବା ଗ୍ଲୋବାଲ ଇଞ୍ଜିନିୟର୍ସ ଲିମିଟେଡ୍ ନାମକ ଏକ ବ୍ୟବସାୟିକ ସଂସ୍ଥାର ମାଲିକ ତଥା ଅଧ୍ୟକ୍ଷ। ସେ କହିଛନ୍ତି ଯେ, ଶିକ୍ଷାର କୌଣସି ସୀମା ନାହିଁ। ଦିଲ୍ଲୀରେ ଆରମ୍ଭ ହୋଇଥିବା ବିଶ୍ୱସ୍ତରୀୟ ଆଇଆଇଏମ୍ ସମ୍ବଲପୁରର କ୍ୟାମ୍ପସ ତାଙ୍କୁ ପୁନଃ ପାଠ ପଢ଼ା ପାଇଁ ଆକୃଷ୍ଟ କରିଥିଲା। ସେ ଜଣେ ନ୍ୟୁକ୍ଲିୟର ବୈଜ୍ଞାନିକ। ୧୮ ବର୍ଷ ବୟସରେ ଇଞ୍ଜିନିୟରିଂ ପରେ ମାତ୍ର ୧୯ ବର୍ଷ ବୟସରେ ଏକ ବହୁ ରାଷ୍ଟ୍ରୀୟ କମ୍ପାନୀରେ ସର୍ବକନିଷ୍ଠ ମୁଖ୍ୟ ପ୍ରବନ୍ଧକ ଭାବେ ନିଯୁକ୍ତି ପାଇ ବିଦେଶରେ ରହୁଥିଲେ। ପରେ ସେ ବିଦେଶରୁ ଫେରି ଆସି ଦେଶ ପାଇଁ କାର୍ଯ୍ୟ କରିବାକୁ ମନସ୍ଥ କରିଥିଲେ। ସେ ସମୟରେ ପଞ୍ଜାବରେ ଚାଲିଥିବା ଆତଙ୍କବାଦ କାର୍ଯ୍ୟକଳାପ ନିୟନ୍ତ୍ରଣରେ ତାଙ୍କର ଯୋଗଦାନ ପାଇଁ ତତ୍କାଳୀନ ରାଷ୍ଟ୍ରପତି ଆର୍ ଭେଙ୍କଟରମଣଙ୍କ ଦ୍ୱାରା ସେ ପୁରସ୍କୃତ ହେବା ସହ ମୋଟ୍ ୧୭ଟି ଜାତୀୟ ପୁରସ୍କାର ପାଇଛନ୍ତି ବୋଲି କହିଛନ୍ତି ଇଂ. ଗୁପ୍ତା।

- **ବୟସ ପ୍ରତିବନ୍ଧକ ନୁହେଁ, ଏକ ସଂଖ୍ୟାମାତ୍ର**
- **ଆତଙ୍କବାଦ ନିୟନ୍ତ୍ରଣରେ ଯୋଗଦାନ ପାଇଁ ପୁରସ୍କୃତ ହୋଇଥିଲେ**

# ଯୁବକଙ୍କ ଗଳିତ ମୃତଦେହ ଜବତ

ଝାରସୁଗୁଡ଼ା,୧୯।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାର ଜଣେ ଯୁବକଙ୍କ ମୃତଦେହ ସୁନ୍ଦରଗଡ଼ ଜିଲା ଏତାଖଣ୍ଡ ଜଙ୍ଗଲରୁ ଶନିବାର ମଧ୍ୟାହ୍ନ ୧୨ଟାରେ ଜବତ ହୋଇଛି। ମୃତକ ଲଖନପୁର ଥାନା ଅନ୍ତର୍ଗତ ରେମଣ୍ଡା ଝାରକେଁଟା ଗ୍ରାମର ଅମୁଲ୍ୟ ସାହୁ (୪୫)। ଅମୁଲ୍ୟ ଭସ୍ମା ଥାନା ଅନ୍ତର୍ଗତ କୁଣ୍ଡୁକେଲାରେ ଏକ ମେଡିସିନ ଦୋକାନ କରି ସେଠାରେ ରହୁଥିଲେ। ଗତ ୧୩ ତାରିଖ ସନ୍ଧ୍ୟାରୁ ସ୍କୁଟି ନେଇ ଘରୁ ବାହାରକୁ ଯିବା ପରେ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ତାଙ୍କୁ ନ ପାଇବାରୁ ଭସ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମାଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ମୃତଦେହ ରଏତାଖଣ୍ଡ ଜଙ୍ଗଲରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ତେବେ ମୃତଦେହ ଜବତ ସ୍ଥାନରୁ ତାଙ୍କ ମୋବାଇଲ ଏବଂ ବ୍ୟବହାର କରି ଥିବା ସ୍କୁଟି ଚାବି ମିଳି ନ ଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଅମୂଲ୍ୟ କାହିଁକି ରଏତାଖଣ୍ଡ ଜଙ୍ଗଲକୁ ଯାଇଥିଲେ ଏବଂ ତାଙ୍କର ମୋବାଇଲ ଏବଂ ସ୍କୁଟି ଚାବି କୁଆଡେ ଗଲା ତାହା ଏବେ ବି ତଦନ୍ତ ପରିସରଭୁକ୍ତ ରହିଛି। ଏହି ଘଟଣା ଗୁରୁତର ସହ ତଦନ୍ତ କରି ଅମୂଲ୍ୟଙ୍କ ମୃତ୍ୟୁର ସତ୍ୟାସତ୍ୟ ପୋଲିସ ବାହାର କରୁ ବୋଲି ପରିବାର ଲୋକେ ଦାବି କରିଛନ୍ତି।

# ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ


ଡେପୁଟି କଲେକ୍ଟର ସରିତା ଓରାମ ଅଭିଯୋଗ ପତ୍ର ଗ୍ରହଣ କରୁଛନ୍ତି।

କୁଚିଣ୍ଡା,୧୯।୪(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବାଙ୍କେ ମୌଜା ଫଲସାଚୁଆଁ ଗ୍ରାମରେ ଥିବା କେନ୍ଦୁପତ୍ର ଫଡିଘରକୁ ଜଣେ ବ୍ୟକ୍ତି ନିଜ ରେକର୍ଡ ଦାବି କରି ଭାଙ୍ଗିଦେବା ଯୋଜନା କରୁଛନ୍ତି। ଏଥିସହ ଉକ୍ତ ବ୍ୟକ୍ତି ଲେଲିନ ପଟେଲ ଏକ ସଂପ୍ରଦାୟର ଶ୍ମଶାନ ଘାଟ ଓ ଶାଗୁଆନ ଗଛ କାଟି ଜେସିବରେ ସମତଳ କରିଥିବା ପ୍ରତିବାଦ କରି ଶତାଧିକ ମହିଳା ପୁରୁଷ ଶନିବାର କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ କୁଚିଣ୍ଡା ତହସିଲଦାର, କୁଚିଣ୍ଡା କେନ୍ଦୁପତ୍ର ଡିଏଫଓ, ବାମରା ବନ୍ୟପ୍ରାଣୀ ଡିଏଫଓ, ମହୁଲପାଲି ଥାନା ଅଧିକାରୀଙ୍କୁ ନକଲ ପ୍ରଦାନ କରିଛନ୍ତି। ଏନେଇ ମନା କରିବାରେ ସେ ନିଜ ରେକର୍ଡ ଜମିକୁ ସମତୁଲ କରୁଥିବା କହିଥିବା ପ୍ରଦତ୍ତ ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ଲେଲିନ ପଟେଲଙ୍କୁ ପଚାରିବାରେ ତାଙ୍କ ଅଜା ସ୍ୱର୍ଗତ ଅର୍ଜୁନ ମୋହନ ପଟେଲ (ଖାତା ନଂ.୬)ଙ୍କ ନାମରେ ଏହି ଜମି ରହିଥିଲା। ଅଜା ଓ ତାଙ୍କ ବାପା ଚିନ୍ତାମଣି ପଟେଲଙ୍କ ମୃତ୍ୟୁ ପରେ ୨୦୨୩ରେ ୨ୟ ଖାନା ସଂଶୋଧନ ହୋଇ ଲେଲିନ ଓ ତାଙ୍କ ସ୍ତ୍ରୀ ଲିଲିମାଙ୍କ ନାମରେ ଏହି ଜମିର ମାଲିକାନା ସତ୍ତ୍ୱ ବଦଳି ହୋଇଥିବା କହିଛନ୍ତି। ଏହି ଜମି ବିବାଦକୁ ନେଇ ଏବେ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସରିତା ଓରାମ ଅଭିଯୋଗପତ୍ର ଗ୍ରହଣ କରି ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ସମ୍ବଲପୁରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ଦାବି

ସମ୍ବଲପୁର,୧୯।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରୀ ଭାଷାକୁ ବିଭିନ୍ନ କ୍ଷେତ୍ରରେ ସରକାରୀ ସ୍ତରରେ ମାନ୍ୟତା ଦିଆଯାଇଛି। ତଥାପି ସାମ୍ବିଧାନତକ ମାନ୍ୟତା ପାଇ ପାରିନାହିଁ । ସେଥିପାଇଁ ଶନିବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ସ୍ୱିକୃତି ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ ମିଶ୍ରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବା ସହ ଆଲୋଚନା କରାଯାଇଛି। ଆଇଆଇଏମର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ଅବସରରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଉଲ୍ଲେଖ କରାଯାଇଛି ଯେ, ଜାତୀୟ ଶିକ୍ଷାନୀତିରେ ମାତୃଭାଷାରେ ଶିକ୍ଷା ଦିଆଯିବା ନେଇ ପ୍ରସ୍ତାବ ରହିଛି। ଏଥିପାଇଁ ଶିଶୁ ମାନେ ସମ୍ବଲପୁରୀ ଭାଷାରେ ପ୍ରଥମିକ ଶିକ୍ଷା ନେବା ପାଇଁ ସମ୍ବଲପୁରୀ ପ୍ରାଇମର ମଧ ଉଦ୍‌ଘାଟିତ ହୋଇସାରିଛି। ଏହାସହ ସରକାରୀସ୍ତରରେ ଆକାଶବାଣୀ ଏବଂ ଦୁରଦର୍ଶନରେ ସମ୍ବଲପୁରୀ ଭାଷାକୁ ଦୀର୍ଘ ବର୍ଷରୁ ମାନ୍ୟତା ମିଳିସାରିଛି। ଏପରିକି ସମ୍ବଲପୁରୀ ଭାଷାରେ ସ୍ୱତନ୍ତ୍ର ଭାବେ ଖବର ମଧ ପ୍ରସାରଣ କରାଯାଉଛି। ଏହାବାଦ କେନ୍ଦ୍ର ସରକାର ସମ୍ବଲପୁରୀ ଭାଷା ସଂସ୍କୃତି କ୍ଷେତ୍ରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଜାତୀୟ ସମ୍ମାନରେ ସମ୍ମାନିତ ମଧ କରି ସାରିଛନ୍ତି। ବର୍ତ୍ତମାନ ସମ୍ବଲପୁରୀ ଭାଷାରେ ବିଭିନ୍ନ ପତ୍ରପତ୍ରିକା ମଧ ପ୍ରକାଶିତ ହୋଇ ଆସୁଛି। ତେଣୁ ଆଧିକାରିକ ଭାବେ ସମ୍ବଲପୁରୀ ଭାଷାକୁ ମାନ୍ୟତା ଦେଇ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ କରିବାକୁ ଏକତା ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। ଏହି ଅବସରରେ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୀବନୀ ପୁସ୍ତକ ପ୍ରଦାନ କରାଯାଇଥିଲା। ମଞ୍ଚ ପକ୍ଷର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ରାମଦାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ହୀରକ ଜୟନ୍ତୀ ଲୋଗୋ ଉନ୍ମୋଚିତ


ହୀରକ ଜୟନ୍ତୀ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସମ୍ବଲପୁର,୧୯।୪(ବି.ଶଙ୍କର)

**୨ ବର୍ଷ ଧରି ଲଜ୍‌ପତ ରାୟ ଆଇନ ମହାବିଦ୍ୟାଳୟ ଆଲିମୁନି ସଂଘ ଜୟନ୍ତୀ ପାଳିବ**

ସମ୍ବଲପୁର ସ୍ଥିତ ଲାଜପତ ରାୟ ଆଇନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ ହୀରକ ଜୟନ୍ତୀ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସଭାକକ୍ଷରେ ଅଧକ୍ଷ ପ୍ରଫେସର ବିଜୟାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା । ଆଲୁମୁନି ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା, ସମ୍ପାଦକ ଦୁର୍ଗା ପ୍ରସାଦ ପାଢ଼ୀ, ଆସୋସିଏଟ ପ୍ରଫେସର ଲକ୍ଷ୍ମୀକାନ୍ତ ଦାସ, ସହକାରୀ ପ୍ରଫେସର ଅଙ୍କିତ ସୌରଭ ସାହୁ, ପୂର୍ବତନ ଅଧାପକ ତଥା ସିନେଟ ସଭ୍ୟ ଅରୁଣ କୁମାର ଯୋଗଦେଇ ହୀରକ ଜୟନ୍ତୀ ଲୋଗୋକୁ ଉନ୍ମୋଚନ କରିଥିଲେ । ଏ ଅବସରରେ କଲେଜର ଶତାଧିକ ଛାତ୍ରୀଛାତ୍ର ଓ କର୍ମଚାରୀ, ପୁରାତନ ଛାତ୍ର ଉପସ୍ଥିତ ଥିଲେ।

ଆଲୁମୁନି ସଂଘ ସଭାପତି ପଣ୍ଡା ହୀରକ ଜୟନ୍ତୀକୁ ଧୁମଧାମରେ ପାଳନ କରାଯିବା ସହ ମହାବିଦ୍ୟାଳୟର ସମ୍ପୂର୍ଣ୍ଣ ବିକାଶ କରାଯିବ ବୋଲି କହିଥିଲେ। ମହାବିଦ୍ୟାଳୟରୁ ପାସ କରିସାରିଥିବା ସମସ୍ତ ଛାତ୍ରୀଛାତ୍ର, ବର୍ତ୍ତମାନର ଅଧାପକ ଓ ଅବସରପ୍ରାପ୍ତ କରିଥବା ଅଧାପକ ଓ କର୍ମଚାରୀଙ୍କୁ ସାମିଲ କରାଯିବ। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୁଣା କୋଠାର ନବୀକରଣ କାମ ଦୃତଗତିରେ ଚାଲିଛି । ଅତିଶୀଘ୍ର ମହାବିଦ୍ୟାଳୟ ନୂଆ ରୂପ ନେବ ବୋଲି ଆଲୁମୁନି ସମ୍ପାଦକ ପାଢ଼ୀ ସୂଚନା ଦେଇଥିଲେ । ଏଥିସହ ଲୋଗୋର ଉନ୍ମୋଚନର ଉଦ୍ଦେଶ୍ୟ ଏବଂ ଜୟନ୍ତୀ ପାଳନ କମିଟି ବିଷୟ, ହୀରକ ଜୟନ୍ତୀ ପ୍ରବେଶ ଗେଟ ଓ ହୀରକ ଜୟନ୍ତୀ କଲେଜ ବିଲଡିଂର ନିର୍ମାଣ, ଏହାର ଭୂମି ପୂଜନ ନେଇ ଆଲୋଚନା କରାଯାଇଥିଲା। ୨ବର୍ଷ ବ୍ୟାପି ହୀରକ ଜୟନ୍ତୀରେ ମେଗା ରକ୍ତଦାନ ଶିବିର, ବୃକ୍ଷ ରୋପଣ, ମହିଳା ସଶକ୍ତିକରଣ ନେଇ ଜାତୀୟ ସେମିନାର ଓ କର୍ମଶାଳା, ମାନବ ଅଧିକାର ନେଇ ଜାତୀୟ କର୍ମଶାଳା, ଶିଶୁ ସୁରକ୍ଷା ନେଇ ରାଜ୍ୟ ଓ ଜାତୀୟ କର୍ମଶାଳା, ଆଇନ ଶିକ୍ଷା, ତ୍ୱରିତ ନ୍ୟାୟିକ ବ୍ୟବସ୍ଥା ନେଇ ଜାତୀୟ ସମ୍ମିଳନୀ ଇତ୍ୟାଦି ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। କଲେଜର ପୂର୍ବତନ ଏସଓ ରାଜକିଶୋର ପାଢ଼ୀ, ବରିଷ୍ଠ କର୍ମଚାରୀ ନଟବର ମହାରଣା, ସିପ୍ରା ମହାନ୍ତି, ବନ୍ଦିତା ମିଶ୍ର, ଲକ୍ଷ୍ମୀନାରାୟଣ ପଟେଲ, କୌଶିକ ଗୁରୁ, ସୁମନ୍ତ ସ୍ୱାଇଁ, ପ୍ରକାଶ ଶତପଥୀ, ରଞ୍ଜିତ ସିଂ ହୁରା, ଚିନ୍ମୟ ଶତପଥୀଙ୍କ ସମେତ ଏକ ବୃହତ କମିଟି ପଞ୍ଜିକରଣ ଦାୟିତ୍ୱରେ ରହିଛନ୍ତି। ଶେଷରେ ପୂର୍ବତନ ଅଧାପକ ଅରୁଣ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷୁଦ୍ର, ମଧ୍ୟମ ବ୍ୟବସାୟ ପାଇଁ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୧୯।୪(ବି.ଶଙ୍କର)



ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତାମାନେ।

ସମ୍ବଲପୁର ଜିଲା ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମ ଓ ଡିଆସି ମିଳିତ ଆନୁକୂଲ୍ୟରେ କ୍ଷୁଦ୍ର, ଛୋଟ, ମଧ୍ୟମ ବ୍ୟବସାୟ ପାଇଁ ସଚେତନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ କିପରି କ୍ଷୁଦ୍ର ଉଦ୍ୟୋଗୀ ଓ ଆର୍ଥିକ ସ୍ୱାବଲମ୍ବୀ ହେବେ ସେନେଇ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯକ୍ରମରେ ୪୮ ସ୍ୱଂୟ ସହାୟକ ଗୋଷ୍ଠୀର ମହିଳା ସଦସ୍ୟ, ସିଆରପି, ଏମବିକେ ଓ ଅନ୍ୟାନ୍ୟ ମହିଳା ଉପସ୍ଥିତ ଥିଲେ। ସମ୍ବଲପୁର ଡିଆଇସିର ଶାନ୍ତନୁ କୁମାର ଭୋଇ ଓ ସୀତା ରଞ୍ଜନ ଗୋଛାୟତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଉପସ୍ଥିତ ଥିବା ଲୋକମାନଙ୍କୁ ସରକାରଙ୍କର ବିଭିନ୍ନ ସୁବିଧା ଓ ସହାୟକ ଉପରେ ସୂଚନା ଦେଇଥିଲେ। ଶେଷରେ ଆଦିତ୍ୟ ଆଲୁମିନିୟମ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଏଭଳି କାର୍ଯକ୍ରମକୁ ଉପସ୍ଥିତ ଥିବା ଗ୍ରାମବାସୀ ସ୍ୱାଗତ କରିଥିଲେ ।

# ୨୪ରୁ ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ୍

ସମ୍ବଲପୁର,୧୯।୪(ବି.ଶଙ୍କର)

ସମ୍ବଲପୁର କବାଡ଼ି କ୍ଲବ ଆୟୋଜିତ କବାଡ଼ି ପ୍ରିମିୟର ଲିଗ ଆଗାମୀ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ହେବ। ଏଥିସକାଶେ ଗଙ୍ଗାଧର ମଣ୍ଡପ ପଡିଆରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ଅଇଁଠାପାଲି ନିକଟ ଡଲଫିନ ସଭାକକ୍ଷରେ ଟ୍ରଫି ଏବଂ ଜର୍ସି ଉନ୍ମୋଚିତ ହୋଇଛି। କବାଡି କ୍ଲବ ସଭାପତି ସିଦ୍ଧାର୍ଥ ସାହାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ପାଦକ ଉମାପତି ତ୍ରିପାଠୀ, ଟୁର୍ନାମେଣ୍ଟ ଆୟୋଜନ କମିଟି ସଭାପତି ରବି ମୁଖି, ସମ୍ପାଦକ ଭଜନ ତରିଆଙ୍କ ସମତେ ୧୨ଟି ଦଳର ଅଧିନାୟକ, ପ୍ରଯୋଜକମାନେ ସାମିଲ ହୋଇଥିଲେ । ଚଳିତବର୍ଷ ପଶ୍ଚିମ ଓଡ଼ିଶାସ୍ତରୀୟ ଏହି ପ୍ରିମିୟର ଲିଗରେ ଗାନ୍ଧୀ ବୁଲସ, ମହାକାଲ ରାଇଡର୍ସ, ବୀର ତ୍ରିରଙ୍ଗା ବଏଜ, ପଶ୍ଚିମାଞ୍ଚଳ ପାନ୍ଥର୍ସ, ସମଲେଶ୍ୱରୀ ଷ୍ଟାଇକର୍ସ, ଅଞ୍ଜନୀ ପୁତ୍ର ହଣ୍ଟର୍ସ, ଅଯୋଧା ସରୋବର, ମାଁ ମନ୍‌ସା ଆର୍ମି, ବୁଢ଼ିମା ଟାଇଗର୍ସ, ଆମ୍ବେଦକର ଲାୟନ୍ସ, ଘଣ୍ଟେଶ୍ୱରୀ ୱାରିୟର୍ସ ଓ ମା' ଘିକୁଣ୍ଡି ଯୋଦ୍ଧା ନାମକ ୧୨ଟି ଫ୍ରାଞ୍ଚାଇଜ ଦଳ ଭାଗ ନେଉଛନ୍ତି । ମ୍ୟାଚଗୁଡ଼ିକ ପ୍ରତିଦିନ ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ରାତି ୧୦ଟାରେ ଶେଷ ହେବ ।


ଟ୍ରଫିକୁ ଶନିବାର ଅତିଥିମାନେ ଉନ୍ମୋଚିତ କରୁଛନ୍ତି।

# ଜମନକିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଭାବ, ରୋଗୀ ହଟହଟା

ଜମନକିରା,୧୯।୪(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଡାକ୍ତର ଓ ଅନ୍ୟାନ୍ୟ ପଦବୀ ଖାଲିଜନିତ ସମସ୍ୟା ଦେଇ ଗତି କରୁଛି। ଫଳରେ ଏଠାକୁ ଆସୁଥିବା ରୋଗୀ ଚିକିତ୍ସା ସୁବିଧା ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଡାକ୍ତରଖାନା ଉପରେ ଜମନକିରା ଓ ଆଖପାଖ ଅଞ୍ଚଳର ଲୋକେ ନିର୍ଭର କରନ୍ତି। ଏଥିସହ ଜମନକିରା ସଦର ମହକୁମାରୁ ବାମରା, ଝାରସୁଗୁଡ଼ା, ରାଉରକେଲା, ତିଲେଇବଣି, ଦେବଗଡ଼ ଆଦି ସ୍ଥାନକୁ ଯୋଗାଯୋଗ ରହିଥିବାରୁ ଶହଶହ ଲୋକ ଏହି ଡାକ୍ତରଖାନା ଉପରେ ମଧ ନିର୍ଭରଶୀଳ। ଏଠାରେ ଜଣେ ଏଲୋପାଥି ଓ ଆୟୁଷ ଡାକ୍ତର(ହୋମିଓପ୍ୟାଥି) ଅବସ୍ଥାପିତ ଅଛନ୍ତି। ହେଲେ କୌଣସି ନା କୌଣସି କାରଣରୁ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ଅଞ୍ଚଳବାସୀ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଚଳିତ ମାସରେ ଡାକ୍ତର ନ ଥିବା କାରଣରୁ ଜଣେ ଜଗୁଆଳି ବ୍ଲଡ୍ ପ୍ରେସର ଚେକ୍‌ଅପ୍ କରୁଥିବା ବେଳେ ଫାର୍ମାସିଷ୍ଟ ଓ ନର୍ସ ରୋଗୀ ସେବା କରୁଥିଲେ। ଏଭଳି ସମସ୍ୟା ବାରମ୍ବାର ଦେଖାଯାଉଥିବା ବେଳେ ଅଞ୍ଚଳବାସୀ ଅନେକ ଥର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରିକି ଆଶୁ ପଦକ୍ଷେପ ସ୍ୱରୂପ ଜଣେ ଏଲୋପାଥି ଡାକ୍ତର ନିଯୁକ୍ତ କରିବାକୁ ଦାବି କରିଛନ୍ତି। ହେଲେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ଏହି ବ୍ଲକ୍ ଅନ୍ତର୍ଗତ ଫାଶିମାଲ ଉନ୍ନୀତ ଗୋଷ୍ଠୀ ଡାକ୍ତରଖାନାର ସୁପରିଣ୍ଟେଣ୍ଡେଣ୍ଟ ଡା. ହରିଶ୍ଚନ୍ଦ୍ର ବାଗଙ୍କୁ ପଚାରିବାରୁ ଜମନକିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଡାକ୍ତର ଛୁଟିରୁ ଆସିବା ପର୍ଯ୍ୟନ୍ତ ଶନିବାରଠାରୁ ସାମୟିଭାବେ ଜଣେ ଚିକିତ୍ସକଙ୍କୁ କାର୍ଯ୍ୟ କରିବାକୁ କୁହାଯାଇଛି ବୋଲି କହିଛନ୍ତି।

**ସେମାନେ ଯାହା କୁହନ୍ତି...**


"ରୋଗବ୍ୟାଧିରେ ପଡ଼ି ଡାକ୍ତରଖାନା ଆସିଲା ବେଳକୁ ଡାକ୍ତରଙ୍କ ଦେଖାପାଉନୁ। ଏଲୋପାଥି ଡାକ୍ତରଙ୍କ ଅନୁପସ୍ଥିତିରେ ବାଧହୋଇ ଆୟୁଷ ଡାକ୍ତରଙ୍କ ପାଖରେ ଚିକିତ୍ସା କରାଉଛୁ। ବହୁ ସମୟରେ ଉଭୟ ଡାକ୍ତର ଅନୁପସ୍ଥିତ ରହିଲେ ସମ୍ବଲପୁର, ବୁର୍ଲା ଯାଇ ଖର୍ଚ୍ଚାନ୍ତ ହୋଇ ଚିକିତ୍ସା କରାଉଛୁ।

**ପ୍ରଫୁଲ୍ଲ ମାଝୀ, ବ୍ରାହ୍ମଣୀପାଲି**


"ଭୀଷଣ ଜର ଯୋଗୁ ଚିକିତ୍ସା ପାଇଁ ଗୁରୁବାର ଜମନକିରା ଡାକ୍ତରଖାନା ଆସିଥିଲି। ଏଲୋପାଥି ଡାକ୍ତର ଛୁଟିରେ ଥିବା ଜାଣି ହତାଶ ହେଲି। ଅନନ୍ୟୋପାୟ ହୋଇ ବୁର୍ଲା ଡାକ୍ତରଖାନା ଚିକିତ୍ସା ପାଇଁ ଯାଇଥିଲି। ଏଥିପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଲା। ଏ ଦିଗରେ ସରକାର ପଦକ୍ଷେପ ନେବା ଜରୁରୀ।

**ଚୂଡ଼ାମଣି ପଧାନ, ତନସରା**

# ଧିମେଇଛି ଗାଡ଼ି ବିକ୍ରି ଗତି



ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)

ଆର୍ଥିକ ବର୍ଷ ୨୦୨୪–୨୫ରେ ଦେଶରେ ମୋଟର ଯାନ ବିକ୍ରିରେ ଘରୋଇ ସ୍ତରରେ ପ୍ରାୟ ୬ ପ୍ରତିଶତର ବୃଦ୍ଧି ରେକର୍ଡ କରିଛି। ଅଟୋମୋବାଇଲ ଡିଲର୍ସ ସଂଗଠନ, ଫେଡେରେଶନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା)ର ସୂଚନା ଅନୁସାରେ ଆର୍ଥିକ ବର୍ଷ ୨୦୨୪–୨୫ରେ ୨,୬୧,୪୩,୯୪୩ ୟୁନିଟ ରିଟେଲ ସେଲ ହୋଇଛି। ଏହି ଆର୍ଥିକବର୍ଷରେ ଓଡ଼ିଶାରେ ୮,୦୨,୧୭୯ ୟୁନିଟ୍ ରିଟେଲ ସେଲ ସହ ୨.୨୫ ଅଭିବୃଦ୍ଧି ରେକର୍ଡ କରାଯାଇଛି। ମାତ୍ର ଚଳିତବର୍ଷ ମାର୍ଚ୍ଚ ମାସରେ ରିଟେଲ ସେଲ ତଥ୍ୟ ଅନୁସାରେ ରାଜ୍ୟରେ ଗାଡ଼ିବିକ୍ରି ପରିମାଣ ଧିମେଇଛି। ୨୦୨୪ ମାର୍ଚ୍ଚ ଏବଂ ୨୦୨୫ ମାର୍ଚ୍ଚ ମାସର ରିଟେଲସେଲକୁ ତୁଳନା କଲେ ୫.୫୧% ହ୍ରାସ ଦେଖିବାକୁ ମିଳିଛି। ୨ଚକିଆ ଯାନ ବିକ୍ରି କ୍ଷେତ୍ରରେ ୬.୩୮% ହ୍ରାସ ଦେଖିବାକୁ ମିଳିଥିବାବେଳେ ୩ ଚକିଆ ଯାନ କ୍ଷେତ୍ରରେ ୧.୭୨%, କମର୍ସିଆଲ ଯାନକ୍ଷେତ୍ରରେ ସର୍ବାଧିକ ୨୬.୫୪% ହ୍ରାସ ଘଟିଛି। ପାସେଞ୍ଜର ଯାନକ୍ଷେତ୍ରରେ ୬.୪୪% ଏବଂ ଟ୍ରାକ୍ଟର ବିକ୍ରିରେ ୩୧.୨୭% ଅଭିବୃଦ୍ଧି ହୋଇଛି। 'ବାହନ' ତଥ୍ୟାନୁସାରେ ୨୦୨୫ ପ୍ରଥମ ତ୍ରୈମାସରେ ୪୫ଟି ବର୍ଗରେ ୨,୧୧,୩୧୩ ୟୁନିଟ୍ ଯାନ ବିକ୍ରି ହୋଇଛି। ୨୦୨୪ର ପ୍ରଥମ ତ୍ରୈମାସର ତଥ୍ୟ ଅନୁସାରେ ୫୦ବର୍ଗର ୨,୨୫,୫୩୫ ୟୁନିଟ୍ ଏବଂ ୨୦୨୩ର ପ୍ରଥମ ତ୍ରୈମାସରେ ୫୩ ବର୍ଗର ୧୯୯୦୧୪ ୟୁନିଟ୍ ଯାନ ବିକ୍ରି ହୋଇଥିଲା। ସମସ୍ତ ତଥ୍ୟକୁ ବିଶ୍ଳେଷଣ କରି ଅଟୋମୋବାଇଲ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତି ବିଶେଷ ନିଜ ନିଜର ମତାମତ ରଖିଛନ୍ତି।



| ଭାରତ | | | | ଓଡ଼ିଶା | | |
|---|---|---|---|---|---|---|
| ଯାନବାହନର ବର୍ଗ | ୨୦୨୩-୨୪ | ୨୦୨୪-୨୫ | ବିକ୍ରି ବୃଦ୍ଧି/ହ୍ରାସ | ୨୦୨୩-୨୪ | ୨୦୨୪-୨୫ | ବିକ୍ରି ବୃଦ୍ଧି/ହ୍ରାସ |
| ୨ ଚିକିଆ | ୧୭୫୨୭୧୧୫ | ୧୮୮୭୭୮୧୨ | ୭.୭୧%ବୃଦ୍ଧି | ୬୧୫୬୫୮ ୟୁନିଟ୍ | ୬୩୮୬୦୩ | ୩.୭୩% ବୃଦ୍ଧି |
| ୩ ଚକିଆ | ୧୧୬୭୯୮୬ | ୧୨୨୦୯୮୧ | ୪.୫୪% ବୃଦ୍ଧି | ୨୦୯୫୨ | ୨୩୪୭୧ | ୧୨.୦୨% ବୃଦ୍ଧି |
| କମର୍ସିଆଲ ଯାନ | ୧୦୧୦୩୨୪ | ୧୦୦୮୬୨୩ | ୦.୧୭% ହ୍ରାସ | ୪୦୬୮୪ | ୩୭୪୩୧ | ୮.୦୦% ହ୍ରାସ |
| ପାସେଞ୍ଜର ଯାନ | ୩୯୬୦୬୦୨ | ୪୧୫୩୪୩୨ | ୪.୮୭% ବୃଦ୍ଧି | ୮୧୦୨୬ | ୮୨୩୨୦ | ୧.୬୦% ବୃଦ୍ଧି |
| ଟ୍ରାକ୍ଟର | ୮୯୨୪୧୦ | ୮୮୩୦୯୫ | ୧.୦୪% ହ୍ରାସ | ୧୮୬୩୮ | ୨୦୩୫୪ | ୯.୨୧% ବୃଦ୍ଧି |
| ସମୁଦାୟ | ୨୪୫୫୮୪୩୭ | ୨୬୧୪୩୯୪୩ | ୬.୪୬% ବୃଦ୍ଧି | ୭୭୬୯୫୮ | ୮୦୨୧୭୯ | ୩.୨୫% |

# ବଢ଼ିଛି ବୈଦ୍ୟୁତିକ ଯାନ ପଞ୍ଜୀକରଣ



ଓଡ଼ିଶାରେ ପଞ୍ଜିକୃତ ବୈଦ୍ୟୁତିକ ଯାନ (ଇଭି) ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ୨୦୨୫ ମାର୍ଚ୍ଚ ୬ ସୁଦ୍ଧା ରାଜ୍ୟରେ ୮,୫୮୧ ଦୁଇ ଚକିଆ ଇଭି, ୯୬୫ ତିନି ଚକିଆ, ୮୫୪ ଚାରି ଚକିଆ ଏବଂ ୭୩ ବସ ପଞ୍ଜିକୃତ ହୋଇଛି। ସରକାର ଏ ପର୍ଯ୍ୟନ୍ତ ମୋଟ '୨୩୨.୪୫ କୋଟି ସବସିଡି ରାଶି ପ୍ରଦାନ କରିଛନ୍ତି। ଏହା ରାଜ୍ୟ ସରକାରଙ୍କ ଓଡ଼ିଶା ଇଲେକ୍ଟ୍ରିକ ଯାନ ନୀତି ୨୦୨୧ ଅଧୀନରେ ୧,୨୨,୫୭୮ ହିତାଧିକାରୀଙ୍କୁ ଲାଭ ଦେଇଛି। ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଇଭି ନୀତି ଅଧୀନରେ ପଞ୍ଜିକୃତ ଯାନବାହନ ସଂଖ୍ୟା ଏବଂ ବଣ୍ଟନ କରାଯାଇଥିବା ସବସିଡି ଏ ବିଷୟରେ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓଡ଼ିଶା ବିଧାନସଭାକୁ ସୂଚନା ଦେଇଥିଲେ।

ଅନ୍ୟପଟେ ରାଜ୍ୟରେ ଇଭି ପାଇଁ ଭିତ୍ତିଭୂମିରେ ସୁଧାର ଆଣିବା ଜରୁରୀ ହୋଇପଡ଼ିଛି। ବିଶେଷକରି ଚାର୍ଜିଷ୍ଟେଶନ ସ୍ଥାପନର ଆବଶ୍ୟକତା ପରିଲକ୍ଷିତ ହୋଇଛି। ୨୦୨୩–୨୪ ଆର୍ଥିକ ବର୍ଷର ସୂଚନାନୁସାରେ ଦେଶରେ ସମୁଦାୟ ୨୬୩୬ ଚାର୍ଜି ଷ୍ଟେଶନ ରହିଥିବବେଳେ ଓଡ଼ିଶାରେ ମାତ୍ର ୧୮ଟି ଚାର୍ଜିଂଷ୍ଟେଶନ ରହିଛି।



## ଚାର୍ଜିଂ ଷ୍ଟେଶନ ଭଳି ଭିତ୍ତିଭୂମିର ଅଭାବ

"ବିବାହ ଋତୁରେ ଗାଡ଼ି ବଜାର ଭଲ ପ୍ରଦର୍ଶନ କରିଥାଏ। ମାତ୍ର ଚଳିତବର୍ଷ ଏହା ଭଲ ପରିଦର୍ଶନ କରିନାହିଁ। ଯଦିଓ ପ୍ରିମିୟମ୍ ସେଗମେଣ୍ଟରେ ସେପରି ପ୍ରଭାବ ପଡ଼ିନାହିଁ ବର୍ତ୍ତମାନ ଲୋୟର ସେଗମେଣ୍ଟରେ ଖରାପ ପ୍ରଦର୍ଶନ ଦେଖିବାକୁ ମିଳିଛି। ଯୁବପିଢ଼ି ବିଶେଷ କରି ସହରାଞ୍ଚଳ ଗ୍ରାହକ ବର୍ତ୍ତମାନ ବର୍ତ୍ତମାନ ୧୦୦ରୁ ୧୫୦ ସିସି ଦୁଇ ଚକିଆ ଯା ପରିବର୍ତ୍ତେ ସେମାନେ ଇଭି ସ୍କୁଟର ବ୍ୟବହାର କରିବାକୁ ଚାହୁଁଛନ୍ତି। ଚାରିଚକିଆ ଯାନ ପାଇଁ ଚାର୍ଜିଂ ଷ୍ଟେଶନ ଭଳି ଭିତ୍ତିଭୂମିର ଅଭାବ ରହିଛି। ମାତ୍ର ଦୁଇଚକିଆ ଇଭି ସ୍କୁଟର କ୍ଷେତ୍ରରେ ସେପରି ସମସ୍ୟା ନାହିଁ। ଦୁଇଚକିଆ ଯାନ ଚଳାଉଥିବା ଅଧିକାଂଶ ଲୋକ ଦିନକୁ ୭୦ରୁ ୮୦ କିଲୋମିଟର ଯାତ୍ରା କରିଥା'ନ୍ତି। ତେଣୁ ଏଥିପାଇଁ ନିଜ ଘରେ ଥରେ ଇଭି ସ୍କୁଟର ଚାର୍ଜ କରି ସେ ଯାତ୍ରା କରିପାରନ୍ତି। ସେହିପରି ସହରାଞ୍ଚଳରେ ବିଶେଷ ସମସ୍ୟା ନାହିଁ ମାତ୍ର ଗ୍ରାମାଞ୍ଚଳରେ ଦୁଇଚକିଆ ଯାନ ବିକ୍ରି କ୍ଷେତ୍ରରେ ବ୍ୟବସାୟ ବିସ୍ତାର କରିବାରେ ଏବେ ଅନେକ ଆହ୍ୱାନ ରହିଛି।



**– ମନସୁର ବକ୍ସ, ପରିଚାଳନା ନିର୍ଦ୍ଦେଶକ, ଏମ୍ଏସ୍‌ବି ବଜାଜ୍**

## ଗ୍ରାମୀଣ ଅଞ୍ଚଳରେ ଚାହିଦା ବୃଦ୍ଧି ଜରୁରୀ

"ଅଟୋଶିଳ୍ପଏକଗୁରୁତ୍ୱପୂର୍ଣ୍ଣପର୍ଯ୍ୟାୟରେ ପ୍ରବେଶ କରୁଛି ଯେଉଁଠାରେ ଅଭିବୃଦ୍ଧିକୁ ରଣନୈତିକ ସତର୍କତା ସହିତ ସ୍ଥିର କରାଯିବା ଆବଶ୍ୟକ। ଆଗାମୀ ଦିନରେ ଏହି ଏହି କ୍ଷେତ୍ରରେ ଅଭିବୃଦ୍ଧି ପାଇ ଗ୍ରାମୀଣ ଏବଂ ଅର୍ଦ୍ଧସହରାଞ୍ଚଳରେ ଚାହିଦା ବୃଦ୍ଧି କରିବା ଜରୁରୀ। ସେହିପରି ବୈଦ୍ୟୁତିକ ଯାନ ଭିତ୍ତିଭୂମକୁ ସୁଦୃଢ଼ କରାଯିବାର ଆବଶ୍ୟକତା ରହିଛି। ଇନଭେଣ୍ଟରୀ ଏବଂ ରିଟେଲ ଷ୍ଟ୍ରାଟେଜି କାର୍ଯ୍ୟକାରୀ କରିବା ସହ ବାସ୍ତବବାଦୀ ବ୍ୟବସାୟ ଯୋଜନା ପାଇଁ ଓଇଏମ୍–ଡିଲର ସହଭାଗୀତାକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଅଟୋମୋବାଇଲ ଶିଳ୍ପ କ୍ଷେତ୍ରର ପୁନରୁଦ୍ଧାର ପାଇଁ ବିଶେଷକରି ବ୍ୟକ୍ତିଗତ ଅଟୋମୋବାଇଲ କ୍ଷେତ୍ରରେ ଗଠନାତ୍ମକ ପରିବର୍ତ୍ତନ ପାଇଁ ସମୟ, ନିବେଶ ଏବଂ ସମନ୍ୱିତ କାର୍ଯ୍ୟର ଗୁରୁତ୍ୱ ରହିଛି। ଗ୍ରାହକଙ୍କ ଚାହିଦା ପୂରଣ ପାଇଁ ସମୋୟଚିତ ପଦକ୍ଷେପ, ଉତ୍ତମ ବ୍ୟବସାୟିକ ରଣନୀତି ଭାରତୀୟ ଅଟୋମୋବାଇଲ ଶିଳ୍ପ ଏହି ପରିବର୍ତ୍ତନକୁ ବୃଦ୍ଧି କରିପାରିବ ଏବଂ ୨୦୨୫–୨୬ ଆର୍ଥିକ ବର୍ଷଠାରୁ ଏହି କ୍ଷେତ୍ର ଅଧିକ ଶକ୍ତିଶାଳୀ ହୋଇ ଉଭା ହୋଇପାରିବ।



**– ସମଶେର ସିଂ ହୁରା, ସିଇଓ ଏବଂ ପ୍ରତିଷ୍ଠାତା, ଜାଶ୍ ମୋଟସର୍ସ ,ସମ୍ବଲପୁର**

## କମର୍ସିଆଲ ଯାନ ବଜାର ମାନ୍ଦା ପଡ଼ିଛି

"କମର୍ସିଆଲ ଯାନ କ୍ଷେତ୍ରରେ ଓଡ଼ିଶା ବଜାର ଟିକେ ମାନ୍ଦା ପଡ଼ିଛି । ନୂଆ ସରକାର ଗଠନ ହୋଇଥିବାରୁ ଏଦିଗରେ ପ୍ରୋତ୍ସାହନ ପ୍ରଦାନ ନେଇ ରାଜ୍ୟ ସରକାର ବର୍ତ୍ତମାନ ଯୋଜନା ପ୍ରସ୍ତୁତ କରୁଛନ୍ତି। ଯୋଜନାକୁ ରୂପରେଖ ଦେବାରେ ସାମାନ୍ୟ ବିଳମ୍ବ ହୋଇପାରେ ମାତ୍ର ଆଗକୁ ୫୦ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଆଶା କରାଯାଉଛି। କମର୍ସିଆଲ ଯାନ ବିକ୍ରି କ୍ଷେତ୍ରରେ ଗ୍ରାମାଞ୍ଚଳ କିମ୍ବା ସହରାଞ୍ଚଳରେ କିଛି ପାର୍ଥକ୍ୟ ନାହିଁ। ଯେଉଁଠାରେ ଶିଳ୍ପ ରହିଛି ସେଠାରେ ଏହି ବର୍ଗର ଯାନ ବିକ୍ରି ହେବ। ନିକଟରେ ରାଜ୍ୟ ସରକାର ଅନେକ ଶିଳ୍ପାନୁଷ୍ଠାନ ସହ ଚୁକ୍ତି କରିଛନ୍ତି। ତେଣୁ ରାଜ୍ୟରେ ଶିଳ୍ପ ଯେତେ ସୁଦୃଢ଼ ହେବ କମର୍ସିଆଲ ଯାନ ବିକ୍ରିର ପରିମାଣ ମଧ୍ୟ ବଢ଼ିବ। ମୋ ଜାଣିବାରେ କମ ଟନେଜ ପରିବହନ କରୁଥିବା ଯାନ ତୁଳନାରେ ଅଧିକ ଟନେଜ ପରିବହନ କରୁଥିବା ଯାନ ସଂଖ୍ୟା ବୃଦ୍ଧି ପାଇଛି। ଏହାର ମୁଖ୍ୟ କାରଣ ହେଉଛି ଭଲ ରାସ୍ତା, କମ ମୂଲ୍ୟ ଏବଂ ବଜାରରେ ଅଧିକ ମୂଲ୍ୟରେ ବିକ୍ରି ହେଉଥିବା ସାମଗ୍ରୀ। ପୂର୍ବରୁ ନବାଗତଙ୍କ ପାଇଁ ଋଣ ପାଇବା କଷ୍ଟସାଧ ଥିଲାବେଳେ ଏହା ବର୍ତ୍ତମାନ ସହଜ ହୋଇଯାଇଛି।



**– ବିମଳେନ୍ଦୁ ମହାନ୍ତି, ଏମଡି, ତୃପ୍ତି ଟାଟା(ତୃପ୍ତି ଗ୍ରୁପ୍)**

## ପୂର୍ବ ବର୍ଷର ଚାହିଦା ହ୍ରାସର ପ୍ରଭାବ ପଡିଛି

"ଆର୍ଥିକ ବର୍ଷ ଶେଷ ପୂର୍ବରୁ ମୂଲ୍ୟହ୍ରାସ ଭତ୍ତାରୁ ଲାଭ ଉଠାଇବା ଏବଂ ଏପ୍ରିଲର ମୂଲ୍ୟ ବୃଦ୍ଧିର ଲାଭ ଉଠାଇବା ପାଇଁ କର୍ପୋରେଟ ଏବଂ ବ୍ୟକ୍ତିଗତ କ୍ରୟ ବଢ଼ିଥାଏ। ତେବେ ୨୦୨୫ ମାର୍ଚ୍ଚରେ ଅଧିକ ରିହାତି ଏବଂ ସାମଗ୍ରୀ ଚାପ ଏବଂ ଦୁର୍ବଳ ଗ୍ରାମୀଣ ଭାବନା କାରଣରୁ ଏହି ସେଗମେଣ୍ଟରେ ସାମାନ୍ୟ ଅଭିବୃଦ୍ଧି ଘଟିଥିଲା । ପର୍ବପର୍ବାଣୀ ବୃଦ୍ଧି ସତ୍ତ୍ୱେ ବଜାରରେ ଅନିଶ୍ଚିତତା ଏବଂ ଆଇସିଇ ସେଗମେଣ୍ଟରେ କୌଣସି ବଡ଼ ଉତ୍ପାଦ ଉନ୍ମୋଚନ ମଧ୍ୟ ସ୍ଥିର ଚାହିଦା ଦେଇନଥିଲା ଏବଂ ପୂର୍ବ ବର୍ଷର ଚାହିଦା ହ୍ରାସ ଯୋଗୁଁ ଚଳିତ ବର୍ଷ ଅଭିବୃଦ୍ଧି ହ୍ରାସ ପାଇଛି। ତେବେ ଏସୟୁଭିର ପ୍ରବଳ ଚାହିଦା ରହିଛି। ବଜାର ଏହି ସେଗମେଣ୍ଟରେ ଚାହିଦାକୁ ସମର୍ଥନ ଜାରି ରଖିଛି। ଟୋୟୋଟା ସହିତ ଆମେ ହାଇରାଇଡରରେ ଦୃଢ଼ ଚାହିଦା ଦେଖୁଛୁ । ଏହା ବହୁତ ସକାରାତ୍ମକ ପ୍ରଭାବ ପକାଇଛି। ସରକାରୀ ପ୍ରୋତ୍ସାହନ ୨ ଚକିଆ ସେଗମେଣ୍ଟରେ ଇଭି ବିକ୍ରିକୁ ଯଥେଷ୍ଟ ବୃଦ୍ଧି କରିଛି। ମାତ୍ର ମୋ ଜାଣିବାରେ ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ଓଡ଼ିଶାରେ ଚାର୍ଜିଂ ଷ୍ଟେଶନ ଭିତ୍ତିଭୂମିକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ସରକାର ଉତ୍ତରପ୍ରଦେଶ ପରି ଅନ୍ୟ ରାଜ୍ୟଦ୍ୱାରା ଗ୍ରହଣ କରାଯାଇଥିବା ହାଇବ୍ରିଡ ମଡେଲ ଉପରେ ସମାନ ପ୍ରୋତ୍ସାହନ ପ୍ରଦାନ କରିବା ଉଚିତ୍। ବିକ୍ରୟ ଚାହିଦା, ସୁଧ ହାର, ମୌସୁମୀ, ନୂତନ ଉତ୍ପାଦ ଉନ୍ମୋଚନ ଇତ୍ୟାଦି ଅନେକ କାରଣ ଉପରେ ନିର୍ଭର କରେ, ମାତ୍ର ଏ କ୍ଷେତ୍ରରେ ମୁଁ ଖୁବ୍ ଆଶାବାଦୀ ଅଛି। ଇଣ୍ଡଷ୍ଟ୍ରି ପ୍ରିମିୟମ ବୈଶିଷ୍ଟ୍ୟ ଏବଂ ଏସୟୁଭି ଉପରେ ଧ୍ୟାନ ଦେଇ ଭଲ୍ୟୁମ ଅଭିବୃଦ୍ଧିରୁ ମୂଲ୍ୟ ଭିତ୍ତିକ ଅଭିବୃଦ୍ଧିକୁ ପରିବର୍ତ୍ତନ କରିବ।



**– ସିଦ୍ଧାର୍ଥ ଗର୍ଗ, ନିର୍ଦ୍ଦେଶକ, ଗର୍ଗସନ ଗ୍ରୁପ୍**

## ସ୍କ୍ରାପେଜ ନୀତି କଡ଼ାକଡ଼ି ହେବା ଜରୁରୀ

"କୋଭିଡ ପରେ ଓଡ଼ିଶାରେ ଅଟୋମୋବାଇଲ କ୍ଷେତ୍ରର ପ୍ରାରମ୍ଭିକ ଚାହିଦା ବଢ଼ିବା ପରେ ଅଭିବୃଦ୍ଧିରେ ସ୍ଥିରତା ଦେଖାଦେଇଛି। ଏହାପଛରେ ଅନେକ କାରଣ ରହିଛି। ନୂଆ ସରକାର ଗଠନ ସହିତ ଓଡ଼ିଶାର ରାଜନୈତିକ ସ୍ଥିତି ସମ୍ପୂର୍ଣ୍ଣ ରୂପେ ସରଗରମ ହୋଇଛି । ଯାହାର ପରିଣାମ ସ୍ୱରୂପ ନୀତି ନିର୍ଦ୍ଧାରଣ ହାର୍, ଭିତ୍ତିଭୂମି ବିକାଶ ଏବଂ ଖର୍ଚ୍ଚ ପାଇଁ ପାଣ୍ଠି ଆବଣ୍ଟନ ମନ୍ଥର ହୋଇଛି। ଗତ କିଛି ବର୍ଷ ମଧ୍ୟରେ ସୁଧ ହାରରେ କ୍ରମାଗତ ବୃଦ୍ଧି ଘଟିଛି, ଯାହାଫଳରେ କ୍ରୟ ମୂଲ୍ୟ ଅଧିକ ହେବ । ଏହି ଉତ୍ପାଦଗୁଡିକ ପାଇଁ ଆର୍ଥିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା। ବିଶେଷ କରି ୪ ଚକିଆ ଓ ୩ ଚକିଆ ଯାନ ବଜାରରେ ଇଭି ଯାନରେ ପରିଣତ ହେବା ନେଇ ଏକ ପ୍ରକାର ଦ୍ୱନ୍ଦ୍ୱ ରହିଛି। ଭିତ୍ତିଭୂମି ପାଣ୍ଠି ଉପରେ ଗୁରୁତ୍ୱ ଦେବା, ସଡ଼କ ଓ ଖଣି ଠିକା ପୁନଃ ଆରମ୍ଭ କରିବା, ଯାହା ଉଭୟ ବାଣିଜ୍ୟିକ ଏବଂ ବ୍ୟକ୍ତିଗତ ଭାବେ ୪ ଚକିଆ ଚାହିଦାକୁ ବଢ଼ାଇବ। ଭାରତ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ସ୍କ୍ରାପେଜ ନୀତିକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ। ଇଭି କ୍ଷେତ୍ରକୁ ଅଭିବୃଦ୍ଧିରେ ସାହାଯ୍ୟ କରିବା ପାଇଁ, ବିଭିନ୍ନ ସୁବିଧା ପ୍ରଦାନପୂର୍ବକ ରାଜ୍ୟ ସରକାରଙ୍କ ତରଫରୁ ଏକ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନର ଆବଶ୍ୟକତା ରହିଛି।



**ବ୍ରିଜେଶ ମେହେର, ପରିଚାଳନା ନିର୍ଦ୍ଦେଶକ, ମିନର୍ଭା ଅଟୋମୋବାଇଲ, ବଲାଙ୍ଗିର**

## ସେଡାନ ସେଗମେଣ୍ଟରେ ଚାହିଦା କମୁଛି

"ମାର୍ଚ୍ଚ ମାସ ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାପଡୁଛି ଓଡ଼ିଶାରେ ୨ଚକିଆ ଯାନ ବିକ୍ରି କ୍ଷେତ୍ରରେ ୬.୩୮ ପ୍ରତିଶତ ହ୍ରାସ ଘଟିଛି। ମାତ୍ର ପାସେଞ୍ଜର ଗାଡ଼ି କ୍ଷେତ୍ରରେ ୬.୪୪% ଅଭିବୃଦ୍ଧି ଦେଖିବାକୁ ମିଳିଛି। ତେବେ ଜାତୀୟ ସ୍ତରରେ କମ୍ପାକ୍ଟ ଏସୟୁଭିର ଚାହିଦା ଦେଖିବାକୁ ମିଳୁଛି। ୫୦%ରୁ ଅଧିକ ଗ୍ରାହକ ଏହି ସେଗମେଣ୍ଟକୁ ବାଛିଛନ୍ତି । ଓଡ଼ିଶାରେ ମଧ ଏହି ଧାରା ପ୍ରତିଫଳିତ ହେଉଛି, ଯେଉଁଠାରେ କମ୍ପାକ୍ଟ ଏସୟୁଭି ଗ୍ରାହକଙ୍କ ମଧ୍ୟରେ ଅଧିକ ଲୋକପ୍ରିୟ ହେବାରେ ଲାଗିଛି। ପୂର୍ବରୁ ଭାରତୀୟ ଅଟୋମୋବାଇଲ ବଜାରରେ ଏକ ପ୍ରଭାବଶାଳୀ ସ୍ଥାନ ରେ ଥିବା ସେଡାନ ସେଗମେଣ୍ଟରେ ଏବେ ଉଲ୍ଲେଖନୀୟ ହ୍ରାସ ଦେଖିବାକୁ ମିଳୁଛି। ପ୍ରମୁଖ ଓଇଏମ ଗୁଡ଼ିକ ଧୀରେ ଧୀରେ ଏହି ବର୍ଗରୁ ଦୂରେଇ ଯାଉଛନ୍ତି, ସାମଗ୍ରିକ ବ୍ରାଣ୍ଡଗୁଡ଼ିକ ବର୍ତ୍ତମାନ ସମୁଦାୟ ୩ରୁ ୪ଟି ସେଡାନ ମଡେଲ ପ୍ରଦାନ କରୁଛନ୍ତି। ତେଣୁ ବିଶେଷ କରି ସେଡାନ ବର୍ଗରେ ଆଉ ଇନଭେଣ୍ଟୋରୀ ଲେଭେଲ ନାହିଁ। ବୈଦ୍ୟୁତିକ ଯାନ(ଇଭି) ଗ୍ରହଣରେ ଯଥେଷ୍ଟ ଅଭିବୃଦ୍ଧି ଏବଂ ଚାର୍ଜିଂ ଭିତ୍ତିଭୂମି ଏବଂ ପ୍ରୋତ୍ସାହନ ବୃଦ୍ଧି ପାଇଁ ପ୍ରୟାସ ଜାରି ରହିଥିବାରୁ ଓଡ଼ିଶା ବିଶେଷକରି ଭୁବନେଶ୍ୱର ଏକ ଆଶାଜନକ ମାର୍ଗରେ ଗତି କରୁଛି। ଏହି ଗତିକୁ ବଜାୟ ରଖିବା ଏବଂ ଦୀର୍ଘମିଆଦୀ ସ୍ଥାୟୀତା ଲକ୍ଷ୍ୟ ହାସଲ କରିବା ପାଇଁ ଚାର୍ଜିଂ ସୁବିଧା ଏବଂ ଜନସଚେତନତା କ୍ଷେତ୍ରରେ ନିରନ୍ତର ପୁଞ୍ଜିନିବେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ମୋଟାମୋଟି ଭାବେ ସହରରେ ଇଭିର ଅଭିବୃଦ୍ଧି ଓ ବଜାର ଅଂଶ ବୃଦ୍ଧି ପାଉଛି।



**– ପ୍ରଦୀପ ଅଗ୍ରୱାଲ, ଟ୍ରେଜେରର, ଫାଡା**

## ଅଧିକ ଗବେଷଣା ଜରୁରୀ

"ଅଟୋମୋବାଇଲ କ୍ଷେତ୍ରରେ ଅଭିନବତାର ଅଭାବ କାରଣରୁ ଅଟୋମୋବାଇଲ କ୍ଷେତ୍ର କିଛି ପରିମାଣରେ ପଛାଇଯାଇଛି। ପାଶ୍ଚାତ୍ୟ ଦେଶତୁଳନାରେ ଅଟୋମୋବାଇଲ କ୍ଷେତ୍ରରେ ଆମକୁ ଅଧିକ ଗବେଷଣା ଏବଂ ବିକାଶର ଆବଶ୍ୟକତା ରହିଛି। ସେହପରି ଟିକସ ହ୍ରାସ ଦ୍ୱାରା ଉଚ୍ଚ ଅଭିବୃଦ୍ଧି ହୋଇପାରେ। ଉତ୍ତମ ସ୍କ୍ରାପେଜ ବୋନସ ମଧ୍ୟ ଅଟୋମୋବାଇଲ ଶିଳ୍ପକୁ ପ୍ରୋତ୍ସାହିତ କରିପାରିବ ବୋଲି ଆଶା କରୁଛି।



**– ପବନ କୁମାର ସୁଲତାନିଆ, ପରିଚାଳନା ନିର୍ଦ୍ଦେଶକ, ଇନଫିନିଟି ଭେଞ୍ଚର, ଝାରସୁଗୁଡ଼ା**

## ଗ୍ରାମୀଣ ଚାହିଦା ଦୁର୍ବଳ ହୋଇଛି

"ଭାରତୀୟ ଅଟୋମୋବାଇଲକ୍ଷେତ୍ର ବିଫଳ ହୋଇନାହିଁ, ବରଂ ଅନେକ ପରସ୍ପର ସହ ଜଡ଼ିତ ଆହ୍ୱାନ କାରଣରୁ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଏବଂ ସାମୟିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ଅର୍ଥନୈତିକ ମାନ୍ଦାବସ୍ଥା ଏବଂ ନିମ୍ନ ଉପଭୋକ୍ତା ଭାବନା, କୋଭିଡ ପରବର୍ତ୍ତୀ ଆର୍ଥିକ ଚାପ, ମୁଦ୍ରାସ୍ଫୀତି ଏବଂ ଆୟରେ ଅନିଶ୍ଚିତତା କ୍ରୟ ପରିମାଣ ହ୍ରାସ କରିଛି। ୨ ଚକିଆ ଓ କ୍ଷୁଦ୍ର ଯାନ ବିକ୍ରିର ଏକ ମଜଭୁତ ସ୍ତମ୍ଭ ଭାବେ ପରିଚିତ ଗ୍ରାମୀଣ ଚାହିଦା ଦୁର୍ବଳ ହୋଇଛି। ଇଭି ଏବଂ ନିୟାମକ ଚାପରେ ପରିବର୍ତ୍ତନ, ସମ୍ପୂର୍ଣ୍ଣ ଭିତ୍ତିଭୂମି ପ୍ରସ୍ତୁତି ବିନା ହଠାତ୍ ଇଲେକ୍ଟ୍ରିକ ଯାନ (ଇଭି)ର ପ୍ରବେଶ ଦ୍ୱାରା କ୍ରେତାମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ବାରମ୍ବାର ନିୟାମକ ପରିବର୍ତ୍ତନ ଯୋଗୁଁ ଗାଡିର ମୂଲ୍ୟ ବୃଦ୍ଧି ପାଇଥିଲା। ସେହିପରି ସେମିକଣ୍ଡକ୍ଟରର ଅଭାବ, କଞ୍ଚାମାଲ ମୂଲ୍ୟ ବୃଦ୍ଧି ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳା ବିଳମ୍ବ ଉତ୍ପାଦନ ସମୟସୀମାକୁ ପ୍ରଭାବିତ କରିଛି । ତୈଳ ଦର ବୃଦ୍ଧି, ବୀମା ପ୍ରିମିୟମ, ପଞ୍ଜୀକରଣ ଶୁଳ୍କ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ମାଲିକାନାକୁ ପ୍ରଭାବିତ କରିଛି। ସହରୀ ଯୁବପିଢ଼ି ମାଲିକାନା ଅପେକ୍ଷା ଅଂଶୀଦାର ଗତିଶୀଳତା (ଓଲା, ଉବର) ପସନ୍ଦ କରନ୍ତି। ଆଇସିଇ ଏବଂ ଇଭିକୁ ସମାନ୍ତରାଳ ଭାବରେ ପ୍ରୋତ୍ସାହିତ କରି ଟିୟର ୨/୩ ବଜାରରେ ଆଇସିଇ ଏବେ ବି ପ୍ରାସଙ୍ଗିକତା ରଖିଛି। ସବ ସିଡି/ପ୍ରୋତ୍ସାହନ କେବଳ ଇଭିରେ ସୀମିତ ରହିବା ଉଚିତ ନୁହେଁ।



**ମନୋରଞ୍ଜନ ଦାସ, ପରିଚାଳନା ନିର୍ଦ୍ଦେଶକ, ପିଏମଜି ମୋଟର୍ସ, କଟକ**

## ବଜାର ସ୍ଥିରତା ପାଇଁ ସତର୍କତା ଜରୁରୀ

"ବର୍ତ୍ତମାନର ବିଶ୍ୱ ପରିବେଶ ନିଶ୍ଚିତ ଭାବରେ ଅନିଶ୍ଚିତତା ଦେଇ ଗତି କରୁଛି, ଯାହା ଫଳରେ ବାଣିଜ୍ୟ ଏବଂ ନିବେଶକୁ ପ୍ରଭାବିତ କରୁଥିବା ଭୂରାଜନୈତିକ ଉତ୍ତେଜନା ଏବଂ ଏଆଇ ସମନ୍ୱିତ ଚାକିରି ସୁରକ୍ଷା ବିଷୟରେ ଚିନ୍ତା ସୃଷ୍ଟି କରୁଛି । ବିଶେଷକରି କାର ପରି ବଡ଼ କ୍ରୟ ସହିତ ସତର୍କ ଗ୍ରାହକ ଆଚରଣ, ଷ୍ଟକ ଏକ୍ସଚେଞ୍ଜରେ କରାଯାଇଥିବା ନିବେଶରେ ଅନିଶ୍ଚିତତା, ଇଏମଆଇ (ମାସିକ କିସ୍ତି) ପ୍ରତି ପ୍ରତିଶ୍ରୁତିବଦ୍ଧ ହେବାରେ ସଂକୋଚ ଏହି ଅନିଶ୍ଚିତତାକୁ ପ୍ରତିଫଳିତ କରୁଛି। ଉନ୍ନତ ଇଭି (ବୈଦ୍ୟୁତିକ ଯାନ) ବିକଳ୍ପ, ପୁଞ୍ଜି କ୍ରୟକୁ ସ୍ଥଗିତ ରଖିବା ଏବଂ ବଜାରରେ ଅଧିକ ସ୍ଥିରତା ଏବଂ ସ୍ପଷ୍ଟତା ନଆସିବା ପର୍ଯ୍ୟନ୍ତ ଏହି ସତର୍କ ଆଭିମୁଖ୍ୟ ଜାରି ରହିବାର ସମ୍ଭାବନା ଅଛି।



**– ଅଖିଳ ପୋଦାର, ଚେୟାରପର୍ସନ, ଫାଡା, ଓଡ଼ିଶା**

## ସବ୍‌ସିଡି ପ୍ରଦାନ ଟ୍ରାକ୍ଟର ବିକ୍ରି ବଢ଼ାଇଛି

"ଓଡ଼ିଶାରେ ନୂଆ ସରକାର ଗଠନ ଓ ନିର୍ବାଚନ ପ୍ରକ୍ରିୟା ଯୋଗୁଁ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି କାରଣ ସାଧାରଣତଃ ସରକାରଙ୍କୁ ସମାଧାନ ହେବାକୁ କିଛି ସମୟ ଲାଗିଥାଏ। ନୂତନ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାର ନବୀକରଣ ଏବଂ ନୂତନ ଲିଜ ପ୍ରଦାନ ଯୋଗୁଁ ମାନ୍ଦାବସ୍ଥା ସହିତ ଖଣି ଶିଳ୍ପରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଯଦିଓ କର୍ପୋରେଟ କ୍ରେତା, ଠିକାଦାର ଯେଉଁମାନଙ୍କ ପାଖରେ ଏକ ଦୃଢ଼ ଅର୍ଡର ବୁକ ଥିଲା ସେମାନେ ଗାଡ଼ି କିଣିବା ଜାରି ରଖିଥିଲେ ମଧ ଖୁଚୁରା ଗ୍ରାହକ ଏବଂ ପ୍ରଥମ ଥର କ୍ରେତାମାନେ ଗାଡ଼ି ବଜାରର ଏକ ପ୍ରମୁଖ ଅଂଶ ହୋଇଥିବା କମ ବଜାର ଭାବନା କାରଣରୁ କିଣିବାରୁ ଦୂରେଇ ରହିଥିଲେ। ତେବେ ଟ୍ରାକ୍ଟର ପିଛା ୧୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ୮୦ ୟୁନିଟ ସବସିଡି ପ୍ରଦାନ କରି କୃଷକମାନଙ୍କୁ ଉପକୃତ କରିବା ପାଇଁ ସରକାର ଗୁରୁତ୍ୱାରୋପ କରିଥିଲେ ଏହା ଟ୍ରାକ୍ଟର ଶିଳ୍ପ ବୃଦ୍ଧିର ଏକ ପ୍ରମୁଖ କାରଣ ବୋଲି କହିପାରିବା। ସାମଗ୍ରିକ ଭାବରେ ଏକ ସକାରାତ୍ମକ ଭାବନା ଥିଲା ଏବଂ ଧାନ ଭଳି ଫସଲର ଉତ୍ତମ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ସହିତ ସବସିଡ଼ି ଏବଂ ଚାଷୀଙ୍କ ଆକାଉଣ୍ଟକୁ ତୁରନ୍ତ ରାଶି ବଣ୍ଟନ ଟ୍ରାକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା



**– ତେଜିନ୍ଦର ସିଂହ ଭୁମ୍ବର, ନିର୍ଦ୍ଦେଶକ, ପାରାମାଉଣ୍ଟ ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍**

## ପାରମ୍ପରିକ ଯାନକୁ ପ୍ରୋତ୍ସାହନ ମିଳୁ


"ଅର୍ଥନୈତିକ ମାନ୍ଦାବସ୍ଥା, ଉପଭୋକ୍ତା କ୍ରୟ ଶକ୍ତି ହ୍ରାସ, ଚାକିରି ଅନିଶ୍ଚିତତା ଏବଂ ସାମଗ୍ରିକ ଅର୍ଥନୈତିକ ଚାପ ଯୋଗୁଁ ଗାଡ଼ି ଭଳି ବଡ଼ ବଡ଼ ଜିନିଷ ଉପରେ ଉପଭୋକ୍ତା ଖର୍ଚ୍ଚ ହ୍ରାସ ପାଇଛି। କୋଭିଡ–୧୯ର ପ୍ରଭାବ, ବଢ଼ୁଥିବା ଗାଡ଼ି ଦର ସହ ଇଲେକ୍ଟ୍ରିକ ଯାନ (ଇଭି)କୁ ଗ୍ରହଣ ପ୍ରତି ଉଦ୍ୟମ ଜାରି ରହିଥିବାରୁ ଯାନବିକ୍ରି କ୍ଷେତରେ ମାନ୍ଦାବସ୍ଥା ଦେଖିବାକୁ ମିଳିଛି। ସରକାର ଉଭୟ ଇଭି ଏବଂ ପାରମ୍ପରିକ ଯାନ ବର୍ଗରେ ପ୍ରୋତ୍ସାହନ ପ୍ରଦାନ କରିବା ଉଚିତ୍ । ଯାନବାହନ ଉପରେ ଅସ୍ଥାୟୀ ଜିଏସଟି ହ୍ରାସ ଚାହିଦା ବଢ଼ାଇପାରେ। ଇଭି ଇକୋସିଷ୍ଟମକୁ ମଜବୁତ କରିବାକୁ ମଧ ପଡ଼ିବ। ଚାର୍ଜିଂ ଷ୍ଟେସନ, ବ୍ୟାଟେରୀ ସ୍ୱାପିଂ ଏବଂ ଇଭି ଯନ୍ତ୍ରାଂଶର ସ୍ଥାନୀୟ ଉତ୍ପାଦନ ପରି ଇଭି ଭିତ୍ତିଭୂମିର ଦ୍ରୁତ ବିକାଶ ଉପଭୋକ୍ତାଙ୍କ ଦ୍ୱିଧାକୁ ହ୍ରାସ କରିବ। ସେହିପରି ଗ୍ରାମୀଣ ଭାରତରେ ସ୍ୱତନ୍ତ୍ର ଆର୍ଥିକ ଯୋଜନା, ସବସିଡି ପ୍ରଦାନ ଦ୍ୱାରା ଦୁଇ ଚକିଆ ଯାନ ଏବଂ କାର ବିକ୍ରିକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇପାରିବ। ପରିବର୍ତ୍ତିତ ଅଟୋ ଲ୍ୟାଣ୍ଡସ୍କେପ ସହିତ ଖାପ ଖୁଆଇବା ପାଇଁ କ୍ଷୁଦ୍ର ଯୋଗାଣକାରୀମାନଙ୍କୁ କ୍ରେଡିଟ ଏବଂ ବୈଷୟିକ ସହାୟତାର ଆବଶ୍ୟକତା ରହିଛି। ଏହାସହ ଏନବିଏଫସିର ପୁନରୁଦ୍ଧାର ଏବଂ ନମନୀୟ ଋଣ ଯୋଜନା ନିମ୍ନ ଏବଂ ମଧ୍ୟମ ଆୟ କାରୀ କମ୍ପାନୀକୁ ସାହାଯ୍ୟ କରିପାରିବ।



**– ଆଦର୍ଶ ଧାୱନ, ନିର୍ଦ୍ଦେଶକ, ସେଣ୍ଟ୍ରାଲ ଏମଜି ଆଣ୍ଡ ସେଣ୍ଟ୍ରାଲ ବିୱାଇଡି**

# ସଫଳତା ପାଇଁ...

ଜୀବନରେ ସଫଳ ହେବାକୁ ସମସ୍ତେ ଚାହାନ୍ତି ଏଥିପାଇଁ ଅନେକ ବାଧାବିଘ୍ନକୁ ସାମ୍ନା ବି କରିବାକୁ ପଡ଼େ। କେବେ କେବେ ବିଫଳତାର ବି ସମ୍ମୁଖୀନ ହେବାକୁ ହୁଏ । ହେଲେ ଏଥିରେ ଭାଙ୍ଗି ପଡ଼ିଲେ ନିଜ ଲକ୍ଷ୍ୟପଥରେ ଅଗ୍ରସର ହେବା କଷ୍ଟକର ହୋଇଥାଏ। ତେଣୁ ସଫଳତା ପାଇବାକୁ ହେଲେ ମନୋବଳ ଦୃଢ଼ ରଖି ଆଗକୁ ବଢ଼ିବା ବୁଦ୍ଧିମତ୍ତାର କାର୍ଯ୍ୟ...





ସଫଳତା ଏବଂ ବିଫଳତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେଣୁ ସଫଳତାର ସ୍ୱାଦ ଚାଖିବାକୁ ହେଲେ ବିଫଳତାରେ ଭାଙ୍ଗି ନ ପଡ଼ି ଦୃଢ଼ ମନରେ ନିଜ ଲକ୍ଷ୍ୟପଥରେ ଆଗେଇ ଯିବା ଦରକାର। ତେଣୁ ଜୀବନରେ ଆଗକୁ ବଢ଼ିବା ଲାଗି କେତୋଟି ବିଷୟ ପ୍ରତି ବିଶେଷ ଦୃଷ୍ଟିଦେବା ନିହାତି ଆବଶ୍ୟକ...

**ପ୍ରଥମେ କରନ୍ତୁ ପ୍ଲାନିଂ:** ସଫଳତା ଏତେ ସହଜରେ ମିଳେନାହିଁ। ଏଥିପାଇଁ ଦରକାର ଯୋଜନା। ଅର୍ଥାତ୍ କୌଣସି ବି କାର୍ଯ୍ୟ କରିବାକୁ ହେଲେ ମନଇଚ୍ଛା ଆଗକୁ ବଢ଼ି ନ ଯାଇ ପ୍ରଥମେ ଆବଶ୍ୟକ ଜ୍ଞାନ, ଦକ୍ଷତା ହାସଲ କରିବା ଦରକାର। ଜବ୍, ବିଜ୍‌ନେସ୍ ହେଉ କିମ୍ବା ରୁଚିଥିବା ଯେକୌଣସି କ୍ଷେତ୍ରରେ ସଫଳ ହେବାକୁ ହେଲେ ଏକ ଯୋଜନା ମୁତାବକ କାର୍ଯ୍ୟ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଆଉ ପ୍ରଥମରୁ ହିଁ ଏକ ସକାରାତ୍ମକ ଚିନ୍ତା ରଖି ଏହାକୁ ଅନୁସରଣକରି ଆଗେଇଲେ ଲକ୍ଷ୍ୟ ହାସଲ କରିବା ଅପେକ୍ଷାକୃତ ସହଜ ହୋଇଥାଏ।

**ଭୟ ଦୂରାନ୍ତୁ :** ହାରିବା ବା ବିଫଳତାର ଡର ମନରୁ ସମ୍ପୂର୍ଣ୍ଣ ଦୂରେଇ ଉଦ୍ୟମ ଜାରି ରଖିବା ଦରକାର। କାରଣ ସବୁବେଳେ ଭୟ ରହିଲେ ଆଗକୁ ଆଗେଇବାରେ ବାଧକ ସାଜିଥାଏ। ତେଣୁ ଏପରି ଚିନ୍ତାଧାରାଠାରୁ ନିଜକୁ ଦୂରେଇ ରଖନ୍ତୁ। ଚେଷ୍ଟାକଲେ ଅନେକ କାର୍ଯ୍ୟରେ ସଫଳତା ମିଳିବା ଆଶା ଅଧିକ ଥାଏ। ତେଣୁ ଅସଫଳ ହେବା ଭୟରେ କାର୍ଯ୍ୟକୁ ଛାଡ଼ି ନ ଦେଇ ବାରମ୍ବାର ଚେଷ୍ଟା ଜାରି ରଖନ୍ତୁ ଏବଂ ନିଜ ମନକୁ ଦୃଢ଼କଲେ ସଫଳତାର ମାର୍ଗ ସହଜ ହୋଇପାରିବ।

**ଛାଡ଼ନ୍ତୁ ଜିଦ୍:** ନିଜ କଥା, ଚିନ୍ତାଧାରା ହିଁ ଠିକ୍ ବୋଲି ଅନେକଙ୍କ ମନରେ ଧାରଣ ଥାଏ। ତେଣୁ ବାସ୍ତବ କ'ଣ ଅବା ଭୁଲ୍ ଠିକ୍‌ର ବିଚାର ନ କରି ସେମାନେ ନିଜ ଜିଦ୍‌ରେ ଅଡ଼ି ବସନ୍ତି। ହେଲେ ଖରାପ ଜିଦ୍ ସବୁବେଳେ ଖରାପ ହିଁ କରିଥାଏ। ଏମିତିକି କେବେ କେବେ ଏହି ଜିଦ୍ ହିଁ ସଫଳତା ହାସଲ ପଥରେ ଜଟିଳ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ନିଜ ଜିଦ୍‌ରେ ଅଡି ନ ବସି ନିଜ ମାନସିକତାରେ ପରିବର୍ତ୍ତନ ଆଣନ୍ତୁ। ସବୁବେଳେ ସମସ୍ତଙ୍କଠୁ କିଛି ଶିଖିବା ଏବଂ ନୂଆ ନୂଆ କାର୍ଯ୍ୟ କରି ଲକ୍ଷ୍ୟ ହାସଲ କରିବାର ଇଚ୍ଛାଶକ୍ତି ରଖନ୍ତୁ।

**ହୁଅନ୍ତୁନି ଅଳସୁଆ :** ଆଳସ୍ୟ ହିଁ ମଣିଷର ସବୁଠୁ ବଡ଼ ଶତ୍ରୁ। ଅଳସୁଆ ହୋଇ ଯେକୌଣସି କାର୍ଯ୍ୟରେ ଆଗେଇଲେ ଅସଫଳ ହେବାର ଆଶଙ୍କା ଅଧିକ ରହିଛି। ତେଣୁ ସବୁବେଳେ ନିଜକୁ ଆକ୍ଟିଭ୍ ରଖିବା ସହ ଯେତେ ଅଧିକରୁ ଅଧିକ ଉଦ୍ୟମ କରିବେ ତାହା ଆପଣଙ୍କ ପାଇଁ ସଫଳତାର ମାର୍ଗକୁ ସେତେ ସୁଦୃଢ଼ କରିବ।

**ଜରୁରୀ ଆତ୍ମସମୀକ୍ଷା:** ନିଜକୁ ମାନସିକ ସ୍ତରରେ ଦୃଢ଼ ରଖିବା, ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ଆତ୍ମସମୀକ୍ଷା କରିବାକୁ ଭୁଲନ୍ତୁ ନାହିଁ। କାରଣ ଅନ୍ୟ କାହାକୁ କୌଣସି ଦିଗରେ ଆଗକୁ ବଢୁଥିବାର ଦେଖି ନିଜ ସାମର୍ଥ୍ୟକୁ ନ ଚିହ୍ନି ଭାବପ୍ରବଣ ହୋଇ ଏ ଦିଗରେ ଆଗେଇ ଆସିବା ଦ୍ୱାରା ସଫଳତା ପାଇବା ସହଜ ହୁଏନାହିଁ। ତେଣୁ ଆପଣ ବାସ୍ତବରେ କେଉଁ କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି




ଇଚ୍ଛୁକ ଏବଂ ଏଥିପାଇଁ କେତେ ସମର୍ଥ ସେ ନେଇ ଆତ୍ମସମୀକ୍ଷା କରିବା ପରେ ନିଷ୍ପତ୍ତି ନିଅନ୍ତୁ, ଦେଖିବେ ନିଶ୍ଚୟ ସଫଳ ହେବେ।



**ଓଭର କନ୍ଫିଡେନ୍ସ ରଖନ୍ତୁ ନାହିଁ:** ନିଜ ପ୍ରତି ଦୃଢ଼ବିଶ୍ୱାସ ରଖି ଆଗେଇ ଚାଲିବା ସଫଳତାର ଚାବିକାଠି। ହେଲେ ଅନେକ ସମୟରେ ଦେଖାଯାଏ କେହି କେହି ଏହାର ଅପବ୍ୟବହାରକରି ବସନ୍ତି, ଆଉ ଯାହାକି ସେମାନଙ୍କ ପାଇଁ ସବୁଠୁ ବଡ ଶତ୍ରୁ ପାଲଟିଯାଏ। ଉଦାହରଣ ସ୍ୱରୂପ ପାଠପଢ଼ା ହେଉ ଅବା ଯେକୌଣସି କାର୍ଯ୍ୟକୁ ଅନେକେ ଦୁଇଦିନର କାର୍ଯ୍ୟ ଏକା ସଙ୍ଗେ ସାରିଦେବା ଭାବି ଅବହେଳାକରି ବସନ୍ତି ଏବଂ ପରବର୍ତ୍ତୀ ସମୟରେ ତାହା ବଢ଼ି ବଢ଼ି ଚାଲେ ଏବଂ ଯଥା ସମୟରେ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଯାଏ। ମନେରଖନ୍ତୁ, ଓଭର କନ୍ଫିଡେନ୍ସ ଅନେକଙ୍କୁ ବିଫଳତା ଦିଗକୁ ଟାଣିନିଏ। ତେଣୁ ଲକ୍ଷ୍ୟ ହାସଲ କରିବାକୁ ହେଲେ ଓଭର କନ୍ଫିଡାଣ୍ଟ ହୋଇ ଆଳସ୍ୟକୁ ପ୍ରାଥମିକତା ଦେବା ପରିବର୍ତ୍ତେ ନିଜ କର୍ମ ପ୍ରତି ଯତ୍ନଶୀଳହେବା ଦରକାର।

**ସାହାଯ୍ୟ ନିଅନ୍ତୁ:** ସାହାଯ୍ୟ ଅର୍ଥ ନୁହେଁ କେବଳ କାହାଠାରୁ ଆର୍ଥିକ କିମ୍ବା ଶାରୀରିକ ସାହାଯ୍ୟ ନେବା। ଏଠାରେ ସାହାଯ୍ୟ ଅର୍ଥାତ୍ ବିଭିନ୍ନ ଦିଗରେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ବ୍ୟକ୍ତିଙ୍କ ଠାରୁ ଏ ସମ୍ପର୍କରେ ଅଧିକ ଜାଣିବାକୁ ଚେଷ୍ଟା କରନ୍ତୁ ଏବଂ କିପରି ନିଜ ସ୍କିଲ୍ ବଢ଼ାଇପାରିବେ ଏବଂ ସଫଳ ହୋଇପାରିବେ ସେ ସମ୍ପର୍କରେ ଜାଣିବାରେ ସାହାଯ୍ୟ ନିଅନ୍ତୁ।

## ହେଲ୍‌ଥ୍ ଆଲର୍ଟ

# ଟକ୍ସିକ୍ ଫୁଡ୍

ପାଟିକୁ ସ୍ୱାଦିଷ୍ଟ ଲାଗୁଥିବା ଖାଦ୍ୟ ଆମେ ବାରମ୍ବାର ଖାଇବାକୁ ଭଲ ପାଉ। ହେଲେ ଜାଣନ୍ତିକି, ଏଭଳି କେତୋଟି ଖାଦ୍ୟ ରହିଛି ଯାହାକି ସ୍ୱାଦିଷ୍ଟ ହୋଇଥିଲେ ହେଁ ଫ୍ୟାଟି ଲିଭର ଏବଂ ଅନ୍ୟାନ୍ୟ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିପାରେ। ଜାଣନ୍ତୁ ସୁସ୍ଥ ରହିବା ଲାଗି କେଉଁ ସବୁ ଟକ୍ସିକ୍ ଫୁଡ୍‌କୁ ଖାଦ୍ୟ ତାଲିକାରୁ ଦୂରକରିବା ଦରକାର...



**ମୃଦୁ ପାନୀୟ:** ସାଧାରଣତଃ ଅନେକେ ଭାବନ୍ତି କେବଳ ଆଲକହଲ୍ ସ୍ୱାସ୍ଥ୍ୟ ପାଇଁ ଖରାପ କିନ୍ତୁ ପ୍ୟାକେଜ୍‌ଡ୍ ଜୁସ୍, ଏନର୍ଜି ଡ୍ରିଙ୍କ୍ସ, ସଫ୍ଟ ଡ୍ରିଙ୍କ୍ସ ଆଦି ଭଲ। ହେଲେ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। କାରଣ ଯଦିଓ ଏଥିରେ ଆଲ୍‌କହଲ୍ ନାହିଁ କିନ୍ତୁ, ଥିବା ଅଧିକ ମାତ୍ରାରେ ସୁଗାର ଏବଂ ହାଇ ଫ୍ରୁକ୍ଟୋଜ୍ କର୍ନ ସିରପ ଲିଭରରେ ଫ୍ୟାଟ୍ ଜମାକରିଥାଏ, ଯାହାକି ଲିଭରରେ ଫ୍ୟାଟ୍ ଜମାକରିଥାଏ। କେବଳ ଏତିକି ନୁହେଁ, ନିୟମିତ ଏଭଳି ପାନୀୟ ପିଇବା ଦ୍ୱାରା ଡାଇବେଟିସ୍, ହାଇକୋଲେଷ୍ଟରଲ୍ ଏବଂ ଅନ୍ୟ ରୋଗ ସୃଷ୍ଟି କରିଥାଏ। ତେଣୁ ଆଲ୍‌କହଲ୍ ସହ ଏସବୁ ମୃଦୁପାନୀୟଠାରୁ ମଧ୍ୟ ଯଥା ସମ୍ଭବ ଦୂରେଇରହିବା ଭଲ।

**ପ୍ରୋସେସ୍‌ଡ୍ ମିଟ୍:** ବର୍ତ୍ତମାନ ବିଭିନ୍ନ ପ୍ରକାର ପ୍ରୋସେସ୍‌ଡ୍ ଫୁଡ୍‌କୁ ଅଧିକାଂଶ ଲୋକ ଏକ ଷ୍ଟାଟସ୍ ସିମ୍ବଲ୍ ଭାବେ ଗ୍ରହଣ କଲେଣି। ହେଲେ ଏଭଳି ଖାଦ୍ୟରେ ପ୍ରଚୁର ପରିମାଣରେ ସ୍ୟାଚୁରେଟେଡ୍ ଫ୍ୟାଟ୍, କ୍ୟାଲୋରି, ସୋଡିଅମ ଆଦି ରହିଛି ଯାହା ଲିଭର ଉପରେ ଅଧିକ ଚାପ ପକାଇଥାଏ। ଅଧିକ ଦିନ ଏଭଳି ଖାଦ୍ୟ ଖାଇଲେ ଲିଭରରେ ଫ୍ୟାଟ୍ ଟିସୁ ତିଆରି ହେବା ସହ ଫୁଲିବା ଆରମ୍ଭ କରିଥାଏ ଏବଂ ଧୀରେ ଧୀରେ ଲିଭରକୁ ନଷ୍ଟ କରିଦେଇଥାଏ। ତେଣୁ ଯଥା ସମ୍ଭବ ଏଭଳି ଖାଦ୍ୟ ନ ଖାଇବା ଭଲ।

**ଛଣା ଖାଦ୍ୟ:** ଛଣାଛଣି,ଚଟ୍‌ପଟି ଖାଦ୍ୟ କଥା କହିଲେ ଅନେକଙ୍କ ପାଟିରୁ ଲାଳ ବାହାରିଆସେ। କିନ୍ତୁ ପାଟିକୁ ସୁଆଦିଆ ଲାଗୁଥିବା ଏହି ଖାଦ୍ୟ ଲିଭରର ସବୁଠାରୁ ବଡ଼ ଶତ୍ରୁ। ଏଥିରେ ଟ୍ରାନ୍ସ ଫ୍ୟାଟ୍‌ର ମାତ୍ରା ବହୁ ଅଧିକ, ଯାହାକି ଶରୀରରେ କୋଲେଷ୍ଟରଲ୍ ବୃଦ୍ଧି କରିଥାଏ। ଏହା ଧୀରେ ଧୀରେ ଲିଭରରେ ଜମିବା ଫଳରେ ଏହାର କୋଷଗୁଡ଼ିକୁ ନଷ୍ଟ କରିଦେଇଥାଏ ଏବଂ ସଢ଼ାଇ ଦେଇଥାଏ।

**ବେକ୍‌ଡ୍ ଖାଦ୍ୟ:** ପେଷ୍ଟ୍ରି, କୁକିଜ୍, କେକ୍ ଭଳି ବେକରୀ ଖାଦ୍ୟରେ ଟ୍ରାନ୍ସ ଫ୍ୟାଟ୍, ରିଫାଇନ୍‌ଡ୍ ସୁଗାର ଅଧିକ ମାତ୍ରାରେ ଥିବା ବେଳେ ନ୍ୟୁଟ୍ରିଶନାଲ ଭାଲ୍ୟୁ ଖୁବ୍ କମ୍। ପ୍ରତିଦିନ ଏଭଳି ଖାଦ୍ୟ ଖାଇଲେ ଓଜନ ବଢ଼ିବା ସହ ଫ୍ୟାଟି ଲିଭର ମଧ୍ୟ ହୋଇଥାଏ। ହ୍ୱାଇଟ୍‌ବ୍ରେଡ୍‌କୁ ଅନେକେ ଖୁବ୍ ଭଲ ପାଆନ୍ତି। ହେଲେ ଏଥିରେ ମଇଦା ଏବଂ ରିଫାଇନ୍ଡ କାର୍ବସ୍, ସୁଗାର ଆଦି ଅଧିକ ରହିଛି ଯାହାକି ଖୁବ୍ କ୍ଷତିକାରକ।



## ଏ ସପ୍ତାହର ପ୍ରଶ୍ନ

୧– ଗ୍ରୀନ୍ କ୍ରେଡିଟ୍ ପ୍ରୋଗ୍ରାମ୍ .......... ମିନିଷ୍ଟ୍ରି ପକ୍ଷରୁ ଆରମ୍ଭ କରାଯାଇଛି ?
୨– ନିକଟରେ .......... ରାଜ୍ୟରେ ଏକ ଅଭୟାରଣ୍ୟକୁ ଡ. ଭୀମରାଓ ଆମ୍ବେଡକର ଅଭୟାରଣ୍ୟ ଭାବେ ନାମିତ କରାଯାଇଛି ?
୩– ୟିମ୍‌ଖିଅଙ୍ଗ୍ ଜନଜାତି ମୁଖ୍ୟତଃ .......... ରାଜ୍ୟରେ ଦେଖାଯାଆନ୍ତି ?
୪– ......... ରାଜ୍ୟ ସରକାରଙ୍କ ପକ୍ଷରୁ ଭୂ ଭାରତ ପୋର୍ଟାଲ ଆରମ୍ଭ କରାଯାଇଛି ?
୫– ଦୀନବନ୍ଧୁ ଛୋଟୁ ରାମ ଥର୍ମାଲ ପାୱାର ପ୍ଲାଣ୍ଟ .......... ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଆରାଭାଲି
୨ ଭାରତ ମହାସାଗର
୩ ବିହାର
୪ ବାଙ୍ଗାଲୋର
୫ ଏପ୍ରିଲ ୧୦

## ଉତ୍ତରଦାତା



ଶେଖ୍ ୟାକୁବ୍
ଗୋପ



ସୁଦୀପ୍ତା ପଟ୍ଟନାୟକ
ଭୁବନେଶ୍ୱର

## ଟପ୍ ୧୦

### ସବୁଠୁ ବଡ଼ ଡାଇନୋପାର୍କ




୧– ମ୍ୟୁଜିୟମ ଫର୍ ନେଚରକୁଣ୍ଡେ ......... ବର୍ଲିନ୍
୨– ଫିଲ୍ଡ ମ୍ୟୁଜିୟମ......... ଶିକାଗୋ
୩– ରୟାଲ ବେଲ୍‌ଜିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନାଚୁରାଲ୍ ସାଇନ୍ସ.......... ବ୍ରସେଲ୍ସ
୪– ନ୍ୟାଶନାଲ ଡାଇନୋସର ମ୍ୟୁଜିୟମ ......... କାନ୍‌ବେରା
୫– ରୟାଲ ଟାଇରେଲ୍ ମ୍ୟୁଜିୟମ୍ ଅଫ୍ ପାଲେଓଣ୍ଟୋଲୋଜି .......... ଆଲ୍‌ବେର୍ଟା
୬– ୟୋମିଙ୍ଗ୍ ଡାଇନୋସର ସେଣ୍ଟର......... ୟୋମିଙ୍ଗ, ଆମେରିକା
୭– ଜିଗଙ୍ଗ୍ ଡାଇନୋସର ମ୍ୟୁଜିୟମ୍ ......... ଜିଗଙ୍ଗ୍ , ଚାଇନା
୮– ଇଜିକୋ ମ୍ୟୁଜିୟମ ......... କେପ୍ ଟାଉନ୍
୯– ଜୁରାସିକ୍ ଲ୍ୟାଣ୍ଡ ......... ଇସ୍ତାନବୁଲ୍
୧୦– ଫର୍ନବ୍ୟାଙ୍କ୍ ମ୍ୟୁଜିୟମ ଅଫ୍ ନାଚୁରାଲ ହିଷ୍ଟ୍ରି ......... ଆଟ୍‌ଲାଣ୍ଟା

## ଜାଣନ୍ତୁ ଦୁନିଆ

# ଲ୍ୟାଣ୍ଡ ଅଫ୍ ଇଗଲ୍ସ

ୟୁରୋପୀୟ ଦେଶ ଆଲବାନିଆ ଲ୍ୟାଣ୍ଡ ଅଫ୍ ଇଗଲ୍ସ ନାମରେ ମଧ୍ୟ ପରିଚିତ। ଏଥିପାଇଁ ଏହି ଦେଶର ଜାତୀୟ ପତାକାରେ ଇଗଲ୍ ପକ୍ଷୀକୁ ସ୍ଥାନିତ କରାଯାଇଛି। ଜାଣନ୍ତୁ ଏହି ଦେଶ ସମ୍ପର୍କରେ କିଛି ତଥ୍ୟ...



- ଆଲବାନିଆର ରାଜଧାନୀ ତିରାନା ଏହି ଦେଶର ସବୁଠୁ ବଡ଼ ସହର ଭାବେ ପରିଚିତ। ଏଠାରେ ମାତ୍ର ୩ ମିଲିୟନ ଲୋକ ବସବାସ କରନ୍ତି ଏବଂ ଅଧିକାଂଶ ଅଧିବାସୀ ମୁସଲିମ୍ ସମ୍ପ୍ରଦାୟର।
- ପୂର୍ବରୁ ୟୁରୋପ ମହାଦେଶରେ ଏହା ଏକ ଗରିବ ରାଷ୍ଟ୍ର ଭାବେ ପରିଚିତ ଥିଲା। ଧୀରେ ଧୀରେ ଅର୍ଥନୈତିକ ଅଭିବୃଦ୍ଧି ହେବା ଫଳରେ ଏଠାରେ ଏବେ ଟୁରିଜିମ୍ ଇଣ୍ଡଷ୍ଟ୍ରି ସହ ଇନ୍‌ଫ୍ରାଷ୍ଟ୍ରକ୍‌ଚର କ୍ଷେତ୍ରରେ ମଧ୍ୟ ଉନ୍ନତି ଘଟିଲା।
- କ୍ରୋମିୟମ ଉତ୍ପାଦନ ଓ ରପ୍ତାନୀରେ ଏହା ଆଗରେ ରହିଛି। ଏଠାରେ କୋଇଲା, ନିକେଲ୍ ଓ କପର ମଧ୍ୟ ବହୁ ପରିମାଣରେ ଉତ୍ପାଦନ କରାଯାଏ।
- ଏଠାରେ ୧୩ଟି ଛୋଟ ଦ୍ୱୀପ ରହିଛି। ସେଥିମଧ୍ୟରୁ ୨ଟି ଦ୍ୱୀପ ଯଥା କୁନେ, ସାଜାନ ଯାହାର କ୍ଷେତ୍ରଫଳ ପ୍ରାୟ ୧ ସ୍କୋୟାର କି.ମି.।
- ଏଠାରେ ଗୋଟିଏ କେବଳ ଅନ୍ତର୍ଜାତୀୟ ବିମାନବନ୍ଦର ରହିଛି, ଯାହା ମଦର ଟେରେସାଙ୍କ ନାମରେ ନାମିତ। ମଦର ଟେରେସା ହେଉଛନ୍ତି ଏଠାକାର ଏକମାତ୍ର ନୋବେଲ ପୁରସ୍କାର ବିଜେତା ମହିଳା।
- ଏଠାର ଲୋକମାନେ ଏହି ଦେଶକୁ 'ଆଲବାନିଆ' ବଦଳରେ 'ସିପେରି' ଭାବେ ସମ୍ବୋଧିତ କରିଥାନ୍ତି। ଏହାର ଅର୍ଥ ହେଉଛି 'ଲ୍ୟାଣ୍ଡ ଅଫ୍ ଇଗଲ୍ସ'। ସେଥିପାଇଁ ଇଗଲ୍ ପକ୍ଷୀକୁ ଏହାର ଜାତୀୟ ପତାକାରେ ସ୍ଥାନିତ କରାଯାଇଛି।
- ଏଠାର ପ୍ରିୟ ଖାଦ୍ୟ ହେଉଛି 'ଫ୍ରଗ୍ ଲେଗ୍'। ପ୍ରାୟ ଅଧିକାଂଶ ହୋଟେଲର ମେନୁରେ ଏହା ଥାଏ।
- ୱେଟ୍‌ଲିଫ୍ଟିଂ, ଶୁଟିଂ ଏବଂ ରେସ୍‌ଲିଂ ଏଠାର ଲୋକପ୍ରିୟ ଖେଳ। ହେଲେ ଆଜି ପର୍ଯ୍ୟନ୍ତ ଏଠାର ଜଣେ ହେଲେ ମଧ୍ୟ ଅଲିମ୍ପିକ୍‌ରେ ମେଡାଲ ଜିତିନାହାନ୍ତି।
- ଛୋଟ ଦେଶ ହେଲେ ମଧ୍ୟ ଏଠାରେ ୩,୨୫୦ ପ୍ରଜାତିର ଉଦ୍ଭିଦ ଦେଖାଯାଏ।

# କୋଟିଏ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ମୋହନା,୧୯।୪(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ପୋଲିସ ଚାଲାଣ ପୂର୍ବରୁ ଚଢାଉ କରି ପ୍ରାୟ କୋଟିଏ ଟଙ୍କା (୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ)ର ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାମସିଂ ଗାଁର ଅସିମ ମାଝୀ ଓ ଅନନ୍ତ ମାଝୀ। ଅଡବା ଥାନା ଅନ୍ତର୍ଗତ ଗରଡମା ପଞ୍ଚାୟତ ରାମସିଂ ଗାଁ ନିକଟରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ଖବର ପାଇ ଅଡବା ଓ ମୋହନା ପୋଲିସ ଟିମ ମିଳିତ ଚଢାଉ କରିଥିଲେ। ଚଢ଼ାଉ ବେଳେ ୪୦ ବସ୍ତା ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ପରିମାଣ ୧୦ କୁଇଣ୍ଟାଲ ୫୦ କିଲୋ। ଏହାର ବଜାର ମୂଲ୍ୟ ଏକ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଗଜପତି ଏସ୍‌ପି କହିଛନ୍ତି। ଏନେଇ ଅଡବା ଥାନାରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଗର୍ଭବତୀ ନାବାଳିକା ଝିଅ ହତ୍ୟା ମାମଲା

# ମା'ବାପାଙ୍କୁ ଆଜୀବନ କାରାଦଣ୍ଡ

### ବିଞ୍ଝାରପୁରର ବହୁଚର୍ଚ୍ଚିତ ଅନରକିଲିଂ ଘଟଣା

ଯାଜପୁର ଟାଉନ,୧୯।୪ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)



ଦୋଷୀ ସାବ୍ୟସ୍ତ ହେବା ପରେ ଅଭିଯୁକ୍ତ ଦମ୍ପତିଙ୍କୁ ପୋଲିସ ଜେଲ୍‌କୁ ନେଉଛି।

୨୦୧୬ରେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ଅନରକିଲିଂ ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଜଣେ ୧୫ ବର୍ଷୀୟା ଗର୍ଭବତୀ ନାବାଳିକାଙ୍କୁ ପିଟି ପିଟି ହତ୍ୟା କରିବା ପରେ ପୋଡ଼ି ଦେବା ଏବଂ ପ୍ରମାଣ ନଷ୍ଟ ପାଇଁ ଖରସ୍ରୋତା ନଦୀରେ ପୋଡ଼ା ହାଡ଼ ପକାଇ ଦେବା ମାମଲାର ବିଚାର କରି ଯାଜପୁର ଆଡ୍‌ହକ ଫାଷ୍ଟଟ୍ରାକ୍ ବିଚାରପତି ବିଜୟ କୁମାର ଜେନା ଅଭିଯୁକ୍ତ ତଥା ନାବାଳିକାଙ୍କ ବାପା ନକୁଳ ଜେନା ଓ ମା' ସଞ୍ଜୁ ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଉଭୟଙ୍କୁ ୧୦ହଜାର ଟଙ୍କା ଲେଖାଏ ଜରିମାନା ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ୩୦ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ତଥା ପ୍ରମାଣ ଅଭାବରୁ ୨୦ଜଣ ଗ୍ରାମବାସୀଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ବିଞ୍ଝାରପୁର ଥାନା ଲକ୍ଷ୍ମୀନାରାୟଣ ସାହିରେ ୨୦୧୬ ଫେବୃଆରୀ ୧୪ରେ ଜଣେ ୧୫ ବର୍ଷୀୟା ନାବାଳିକା ଝିଅକୁ ବାପା ନକୁଳ ଜେନା(୫୦) ଓ ମା' ସଞ୍ଜୁ ଜେନା(୪୮) ନିଘୁଞ୍ଚ ପିଟିଥିଲେ। କାରଣ ଥିଲା ସେହି ନାବାଳିକା ୩ ମାସର ଗର୍ଭବତୀ ଥିଲେ, ଯାହା ସେହି ଦମ୍ପତିଙ୍କ ସମ୍ମାନହାନି କରିଥିଲା। ଏହି ସମୟରେ ସେହି ଗ୍ରାମର ମାତାଜୀ ଜେନା ନକୁଳଙ୍କ ଘର ବାଟେ ଯାଉଥିଲେ । ଝିଅଟି 'ମୋତେ ମାରନା ମୁଁ ମରିଯିବି' ବୋଲି ଚିତ୍କାର କରିବାର ଶୁଣିବାକୁ ପାଇଥିଲେ। ଏହାର ଘଣ୍ଟାଏ ପରେ ସେହି ରାସ୍ତା ଦେଇ ମାତାଜୀ ଫେରୁଥିବା ସମୟରେ ଆଉ କୌଣସି ଶବ୍ଦ ଶୁଣିପାରି ନ ଥିଲେ। ଏହାପରେ ନକୁଳ ଓ ସଞ୍ଜୁ ଗ୍ରାମର କେତେଜଣ ଲୋକଙ୍କ ସହାୟତାରେ ନିଜ ବାଡ଼ି ପଛପଟେ ଝିଅର ମୃତଦେହ ପୋଡ଼ି ଦେଇଥିଲେ। ପୋଡ଼ିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ପୋଡ଼ା ହାଡ଼ ଓ ପାଉଁଶ ଗୋଟିଏ ପ୍ଲାଷ୍ଟିକ ଅଖାରେ ପୂରକରାଇ ଖରସ୍ରୋତା ନଦୀରେ ଫୋପାଡ଼ି ଦେଇଥିଲେ। ତା'ପରଦିନ ଅର୍ଥାତ୍ ଫେବୃଆରୀ ୧୫ ତାରିଖରେ ଗ୍ରାମର କେତେଜଣ ଲୋକ ଝିଅକୁ ପୋଡ଼ି ଦେଇଥିବା କୁହାକୁହି ହୋଇଥିଲେ । ଏକଥା ଶୁଣି ମାତାଜୀ ୧୬ ତାରିଖରେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ବିଞ୍ଝାରପୁର ଥାନାରେ ଏକ ମାମଲା(ନଂ.୪୫/୨୦୧୬) ରୁଜୁ ହୋଇ ପୋଲିସ ତଦନ୍ତ ଜାରି ରଖିଥିଲା। ପରେ ଖରସ୍ରୋତା ନଦୀବନ୍ଧ ପାର୍ଶ୍ୱରୁ ଗୋଟିଏ ପ୍ଲାଷ୍ଟିକ ଅଖାରୁ ପୋଡ଼ା ହାଡ଼ ପାଉଁଶ ଜବତ କରି ବିଜ୍ଞାନଗାରାକୁ ପରୀକ୍ଷା ପାଇଁ ପଠାଇଥିଲା। ତାହା ମୃତ ନାବାଳିକାଙ୍କ ବୋଲି ଜଣାପଡ଼ିଥିଲା। ଏହି ଘଟଣାକୁ ନେଇ ଏସ୍‌ଡିପିଓ ତଦନ୍ତ କରିଥିଲେ। ପରେ ବିଞ୍ଝାରପୁର ପୋଲିସ ନାବାଳିକାଙ୍କ ମା'ବାପାଙ୍କ ସହ ୨୦ଜଣ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶନିବାର ଆଡ୍‌ହକ ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ଜେନା ଉକ୍ତ ମାମଲାର ଚୂଡ଼ାନ୍ତ ଶୁଣାଣି କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରୁଥିଲେ।

# ୮ବର୍ଷୀୟାଙ୍କୁ ବଳାତ୍କାର କଲେ ୧୦ମ ଶ୍ରେଣୀ ଛାତ୍ର

**କିଶୋର ବୟସରେ ଅପରାଧ ମନୋବୃତ୍ତି ସମ୍ପ୍ରତି ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସମୟରେ ନାବାଳକମାନେ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୋଗ ଆସୁଛି। ନିକଟରେ ମଧ୍ୟପ୍ରଦେଶ ଭିଣ୍ଡରେ ୮ବର୍ଷୀୟା ପଡ଼ୋଶୀଙ୍କୁ ୧୦ମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଛାତ୍ରଙ୍କୁ ବାଳ ଅପରାଧ କୋର୍ଟରେ ହାଜର କରାଇବା ପରେ ତାଙ୍କୁ ସ୍ୱଧାରଗୃହକୁ ପଠାଇ ଦିଆଯାଇଛି।**




ଭିଣ୍ଡ(ମଧ୍ୟପ୍ରଦେଶ),୧୯।୪

ମହାରାଷ୍ଟ୍ର ଭିଣ୍ଡ ଅଞ୍ଚଳରେ ପୀଡ଼ିତା ନାବାଳିକାଙ୍କ ପରିବାର ରୁହନ୍ତି। ତାଙ୍କ ଘର ନିକଟରେ ଅଭିଯୁକ୍ତ ନାବାଳକ ରହୁଛନ୍ତି। ଅଭିଯୁକ୍ତ ଜଣକ ୧୦ମ ଶ୍ରେଣୀରେ ପଢ଼ନ୍ତି। ସେ ପୀଡ଼ିତାଙ୍କ ପରିବାର ସହିତ ପୂର୍ବରୁ ମିଳାମିଶା କରନ୍ତି। ଗୁରୁବାର ସନ୍ଧ୍ୟା ସମୟରେ ପୀଡ଼ିତା ତାଙ୍କ ଘରେ ଏକାକୀ ଥିବାବେଳେ ନାବାଳକ ଜଣକ ସେଠାକୁ ଯାଇଥିଲେ। ପରେ ଘର ଭିତରେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଅନ୍ୟ ପଡ଼ୋଶୀ ମାନେ ଆସି ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ନାବାଳକଙ୍କୁ ଜିମାରେ ନେବା ସହ ପୀଡ଼ିତାଙ୍କୁ ହସ୍ପିଟାଲ ପଠାଇଥିଲା। ପରେ ପୋଲିସ ପୋକ୍‌ସୋ ଆକ୍ଟର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିବା ସହ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଇଥିଲା। ସେଠାରୁ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁସ୍ଥ ରହିଛି ଏବଂ ସେ ଏବେ ପରିବାର ସହ ରହୁଛନ୍ତି ବୋଲି ପୋଲିସ ଅଧିକାରୀ ମୁକେଶ କୁମାର ଶାକ୍ୟ ସୂଚନା ଦେଇଛନ୍ତି।

# ୨୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୯।୪ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ୨୨ ମାଓବାଦୀ ଶନିବାର ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୪୦ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ସାମିଲ ଅଛନ୍ତି। ଜିଲା ପୋଲିସ ମହା ନିରୀକ୍ଷକ, କମାଣ୍ଡାଣ୍ଟ ୨୨୬ ବାଟାଲିୟନ ସିଆର୍‌ପିଏଫ୍‌ଙ୍କ ନିକଟରେ ଏମାନେ ଆତ୍ମସମର୍ପଣ କରିଥିଲେ। ମାଓବାଦୀଙ୍କ ମଧ୍ୟରେ ୮ ଲକ୍ଷ ପୁରସ୍କାର ଘୋଷିତ ମୁଚାକୀ ଜଗା, ମୁଚାକୀ ଯୋଗୀ, ୫ ଲକ୍ଷ ପୁରସ୍କାର ଘୋଷିତ କିକିଡ ଦେବେ, ମନୋଜ ଓରଫ ଦୁଧୀ ବୁଦରା, ୨ ଲକ୍ଷ ପୁରସ୍କାର ଘୋଷିତ ମାଡବୀ ଭିମା, ମାଡବୀ ସୋମଡି, ସଙ୍ଗୀତା ଓରଫ ହଡମେ, ମାଡବି କୋସୀ, ବଂଜାମ ସନି, ମାଡବି ମଙ୍ଗଲି ଓ ତାତା ବଣ୍ଡି ରହିଛନ୍ତି। ସେହିପରି ଅନ୍ୟ ୧୧ ଜଣ ବିଭିନ୍ନ ସଂଗଠନର ସକ୍ରୀୟ ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ଛତିଶଗଡ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ, ଦିନକୁ ଦିନ ଗଡ ଧ୍ୱଂସ, ସଂଗଠନରେ ପୂର୍ବ ଆଦର୍ଶ ନ ଥିବା ଏବଂ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବାରୁ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

# ଲାଞ୍ଚନେଇ ଅତିରିକ୍ତ ତହସିଲଦାର ଗିରଫ

## ଚାଷଜମିର କିସମ ପରିବର୍ତ୍ତନ ପାଇଁ ନେଉଥିଲେ ଲାଞ୍ଚ

ସମ୍ବଲପୁର,୧୯।୪ (ପ୍ରମୋଦ ବହିଦାର)


ଗିରଫ ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ।

ଚାଷଜମିର କିସମ ପରିବର୍ତ୍ତନ ପାଇଁ ଲାଞ୍ଚନେଇ ସମ୍ବଲପୁର ଜିଲା ମାନେଶ୍ୱର ତହସିଲ ଅଫିସର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଶନିବାର ଚାଷଜମିକୁ ଘରବାରି କିସମରେ ପରିବର୍ତ୍ତନ ପାଇଁ ସେ ୬ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ମାନେଶ୍ୱର ତହସିଲ ଅଧୀନ ଡକରା ବଡ଼ମାଲ ଗ୍ରାମରେ ଥିବା ୫୦ ଡିସିମିଲ ପରିମିତ ଏକ ଚାଷଜମିକୁ ଘରବାରି କିସମରେ ପରିବର୍ତ୍ତନ ପାଇଁ ମାନେଶ୍ୱର ତହସିଲ କାର୍ଯ୍ୟାଳୟରେ ଜମି ମାଲିକଙ୍କ ପକ୍ଷରୁ ଦୀର୍ଘଦିନରୁ ଆବେଦନ କରାଯାଇଥିଲା। ମାତ୍ର ପରିବର୍ତ୍ତନ ପ୍ରକ୍ରିୟାକୁ ବିଳମ୍ବ କରିବା ସହ ଅତିରିକ୍ତ ତହସିଲଦାର ସାହୁ ଏଥିପାଇଁ ଜମି ମାଲିକଙ୍କ ଠାରୁ ୧୦ହଜାର ଟଙ୍କା ଦାବି କରିଥିଲେ। ପରବର୍ତ୍ତୀ ସମୟରେ କଥାବାର୍ତ୍ତା ୬ ହଜାର ଟଙ୍କାରେ ଛିଣ୍ଡିଥିଲା। ଅପରପକ୍ଷରେ ଦୀର୍ଘଦିନ ଧରି ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା ହଇରାଣ ହୋଇଥିବା ସମ୍ପୃକ୍ତ ଜମି ମାଲିକ ସମ୍ବଲପୁର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ଭିଜିଲାନ୍ସ ପକ୍ଷରୁ ଏକ ଯୋଜନା କରାଯାଇଥିଲା। ସେହି ଯୋଜନା ଅନୁସାରେ ଶନିବାର ଅଭିଯୋଗକାରୀ ଅତିରିକ୍ତ ତହସିଲଦାର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ୍ କରି ୬ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁକରିନେଇଥିଲେ। ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୯/୨୫)ରୁଜୁ ହୋଇଛି। ଏଥିସହ ତାଙ୍କ ମାନେଶ୍ୱର କାର୍ଯ୍ୟାଳୟ, ବରଗଡ଼ସ୍ଥିତ ନିଜ ଘର ଓ ଭୁବନେଶ୍ୱରରେ ଥିବା ଗୃହରେ ଏକସଙ୍ଗେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି।

# ମେଳାରୁ ୪ବର୍ଷର ଶିଶୁକନ୍ୟାକୁ ନେଇଗଲେ କିନ୍ନର

ଠାକୁରମୁଣ୍ଡା,୧୯।୪ (ତାରାକାନ୍ତ ପଟ୍ଟନାୟକ)


କିନ୍ନର ଜଣକ ଶିଶୁଟିକୁ ନେଇ ଯାଉଥିବାର ସିସିଟିଭି ଫୁଟେଜ୍।

ଭୁବନେଶ୍ୱର ରାମ ମନ୍ଦିର ସମ୍ମୁଖରୁ ଜଣେ ଦୃଷ୍ଟିବାଧିତ ମା'ଙ୍କ ନିକଟରୁ ଦେଢ଼ବର୍ଷର ଶିଶୁପୁତ୍ର ଅପହରଣ ହେବା ଘଟଣାକୁ ୧୦ଦିନ ପୁରି ନ ଥିବାବେଳେ ଏବେ ମୟୂରଭଞ୍ଜ ଜିଲାରେ ଏକ ଶିଶୁ କନ୍ୟା ଚୋରି ଅଭିଯୋଗ ହୋଇଛି। ଠାକୁରମୁଣ୍ଡାରେ ଉଡ଼ା ପର୍ବ ଅବସରରେ ଚାଲିଥିବା ମେଳାରୁ ଗତ ୧୭ ତାରିଖ ରାତିରେ ୪ ବର୍ଷ ବୟସର ଶିଶୁକନ୍ୟାକୁ ଜଣେ କିନ୍ନର ଅପହରଣ କରି ନେଇଥିବା ଝିଅଙ୍କ ମା' ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, କରଞ୍ଜିଆ ଥାନା ଅନ୍ତର୍ଗତ ମଲ୍ଲାରପଦା ଗ୍ରାମର ସିପି ପାତ୍ର ଓ ତାଙ୍କ ଝିଅ ଆଦ୍ୟଶା କରଞ୍ଜିଆରୁ ବସ୍ ଯୋଗେ ଆସି ଗୁରୁବାର ସନ୍ଧ୍ୟା ୬ଟା ସମୟରେ ଠାକୁରମୁଣ୍ଡାରେ ଓହ୍ଲାଇଥିଲେ। ସେମାନେ ଆସିଥିବା ବସ୍‌ରେ ତାଙ୍କ ସହିତ ବସି ଜଣେ କିନ୍ନର ଆସିଥିଲେ। ଠାକୁରମୁଣ୍ଡାରେ ପହଞ୍ଚିବା ପରେ ପାଖ ସିଟ୍‌ରେ ବସି ଆସିଥିବା କିନ୍ନରଙ୍କ ସହିତ ମିଶି ମା' ଓ ଝିଅ ମେଳା ବୁଲିବାକୁ ଯାଇଥିଲେ। ମେଳା ବୁଲି ସାରି ସେମାନେ ରାତି ପ୍ରାୟ ୧୦ଟାବେଳେ ଠାକୁରମୁଣ୍ଡା ବଜାରର ମସ୍‌ଜିଦ ନିକଟରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସିପି ତାଙ୍କ ବ୍ୟାଗ ଓ ଝିଅଙ୍କୁ କିନ୍ନରଙ୍କ ପାଖରେ ଛାଡ଼ି ଶୌଚ ହେବାକୁ ଯାଇଥିଲେ। ଶୌଚ ହୋଇ ଫେରିବାପରେ ଝିଅକୁ ପାଇ ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଶୁକ୍ରବାର ଠାକୁରମୁଣ୍ଡା ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଠାକୁରମୁଣ୍ଡା ପୋଲିସ ବଜାରରେ ଲାଗିଥିବା ସିସି ଟିଭିକୁ ଯାଞ୍ଚ କରିଥିଲା। କିନ୍ନର ଜଣକ ଭୁବନେଶ୍ୱର ଯାଉଥିବା ବସ୍‌ରେ ଯିବା ପାଇଁ ବ୍ୟାଗ୍ ଓ ଝିଅକୁ ଧରି ଯାଉଥିବାର ସିସି ଟିଭି ଫୁଟେଜରେ ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ଏକ ମାମଲା (ନଂ. ୩୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

## ଗଞ୍ଜେଇ ଚୋରାଚାଲାଣ ଘଟଣା

ଦେବଗଡ଼,୧୯।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସ୍ୱତନ୍ତ୍ର ଅଦାଲତ ୨୦୨୪ ମାର୍ଚ୍ଚ ୩୦ରେ ବେଆଇନ ଗଞ୍ଜେଇ ଚୋରାଚାଲାଣ ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଆବଶ୍ୟକ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ ୨୦୨୪ ମାର୍ଚ୍ଚ ୩୦ ପୂର୍ବାହ୍ନରେ ଜଣେ ଅଜଣା ବ୍ୟକ୍ତି ଏକ ପ୍ଲାଷ୍ଟିକ ବ୍ୟାଗରେ ବେଆଇନ ଗଞ୍ଜେଇ ଚୋରାଚାଲାଣ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଦେବଗଡ଼ ଅବକାରୀ ଥାନା କର୍ତ୍ତୃପକ୍ଷଙ୍କୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଦେବଗଡ଼ ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରୀ ଦେବଗଡ ପୌରାଞ୍ଚଳ ରାଧାକୃଷ୍ଣ ମନ୍ଦିର ନିକଟରେ ଚାଲିଚାଲି ଯାଉଥିବା ସନ୍ଦିଗ୍ଧ ଅଚିହ୍ନା ବ୍ୟକ୍ତିଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ପ୍ଲାଷ୍ଟିକ ବ୍ୟାଗରୁ ୬ କିଲୋ ୬୪୦ ଗ୍ରାମ ଗଞ୍ଜେଇ ମିଳିଥିଲା। ସେହିପରି ସମ୍ପୃକ୍ତ ବ୍ୟକ୍ତି ସମ୍ବଲପୁର ଜିଲା ଅନ୍ତର୍ଗତ କିଶିଣ୍ଡା ଗ୍ରାମର ଦିବାକର ନାୟକ ବୋଲି ଜଣାପଡ଼ିଥିଲା। ମାତ୍ର ସେ ଉକ୍ତ ଗଞ୍ଜେଇ ସମ୍ପର୍କୀତ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ଅବକାରୀ ବିଭାଗ ଗଞ୍ଜେଇ ଜବତ କରିବା ବିଭିନ୍ନ ଦଫାରେ ଦିବାକରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା ଦେବଗଡ଼ ସ୍ୱତନ୍ତ୍ର ଅଦାଲତରେ ବିଚାରାଧୀନ ରହିଥିଲା। ଅଦାଲତ ସାକ୍ଷ୍ୟ ଏବଂ ଅବକାରୀ ବିଭାଗ ଦ୍ୱାରା ପ୍ରସ୍ତୁତ ପ୍ରମାଣ ସହିତ ଉଭୟ ପକ୍ଷର ଜବାବ ସୁଆଲକୁ ଭିତ୍ତିକରି ଆବଶ୍ୟକ ପ୍ରମାଣ ଅଭାବରୁ ଦିବାକରଙ୍କୁ ନିର୍ଦ୍ଦୋଷରେ ଖଲସ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ମାମଲା ଆଇନଜୀବୀ ଆଲୋକ ସୌରଭ ବେହେରା ପରିଚାଳନା କରୁଥିଲେ।

## ଅନ୍‌ଲାଇନ୍ ଗେମ୍ ହେଲା କାଳ

# ୫ ଲକ୍ଷ ହାରି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ବାଲେଶ୍ୱର(ବାଞ୍ଛାନିଧି ଦେ)/ ଜଳେଶ୍ୱର(ନବୀନ ସାହୁ),୧୯।୪


ଚିକିତ୍ସାଧୀନ ସୌରଜିତ୍

ଯୁବପିଢ଼ିଙ୍କୁ ଘାରିଛି ରାତାରାତି କୋଟିପତି ହେବାର ନିଶା। କମ୍ ସମୟରେ ଏବଂ ସହଜ ଉପାୟରେ ଟଙ୍କା ରୋଜଗାର କରିବା ପାଇଁ ବେଟିଂ ଓ ଅନ୍‌ଲାଇନ ଗେମିଂ ଚକ୍କରରେ ପଡୁଛନ୍ତି। ଗାଁ ହେଉ କି ସହର, ସବୁଠି ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଗୋଟିଏ ପଟେ କିଏ ଅନଲାଇନ୍ ଗେମ୍ ଖେଳି କୋଟିପତି ହେଉଛନ୍ତି ତ କିଏ ଚଳିତକାନ୍ତ। କୋଟିପତି ହେବା ନିଶାରେ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ବାରମ୍ବାର ଟଙ୍କା ହାରିବା ପରେ ସର୍ବସ୍ୱାନ୍ତ ହୋଇ ମାନସିକ ଅବସାଦରେ ରହୁଛନ୍ତି। ଶେଷରେ ସେମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଛନ୍ତି। ଏହିଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ।

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଚମାରଗାଁ ପଞ୍ଚାୟତ ଅନ୍ତର୍ଗତ ତେଘରୀ ଗ୍ରାମର ଯୁବକ ସୌରଜିତ୍ ରାୟ(୪୪)। ଅନ୍‌ଲାଇନ୍‌ରେ ଗେମ୍ ଖେଳି ପ୍ରାୟ ୫ ଲକ୍ଷ ଟଙ୍କା ହାରିବା ପରେ ଶନିବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସୌରଜିତ୍ ଜଣେ ସଫ୍ଟୱେୟାର ଇଞ୍ଜିନିୟର ଭାବେ ଚେନ୍ନାଇରେ ଚାକିରି କରୁଥିଲେ। କିଛିଦିନ ପୂର୍ବରୁ ଚାକିରି ଛାଡ଼ି ଗାଁକୁ ପଳାଇ ଆସି ଟ୍ୟୁଶନ୍ କରି ପରିବାର ପ୍ରତିପୋଷଣ କରୁଥିଲେ। ଏହାରି ମଧ୍ୟରେ ସେ ଲୁପି ଅନ୍‌ଲାଇନ୍ ଲୁଡୋ ଗେମ୍ ନିଶାରେ ପଡ଼ିଥିଲେ। ନିୟମିତ କିଛି କିଛି ଟଙ୍କା ହାରିବା ପରେ ସେ ଜିତିବା ନିଶାରେ ଏହି ଗେମ୍‌କୁ ବାରମ୍ବାର ଖେଳୁଥିଲେ। ଏପରିକି ମା'ଙ୍କ ଭତ୍ତା ଟଙ୍କା, ଘରୁ ଧାନ ଓ ଚାଉଳ ବିକ୍ରି କରି ଓ ସାଙ୍ଗ ସାଥୀଙ୍କଠାରୁ ଟଙ୍କା ହାତ ଉଧାରି କରି ଏହି ଗେମ୍‌ରେ ବାଜି ଲଗାଉଥିଲେ। ଏହାପରେ ମଧ୍ୟ ତାଙ୍କ ଭାଗ୍ୟ ସାଥ୍ ଦେଇ ନ ଥିଲା। ବିଭିନ୍ନ ସମୟରେ ସେ ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ଇତି ମଧ୍ୟରେ ପ୍ରାୟ ୫ ଲକ୍ଷ ଟଙ୍କା ହାରିବା ପରେ ସେ ଚିନ୍ତାଗ୍ରସ୍ତ ହୋଇ ପଡ଼ିଥିଲେ। ଶନିବାର ସକାଳେ ସେ ଏକ ଛୁରିରେ ନିଜ ହାତ ଓ ବେକକୁ କାଟି ଦେଇଥିଲେ। ପରିବାର ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପଖାଳ ଭାତକୁ ନ ଥାଏ ଲୁଣ,**
**ନିତି ଖୋଜୁଥାଏ ତିନି ତିଅଣ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ ଲାଳସା ଭାବନା ଶୋଭା ପାଇ ନ ଥାଏ। ଦିନକୁ ଦି'ଓଳି ଦି'ମୁଠେ ଖାଇବାକୁ ପାଉ ନ ଥିବା ଦରିଦ୍ର ବ୍ୟକ୍ତିଟିର ରୁଚିକର ତଥା ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନାକୁ ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ପାନ ବିଡ଼ି ନୁହେଁ ଛୋଟିଆ ନିଶା**
**ଜଣା ନ ପଡ଼ଇ ଟାଣେ ପଇସା।**

ପାନ, ବିଡ଼ି ପରି ମାଦକ ଦ୍ରବ୍ୟ ସ୍ୱାସ୍ଥ୍ୟପ୍ରତି କ୍ଷତିକାରକ ହୋଇଥାଏ। ଉପରୋକ୍ତ ଦ୍ରବ୍ୟଗୁଡ଼ିକର ମୂଲ୍ୟ ଆଖିକୁ ସାମାନ୍ୟ ଲାଗୁଥିବାବେଳେ ଏହା ଅଭ୍ୟାସକାରୀର ଅବସ୍ଥାକୁ ବାରଣ୍ଡା ଦି'କଡ଼ା କରିବା ସହ ତାହାର ସ୍ୱଭାବ ମଧ୍ୟ ନଷ୍ଟ କରିଦେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଶ୍ରା
PANCHAYAT SAMITI OFFICE, BISRA
At/Po : Bisra, Dist. : Sundargarh (Odisha), PIN : 770036
e-Mail Id : ori-bisra@nic.in, GSTN : 21BBNB02952F1DG
Letter No. 1095 Date : 15.04.2025
TENDER CALL NOTICE No.01/2025-26
No.i-27 : Sealed Tenders are invited from the interested bidder for the 4 nos. of civil work under BDO, Bisra of Sundargarh district. The detail of works, eligibility, estimated cost, EMD, cost of tender paper has been uploaded in the district website www.sundergarh.odisha.gov.in. The bidder should be 'D' & 'C' / 'C' & 'B' Class Contractor as per work. They have to submit the bid document to the undersign in the address of office of the BDO, Bisra, At/PO - Bisra, Dist - Sundargarh, Odisha, PIN-770036 through Registered Post / Speed Post only so as to receive before 01.00 P.M. on 01.05.2025. The Tender Paper will be available for download in the district website from 17.04.2025 to 01.05.2025. The authority reserves the right to cancel or reject the entire process without assigning any reason thereof. The tender will be opened at 10.00 A.M. on 30.09.2024 in the office of the undersigned in presence of the bidders or his/her representatives.
Sd./- Block Development Officer, Bisra
OIPR-19343/11/0004/2526

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR
Mail Id:sepwdbalangir@gmail.com
e-Procurement Notice
BID IDENTIFICATION No: CCE(R&B)BGR/01/2025-26
Letter No.775 Dtd.17.04.2025
No.B-34:The Chief Engineer, Balangir (R&B) Circle, Balangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from "B" & "A" Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil Works. The proof of registration from the appropriate authority shall be enclosed alongwith the bid.
1. Nature of Work : Building Work & Road Work
2. No. of Tender : Building Work-2 Nos. & Road Work-1 Nos.
3. Tender Cost : Rs.10,000/-
4. Class of Contractor : "B" & "A" Class
5. Date & Time of Sale & Receipt of Bids : From Dt.24.04.2025, 10.00 A.M. to Dt.08.05.2025 upto 05.00 P.M.
6. Date of Opening Bid : Dt.09.05.2025 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.
Sd./- Chief Construction Engineer Balangir (R&B) Circle, Balangir
OIPR-34131/11/0008/2526

ZILLA SWASTHYA SAMITI, MAYURBHANJ
Office of the CDM&PHO-cum- District Mission Director, NHM, Mayurbhanj, Odisha, 757001
Advt. No. 1343 /NHM/2025-26 Dt: 17.04.2025
REQUEST FOR PROPOSAL FOR OUTSOURCING OF SECURITY SERVICES AT GOVT. HEALTH INSTITUTIONS OF MAYURBHANJ DISTRICT UNDER NIRMAL SCHEME
No.E-31 : Sealed proposals as per prescribed RFP document are invited from interested eligible bidders for the Outsourcing of Security Services at Government Health Institutions of Mayurbhanj District. The eligible criteria, the details requirement of the said services and the formats for submission of proposals are set forth in the RFP documents which can be downloaded from the website https://mayurbhanj.odisha.gov.in/. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o: CDM & PHO, Mayurbhanj. Proposal(s) complete in all respect should reach the undersigned on or before 01.00 P.M. of 07.05.2025 through Regd/Speed Post & Courier and the same will be opened on 08.05.2025 at 11.30 A.M. in the NHM Conference Hall, O/o the CDM & PHO, Mayurbhanj. The undersigned reserves the right to reject any or all the tender(s) without assigning any reason thereof.
Sd./- Chief District Medical & Public Health Officer, Mayurbhanj
OIPR-10020/11/0031/2526

OFFICE OF THE EXECUTIVE ENGINEER (AGRIL.), AGRICULTURE ENGINEERING DIVISION, KENDRAPARA
E-mail ID : eeag-kendrapara@gov.in
Govt. of Odisha "e" procurement Notice
Bid Identification No. : E.E.(A), Kendrapara Division - 01/2025-26
No.L-06 : The Executive Engineer (Agril.), Agriculture Engineering Division, Kendrapara on behalf of Governor of Odisha, invites percentage rate bids in single cover system in ONLINE MODE, for 02 Numbers of Projects i.e. for Construction of main gate of Agriculture office campus along with borewell at STL Jajpur & Provision of 63 KVA Transformer to ADO office Marshaghai.
1. Estimated Cost : As Mentioned against column No-03
2. Bid Cost : Rs. 4,000/- as Mentioned against each in Column-04
3. Period of completion : Calendar Months Mentioned in Column - 06
4. No. of works (Tender) : 02 nos.
5. Class of Contractor : As Mentioned in Column - 05
6. Date & Time of availability of bid document in the portal : From Dt.19.04.2025 at 10.00 A.M. to Dt.28.04.2025 at 5.00 P.M.
7. Last date/Time for receipt of bids in the portal : Dt.28.04.2025 at 5.00 P.M.
8. Date of submission of documents : Dt.19.04.2025 at 10.00 A.M. to Dt.29.04.2025 at 1.00 P.M. (Except Holidays)
9. Date & time of opening of online bids : Dt.30.04.2025 at 11.00 A.M. & onwards
10. Name and address of the officer inviting Bid : Executive Engineer (Agril.), Agriculture Engineering Division, Kendrapara
Further details can be seen from the e-procurement portal http://tendersodisha.gov.in.
A. All the volumes/documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website "http://tendersodisha.gov.in" will appear in the Latest.
C. The Bidders have to participate in ONLINE bidding only. Further details can be seen from the website "http://tendersodisha.gov.in". Any addendum/corrigendum / cancellation of tender can also be seen in the said website.
Sd./- Executive Engineer (Agril.) Agriculture Engineering Division, Kendrapara
OIPR-01471/11/0010/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ


ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନବୀନ ୯ମ ଥର ବିଜେଡି ସଭାପତି

**ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)**

ବିଜେଡିର ରାଜ୍ୟ ସଭାପତି ଭାବେ ନବୀନ ପଟ୍ଟନାୟକ ୯ମ ଥର ଲାଗି ଶନିବାର ନିର୍ବାଚିତ ହୋଇଛନ୍ତି। ଜଣେ ମାତ୍ର ପ୍ରାର୍ଥୀ ଭାବେ ନବୀନ ଏହି ପଦ ଲାଗି ନାମାଙ୍କନ ଦାଖଲ କରିଥିଲେ। ଅନ୍ୟପଟେ ନବୀନ ସଭାପତି ନିର୍ବାଚିତ ହେବାପରେ ଶଙ୍ଖ ଭବନ ଠାରେ ତାଙ୍କ ନେତୃତ୍ୱରେ ଦଳର ରାଜ୍ୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ହେଲେ ୨୪ ବର୍ଷରେ କ୍ଷମତାରେ ରହିଥିବା ବିଜେଡି ଏବେ ବିରୋଧୀ ଦଳକୁ ଆସିବା ପରେ ନବୀନଙ୍କ ଟିମ୍‌ରେ କେଉଁମାନେ ସ୍ଥାନ ପାଇବେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନବୀନ ସଭାପତି ହେବା ପରେ ଦଳର ବହୁ ବରିଷ୍ଠ ନେତା ଶଙ୍ଖ ଭବନ ଆସିନାହାନ୍ତି, ଯାହାକୁ ନେଇ ଦଳ ଭିତରେ ଚର୍ଚ୍ଚା ଓ ଆଲୋଚନା ଜୋର୍ ଧରିଛି। ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ମଲିକ, ଭୁପେନ୍ଦ୍ର ସିଂ, ପ୍ରଫୁଲ୍ଲ ସାମଲ, ନୃସିଂହ ସାହୁଙ୍କ ଭଳି ଅନେକ ନେତାଙ୍କୁ ଶଙ୍ଖଭବନରେ ଦେଖିବାକୁ ମିଳି ନ ଥିଲା। ଦଳର ଜଣେ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ନବୀନଙ୍କ ପ୍ରିୟ ଏବେ ଏତେ ଅପ୍ରିୟ ହେଲେ କିପରି। ଯେଉଁମାନଙ୍କୁ ନବୀନ ବାରମ୍ବାର ସରକାର ସମୟରେ ମନ୍ତ୍ରୀ କରି ଦେଉଥିଲେ ସେମାନେ ଏବେ ଦଳ ଠାରୁ ଦୂରେଇ ଗଲେଣି। ତେବେ କେଉଁଥିଲାଗି ସେମାନଙ୍କୁ ଦଳ ଦୀର୍ଘଦିନ ଧରି ଗୁରୁତ୍ୱ ଦେଇ ଆସୁଥିଲା ସେନେଇ ଦଳ ଭିତରେ ଗୁପୁରୁଟାପର ଚାଲିଛି। ରାଜ୍ୟ ପରିଷଦ ବୈଠକରେ କିଛି ସେପରି ଆଲୋଚନା ହେଲା ନାହିଁ। ପୁଣିଥରେ ନବୀନ ଦଳୀୟ କର୍ମୀମାନଙ୍କୁ ଅସନ୍ତୋଷ କରିଛନ୍ତି। ନବୀନ ସଭାପତି ହେବାପରେ ଯେଉଁ ଭାଷଣ ରଖିଲେ, ସେଥିରେ ସେ ପଦୁଟିଏ କେନ୍ଦ୍ର ସରକାରଙ୍କ ବିରୋଧରେ ମୁହଁ ଖୋଲିବାକୁ ସାହାସ ଜୁଟାଇପାରିଲେ ନାହିଁ। କେମିତି କର୍ମୀମାନେ ଦଳ ଉପରେ ଭରସା କରି ରହିବେ ବୋଲି ସମ୍ପୃକ୍ତ ବିଧାୟକ ପ୍ରଶ୍ନ କରିଛନ୍ତି।

### ଶଙ୍ଖଭବନ ଆସିଲେନି ବହୁ ବରିଷ୍ଠ ନେତା


ନବୀନ ପଟ୍ଟନାୟକ

ତେବେ ନବୀନ ତାଙ୍କ ବକ୍ତବ୍ୟରେ ଦଳର ସଭାପତି ଭାବେ ସେବା କରିବାର ସୁଯୋଗ ମିଳିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଜ୍ୟବାସୀଙ୍କ ଆଶୀର୍ବାଦରେ ବିଜେଡି ୨୪ ବର୍ଷ ଲୋକଙ୍କ ସେବା କରିବାର ସୁଯୋଗ ପାଇଲା। ରାଜ୍ୟର ସ୍ୱାଭିମାନ ଏବଂ ସ୍ୱାର୍ଥ ସହ ବିଜେଡି ସବୁବେଳେ ଯୋଡ଼ି ହୋଇ ରହିବ ବୋଲି ସେ କହିଛନ୍ତି।



ଉତ୍ତରପ୍ରଦେଶର ରାମପୁରରେ ଜଣେ ୧୧ ବର୍ଷୀୟା ମୂକ-ବଧିର ନାବାଳିକା ସହ ହୋଇଥିବା ବଳାତ୍କାର ବିରୋଧରେ ମିରଟରେ ଶନିବାର କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# 'ଭାଜପାର ଛାମୁଆ ସଙ୍ଗଠନ ଭାବେ କାର୍ଯ୍ୟ କରୁଛି ଇଡି'

**ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)**

ଭାଜପାର ଏକ ଛାମୁଆ ସଙ୍ଗଠନ ଭାବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟ କରୁଛି। ଯେଉଁ ଅଣ କଂଗ୍ରେସ ଦଳର ନେତୃତ୍ୱ ଭାଜପାର ଭ୍ରଷ୍ଟାଚାର, ଦୁର୍ନୀତି, ଦରଦାମ୍ ବୃଦ୍ଧି, ମହିଳା ନିର୍ଯାତନା, ଚାଷୀ ପ୍ରସଙ୍ଗ ଓ ବେକାରି ସମସ୍ୟା ନେଇ ସଂସଦ ଭିତରେ ଏବଂ ବାହାରେ ସ୍ୱର ଶାଣିତ କରୁଛନ୍ତି ସେମାନଙ୍କ ବିରୋଧରେ ଅଗଣତାନ୍ତ୍ରିକ ଭାବେ ଇଡିର ପ୍ରୟୋଗ କରାଯାଉଛି ବୋଲି ପୂର୍ବତନ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି।

ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ନେତୃତ୍ୱରେ ଶନିବାର ଭୁବନେଶ୍ୱର ସ୍ଥିତ ଇଡି କାର୍ଯ୍ୟାଳୟ ଘେରାଉ କରାଯାଇଛି। ଯୁବ କଂଗ୍ରେସର କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ଇଡି ଅଫିସ ସମ୍ମୁଖରେ ଥିବା ପୋଲିସ ବାରିକେଡ୍ ଭାଙ୍ଗିବା ବେଳେ ପୋଲିସ ସହ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ଯୁବ କଂଗ୍ରେସ କର୍ମୀମାନେ ଇଡି ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ କଂଗ୍ରେସ ନେତୃତ୍ୱଙ୍କ ବିରୋଧରେ ଇଡି ଯେଉଁ ଚାର୍ଜଶିଟ ଦାଖଲ କରିଛି, ତାହା ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ରାଜନୈତିକ ପ୍ରତିହିଂସା ପରାୟଣତାର ନଗ୍ନ ନମୁନା। ନ୍ୟାଶନାଲ ହେରାଲ୍ଡ ଏବଂ ୟଙ୍ଗ ଇଣ୍ଡିଆ ମାମଲା ଭାଜପାର ଏକ ଚକ୍ରାନ୍ତମୂଳକ ପ୍ରସଙ୍ଗ। ଏଥିରେ ଦୁର୍ନୀତି କିମ୍ବା ଅର୍ଥ କାରବାରର ଚିହ୍ନବର୍ଣ୍ଣ ହିଁ ନାହିଁ। କେବଳ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ସହି ନ ପାରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଗଣତାନ୍ତ୍ରିକ କାର୍ଯ୍ୟ କରୁଛନ୍ତି। ବଦ୍‌ନାମ କରିବା ପାଇଁ ଏଥିରେ ଷଡ଼ଯନ୍ତ୍ର ହୋଇଛି ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି। ବିଶେଷ କରି ଇଡି ଏବଂ ସିବିଆଇ ମୋଦିଙ୍କ ହତିଆର ସାଜିଛନ୍ତି। ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ ମୁକେଶ ଦେଶମୁଖ କହିଛନ୍ତି, ଏ ଅନ୍ୟାୟ ବିରୋଧରେ ଯୁବ କଂଗ୍ରେସ ନୀରବ ରହିବ ନାହିଁ। ଯୁବ କଂଗ୍ରେସ ମୋଦି ସରକାରଙ୍କ ସ୍ୱେଚ୍ଛାଚାରିତା ବିରୋଧରେ ସଂଗ୍ରାମ ଜାରି ରଖିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ବହୁ ବରିଷ୍ଠ ନେତା ଯୋଗ ଦେଇଛନ୍ତି।

### ଇଡି କାର୍ଯ୍ୟାଳୟ ଘେରିଲା ଯୁବ କଂଗ୍ରେସ

# ୱାକ୍‌ଫ ଆଇନ ମୁସଲମାନଙ୍କୁ ଲାଭ ଦେବ: ଗୌତମ

**ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)**

ଗରିବଙ୍କ ହକ୍ କେବଳ ସେମାନଙ୍କୁ ହିଁ ମିଳିବ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦେଶର ସମସ୍ତ ଗରିବ ବର୍ଗର ଉତ୍ଥାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂକଳ୍ପ ନେଇଛନ୍ତି। ୨୦୨୫ ଏପ୍ରିଲ ୨ ଏକ ଐତିହାସିକ ଦିନ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସଂସଦରେ ସଂଶୋଧିତ ୱାକ୍‌ଫ ବିଲ୍ ପାରିତ ହୋଇଛି। ଦେଶ ଓ ଲୋକଙ୍କ ହିତ ପାଇଁ ଏହି ବିଲ୍ ପାରିତ କରାଯାଇଛି। ଏହି ଐତିହାସିକ ନିଷ୍ପତ୍ତିକୁ ଦେଶବାସୀ ସ୍ୱାଗତ କରିଛନ୍ତି। ଏହି ବିଲ୍ ପାରିତ ହେବା ଯୋଗୁ ୱାକ୍‌ଫ ଅନ୍ତର୍ଗତ ଦୁରୁପଯୋଗ ହେଉଥିବା ସମ୍ପତିକୁ ରକ୍ଷା କରାଯାଇ ପାରିବ। ୱାକ୍‌ଫ ବିଲ୍ ପାରିତ ହେବା ଦ୍ୱାରା ଗରିବ ମୁସଲମାନ ଓ ମହିଳାମାନେ ଆଗକୁ ବଢ଼ିପାରିବେ। ଭାରତ ସରକାରଙ୍କ ଦ୍ୱାରା ଆଗତ କରାଯାଇଥିବା ଐତିହାସିକ ୱାକ୍‌ଫ ସଂଶୋଧିତ ଆଇନକୁ ନେଇ ଅନେକ ତର୍କ ବିତର୍କ ଚାଲିଛି। ଏହି ଆଇନ ବଳରେ ମୁସଲମାନ ସମ୍ପ୍ରଦାୟର କୌଣସି କ୍ଷତି ନ ହୋଇ ବରଂ ଲାଭ ହେବ। ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରୀବ ଓ ମହିଳାମାନେ ଲାଭାନ୍ୱିତ ହେବେ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦୁଷ୍ୟନ୍ତ ଗୌତମ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ୱାକଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳାରେ ଯୋଗଦେଇ ଗୌତମ କହିଛନ୍ତି, 'ୱାକ୍‌ଫ'ର ଅର୍ଥ ହେଉଛି 'ଦାନ'। ମାତ୍ର ଦାନ ସୁତ୍ରରେ ମିଳୁଥିବା ସମ୍ପତିକୁ କୌଣସି ଦାତବ୍ୟ କାର୍ଯ୍ୟରେ ବ୍ୟବହାର କରା ନ ଯାଇ ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା। ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ସ୍ଥିତିରେ କୌଣସି ସୁଧାର ଆସୁ ନ ଥିଲା। ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରୀବ ମା' ଓ ଭଉଣୀମାନଙ୍କୁ ବଞ୍ଚିତ ରଖାଯାଉଥିଲା। ଦେଶର ତୃତୀୟ ସର୍ବାଧିକ ଜମିର ମାଲିକାନା ଥିବା 'ୱାକ୍‌ଫ ବୋର୍ଡ'ର ସମ୍ପତିକୁ ମାତ୍ର କେଇଜଣ ଉପଭୋଗ କରୁଥିବାବେଳେ ଗରୀବ ତଥା ମୁସଲମାନ ସମ୍ପ୍ରଦାୟର ମହିଳାମାନେ କେବଳ କଷ୍ଟ ଭୋଗୁଥିଲେ ବୋଲି ଗୌତମ କହିଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ୱାକ୍‌ଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳାରେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦୁଷ୍ୟନ୍ତ ଗୌତମ ଓ ଅନ୍ୟମାନେ।


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

ସୁନ୍ଦର ଉଚ୍ଚଶିକ୍ଷିତ (MBA ଦିଲ୍ଲୀ) LLB କରିଥିବା ୩୪ ବର୍ଷୀୟ ପୁରୀର ଆଡଭୋକେଟ୍ ବ୍ରାହ୍ମଣ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମଣ ପାତ୍ରୀ ଦରକାର । କେବଳ Serious ଲୋକ ଯୋଗାଯୋଗ କରନ୍ତୁ- 7978626462. D-228

## GROOM WANTED

Handsome Karan boy 1996, 6' BSC serving ASO Secretariat, BBSR, "SUNASANSAR". 9937512659. D-76260


REAL ESTATE
SALE

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area- 2100sqft, 2250/- fix rate. 9556187814. D-014

**Duplex sale with gated Society near Aiims Hospital, Bhubaneswar. 9777433701.** D-76256


CONSTRUCTION

Construct your home with branded materials all complete furnishing, price start 1280/- per sqft. 9827152441. D-76812

## LEASE

Lease for godown, Nursing home or for any purpose for 10 years 10000sft with Compound wall 3 sides road facing to Nakhara Niali NH ROAD. 7809525452. D-76444

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




5800sqft Godown space available at Rasulgarh, beside Esplanade Mall, Bhubaneswar. 9040019183. D-189

Office Accommodation Commercial Hospital permises available Chandrasekharpur, Bhubaneswar, 4000sqft.- 9437008388. D-74726

**2 Office space- 1000sqft. in 3rd floor & 750sqft. in 2nd floor fully furnished office at 5- Janpath, Unit- 3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845, 7504050186.** D-76813

Around 1800sft at Chintamaniswar, Walkable distance to Bhubaneswar Railstation, Ground Floor, Both side road for godown. Call- 7978968374. D-188

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

Full body massage by experience therapist with homely atmosphere. 9114559860. D-76910

Positively health benefited SPA by expert female therapist, Bapujinagar. 8328803811. D-76909

## AFFIDAVIT



I, Dillip Kumar Satapathy (54), S/o-Nrusingh Charan Satapathy, residing at Dakhinakali Road, along with my wife Ashanti Sahu, have legally adopted a child named Guru Charan Naik, born on 24.04.2012, Biological parents Fakir Naik and Jumala Nayak. The adoption was completed on 20.02.2025 under Adoption deed No.- 422500146. We hereby declared that the name of the adopted child has been changed from Guru Charan Naik to Omm Prakash Satapathy. Any objections may be communicated within 7 days. D-225

By virtue of an affidavit sworn before Executive Magistrate, Simulia, dated- 11.04.2025, I, Shiba Prasad Behera, S/o- Gouranga Behera of At- Mangarajpur, P.O.- Khirkona, P.S.- Simulia, Dist.- Balasore, Odisha, PIN- 756168, declare that I have changed my son's name from Dibyajyotiprakash Behera to Ayush Behera. Henceforth, he shall be known as Ayush Behera for all purposes. D-235

By virtue of an affidavit sworn before the Executive Magistrate, Darpan, dated 03.04.2025, I, KABIR SAMAL, Address: Vill/P.O.- Palai, P.S.- Balichandrapur, Dist.- Jajpur, Odisha- 754205, declare that I have changed my son's name from Ratik Kumar Samal to Ritik Kumar Samal. Henceforth, he shall be known as Ritik Kumar Samal for all purposes. D-229

By virtue of an affidavit sworn before the Executive Magistrate, Darpan, Dhanmandal, dated- 03.04.2025, I, Sk Atiqullah, Address- Nalipur (Md Nagar), P.O.- Charinangal, P.S.- Balichandrapur, Dist.- Jajpur, declare that I have changed my son's name from Sk Mahammed Adeeb to Shaikh Md Adeeb. Henceforth, he shall be known as Shaikh Md Adeeb for all purposes.
Sk Atiqullah D-221

By affidavit in the Court of Executive Magistrate, Pattamundai, Cf No.- 65AA213430, dtd- 19.04.2025, I have been recognized, indentified & known as Sarojini Sarangi, W/o- Manoranjan Sarangi, At- Srirampur, P.O.- S.Palapatana, P.S.- Pattamundai, Dist.- Kendrapara, instead of Sarojini Barik for all purposes. D-226

By virtue of an affidavit sworn before the Executive Magistrate of Kujang on dated 17.07.2025, I, Manoranjan Behera, resident of Village- Kaladip, P.O.- Pankapal, P.S.- Kujang, Dist.- Jagatsinghpur, Odisha, PIN- 754140, declare that I have changed my daughter's name from Divyanshi Debadarshini Behera to Divyanshi Behera. Henceforth, she shall be known as Divyanshi Behera for all purpose at all.
Manoranjan Behera D-227

By virtue of an affidavit sworn before the Executive Magistrate, Jagatsinghpur, Sl No.- 2378 dated 28.03.2025, I Gitanjali Swain, W/o- Samir Kumar Swain, Village- Badalahanga, P.O.- Taradapada, P.S./ Dist.- Jagatsinghpur, PIN- 754103, Odisha, declare that I have changed my minor son's name from Sai Suman Swain to Omm Shree Saisuman. Henceforth, he will be known as Omm Shree Saisuman for all purposes. D-234

## ମନେ ପଡ଼ନ୍ତି

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ତାରାମଣୀ ମିଶ୍ର
ସ୍ୱାମୀ: ସ୍ୱର୍ଗତ ଉଦୟନାଥ ମିଶ୍ର
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୪।୨୦୧୦
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୦୧

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରବୀନ୍ଦ୍ର ନାଥ ଦାସ
ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ
ପ୍ରାକ୍ତନ ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ
ଆବିର୍ଭାବ: ତା ୧୭।୦୫।୧୯୪୨
ତିରୋଧାନ: ତା ୨୦।୦୪।୨୦୨୨
୨୦ ଏପ୍ରିଲ ୨୦୨୨ରେ ଆମ ସମସ୍ତଙ୍କୁ ଏଠି ଛାଡ଼ି ଆରପାରିକୁ ଚାଲିଗଲ ତମେ । ଚାହୁଁ ଚାହୁଁ ତିନିବର୍ଷ ବିତିଗଲାଣି ଯା ଭିତରେ । ତୁମ ଆବର୍ଜମାନରେ ତୁମକୁ ଝୁରିହେଉଛୁ ଆମେ। ଆମ ଗହଣରେ ଏବେ ତୁମେ ନାହଁ ସତ, ଆମ ଭିତରେ ଆଗଭଳି ବଞ୍ଚି ରହିଛ ତୁମେ। ତୁମେ ସିନା ସାହିତ୍ୟ କୃତି ଲାଗି ଅମର ହୋଇ ଯାଇଛ, କିନ୍ତୁ ଓଡ଼ିଆ ସାହିତ୍ୟ ଜଗତରେ ତୁମ ସ୍ଥାନ ଖାଲି ପଡ଼ିଛି। ଏବେ ତୁମେ ଯେଉଁଠି ଅଛ ପ୍ରଭୁ ତୁମକୁ ସେଇଠି ଭଲରେ ରଖିଥାନ୍ତୁ, ବିଶ୍ୱନିୟନ୍ତାଙ୍କ ପାଖରେ ଆମର ଏତିକି ପ୍ରାର୍ଥନା
-:ଶୋକସନ୍ତପ୍ତ ପରିବାରବର୍ଗ:-
ଡଲି, ପିଙ୍କୁ, ପୁପୁନ, ବୁଲୁ, ଜୁଜୁନ ଓ ନୂପୁର
ଧ-୨୨୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




virtual frame

# ଟେବୁଲ ଶୀର୍ଷରେ ଗୁଜରାଟ

**ଅହମଦାବାଦ,୧୯।୪**

ପ୍ରସିଦ୍ଧ କ୍ରିଷ୍ଣାଙ୍କ ଘାତକ ବୋଲିଂ ଓ ଜୋସ୍ ବଟ୍‌ଲରଙ୍କ ଅପରାଜିତ ୯୭ ରନ୍‌ର ପାଳି ବଳରେ ଗୁଜରାଟ ଟାଇଟନ୍ସ ୭ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି)କୁ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୨୦୪ ରନ୍‌ର ଟାର୍ଗେଟ୍‌କୁ ଗୁଜରାଟ ୧୯.୨ ଓଭରରେ ୩ ଉଇକେଟ ହରାଇ ହାସଲ କରିନେଇଥିଲା। ଏହି ବିଜୟ ସହ ଗୁଜରାଟ ପଏଣ୍ଟ ଟେବୁଲ ଶୀର୍ଷକୁ ଉଠିଛି ଏବଂ ଦିଲ୍ଲୀ ଦ୍ୱିତୀୟ ସ୍ଥାନକୁ ଖସିଛି। ଏହା ଗୁଜରାଟର ୫ମ ବିଜୟ ହୋଇଥିବା ବେଳେ ଦିଲ୍ଲୀ ଲାଗି ଏହା ୨ୟ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୩ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଅକ୍ଷର ପଟେଲ ସର୍ବାଧିକ ୩୯(୧ ଚୌକା ଓ ୨ ଛକା), ଆଶୁତୋଷ ଶର୍ମା ୩୭(୨ ଚୌକା ଓ ୩ ଛକା), ଟ୍ରିଷ୍ଟାନ ଷ୍ଟବ୍ସ ୩୧(୨ ଚୌକା ଓ ୧ ଛକା), କରୁନ ନାୟାର ୩୧(୨ ଲେଖାଏ ଚୌକା ଓ ଛକା) ଓ ଲୋକେଶ ରାହୁଲ ୨୮(୪ ଚୌକା ଓ ୧ ଛକା) ରନ୍ କରିଥିଲେ। ଗୁଜରାଟ ଲାଗି ପ୍ରସିଦ୍ଧ କ୍ରିଷ୍ଣା ୪ ଉଇକେଟ ନେଇଥିବା ବେଳେ ମହମ୍ମଦ ସିରାଜ, ଅର୍ଶଦ ଖାନ୍, ଇଶାନ୍ତ ଶର୍ମା ଓ ସାଇ କିଶୋର ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଗୁଜରାଟ ଆରମ୍ଭରୁ ଶୁବ୍‌ମନ ଗିଲ୍(୭)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପ୍‌ନର ସାଇ ସୁଦର୍ଶନ ଓ ବଟ୍‌ଲର ଦ୍ୱିତୀୟ ଉଇକେଟରେ ୬୦ ରନ୍ ଯୋଡ଼ିଥିଲେ। କ୍ରିଜ୍‌ରେ ସେଟ୍ ହୋଇଯାଇଥିବା ସୁଦର୍ଶନ ୨୧ ବଲରେ ୫ ଚୌକା ଓ ୧ ଛକା ସହିତ ୩୬ ରନ୍‌କରି ଆଉଟ୍ ହୋଇଯାଇଥିଲେ। ଏହାପରେ ଶେର୍ଫାନେ ରଦରଫୋର୍ଡ ଓ ବଟ୍‌ଲରଙ୍କ ଯୋଡ଼ି ତୃତୀୟ ଉଇକେଟରେ ୧୧୯ ରନ୍ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ରଦରଫୋର୍ଡ ୧ ଚୌକା ଓ ୩ ଛକା ସହିତ ୪୩ ରନ୍‌କରି ପାଭିଲିଅନ ଫେରିଥିଲେ। ଚତୁର୍ଥ କ୍ରମରେ ଆସିଥିବା ରାହୁଲ ଟେୱାଟିଆ ୧୧ ଓ ବଟ୍‌ଲର ୯୭ ରନ୍‌ରେ ଅପରାଜିତ ରହି ଦଳକୁ ମ୍ୟାଚ୍ ଜିତାଇଥିଲେ। ୫୪ ବଲର ସମ୍ମୁଖୀନ ହୋଇଥିବା ବଟ୍‌ଲରଙ୍କ ଇନିଂସ୍‌ରେ ୧୧ ଚୌକା ଓ ୪ ଛକା ସାମିଲ ଥିଲା। ଦିଲ୍ଲୀ ପାଇଁ କୁଲଦୀପ ଯାଦବ ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଅପରାଜିତ ୯୭ ରନ୍‌ର ଇନିଂସ ଖେଳିବା ଅବସରରେ ଜୋସ୍ ବଟଲର।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୨୦୩/୮(ଅକ୍ଷର ପଟେଲ-୩୯, ଆଶୁତୋଷ ଶର୍ମା-୩୭, ଟ୍ରିଷ୍ଟାନ ଷ୍ଟବ୍ସ-୩୧, କରୁନ ନାୟାର-୩୧, ଲୋକେଶ ରାହୁଲ-୨୮, ପ୍ରସିଦ୍ଧ କ୍ରିଷ୍ଣା-୪/୪୧, ସାଇ କିଶୋର-୧/୯, ଇଶାନ୍ତ ଶର୍ମା-୧/୧୯)। ଗୁଜରାଟ ଟାଇଟନ୍ସ: ୧୯.୨ ଓଭରରେ ୨୦୪/୩(ଜୋସ୍ ବଟଲର-୯୭*, ଶେର୍ଫାନେ ରଦରଫୋର୍ଡ-୪୩, ସାଇ ସୁଦର୍ଶନ-୩୬, କୁଲଦୀପ ଯାଦବ-୧/୩୦, ମୁକେଶ କୁମାର-୧/୪୦)।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ପଞ୍ଜାବ**
**ବନାମ ବେଙ୍ଗାଲୁରୁ**
**ସ୍ଥାନ: ଚଣ୍ଡିଗଡ଼**
**ସମୟ: ଅପରାହ୍ନ ୩.୩୦**

**ମୁମ୍ବାଇ**
**ବନାମ ଚେନ୍ନାଇ**
**ସ୍ଥାନ: ମୁମ୍ବାଇ**
**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## କେକେଆର୍‌କୁ ଫେରିଲେ ନାୟାର

**କୋଲ୍‌କାତା,୧୯।୪(ପି.ଟି.)**

ନିକଟରେ ଭାରତୀୟ ଦଳର ଆସିଷ୍ଟାଣ୍ଟ କୋଚ୍ ପଦରୁ ବହିଷ୍କୃତ ହୋଇଥିବା ଅଭିଷେକ ନାୟାର କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)ରେ ସପୋର୍ଟ ଷ୍ଟାଫ୍ ଭାବେ ଯୋଗଦେଇଛନ୍ତି। ଏ ନେଇ କେକେଆର୍ ପକ୍ଷରୁ ଶନିବାର ଘୋଷଣା କରାଯାଇଛି। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ ତାଙ୍କ ଦାୟିତ୍ୱ ଓ ପଦବୀ ସମ୍ପର୍କରେ କିଛି କୁହାଯାଇନାହିଁ। ନାୟାର ପୂର୍ବରୁ କେକେଆର୍‌ର ଆସିଷ୍ଟାଣ୍ଟ କୋଚ୍ ଥିଲେ। ତାଙ୍କ ମାର୍ଗଦର୍ଶନରେ କୋଲକାତା ଏକ ଦଶନ୍ଧି ପରେ ଆଇପିଏଲ୍ ଟାଇଟଲ ଜିତିଥିଲା। ଏଥିସହିତ କେକେଆର୍ ଏକାଡେମୀରେ ଯୁବ ଖେଳାଳିଙ୍କ ଉନ୍ନତିରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା।

## ଆଇପିଏଲ୍‌ରେ ୨୦୦ ଛକା
## ରାହୁଲ ଦ୍ରୁତତମ ଭାରତୀୟ

**ଅହମଦାବାଦ,୧୯।୪**

ଦିଲ୍ଲୀ କ୍ୟାପିଟାଲ୍ସ ଉଇକେଟ୍‌କିପର-ବ୍ୟାଟର ଲୋକେଶ ରାହୁଲ ଦ୍ରୁତତମ ଭାରତୀୟ ବ୍ୟାଟର ଭାବେ ଆଇପିଏଲ୍‌ରେ ୨୦୦ ଛକା ମାରିବାର ସଫଳତା ହାସଲ କରିଛନ୍ତି। ଶନିବାର ଗୁଜରାଟ ଟାଇଟନ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ଏହି ସଫଳତା ପାଇଥିବାବେଳେ ଏହା ତାଙ୍କ କ୍ୟାରିୟରର ୧୨୮ତମ ଆଇପିଏଲ୍ ଇନିଂସ୍ ଥିଲା। ମ୍ୟାଚ୍‌ରେ ସେ ୧୪ ବଲ୍‌ରେ ୪ ଚୌକା ଓ ୧ ଛକା ସହିତ ୨୮ ରନ୍‌ର ପାଳି ଖେଳିଥିଲେ। ଖୁବ୍ କମ୍ ଇନିଂସରେ ୨୦୦ ଛକା ମାରିବାର ରେକର୍ଡ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମ୍‌ସନଙ୍କ ନାମରେ ଥିଲା। ସେ ୧୫୯ ଇନିଂସ୍‌ରେ ଏହି ମାଇଲଷ୍ଟୋନ୍‌ରେ ପହଞ୍ଚିଥିଲେ। ତାଙ୍କ ପଛକୁ ମହେନ୍ଦ୍ର ସିଂ ଧୋନୀ(୧୬୫ ଇନିଂସ), ବିରାଟ କୋହଲି(୧୮୦), ରୋହିତ ଶର୍ମା (୧୮୫) ଓ ସୁରେଶ ରାଇନା(୧୯୩) ରହିଛନ୍ତି। ତେବେ ରାହୁଲ ଟୁର୍ନାମେଣ୍ଟ ଇତିହାସରେ ତୃତୀୟ ଦ୍ରୁତତମ ବ୍ୟାଟର ଭାବେ ୨୦୦ ଛକା ମାରିଛନ୍ତି।

# ଲକ୍ଷ୍ନୌର ରୋମାଞ୍ଚକ ବିଜୟ

**ଜୟପୁର,୧୯।୪**

ଚଳିତ ଆଇପିଏଲ୍‌ରେ ଶନିବାର ରାତିରେ ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ(ଏଲ୍‌ଏସ୍‌ଜି) ୨ ରନରେ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍)କୁ ପରାସ୍ତ କରିଛି। ଏହା ଲକ୍ଷ୍ନୌର ପଞ୍ଚମ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ଏହା ଷଷ୍ଠ ପରାଜୟ। ଏହି ମ୍ୟାଚ୍ ଜରିଆରେ ଆଇପିଏଲ୍ ଇତିହାସର ସର୍ବକନିଷ୍ଠ ଖେଳାଳି ଭାବେ ବୈଭବ ସୂର୍ଯ୍ୟବଂଶୀ ପଦାର୍ପଣ କରିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ୭.୪ ଓଭର ଶେଷ ସୁଦ୍ଧା ୫୪ ରନରେ ୩ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଅନ୍ୟତମ ଓପନର ମାରକ୍ରାମ ଓ ବଦୋନୀ ଚତୁର୍ଥ ଉଇକେଟରେ ଦ୍ରୁତ ୭୬ ରନ ଯୋଡ଼ି ଦଳୀୟ ସ୍ଥିତିରେ ସୁଧାର ଆଣିଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ ମାରକ୍ରାମ ୬୬(୫ ଚୌକା ଓ ୩ ଛକା) ଏବଂ ବଦୋନୀ ୫୦ (୫ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଅବଦୁଲ ସମଦ ୩୦(୪ ଛକା) ରନ କରିବାରୁ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୦ ରନ କରିବାକୁ ସକ୍ଷମ ହୋଇଥିଲା। ରାଜସ୍ଥାନ ପକ୍ଷରୁ ୱାନିନ୍ଦୁ ହସରଙ୍ଗା ଦୁଇଟି ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନକୁ ଯଶସ୍ୱୀ ଜୟସ୍ୱାଲ ଓ ବୈଭବଙ୍କ ଓପନିଂ ଯୋଡ଼ି ୮.୪ ଓଭରରେ ୮୫ ରନ ଯୋଡ଼ିଥିଲା। ପଦାର୍ପଣକାରୀ ବୈଭବ ୩୪(୨ ଚୌକା ଓ ୩ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ନୀତିଶ ରାଣା (୮) ଫେଲ ମାରିଥିଲେ। ଏହାପରେ ଜୟସ୍ୱାଲ ଓ ଅଧିନାୟକ ରିୟାନ ପରାଗ ତୃତୀୟ ଉଇକେଟରେ ୬୨ ରନ ଯୋଡ଼ିଥିଲେ। ଜୟସ୍ୱାଲ ୫୨ ବଲରେ ୭୪ (୫ ଚୌକା ଓ ୪ ଛକା) ଓ ପରାଗ ୩୯ (୩ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଓଭରରେ ରାଜସ୍ଥାନକୁ ଜିତିବା ପାଇଁ ୯ ରନ ଦରକାର ଥିବା ବେଳେ ଆଭେଶ ଖାନ ଚମତ୍କାର ବୋଲିଂ ପ୍ରତିପକ୍ଷ ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୮୦/୫ (ଏଡେନ ମାରକ୍ରାମ-୬୬, ଆୟୁଷ ବଦୋନୀ-୫୦, ୱାନିନ୍ଦୁ ହାସାରଙ୍ଗା-୨/୩୧, ତୁଷାର ଦେଶପାଣ୍ଡେ-୧/୨୬, ଜୋଫ୍ରା ଆର୍ଚ୍ଚର-୧/୩୨)। ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୧୭୮/୫ (ଜଶସ୍ୱୀ ଜୟସ୍ୱାଲ-୭୪, ରିୟାନ ପରାଗ-୩୯, ବୈଭବ ସୂର୍ଯ୍ୟବଂଶୀ-୩୪, ଏଡେନ ମାରକ୍ରାମ-୧/୧୮, ଆଭେଶ ଖାନ-୩/୩୭)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୭ | ୫ | ୨ | ୧୦ | +୦.୯୮୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | +୦.୫୮୯ |
| ପଞ୍ଜାବ କିଙ୍ଗ୍ସ | ୭ | ୫ | ୨ | ୧୦ | +୦.୩୦୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୦୮୮ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୭ | ୪ | ୩ | ୮ | +୦.୪୪୬ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | +୦.୨୩୯ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୬୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୧.୨୭୬ |

## କ୍ରିସ୍‌ପିନ୍ ଘୋଷଣା କଲେ ୩୯ ଜଣିଆ ଦଳ



**ନୂଆଦିଲ୍ଲୀ, ୧୯।୪(ପି.ଟି.)**

ଜୁନ୍-ଜୁଲାଇରେ ହେବ ଏଏଫ୍‌ସି ଓମେନ୍ସ ଏସିଆନ କପ୍ ୨୦୨୬ କ୍ୱାଲିଫାୟର୍ସ। ଏଥିପାଇଁ ଆୟୋଜନ କରାଯାଇଥିବା ଏକ ଜାତୀୟ କ୍ୟାମ୍ପରେ ଭାରତୀୟ ସିନିୟର ମହିଳା ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ କ୍ରିସ୍‌ପିନ୍ ଛେତ୍ରୀ ଶନିବାର ୩୯ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛନ୍ତି। ବ୍ଲୁ ଟାଇଗ୍ରେସ୍ ଦଳ ଜୁନ୍ ୨୩ରୁ ଜୁଲାଇ ୫ ମଧ୍ୟରେ ଥାଇଲାଣ୍ଡର ଚିଆଙ୍ଗମାଇଠାରେ ହେବାକୁଥିବା ଏଏଫ୍‌ସି ଓମେନ୍ସ ଏସିଆନ କପ୍ ୨୦୨୬ରେ ଅଂଶଗ୍ରହଣ କରିବ। ଭାରତୀୟ ମହିଳା ଦଳ ଗ୍ରୁପ୍ 'ବି'ରେ ଆୟୋଜକ ଥାଇଲାଣ୍ଡ, ମଙ୍ଗୋଲିଆ, ତିମୋରଲିଷ୍ଟ ଓ ଇରାକ୍ ସହ ସ୍ଥାନ ପାଇଛି। ସିନିୟର ମହିଳା ଦଳ କ୍ୟାମ୍ପ ମେ'୧ରୁ ବେଙ୍ଗାଲୁରୁସ୍ଥିତ ପାଦୁକୋନ୍-ଡ୍ରାଭିଡ ସେଣ୍ଟର ଫର୍ ସ୍ପୋର୍ଟ୍ସ ଏକ୍ସିଲେନ୍ସ ଅନୁଷ୍ଠିତ ହେବ।

**ଏଏଫ୍‌ସି ଓମେନ୍ସ ଏସିଆନ କପ୍ ୨୦୨୬ କ୍ୱାଲିଫାୟର୍ସ ପାଇଁ ସମ୍ଭାବ୍ୟ ଖେଳାଳି ତାଲିକା:** ଗୋଲ୍‌କିପର: ପାୟଲ ବାସୁଦେ, ଏଲାଙ୍ଗବାମ୍ ପାନ୍ଥୋଇ ଚାନୁ, କିଶାମ ମେଲୋଡି ଚାନୁ, ମୋଇରାଙ୍ଗଥେମ୍ ମୋନାଲିସା ଦେବୀ। ଡିଫେଣ୍ଡର: ପୂର୍ଣ୍ଣିମା କୁମାରୀ, ଫାନ୍‌ଜୋବାମ୍ ନିର୍ମଳା ଦେବୀ, ମାର୍ଟିନା ଥୋକ୍‌ଚୋମ୍, ଶୁଭାଙ୍ଗୀ ସିଂ, ସଞ୍ଜୁ ମାଳତୀ ମୁଣ୍ଡା, ତୋଇଜାମ ଥୋଇବିସାନା ଚାନୁ, ସୋରୋଖାଇବାମ ରଞ୍ଜନା ଚାନୁ, ଏନ୍‌ଗାଙ୍ଗବାମ୍ ସ୍ୱିଟି ଦେବୀ ଭିକ୍ସିତ ବାରା, ହେମାମ ସିଲ୍‌କି ଦେବୀ। ମିଡ୍‌ଫିଲ୍ଡର: କିରନ ପିସ୍‌ଡା, ନଙ୍ଗମାଇଥେମ ରତ୍ନବାଳା ଦେବୀ, ମୁସ୍କାନ ସୁବା, ଲିଶାମ ବାବିନା ଦେବୀ, କାର୍ତ୍ତିକ ଆଙ୍ଗାମୁଥୁ, ସିଣ୍ଡି ରେମ୍‌ରୁଆତପୁଇ କୋଲ୍‌ନେ, ସଙ୍ଗୀତା ବାସ୍‌ଫୋର, ଏସ୍. ପ୍ରିୟଦର୍ଶିନୀ, ବେବି ସାନା, ସନ୍ତୋଷ, ଅଞ୍ଜୁ ତମାଙ୍ଗ। ଫରୱାର୍ଡ: ମୌସମୀ ମୁର୍ମୁ, ପି. ମାଳବିକା, ସନ୍ଧ୍ୟା ରଙ୍ଗନାଥନ, ସୌମ୍ୟା ଗୁଗୁଲୋଥ, ସୁଲଞ୍ଜନା ରାଉଲ, ଲିଣ୍ଡା କମ୍ ସେର୍ଟୋ, ରିମ୍ପା ହାଲ୍‌ଦାର, ମନୀଷା କଲ୍ୟାଣ, ଗ୍ରେସ୍ ଡାଙ୍ଗମେଇ।

## ବିଶ୍ୱ ବ୍ରିଜ୍ ଚାମ୍ପିୟନଶିପ୍
# ଭାରତୀୟ ଦଳକୁ ଯୋଗ୍ୟତା

**ନୂଆଦିଲ୍ଲୀ, ୧୯।୪(ପି.ଟି.)**

ଦୁବାଇରେ ଅନୁଷ୍ଠିତ ବ୍ରିଜ୍ ଫେଡେରେଶନ ଅଫ୍ ଏସିଆ ଓ ମିଡଲ ଇଷ୍ଟ ଟୁର୍ନାମେଣ୍ଟରେ ଭାରତ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଲାଭ କରିଛି। ପଦକ ବିଜେତା ଦଳଗୁଡ଼ିକ ପରବର୍ତ୍ତୀ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୱାର୍ଲ୍ଡ ବ୍ରିଜ୍ ଫେଡେରେଶନ ଅଧୀନରେ ଏପ୍ରିଲ ୧୦ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଭାରତୀୟ ପୁରୁଷ ଓ ମହିଳା ଏବଂ ସିନିୟର ଦଳ ସ୍ୱର୍ଣ୍ଣ ଜିତିଥିବା ବେଳେ ମିକ୍ସଡ ଟିମ୍ ରୌପ୍ୟ ପଦକ ଲାଭ କରିଛି। ଭାରତର ସମସ୍ତ ୪ଟି ଦଳ ଡେନ୍‌ମାର୍କର ହର୍ନିଙ୍ଗଠାରେ ଅଗଷ୍ଟ ୨୦ରୁ ୩୧ ପର୍ଯ୍ୟନ୍ତ ହେବାକୁଥିବା ୪୭ତମ ୱାର୍ଲ୍ଡ ବ୍ରିଜ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୦୨୫ ୱାର୍ଲ୍ଡ ବ୍ରିଜ୍ ଚାମ୍ପିୟନଶିପ୍‌ରେ ବର୍ମୁଡା ବାଓଲ, ଭେନିସ କପ୍, ଡି'ଓରିସ୍ ଟ୍ରଫି ଓ ଉହାନ କପ୍‌କୁ ସାମିଲ କରାଯାଇଛି। ଚାମ୍ପିୟନଶିପ୍‌ରେ ୩୫ଟି ଦେଶର ୬୬ଟି ଦଳ ଅଂଶଗ୍ରହଣ କରିବେ। ସ୍ୱର୍ଣ୍ଣ ଜିତିଥିବା ପୁରୁଷ ଦଳଗୁଡ଼ିକ ହେଲେ ସୁମିତ୍ ମୁଖାର୍ଜୀ ଓ ରାଜେଶ ତିୱାରୀ; ସାଗନିକ ରୟ ଓ କୌସ୍ତୁଭ ନନ୍ଦୀ; କୌସ୍ତୁଭ ମିଲିନ୍ଦ ବିନ୍ଦ୍ରେ ଓ ସାୟନ୍ତନ କୁଶାରି। ଦେବାଶିଷ ରାୟ ହେଉଛନ୍ତି କୋଚ୍ ଓ ଅଣଖେଳାଳି ଅଧିନାୟକ। ସ୍ୱର୍ଣ୍ଣ ଜିତିଥିବା ମହିଳା ଦଳଗୁଡ଼ିକ ହେଲେ ପୂଜା ବାତ୍ରା ଓ ଆଶା ଶର୍ମା; ବିନ୍ଧିୟା କୋହଲି ଓ ପ୍ରିୟା ବାଲା ସୁବ୍ରମଣ୍ୟନ; ଭାରତୀ ଦେ ଓ ଅଲ୍‌କା ଏମ୍. କ୍ଷୀରସାଗର। ଏମାନଙ୍କ କୋଚ୍ ଓ ଅଣଖେଳାଳି ଅଧିନାୟକ ଥିଲେ ଅରବିନ୍ଦ ବୈଦ୍ୟ। ସ୍ୱର୍ଣ୍ଣ ଜିତିଥିବା ସିନିୟର ଦଳଗୁଡ଼ିକ ହେଲେ ରାମରତ୍ନମ କ୍ରିଷ୍ଣନ ଓ ବି. ପ୍ରଭାକର; ବାଚିରାଜୁ ସତ୍ୟନାରାୟଣ ଓ ଜାଗି ବି. ଶିବଦାସାନୀ, ସୁଭାଷ ଗୁପ୍ତା ଓ ରବି ଗୋଏଙ୍କା। ଗିରିଶ୍ ବିଜୁର ଥିଲେ ସେମାନଙ୍କ କୋଚ୍ ତଥା ଅଣଖେଳାଳି ଅଧିନାୟକ। ରୌପ୍ୟ ଜିତିଥିବା ମିକ୍ସଡ ଟିମ୍‌ଗୁଡ଼ିକ ହେଲେ ରାଜୀବ ଖଣ୍ଡେଲୱାଲ ଓ ହିମାନୀ ଖଣ୍ଡେଲୱାଲ; ରାଣା ରୟ ଓ ଶୀତଲ ବଂଶଲ; ପ୍ରିୟା ରଞ୍ଜନ ସିହ୍ନା ଓ ବିନ୍ଧିଆ ନାଇଡୁ। ସେମାନଙ୍କ କୋଚ୍ ଓ ଅଣଖେଳାଳି ଅଧିନାୟକ ଥିଲେ ବିନୟ ଦେଶାଇ। ସୂଚନାଯୋଗ୍ୟ, କ୍ରୀଡ଼ା ମନ୍ତ୍ରଣାଳୟ ୨୦୧୭ରୁ ବ୍ରିଜ୍ ଫେଡେରେଶନ ଅଫ୍ ଇଣ୍ଡିଆକୁ ସାହାଯ୍ୟ ଓ ସହଯୋଗ କରିଆସୁଅଛି।



ଟ୍ରଫି ଓ ପଦକ ସହ ଭାରତୀୟ ଦଳ।

## ବାବୁ ଜିତିଲେ ୩୫ କି.ମି. ରେସ୍‌ୱାକ୍

**ଚଣ୍ଡିଗଡ଼, ୧୯।୪(ପି.ଟି.)**

ଜାତୀୟ ରେକର୍ଡଧାରୀ ରାମ୍ ବାବୁ ଏଠାରେ ଅନୁଷ୍ଠିତ ଇଣ୍ଡିଆନ ଓପନ ରେସ୍ ୱାକିଙ୍ଗ୍ ପ୍ରତିଯୋଗିତାର ୩୫ କି.ମି ପୁରୁଷ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବୈଷୟିକ କାରଣରୁ ମହିଳା ବିଭାଗ ରେସ୍ ଫଳାଫଳ ଘୋଷଣାକୁ ସ୍ଥଗିତ ରଖାଯାଇଛି। ଏଠାରେ ସେ ୨ ଘଣ୍ଟା ୩୨ ମିନିଟ ୫୩.୫୦ ସେକେଣ୍ଡ ଟାଇମିଂରେ ରେସ୍ ଜିତିଥିଲେ। ତେବେ ଏହା ତାଙ୍କ ଜାତୀୟ ରେକର୍ଡ ୨:୨୯.୫୬ଠାରୁ କମ୍ ରହିଛି। ଏଠାରେ ଦ୍ୱିତୀୟଥର ପାଇଁ ଏକ ରେସ୍‌ୱାକ୍ ଇଭେଣ୍ଟରେ ବୈଷୟିକ ସମସ୍ୟା ଦେଖାଦେଇଛି। ୨୦୨୪ରେ ନ୍ୟାଶନାଲ ଓପନ ରେସ୍ ୱାକିଙ୍ଗ୍ ଚାମ୍ପିୟନଶିପ୍ ବେଳେ ତ୍ରୁଟିପୂର୍ଣ୍ଣ ରିଡିଂ ଯୋଗୁ ୱାର୍ଲ୍ଡ ଆଥଲେଟିକ୍ସ ଦ୍ୱାରା ଅଂଶଗ୍ରହଣକାରୀଙ୍କ ଟାଇମିଂରେ ସଂଶୋଧନ କରାଯାଇଥିଲା। ପରେ ବିଶ୍ୱ ପରିଚାଳନା ପରିଷଦ ୨୦କିମି ରେସ୍ ୱାକ୍ ଇଭେଣ୍ଟର ସମସ୍ତ ଫଳାଫଳକୁ ରଦ୍ଦ କରିଦେଇଥିଲେ। ଶନିବାର ଅନୁଷ୍ଠିତ ଇଭେଣ୍ଟରେ ୩୫ କିମି ପରିବର୍ତ୍ତେ ପ୍ରତିଯୋଗୀ ୩୪ କିମି ଶେଷ କରିଥିଲେ।

## ଅସୁସ୍ଥ ହୋଇପଡ଼ିଲେ ଇଶାନ୍ତ

**ଅହମଦାବାଦ,୧୯।୪**

ଗୁଜରାଟ ଟାଇଟନ୍ସ(ଜିଟି) ଓ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି) ମଧ୍ୟରେ ଶନିବାର



ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ଭେଟେରାନ ପେସର ଇଶାନ୍ତ ଶର୍ମା ଅସୁସ୍ଥ ହୋଇପଡ଼ିଥିଲେ। ଅତ୍ୟଧିକ ଗରମ କାରଣରୁ ଇଶାନ୍ତ ଡିହାଇଡ୍ରେଶନର ସମ୍ମୁଖୀନ ହୋଇଥିଲେ। ଏଥିଯୋଗୁ ୩୬ ବର୍ଷୀୟ ବୋଲର ବାଉଣ୍ଡ୍ରି ଲାଇନ୍‌ରେ ମୁଣ୍ଡରେ ଓଦା କପଡ଼ା ପକାଇ ବିଶ୍ରାମ ନେଇଥିଲେ। ଇଶାନ୍ତ ମ୍ୟାଚ୍‌ରେ ୩ ଓଭର ବୋଲିଂ କରି ୨୯ ରନ୍ ବ୍ୟୟରେ ୧ ଉଇକେଟ ନେଇଥିଲେ।

## ଫିକ୍ସିଂ ଉଦ୍ୟମ ଅଭିଯୋଗ ଭମ୍‌ରା ବାସନ୍ଦ

**ନୂଆଦିଲ୍ଲୀ, ୧୯।୪ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓମ୍ବୁଡ୍ସମ୍ୟାନ ଜଷ୍ଟିସ (ଅବସରପ୍ରାପ୍ତ) ଅରୁଣ ମିଶ୍ର ଫିକ୍ସିଂ ଉଦ୍ୟମ ଅଭିଯୋଗରେ ଜଣେ ପୂର୍ବତନ ମୁମ୍ବାଇ ଟି୨୦ ଲିଗ୍ ଫ୍ରାଞ୍ଚାଇଜ୍ ସହ ମାଲିକ ଗୁର୍‌ମିତ ସିଂ ଭମ୍‌ରାଙ୍କୁ ବାସନ୍ଦ କରିଛନ୍ତି। ଇଭେଣ୍ଟର ୨୦୧୯ ସଂସ୍କରଣରେ ଫିକ୍ସିଂରେ ସାମିଲ ହେବାକୁ ସେ ସହରର ଦୁଇଜଣ ଖେଳାଳି ଧାୱଲ କୁଲକର୍ଣ୍ଣୀ ଓ ଭାବିନ ଠକ୍କରଙ୍କୁ ପ୍ରଭାବିତ କରିବା ଲାଗି ଚେଷ୍ଟା କରିଥିଲେ। କୁଲକର୍ଣ୍ଣୀ ହେଉଛନ୍ତି ଜଣେ ମିଡିୟମ ପେସର। ସେ ଭାରତ ପାଇଁ ୧୨ ଅନ୍ତର୍ଜାତୀୟ ଦିନିକିଆ ଏବଂ ଦୁଇଟି ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଭମ୍‌ରା ଆହୁରି ମଧ୍ୟ ବର୍ତ୍ତମାନ ଅକାମୀ ହୋଇପଡ଼ିଥିବା ଗୁଜରାଟ ଟାଇଟନ୍ସ କାନାଡା ସହିତ ସମ୍ପୃକ୍ତ ଥିଲେ। ସେ ମୁମ୍ବାଇ ଟି୨୦ ଲିଗ୍‌ର ଆଉ ଅଂଶବିଶେଷ ନାହାନ୍ତି। ଏହି ଇଭେଣ୍ଟ ୨୦୧୯ ସଂସ୍କରଣ ପରେ କୋଭିଡ୍ ଯୋଗୁ ସ୍ଥଗିତ ରଖାଯାଇଥିଲା। ଚଳିତବର୍ଷ ଇଭେଣ୍ଟର ପୁନଃ ଆରମ୍ଭ କରାଯାଉଛି। ଭମ୍‌ରା ସୋବୋ ସୁପରସୋନିକ୍ସର ସହମାଲିକ ଥିଲେ। ତାଙ୍କୁ କେତେବର୍ଷ ବାସନ୍ଦ କରାଯାଇଛି ତାହା ଅର୍ଡର କପିରେ ଉଲ୍ଲେଖ କରାଯାଇ ନାହିଁ। ତେବେ ବିସିସିଆଇର ଦୁର୍ନୀତି ନିବାରଣ ଆଚରଣ ସଂହିତା ଅନୁସାରେ ଏହି ମାମଲାରେ ଭମ୍‌ରାଙ୍କୁ ଅତି ବେଶିରେ ୫ ବର୍ଷ ବାସନ୍ଦ କରାଯାଇପାରିବ।

## ଚହଲ ଆଇପିଏଲ୍‌ର ଅନ୍ୟତମ ଶ୍ରେଷ୍ଠ ବୋଲର: ଶ୍ରେୟସ

**ବେଙ୍ଗାଲୁରୁ,୧୯।୪(ପି.ଟି.)**

ପଞ୍ଜାବ କିଙ୍ଗ୍ସ(ପିବିକେଏସ୍) ଅଧିନାୟକ ଶ୍ରେୟସ ଆୟର ଲେଗ୍ ସ୍ପିନର ଯୁଜ୍‌ବେନ୍ଦ୍ର ଚହଲଙ୍କୁ ଆଇପିଏଲ୍‌ର ଅନ୍ୟତମ ଶ୍ରେଷ୍ଠ ବୋଲର ଭାବେ ଅଭିହିତ କରିଛନ୍ତି। ତାଙ୍କ ମତରେ ଭେଟେରାନ୍ ଲେଗ୍ ସ୍ପିନର ରନ୍ କଥା ଚିନ୍ତା ନ କରି ଉଇକେଟ ନେବା ପାଇଁ ବୋଲିଂ କରନ୍ତି। ସିଜନ ଆରମ୍ଭରୁ ସଂଘର୍ଷ କରୁଥିବା ଚହଲ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରେ ରଜତ ପଟିଦାର ଓ ଜିତେଶ ଶର୍ମାଙ୍କ ଉଇକେଟ ନେଇଥିଲେ।

ବ୍ୟକ୍ତିଗତ ଭାବେ ମୁଁ ଚହଲଙ୍କ ସହ କଥା ହୋଇଥିଲି। ମୁଁ ତାଙ୍କୁ କହିଥିଲି ଯେ, ତୁମେ ଜଣେ ମ୍ୟାଚ୍‌ୱିନର ଏବଂ ଯଥାସମ୍ଭବ ଆମ ପାଇଁ ଅଧିକରୁ ଅଧିକ ଉଇକେଟ ନେବା ତୁମ କାମ। ତୁମେ ରକ୍ଷଣାତ୍ମକ ଆଭିମୁଖ୍ୟ ଆପଣାଇବା ଦରକାର ନାହିଁ। ତାଙ୍କ ପାଖରେ ପ୍ରତ୍ୟାବର୍ତ୍ତନ କରିବାର ଦକ୍ଷତା ରହିଛି। ଏଥିଯୋଗୁ ଆମେ ତାଙ୍କୁ ପ୍ରଶଂସା କରୁ। ସେ ଆଇପିଏଲ୍‌ର ଅନ୍ୟତମ ଶ୍ରେଷ୍ଠ ବୋଲର।

# ଫୁଟ୍‌ବଲରେ ସମ୍ବଲପୁର ଚାମ୍ପିୟନ

**ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା**

**କେନ୍ଦୁଝର,୧୯।୪**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଧରଣୀଧର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର ଚତୁର୍ଥ ଦିନ ଶନିବାର ବିଭିନ୍ନ ପ୍ରତିଯୋଗିତାର ଫାଇନାଲ ଖେଳା ଯାଇଥିଲା। ଏଥିମଧ୍ୟରେ ଶଙ୍କରପୁର ଖେଳପଡ଼ିଆରେ ଅନୁଷ୍ଠିତ ଫୁଟ୍‌ବଲ ଫାଇନ୍ୟାଲ ମ୍ୟାଚରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରି ଚାମ୍ପିୟନ ହୋଇଛି।

ସେହିପରି ଧରଣୀଧର ମେଡିକାଲ କଲେଜରେ ଅନୁଷ୍ଠିତ ବାସ୍କେଟ ବଲ ପୁରୁଷ ବିଭାଗ ଫାଇନାଲ ମ୍ୟାଚ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ବାସ୍କେଟ ବଲ୍ ମହିଳା ଫାଇନାଲ ମ୍ୟାଚ୍‌ରେ ଖଲିକୋଟ ବିଶ୍ୱବିଦ୍ୟାଳୟକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। କ୍ୟାରମ୍ ପୁରୁଷ ଫାଇନାଲ ମ୍ୟାଚରେ ଖଲିକୋଟ ବିଶ୍ୱବିଦ୍ୟାଳୟକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ମହିଳା ଫାଇନାଲ ମ୍ୟାଚ୍‌ରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ଚେସ୍ ପ୍ରତିଯୋଗିତାର ପୁରୁଷ ବିଭାଗରେ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ମହିଳା ବିଭାଗରେ ରେଭେନ୍ସାକୁ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ବ୍ୟାଡମିଣ୍ଟନ ଫାଇନାଲ ପୁରୁଷ ବିଭାଗ ଏକକରେ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରିଥିବା ବେଳେ ମହିଳା ଫାଇନାଲରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ମେନ୍ସ ଡବଲ୍ସରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରିଥିବା ବେଳେ ଓମେନ୍ସରେ ଉତ୍କଳକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ଟେବୁଲ ଟେନିସ ମେନ୍ସରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ହକି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମହିଳା ଫାଇନାଲ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୨-୦ରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଚାମ୍ପିୟନ ଟିମକୁ ଉଦ୍‌ଯାପନୀ ଉତ୍ସବରେ ଅର୍ଥରାଶି ଓ ଟ୍ରଫି ପ୍ରଦାନ କରାଯିବ।



ଫାଇନାଲରେ ପ୍ରବେଶ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ହକି ଦଳ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ